


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-302 ♦THURSDAY ♦30 APRIL 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୩୦୨ ♦ଗୁରୁବାର ♦୩୦ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

## ଭର୍ଚୁଆଲ ଶୁଣାଣି ବେଳେ ଚାଲିଲା ଅଶ୍ଳୀଳ ଭିଡିଓ

**ଦିଲ୍ଲୀ ହାଇକୋର୍ଟରେ ଅଭାବନୀୟ ଘଟଣା**

■ ନୂଆଦିଲ୍ଲୀ, ୨୯ ।୪ (ଏଜେନ୍ସି): ଦିଲ୍ଲୀ ହାଇକୋର୍ଟରେ ବୁଧବାର ଭର୍ଚୁଆଲ ମାଧ୍ୟମରେ ଶୁଣାଣି ଚାଲିଥିବା ବେଳେ ଏକ ଅତ୍ୟନ୍ତ ଲଜ୍ଜାଜନକ ଘଟଣା ଘଟିଛି । କୋର୍ଟର ଅନ୍‌ଲାଇନ୍ ସ୍କ୍ରିନ୍‌ରେ ହଠାତ୍ ଅଶ୍ଳୀଳ ଭିଡିଓ ଚାଲିବା ସହ 'ଆପଣଙ୍କ ସିଷ୍ଟମ୍ ହ୍ୟାକ୍ ହୋଇଛି' ବୋଲି ବାର୍ତ୍ତା ଦେଖାଯାଇଥିଲା । ଏହି କାରଣରୁ ମୁଖ୍ୟ ବିଚାରପତି ଶୁଣାଣିକୁ ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ । ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ଏବଂ ବିଚାରପତି ତେଜସ ଖରିଆଙ୍କ ପୀଠରେ ପ୍ରାୟ ୧୦୦ରୁ ଅଧିକ ଜନହିତ ମାମଲାର ଶୁଣାଣି ଚାଲିଥିଲା । ଅପରାହ୍ନ ପ୍ରାୟ ୧୨:୫୬ ସମୟରେ ହଠାତ୍ ସ୍କ୍ରିନ୍‌ରେ ଅଶ୍ଳୀଳ ଭିଡିଓ ଦେଖାଯାଇଥିଲା । ତୁରନ୍ତ ଶୁଣାଣି ବନ୍ଦ କରାହୋଇଥଲା । ମାତ୍ର କିଛି ସମୟ ପରେ ପୁଣି ଶୁଣାଣି ଆରମ୍ଭ ହେବା ମାତ୍ରେ ଦ୍ୱିତୀୟ ଥର ପାଇଁ ଅଶ୍ଳୀଳ ଭିଡିଓ ଏବଂ ପରେ ଗୀତ ବାଜିବାକୁ ଲାଗିଥିଲା । ଏହି ମାମଲାରେ କ୍ଷିତିଜିତ ସିଂହ ନାମକ ଜଣେ ବ୍ୟକ୍ତିଙ୍କ ଲଗ୍‌ଇନ୍‌ରୁ ଏହି ଭିଡିଓ ପ୍ରସାରିତ ହେଉଥିବା ଜଣାପଡ଼ିଛି । ମାତ୍ର ସେ ଦାବି କରିଛନ୍ତି ଯେ, ଆମେରିକାରୁ କେହି ତାଙ୍କ ଆକାଉଣ୍ଟକୁ ହ୍ୟାକ୍ କରି ଏଭଳି କାଣ୍ଡ ଭିଆଇଛି । ଏନେଇ ଦିଲ୍ଲୀ ପୁଲିସର ସାଇବର ଶାଖାକୁ ଅବଗତ କରାଯାଇଛି । ଏହି ଘଟଣାରେ ମୁଖ୍ୟ ବିଚାରପତି କ୍ଷୋଭ ପ୍ରକାଶ କରିବା ସହ ରେଜିଷ୍ଟ୍ରାର ଜେନେରାଲଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ନାିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି ଯେ, ଅଦାଲତର କାର୍ଯ୍ୟଧାରାକୁ ରେକର୍ଡ କରିବା ନିୟମ ବିରୁଦ୍ଧ ଏବଂ ଯଦି କେହି ଏହା କରିଥାନ୍ତି, ତେବେ ତାଙ୍କ ବିରୋଧରେ କଠୋର ▸ପୃଷ୍ଠା-୭

## ଆମେରିକାରେ ହ୍ରାସ ପାଉଛି ଟ୍ରମ୍ପଙ୍କ ଲୋକପ୍ରିୟତା

**ମାତ୍ର ୩୪ ପ୍ରତିଶତ ଜନତା କାର୍ଯ୍ୟଧାରାରେ ସନ୍ତୁଷ୍ଟ**

■ ୱାସିଂଟନ, ୨୯ ।୪ (ଏଜେନ୍ସି): ଆମେରିକାରେ ବଢ଼ୁଥିବା ମୁଦ୍ରାସ୍ଫୀତି ଏବଂ ଇରାନ ସହ ଜାରି ରହିଥିବା ସାମରିକ ସଂଘର୍ଷର ପ୍ରଭାବ ଏବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଲୋକପ୍ରିୟତା ଉପରେ ସ୍ପଷ୍ଟ ଭାବେ ପରିଲକ୍ଷିତ ହେଉଛି । ଦେଶରେ ତାଙ୍କର ଲୋକପ୍ରିୟତା ଖସିବାରେ ଲାଗିଛି । ଏକ ଜନମତ ସର୍ଭେ ଅନୁଯାୟୀ, ରାଷ୍ଟ୍ରପତିଙ୍କ କାର୍ଯ୍ୟଦକ୍ଷତାକୁ ନେଇ ମାତ୍ର ୩୪ ପ୍ରତିଶତ ଆମେରିକୀୟ ନାଗରିକ ସନ୍ତୋଷ ପ୍ରକଟ କରିଛନ୍ତି, ଯାହାକି ତାଙ୍କର ଚଳିତ କାର୍ଯ୍ୟକାଳର ସର୍ବନିମ୍ନ ସ୍ତର । ୨୦୨୫ ଜାନୁଆରୀ ମାସରେ ଶାସନ ଭାର ଗ୍ରହଣ କରିବା ସମୟରେ ଟ୍ରମ୍ପଙ୍କୁ ପ୍ରାୟ ୪୭ ପ୍ରତିଶତ ଜନସାଧାରଣଙ୍କ ସମର୍ଥନ ମିଳିଥିଲା । ମାତ୍ର ଦେଶରେ ବୃଦ୍ଧି ପାଉଥିବା ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ଏବଂ ଆର୍ଥିକ ଅସ୍ଥିରତା ଯୋଗୁଁ ଏହି ସମର୍ଥନରେ କ୍ରମାଗତ ହ୍ରାସ ଘଟିଛି । ସର୍ଭେ ଅନୁଯାୟୀ, ମାତ୍ର ୨୨ ପ୍ରତିଶତ ଲୋକ ବିଶ୍ୱାସ କରୁଛନ୍ତି ଯେ ସରକାର ଦରବୃଦ୍ଧି ନିୟନ୍ତ୍ରଣ କରିବାରେ ସଫଳ ହୋଇଛନ୍ତି । ବିଶେଷ କରି ପେଟ୍ରୋଲ ଓ ଇନ୍ଧନର ମୂଲ୍ୟ ବୃଦ୍ଧି ସାଧାରଣ ଜନତାଙ୍କ ଚିନ୍ତା ବଢ଼ାଇ ଦେଇଛି । ଫେବୃଆରୀ ମାସରୁ ଆରମ୍ଭ ହୋଇଥିବା ଇରାନ ଯୁଦ୍ଧ ପରଠାରୁ ଇନ୍ଧନ ଦର ୪୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି, ଯାହାକି ପରିବାର ବଜେଟକୁ ସମ୍ପୂର୍ଣ୍ଣ ବିଗାଡ଼ି ଦେଇଛି । ଅର୍ଥବ୍ୟବସ୍ଥାକୁ ନେଇ ଟ୍ରମ୍ପଙ୍କ ପ୍ରତି ଥିବା ସକାରାତ୍ମକ ମନୋଭାବ ଏବେ ମାତ୍ର ୨୭ ପ୍ରତିଶତରେ ସୀମିତ ରହିଛି । ଯଦିଓ ରିପବ୍ଲିକାନ ପାର୍ଟିର ସମର୍ଥକମାନେ ଏବେ ▸ପୃଷ୍ଠା-୭

**ପଶ୍ଚିମବଙ୍ଗ ୨୯୪**

| ସଂସ୍ଥା | ଟିଏମ୍‌ସି | ବିଜେପି | ଅନ୍ୟ |
|---|---|---|---|
| ପିପୁଲ୍ ପଲ୍ସ | ୧୭୭-୧୮୭ | ୯୫-୧୧୦ | ୧-୫ |
| ମାଟ୍ରିଜ୍ | ୧୨୫-୧୪୦ | ୧୪୬-୧୬୧ | ୬-୧୦ |
| ପି ମାର୍କ | ୧୧୮-୧୩୮ | ୧୫୦-୧୭୫ | ୨-୬ |
| ପୋଲ୍ ଡାଏରୀ | ୯୯-୧୨୭ | ୧୪୨-୧୭୧ | ୨-୫ |
| ପୋଲ୍ ଅଫ୍ ପୋଲ୍ସ | ୧୪୪ | ୧୪୩ | ୦୭ |

**କେରଳ ୧୪୦**

| ସଂସ୍ଥା | ଏଲ୍‌ଡିଏଫ୍ | ୟୁଡିଏଫ୍ | ବିଜେପି |
|---|---|---|---|
| ପିପୁଲ୍ ପଲ୍ସ | ୫୫-୬୫ | ୭୫-୮୫ | ୦-୩ |
| ମାଟ୍ରିଜ୍ | ୬୦-୬୫ | ୭୦-୭୫ | ୩-୫ |
| ପି ମାର୍କ | ୬୦-୬୫ | ୭୦-୭୫ | ୨-୫ |
| ଆକ୍ସିସ୍ | ୪୯-୬୨ | ୭୮-୯୦ | ୦-୩ |
| ପୋଲ୍ ଅଫ୍ ପୋଲ୍ସ | ୬୦ | ୭୭ | ୦୨ |

**ଆସାମ ୧୨୬**

| ସଂସ୍ଥା | ବିଜେପି | କଂଗ୍ରେସ | ଅନ୍ୟ |
|---|---|---|---|
| ପିପୁଲ୍ ପଲ୍ସ | ୬୮-୭୨ | ୨୨-୨୬ | ୩-୫ |
| ମାଟ୍ରିଜ୍ | ୮୫-୯୫ | ୨୫-୩୨ | ୬-୧୨ |
| ଆକ୍ସିସ୍ | ୮୮-୧୦୦ | ୨୪-୩୬ | ୦-୩ |
| ପୋଲ୍ ଡାଏରୀ | ୮୬-୧୦୧ | ୧୫-୨୬ | ୨-୫ |
| ପୋଲ୍ ଅଫ୍ ପୋଲ୍ସ | ୮୮ | ୨୭ | ୦୬ |

**ତାମିଲନାଡୁ ୨୩୪**

| ସଂସ୍ଥା | ଡିଏମ୍‌କେ | ଏଆଇଡିଏମ୍‌କେ | ଅନ୍ୟ |
|---|---|---|---|
| ପିପୁଲ୍ ପଲ୍ସ | ୧୨୫-୧୪୫ | ୬୫-୮୦ | ୧-୫ |
| ମାଟ୍ରିଜ୍ | ୧୨୨-୧୩୨ | ୮୭-୧୦୦ | ୧୦-୧୨ |
| ପି ମାର୍କ | ୧୨୫-୧୪୫ | ୬୫-୮୫ | ୧୬-୨୬ |
| ଜେଭିସି | ୭୫-୯୫ | ୧୨୮-୧୪୭ | ୮-୧୫ |
| ପୋଲ୍ ଅଫ୍ ପୋଲ୍ସ | ୧୩୦ | ୬୫ | ୩୯ |

**ପୁଡୁଚେରୀ ୩୦**

| ସଂସ୍ଥା | ବିଜେପି | କଂଗ୍ରେସ | ଅନ୍ୟ |
|---|---|---|---|
| ପିପୁଲ୍ ପଲ୍ସ | ୧୫-୧୮ | ୬-୮ | ୦-୧୨ |
| ଆକ୍ସିସ୍ | ୧୬-୨୦ | ୬-୮ | ୨-୪ |
| ପୋଲ୍ ଅଫ୍ ପୋଲ୍ସ | ୧୭ | ୦୯ | ୦୩ |

**ବୁଥ୍‌ବାହୁଡ଼ା ମତ**

# ପଶ୍ଚିମବଙ୍ଗ, କେରଳରେ ଚିତ୍ର ଅସ୍ପଷ୍ଟ

## ଆସାମ ଓ ପୁଡୁଚେରୀରେ ବିଜେପି, ତାମିଲନାଡୁରେ ଡିଏମ୍‌କେ



**୨୦୨୧ରେ ବୁଥବାହୁଡ଼ା ମତ ଠାରୁ ଅଧିକ ଆସନ ପାଇଥିଲା ଟିଏମସି**

■ ନୂଆଦିଲ୍ଲୀ, ୨୯।୪ (ଏଜେନ୍ସି): ଆସାମ ଓ ପୁଡୁଚେରୀରେ ବିଜେପି ମେଣ୍ଟ କ୍ଷମତା ବଜାୟ ରଖିବ । ତାମିଲନାଡୁରେ ମଧ୍ୟ ଡିଏମ୍‌କେ କ୍ରମାଗତ ଦ୍ୱିତୀୟ ଥର କ୍ଷମତା ଦଖଲ କରିବ । କିନ୍ତୁ କେରଳରେ ୧୦ ବର୍ଷ ଧରି ଶାସନରେ ଥିବା ବାମ ସାମ୍ମୁଖ୍ୟ (ଏଲଡିଏଫ) ଏଥର କ୍ଷମତା ହରାଇବ । କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ୧୦ ବର୍ଷ ପରେ କ୍ଷମତାକୁ ଫେରିବ । ତେବେ ବହୁପ୍ରତୀକ୍ଷିତ ପଶ୍ଚିମ ବଙ୍ଗ ସ୍ଥିତି ଅସ୍ପଷ୍ଟ ରହିଛି । ରାଜ୍ୟରେ ୧୫ ବର୍ଷ ଧରି କ୍ଷମତାରେ ଥିବା ମମତା ବାନାର୍ଜୀଙ୍କୁ ଏଥର କଡ଼ା ଟକ୍କର ଦେଇଛି ବିଜେପି । ପଶ୍ଚିମ ବଙ୍ଗରେ ଆଜି ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ପରେ ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ବୁଥବାହୁଡ଼ା ମତ ବା ଏକଜିଟ୍ ପୋଲ୍‌ରୁ ଏଭଳି ସଙ୍କେତ ମିଳିଛି ।

ଅନ୍ୟସବୁ ୩ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ସଂପର୍କରେ ଏକଜିଟ୍ ପୋଲ୍ ସ୍ପଷ୍ଟ ଚିତ୍ର ପ୍ରଦାନ କରିଥିବା ବେଳେ ପଶ୍ଚିମ ବଙ୍ଗ ନେଇ ଦୁଇ ପ୍ରକାର ଚିତ୍ର ଆସୁଛି । ମମତାଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଜୟୀ ହେବ ବୋଲି କିଛି ସଂସ୍ଥା କହୁଥିବା ବେଳେ ଆଉ କିଛି ସଂସ୍ଥା ବିଜେପି ସପକ୍ଷରେ ରିପୋର୍ଟ ଦେଇଛନ୍ତି । ପିପୁଲ୍ସ ପୋଲ୍ ପକ୍ଷରୁ କରାଯାଇଥିବା ସର୍ଭେରେ ଦର୍ଶାଯାଇଛି ଯେ ରାଜ୍ୟରେ ଟିଏମସିକୁ ୧୭୭ରୁ ୧୮୭ ଆସନ ମିଳିବାକୁ ଥିବା ବେଳେ ବିଜେପିକୁ ୯୫ରୁ ୧୧୦ ମଧ୍ୟରେ ଆସନ ମିଳିପାରେ । ତେବେ ମାଟ୍ରିଜ୍ ପକ୍ଷରୁ କରାଯାଇଥିବା ସର୍ଭେରେ ଦର୍ଶାଯାଇଛି ଯେ ଟିଏମସିକୁ ୧୨୫ରୁ ୧୪୦ ଏବଂ ବିଜେପିକୁ ୧୪୬ରୁ ୧୬୧ ଆସନ ମିଳିପାରେ । ସେହିଭଳି ପି-ମାର୍କ ପକ୍ଷରୁ କୁହାଯାଇଛି ଯେ ବିଜେପିକୁ ୧୫୦ରୁ ୧୭୫ ଏବଂ ଟିଏମସିକୁ ୧୧୮ରୁ ୧୩୮ ଆସନ ମିଳିପାରେ । ଏହା ଚୂଡ଼ାନ୍ତ ତଥ୍ୟ ନଥିଲେ ମଧ୍ୟ ସେମାନେ ସ୍ୱୀକାର କରିଛନ୍ତି ଯେ ପଶ୍ଚିମ ବଙ୍ଗ ନିର୍ବାଚନରେ ଟିଏମସି ଓ ବିଜେପି ମଧ୍ୟରେ କଡ଼ା ଟକ୍କର ରହିଛି । ୨୯୪ ସଭ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାରେ ଏବେ ଟିଏମସିର ୨୨୧ ଆସନ ଥିଲା ବେଳେ ବିଜେପିର ୬୫ ରହିଛି । ଗତ ନିର୍ବାଚନରେ ଟିଏମସି ୨୧୬ ଆସନ ଜିତିଥିବା ବେଳେ ୭୭ ଆସନରେ ବିଜୟୀ ହୋଇଥିଲା ବିଜେପି ।

ସର୍ଭେ ରିପୋର୍ଟ ଯଦି ସତ ହୁଏ ତାମିଲନାଡୁରେ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କ ଡିଏମକେ କ୍ରମାଗତ ଦ୍ୱିତୀୟ ଥର ଲାଗି କ୍ଷମତା ବଜାୟ ରଖିବ । ଅଭିନେତା ବିଜୟଙ୍କ ଟିଭିକେ ୩୦ରୁ ଅଧିକ ଆସନ ପାଇବ ବୋଲି ଆକଳନ କରାଯାଇଛି । ସେହିଭଳି ଆସାମରେ ଏହା ହେବ ବିଜେପିର ହାଟ୍ରିକ ଏବଂ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ନେତୃତ୍ୱାଧୀନ ସରକାରର କ୍ରମାଗତ ଦ୍ୱିତୀୟ ବିଜୟ । ପୁଡୁଚେରୀରେ ମଧ୍ୟ ଏନଡିଏ କ୍ରମାଗତ ଦ୍ୱିତୀୟ ଥର କ୍ଷମତାରେ ରହିବ । ୨୦୨୧ ନିର୍ବାଚନରେ ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ସର୍ଭେ ରିପୋର୍ଟ ତାମିଲନାଡୁ ଓ ଆସାମ କ୍ଷେତ୍ରରେ ଠିକ୍ ପ୍ରମାଣିତ ହୋଇଥିଲା । କିନ୍ତୁ କେରଳ ନିର୍ବାଚନ ସଂପର୍କରେ ସାମାନ୍ୟ ତାରତମ୍ୟ ରହିଥିଲା । ଅନ୍ୟପକ୍ଷରେ ପଶ୍ଚିମ ବଙ୍ଗରେ ନିର୍ବାଚନ ସଂପର୍କରେ ▸ପୃଷ୍ଠା-୭

## ସୁନା ଗହଣାରୁ ମୋହ ଭଙ୍ଗ: ଚାହିଦା ୧୯% ହ୍ରାସ



**ସୁନାରେ ନିବେଶ ୧୦% ବଢ଼ିଲା**

**ବାର୍, କଏନ୍, ଇଟିଏଫ୍‌ରେ ନିବେଶ ୫୪% ବଢ଼ିଛି**

■ ନୂଆଦିଲ୍ଲୀ, ୨୯।୪ (ଏଜେନ୍ସି): ବିବାହ ଏବଂ ପର୍ବପର୍ବାଣୀର ଏକ ପ୍ରମୁଖ ଅଂଶ ଭାବରେ ବିବେଚିତ ସୁନା ଅଳଙ୍କାର ଧୀରେ ଧୀରେ ଭାରତୀୟମାନଙ୍କର ଆଉ ସବୁଠୁ ପସନ୍ଦ ସାମଗ୍ରୀ ନାହିଁ । ଉଚ୍ଚ ମୂଲ୍ୟ ଏବଂ ପରିବର୍ତ୍ତନଶୀଳ ନିବେଶ ଧାରା ମଧ୍ୟରେ ଲୋକେ ସୁନାକୁ ଏକ ନିବେଶ ବିକଳ୍ପ ଭାବରେ ବିଚାର କରୁଛନ୍ତି । ଯାହା ଫଳରେ ସୁନା ଅଳଙ୍କାରଠାରୁ ସେମାନେ ଦୂରେଇ ଯାଉଛନ୍ତି । ବିଶ୍ୱ ସୁନା ପରିଷଦ (ଡବ୍ଲ୍ୟୁଜିସିର) ରିପୋର୍ଟ ଅନୁଯାୟୀ, ମାର୍ଚ୍ଚ ତ୍ରୈମାସିକରେ ପ୍ରଥମ ଥର ପାଇଁ ଭାରତରେ ସୁନାରେ ନିବେଶ ଚାହିଦା ଅଳଙ୍କାର ବ୍ୟବହାରକୁ ଅତିକ୍ରମ କରିଯାଇଛି । ଫଳସ୍ୱରୂପ ସୁନା ଅଳଙ୍କାରଚାହିଦାରେ ୧୯% ହ୍ରାସ ଘଟିଛି ।

ଚଳିତ ବର୍ଷର ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ଦେଶରେ ସୁନା ଚାହିଦା ବର୍ଷସାରା ୧୦% ବୃଦ୍ଧି ପାଇ ୧୫୧ ଟନ୍‌ରେ ପହଞ୍ଚିଥିଲା । ରିପୋର୍ଟ ଅନୁଯାୟୀ, ସୁନା ମୂଲ୍ୟରେ ତୀବ୍ର ବୃଦ୍ଧି ମଧ୍ୟରେ ବର୍ତ୍ତମାନ ଏହି ଧାତୁରେ ନିବେଶ ଆକର୍ଷଣୀୟ ହେବାରେ ଲାଗିଛି । ଏଭଳି ସ୍ଥିତିରେ ଏବେ ସୁନା ଚାହିଦାର ଧାରା ପରିବର୍ତ୍ତନ ହେଉଥିବା ମନେ ହେଉଛି । ଅଳଙ୍କାର ଅପେକ୍ଷା ସୁନାରେ ନିବେଶ ପାଇଁ ଲୋକେ ଏହାକୁ ପ୍ରବଳ ମାତ୍ରାରେ କ୍ରୟ କରୁଛନ୍ତି । ଡବ୍ଲ୍ୟୁଜିସିର କହିବାନୁଯାୟୀ, ମାର୍ଚ୍ଚ ତ୍ରୈମାସିକରେ ଅଳଙ୍କାର ଚାହିଦା ତଳମୁହାଁ ହୋଇଛି । ଏପରିକି ବର୍ଷସାରା ଏହି ଚାହିଦାରେ ୧୯% ହ୍ରାସ ପାଇ ଏହା ୬୬ ଟନ୍‌ରେ ପହଞ୍ଚିଛି । ସୁନାର ଉଚ୍ଚ ମୂଲ୍ୟ ଅଳଙ୍କାର ବ୍ୟବହାର ଉପରେ ପ୍ରଭାବ ପକାଇଛି । ଠିକ୍ ଏହି ସମୟରେ, ସୁନା ବାର୍, କଏନ୍ ଏବଂ ଇଟିଏଫ୍ ମାଧ୍ୟମରେ ନିବେଶ ଚାହିଦା ଏହି ତ୍ରୈମାସିକରେ ୫୪% ବୃଦ୍ଧି ▸ପୃଷ୍ଠା-୭

## ଆଜି ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ

**ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ ସମ୍ପର୍କରେ ହେବ ଆଲୋଚନା**

**ମହିଳାଙ୍କ ସଶକ୍ତୀକରଣ ପାଇଁ କାମ କରିଛନ୍ତି ବିଜୁ ଓ ନବୀନ: ବିଜେଡି**

**ସରକାରଙ୍କ ମହିଳା ବିରୋଧୀ ମାନସିକତାକୁ ଉଜାଗର କରିବୁ: କଂଗ୍ରେସ**

**ବିରୋଧୀଙ୍କୁ ତାଙ୍କ ଶବ୍ଦରେ ଉତ୍ତର ଦେବାକୁ ଶାସକ ବିଜେପିର ପ୍ରସ୍ତୁତି**

■ ଭୁବନେଶ୍ୱର, ୨୯।୪ (ସମିସ): ଆସନ୍ତାକାଲିର ଓଡ଼ିଶା ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ । ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ ସମ୍ପର୍କରେ ଅଧିବେଶନରେ ଦିବସବ୍ୟାପୀ ଆଲୋଚନା କରାଯିବ । ମାତ୍ର ଏହା ପୂର୍ବରୁ ସରକାରଙ୍କୁ ଘେରିବାକୁ ବିରୋଧୀ ପୁରା ପ୍ରସ୍ତୁତି କରିଛନ୍ତି, ଅନୁରୂପ ଭାବରେ ବିରୋଧୀଙ୍କୁ ତାଙ୍କ ଶବ୍ଦରେ ଜବାବ ଦେବାକୁ ଶାସକ ବି ପ୍ରସ୍ତୁତ ଅଛନ୍ତି । ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ କେବଳ ଏକ ଫାର୍ସ ଓ ବିଧାନସଭାକୁ ଦଳୀୟ କାର୍ଯ୍ୟରେ ବିଜେପି ବ୍ୟବହାର କରୁଥିବା ବିଜେଡି ଅଭିଯୋଗ କରିଛି । ଅନ୍ୟପକ୍ଷରେ ବିଜୁବାବୁ ଓ ନବୀନ ପଟ୍ଟନାୟକ ମହିଳା ସଶକ୍ତିକରଣ ପାଇଁ ଯେଉଁ କାର୍ଯ୍ୟ କରିଛନ୍ତି, ତାହା ସାରା ଦେଶ ପାଇଁ ଉଦାହରଣ ବୋଲି ଅଭିହିତ କରି ଶାସକ ବିଜେପି ମହିଳା ସଶକ୍ତିକରଣ ନାମରେ ନାଟକ କରୁଛି ବୋଲି ବିଜେଡି ଅଭିଯୋଗ କରିଛି ।

ଅଧିବେଶନ ସମ୍ପର୍କରେ ସୂଚନା ଦେଇ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ୧୯୯୨ରେ ପଞ୍ଚାୟତିରାଜ ଓ ପୌରସଂସ୍ଥା ମାନଙ୍କରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ କରି ବିଜୁ ବାବୁ ଐତିହାସିକ ପଦକ୍ଷେପ ନେଇଥିଲେ । ମହିଳାଙ୍କୁ ସଶକ୍ତ କରିବା ପାଇଁ ସ୍ୱତନ୍ତ୍ର ମହିଳା ଓ ଶିଶୁ ବିକାଶ ବିଭାଗ, ମହିଳା କମିଶନ, ମହିଳା ଥାନା ଓ ମହିଳା ବ୍ୟାଙ୍କ ସ୍ଥାପନ କରିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋଟିଏ ପାଦ ଆଗକୁ ଯାଇ ତ୍ରିସ୍ତରୀୟ ପଞ୍ଚାୟତିରାଜ ଓ ପୌର ନିର୍ବାଚନରେ ମହିଳାମାନଙ୍କ ପାଇଁ ସଂରକ୍ଷଣକୁ ୩୩ ପ୍ରତିଶତରୁ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ । ସେହିପରି ୨୦୧୯ ଓ ୨୦୨୪ ମସିହା ଲୋକସଭା ନିର୍ବାଚନରେ ୩୩ ପ୍ରତିଶତ ମହିଳାଙ୍କୁ ଟିକଟ ଦେଇ ସମଗ୍ର ଦେଶକୁ ଚମକାଇ ଦେଇଥିଲେ । ମିଶନ ଶକ୍ତି ଦ୍ୱାରା ରାଜ୍ୟର ୭୦ ଲକ୍ଷ ମହିଳାଙ୍କୁ ସାମାଜିକ, ଆର୍ଥିକ ତଥା ରାଜନୈତିକ କ୍ଷେତ୍ରରେ ସଶକ୍ତ ଭାବରେ ଗଢ଼ି ଥିଲେ । ବିଜେପି ସର୍ବଦା ମହିଳା ବିରୋଧୀ ଆଭିମୁଖ୍ୟ ପୋଷଣ କରି ▸ପୃଷ୍ଠା-୭

## ଦିନରେ ତାତି, ସନ୍ଧ୍ୟାରେ କାଳବୈଶାଖୀ

■ ଭୁବନେଶ୍ୱର, ୨୯।୪ (ସମିସ): ଅଧା ଓଡ଼ିଶାରେ ତାତି ସାଙ୍ଗକୁ ଗୁଳୁଗୁଳି ଲାଗି ରହିଥିବା ବେଳେ ଅନେକ ସ୍ଥାନରେ କାଳବୈଶାଖୀ ତାଣ୍ଡବ ରଚୁଛି । ବୁଧବାର ଏଭଳି ମିଶ୍ରିତ ପାଗ ଯୋଗୁଁ ରାଜ୍ୟର କେତେକ ସ୍ଥାନରେ ପ୍ରବଳ ଗରମ ଗୁଳୁଗୁଳି ସହ କେତେକ ସ୍ଥାନରେ କାଳବୈଶାଖୀ ଯୋଗୁଁ ଏଥିରୁ ଆଶ୍ୱସ୍ତି ମିଳିଛି । ବିଶେଷକରି ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାରେ ବୁଧବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ପବନ ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ସ୍ଥିତି ଅନୁଭୂତ ହୋଇଥିବା ବେଳେ ଭଦ୍ରକ ଓ ବାଲେଶ୍ୱରର କେତେକ ସ୍ଥାନରେ ସମାନ ସ୍ଥିତି ସୃଷ୍ଟି ହୋଇଛି । ଅନ୍ୟପଟେ ଅପରାହ୍ନରେ ଗୋପାଳପୁରରେ ପ୍ରବଳ କାଳବୈଶାଖୀ ସହ ଏଠାରେ ୧୮ ମିମି ବର୍ଷା ହୋଇଥିବା ବେଳେ ହୀରାକୁଦରେ ୨୪ ମିମି ଓ ସମ୍ବଲପୁରରେ ୧୨ ମିମି ବର୍ଷା ରେକର୍ଡ ହୋଇଛି । ଏହା ବ୍ୟତୀତ ଅନୁଗୁଳ, ନୟାଗଡ଼ ଓ ବୌଦ୍ଧରେ ମଧ୍ୟ କାଳବୈଶାଖୀ ଯୋଗୁଁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପବନ ଅନୁଭୂତ ହୋଇଛି ।

ଏହି ସ୍ଥିତି ଆସନ୍ତା ୩-୪ ଦିନ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ବେଳେ ଗୁରୁବାର ମଧ୍ୟ ଅନେକ ସ୍ଥାନରେ ପ୍ରବଳ କାଳବୈଶାଖୀ ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି । କେନ୍ଦ୍ର ପକ୍ଷରୁ କୁହାଯାଇଛି, ବୁଧବାର ମୟୂରଭଞ୍ଜ ଓ ବାଲେଶ୍ୱରରେ କାଳବୈଶାଖୀର ପ୍ରଭାବ ସବୁଠୁ ଅଧିକ ଅନୁଭୂତ ହେବା ସହ ଏଠାରେ ପବନର ବେଗ ୫୦ରୁ ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି । ଏହାସହିତ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୁଳ ଓ ଢେଙ୍କାନାଳରେ ପ୍ରବଳ କାଳବୈଶାଖୀ ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଯଥା କ୍ରମେ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି ।

ଅନ୍ୟପଟେ ରାଜ୍ୟରେ ମଙ୍ଗଳବାର ଅନେକ ସ୍ଥାନରେ ତାତି ମଧ୍ୟ ଅନୁଭୂତ ହୋଇଛି । ଆଜି ରାଜ୍ୟର ମୋଟ୍ ୧୫ଟି ସ୍ଥାନରେ ତାପମାତ୍ରା ୪୦ ▸ପୃଷ୍ଠା-୭

## 'ସଂରକ୍ଷଣ' ଜାଲରେ ଫସିବ ବିଜେପି !

### ୨୦୨୩ରେ ବିଲ୍ ଗୃହୀତ ସତ୍ତ୍ୱେ ୨୦୨୪ରେ ଲାଗୁ ହେଲାନାହିଁ ମହିଳା ସଂରକ୍ଷଣ

**ବିଧାନସଭା ନିର୍ବାଚନରେ ମାତ୍ର ୮.୧୬% ମହିଳାଙ୍କୁ ବିଜେପିର ଟିକଟ**

**ବିଜେଡି ଦେଇଥିଲା ୩୩% ଲୋକସଭା, ୨୪% ବିଧାନସଭା ଟିକଟ**

**ରାଜ୍ୟରେ ମନ୍ତ୍ରିମଣ୍ଡଳରେ ୧୬ ମନ୍ତ୍ରୀଙ୍କ ମଧ୍ୟରୁ ଜଣେ ମାତ୍ର ମହିଳା**

**କେନ୍ଦ୍ର ସରକାରର ୭୨ ମନ୍ତ୍ରୀଙ୍କ ମଧ୍ୟରୁ ୭ ଜଣ ମହିଳାଙ୍କୁ ମିଳିଛି ସ୍ଥାନ**

■ ଭୁବନେଶ୍ୱର, ୨୯।୪ (ସମିସ): ଆସନ୍ତା ୩୦ ତାରିଖରେ ଓଡ଼ିଶା ବିଧାନସଭାର ଦିନିକିଆ ସ୍ୱତନ୍ତ୍ର ଅଧିବେଶନ ଡ଼ାକିଛନ୍ତି ସରକାର । ବିଧାନସଭା ସଚିବାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏହି ଅଧିବେଶନରେ ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ ସମ୍ପର୍କରେ 'ସ୍ୱତନ୍ତ୍ର' ଆଲୋଚନା ହେବ । ମାତ୍ର ରାଜ୍ୟରେ ସରକାର ଗଠନର ୯୭ ସପ୍ତାହ ପରେ କାହିଁକି ହଠାତ୍ ଗଣତନ୍ତ୍ରରେ ମହିଳାଙ୍କ ଅବଦାନ କଥା ସରକାର ମନେ ପକାଇଲେ, ତାହାକୁ ନେଇ ସାଧାରଣରେ ସ୍ୱତଃ ସନ୍ଦେହ ଜାଗ୍ରତ ହୋଇଛି । ମହିଳାଙ୍କୁ ରାଜନୈତିକସ୍ତରରେ ସଂରକ୍ଷଣ ପ୍ରଦାନ ନିମନ୍ତେ ୨୦୨୩ରେ ଗୃହୀତ ନାରୀ ଶକ୍ତି ବନ୍ଦନ ଅଧିନିୟମର ସଂଶୋଧନ ପ୍ରସ୍ତାବ ଗତ ୧୭ ତାରିଖରେ ସଂସଦରେ କାଟ ଖାଇବା ପ୍ରସଙ୍ଗ ସହ ରାଜ୍ୟରେ ସ୍ୱତନ୍ତ୍ର ଅଧିବେଶନକୁ ଅନେକ ଯୋଡ଼ିବା ଆରମ୍ଭ କରିଛନ୍ତି । ମହିଳା ସଂରକ୍ଷଣ ପ୍ରସ୍ତାବକୁ ଢ଼ାଲ କରି ସୀମା ନିର୍ଦ୍ଧାରଣ ବିଧେୟକ ସଂସଦରେ ପାରିତ କରାଯିବା ନିମନ୍ତେ ଉଦ୍ୟମ ବିଫଳ ହେବା ପରେ ବିଜେପି ସାରା ଦେଶରେ ପ୍ରତିବାଦ ସମାବେଶ କରୁଛି ଓ ଓଡ଼ିଶାରେ ମଧ୍ୟ ଶାସକ ବିଜେପି ବିଭିନ୍ନ ସ୍ଥାନରେ ଅନୁରୂପ କାର୍ଯ୍ୟକ୍ରମ ଆୟୋଜନ କରିଛି । ବିରୋଧୀ ଏହି ପ୍ରସଙ୍ଗରେ ସରକାର ଓ ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି । ବାସ୍ତବରେ ବିଜେପି ଯଦି ମହିଳାଙ୍କ ସଶକ୍ତୀକରଣ ଓ ରାଜନୈତିକ ସଂରକ୍ଷଣ ଚାହୁଁଥାଆନ୍ତା, ତେବେ ୨୦୨୪ ସାଧାରଣ ଓ ବିଧାନସଭା ନିର୍ବାଚନରେ କାହିଁକି ମହିଳାଙ୍କ ପ୍ରାର୍ଥିତ୍ୱକୁ ଗୁରୁତ୍ୱ ଦେଲାନାହିଁ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି ।

ରାଜ୍ୟର ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତ କରିବା ପାଇଁ ବିଜେଡି ସୁପ୍ରିମୋ ▸ପୃଷ୍ଠା-୭

ସକାଳ THE SAKALA
www.sakalaepaper.com

# ଟ୍ରମ୍ପଙ୍କୁ ଥଟ୍ଟା କଲେ ବ୍ରିଟେନ ରାଜା ଚାର୍ଲସ

ୱାସିଂଟନ୍,୨୯ ।୪(ଏଜେନ୍ସି): ଆମେରିକା ଗସ୍ତରେ ଥିବା ବ୍ରିଟେନର ରାଜା ତୃତୀୟ ଚାର୍ଲସ ହ୍ୱାଇଟ୍ ହାଉସରେ ଆୟୋଜିତ ଏକ ନୈଶଭୋଜିରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ତାଙ୍କ ଶୈଳୀରେ ଜବାବ ଦେଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ପୂର୍ବରୁ ୟୁରୋପୀୟ ଦେଶଗୁଡ଼ିକୁ ସମାଲୋଚନା କରିଥିବା ଟ୍ରମ୍ପଙ୍କୁ ରାଜା ଚାର୍ଲସ ହାସ୍ୟରସର ସହ ଏକ ଐତିହାସିକ ଶିକ୍ଷା ଦେଇଛନ୍ତି । ନୈଶଭୋଜି ଅବସରରେ ଭାଷଣ ଦେଇ ରାଜା ଚାର୍ଲସ କହିଥିଲେ, "ମହାମାନ୍ୟ ରାଷ୍ଟ୍ରପତି, ଆପଣ ନିକଟରେ କହିଥିଲେ ଯେ ଯଦି ଆମେରିକା ନଥାନ୍ତା, ତେବେ ୟୁରୋପୀୟ ଦେଶର ଲୋକେ ଆଜି ଜର୍ମାନ ଭାଷା କହୁଥାନ୍ତେ । ମାତ୍ର ମୁଁ କହିବାକୁ ଚାହେଁ ଯେ, ଯଦି ଆମେ (ବ୍ରିଟେନ) ନଥାନ୍ତୁ, ତେବେ ଆପଣମାନେ ଆଜି ଫରାସୀ ଭାଷା କହୁଥାନ୍ତେ ।' ଆମେରିକା ସ୍ୱାଧୀନତା ପୂର୍ବରୁ ଉତ୍ତର ଆମେରିକାରେ ବ୍ରିଟେନ ଓ ଫ୍ରାନ୍ସ ମଧ୍ୟରେ ଚାଲିଥିବା ସଂଘର୍ଷକୁ ସେ ଏହି ପରିପ୍ରେକ୍ଷୀରେ ମନେ ପକାଇ ଦେଇଥିଲେ । ଏତିକିରେ ରାଜାଙ୍କ ଥଟ୍ଟା ସରିନଥିଲା । ହ୍ୱାଇଟ୍ ହାଉସରେ ଟ୍ରମ୍ପ କରୁଥିବା ନୂତନ ନିର୍ମାଣକୁ ନେଇ ସେ କହିଥିଲେ ଯେ, ୧୮୧୪ ମସିହାରେ ବ୍ରିଟିଶ ସେନା ହ୍ୱାଇଟ୍ ହାଉସରେ ନିଆଁ ଲଗାଇ ଏହାର ପୁନଃ ନିର୍ମାଣ ପାଇଁ ପ୍ରଥମେ ଚେଷ୍ଟା କରିଥିଲେ । ଏହି ହାସ୍ୟରସ ଭରା ବାତାବରଣ ମଧ୍ୟରେ ଟ୍ରମ୍ପ ମଧ୍ୟ ରାଜାଙ୍କୁ ପ୍ରଶଂସା କରି କହିଥିଲେ ଯେ, ରାଜା ଚାର୍ଲସଙ୍କୁ ସମ୍ମାନ ଜଣାଇବା ପାଇଁ ବିରୋଧୀ ଦଳର ସଦସ୍ୟମାନେ ଠିଆ ହୋଇଥିଲେ, ଯାହାକି ସେ ନିଜ ପାଇଁ କେବେ କରିପାରିନାହାନ୍ତି । ରାଜା ଚାର୍ଲସ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଏକ ବ୍ରିଟିଶ ବୁଡ଼ାଜାହାଜର ଘଣ୍ଟି ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ଇରାନ ଯୁଦ୍ଧକୁ ନେଇ ଦୁଇ ଦେଶ ମଧ୍ୟରେ ତିକ୍ତତା ଚାଲିଥିବା ବେଳେ ଏହି ଭେଟଘାଟ ସମ୍ପର୍କକୁ ସୁଧାରିବା ଦିଗରେ ଏକ ପ୍ରୟାସ ବୋଲି ମନେ କରାଯାଉଛି । ରାଜା ଚାର୍ଲସଙ୍କ ଏହି ଚତୁରତା ଏବଂ ହାସ୍ୟରସ ଭରା ଜବାବ କେବଳ ଟ୍ରମ୍ପଙ୍କୁ ନୁହେଁ, ବରଂ ସେଠାରେ ଉପସ୍ଥିତ ଥିବା ସମସ୍ତ ଅତିଥିଙ୍କୁ ବେଶ୍ ଆନନ୍ଦିତ କରିଥିଲା । ଏହି ଘଟଣା ଦର୍ଶାଉଛି ଯେ ଅନ୍ତର୍ଜାତୀୟ ରାଜନୀତିରେ ଗମ୍ଭୀରତା ସହ ହାସ୍ୟରସ ମଧ୍ୟ ବନ୍ଧୁତ୍ୱ ବଢ଼ାଇବାରେ ସହାୟକ ହୋଇଥାଏ ।

# ୯୦ ବର୍ଷୀୟା ମହିଳାଙ୍କୁ ୨୦ ବର୍ଷ ଅପେକ୍ଷା କରିବାକୁ କହିଲେ ହାଇକୋର୍ଟ

ମୁମ୍ବାଇ,୨୯ ।୪(ଏଜେନ୍ସି): ବମ୍ବେ ହାଇକୋର୍ଟ ଜଣେ ୯୦ ବର୍ଷୀୟା ବୃଦ୍ଧାଙ୍କୁ ତାଙ୍କ ମାନହାନି ମାମଲାର ଶୁଣାଣି ପାଇଁ ୨୦ ବର୍ଷ ଅପେକ୍ଷା କରିବାକୁ କହିଛନ୍ତି । ଜଷ୍ଟିସ୍ ଜିତେନ୍ଦ୍ର ଜୈନଙ୍କ ଏକକ ଖଣ୍ଡପୀଠ ମଙ୍ଗଳବାର ଦିନ ୯୦ ବର୍ଷୀୟା ତାରିଣୀବେନ୍ ଏବଂ ୫୭ ବର୍ଷୀୟା ଧ୍ୱନି ଦେଶାଇଙ୍କ ମଧ୍ୟରେ ଚାଲିଥିବା ଏହି ଆଇନଗତ ବିବାଦକୁ ଅହଂକାରର ଲଢେଇ ବୋଲି ଅଭିହିତ କରିଛନ୍ତି । ଜଷ୍ଟିସ୍ ଜୈନ କଠୋର ଆଭିମୁଖ୍ୟ ଗ୍ରହଣ କରି କହିଛନ୍ତି ଯେ, ଏହି ମାମଲା ନ୍ୟାୟିକ ବ୍ୟବସ୍ଥାକୁ ବାଧାପ୍ରାପ୍ତ କରୁଛି । କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ୨୦୪୬ ମସିହା ପରେ କୌଣସି ଏକ ତାରିଖରେ ହେବ । ତାରିଣୀବେନ୍ ଏବଂ ଦେଶାଇ ୨୦୧୭ ମସିହାରେ କିଲକିଲରାଜ ଭାନୁଶାଲୀ ଏବଂ ଅନ୍ୟମାନଙ୍କ ବିରୋଧରେ ଏହି ମାମଲା ଦାୟର କରିଥିଲେ । ଏହି ବିବାଦ ୨୦୧୫ ମସିହାରେ 'ଶ୍ୟାମ କୋ-ଅପରେଟିଭ୍ ହାଉସିଂ ସୋସାଇଟି'ର ବାର୍ଷିକ ସାଧାରଣ ସଭାରେ ଘଟିଥିବା କିଛି ଘଟଣାକୁ ନେଇ ହୋଇଥିଲା । ଆବେଦନକାରୀଙ୍କ ଦାବି ଅନୁଯାୟୀ, ସେହି ଘଟଣା ଯୋଗୁଁ ସେମାନେ ମାନସିକ ନିର୍ଯାତନା ପାଇଛନ୍ତି, ଯେଉଁଥିପାଇଁ ସେମାନେ ୨୦ କୋଟି ଟଙ୍କାର କ୍ଷତିପୂରଣ ମାଗିଛନ୍ତି । ଜଜ୍ କହିଛନ୍ତି, "ଏହା ସେହି ମାମଲାଗୁଡ଼ିକ ମଧ୍ୟରୁ ଗୋଟିଏ ଯେଉଁଠାରେ ଜୀବନର ସାୟାହ୍ନରେ ପହଞ୍ଚିଥିବା ବ୍ୟକ୍ତିଙ୍କ ମଧ୍ୟରେ ଥିବା ଅହଂକାରର ଲଢେଇ ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ଜାମ୍ କରିଦିଏ । ଫଳସ୍ୱରୂପ, କୋର୍ଟ ସେହିସବୁ ମାମଲାକୁ ହାତକୁ ନେଇପାରନ୍ତି ନାହିଁ ଯାହା ପ୍ରକୃତରେ ପ୍ରାଥମିକତା ଆବଶ୍ୟକ କରେ । କୋର୍ଟ ପୂର୍ବରୁ ପରାମର୍ଶ ଦେଇଥିଲେ ଯେ, କେବଳ ଏକ କ୍ଷମା ପ୍ରାର୍ଥନା ମାଧ୍ୟମରେ ଏହି ବିବାଦର ସମାଧାନ କରାଯାଉ । କିନ୍ତୁ ୯୦ ବର୍ଷୀୟା ଆବେଦନକାରୀ ଏହି ମାନହାନି ମାମଲା ଜାରି ରଖିବା ପାଇଁ ଜିଦ୍ ଧରିଥିଲେ । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, କେବଳ ଆବେଦନକାରୀ ଜଣେ "ସୁପର ସିନିୟର ସିଟିଜେନ୍' (ଅତି ବରିଷ୍ଠ ନାଗରିକ) ହୋଇଥିବାରୁ ମାମଲାକୁ ପ୍ରାଥମିକତା ଦିଆଯିବ ନାହିଁ । ଜଜ୍ ତାଙ୍କ ନିର୍ଦ୍ଦେଶରେ ଲେଖିଛନ୍ତି, "ମୁଁ ଏହାଠାରୁ ଅଧିକ କିଛି କହିବାକୁ ଚାହେଁ ନାହିଁ, କେବଳ ଏତିକି ଯେ ଆସନ୍ତା ୨୦ ବର୍ଷ ପର୍ଯ୍ୟନ୍ତ ଏହି ମାମଲା ଶୁଣାଣି ପାଇଁ ଆସିବ ନାହିଁ । ଏହାକୁ ୨୦୪୬ ପରେ ତାଲିକାଭୁକ୍ତ କରାଯାଉ ।'

# ସାଉଦି-ପାକ୍ ସମ୍ପର୍କ କାରଣରୁ ଓପେକ୍‌ରୁ ଓହରିଲା ୟୁଏଇ

ନୂଆଦିଲ୍ଲୀ,୨୯ ।୪(ଏଜେନ୍ସି): ବିଶ୍ୱ ତୈଳ ବଜାରର ନିୟନ୍ତ୍ରକ ସଂସ୍ଥା 'ଓପେକ୍' (ଓପିଇସି) ସହ ଦୀର୍ଘ ଛଅ ଦଶନ୍ଧିର ସମ୍ପର୍କ ଛିନ୍ନ କରିଛି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) । ଏହି ଐତିହାସିକ ନିଷ୍ପତ୍ତି ପଛରେ କେବଳ ଆର୍ଥିକ ସ୍ୱାର୍ଥ ନାହିଁ, ବରଂ ଗଭୀର ବିଶ୍ୱ ରାଜନୈତିକ ସମୀକରଣ ଏବଂ ସାଉଦି ଆରବ ସହ ବଢୁଥିବା ଶୀତଳ ଯୁଦ୍ଧ ମଧ୍ୟ ରହିଛି । ବିଶେଷ କରି ପାକିସ୍ତାନ ସହ ସୌଦି ଆରବର ନିବିଡ଼ତା ଏବଂ ଇରାନ ପ୍ରସଙ୍ଗରେ ଇସଲାମାବାଦର ଦ୍ୱିଧାପୂର୍ଣ୍ଣ ଆଭିମୁଖ୍ୟ ଆବୁଧାବିକୁ ଏହି ଚରମ ପଦକ୍ଷେପ ନେବାକୁ ବାଧ କରିଛି । ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ସାଉଦି ଆରବ ମଧ୍ୟରେ ଥିବା ପାରମ୍ପରିକ ବନ୍ଧୁତାରେ ଏବେ ଫାଟ ସ୍ପଷ୍ଟ ଦୃଶ୍ୟମାନ ହେଉଛି । ତୈଳ ରପ୍ତାନି ଉପରେ 'ଓପେକ୍'ର କଟକଣା ଯୋଗୁଁ ୟୁଏଇ ନିଜର ପୂର୍ଣ୍ଣ କ୍ଷମତା ଅନୁଯାୟୀ ବ୍ୟବସାୟ କରିପାରୁନଥିଲା । ଏହି ସୀମାବଦ୍ଧତାରୁ ମୁକ୍ତି ପାଇବା ପାଇଁ ଆବୁଧାବି ଏହି ପଦକ୍ଷେପ ନେଇଛି । ଏଥିସହିତ, ପାକିସ୍ତାନର ଭୂମିକାକୁ ନେଇ ୟୁଏଇ ଅତ୍ୟନ୍ତ ଅସନ୍ତୁଷ୍ଟ । ଆମେରିକା ଏବଂ ଇରାନ ମଧ୍ୟରେ ମଧ୍ୟସ୍ଥତା କରିବା ସମୟରେ ପାକିସ୍ତାନ ଯେଉଁ ନରମ ଆଭିମୁଖ୍ୟ ଗ୍ରହଣ କଲା, ତାହା ୟୁଏଇ ପାଇଁ ଅସହ୍ୟ ହୋଇଛି । ଗଲ୍ଫ ଅଞ୍ଚଳରେ ଇରାନର ଆକ୍ରମଣକୁ ନେଇ ଇସଲାମାବାଦ କୌଣସି ଦୃଢ଼ ବିରୋଧ ପ୍ରଦର୍ଶନ ନକରିବା ୟୁଏଇକୁ ମର୍ମାହତ କରିଛି । ସେହିପରି ସାଉଦି ଆରବ ଏବଂ ପାକିସ୍ତାନ ମଧ୍ୟରେ ବଢୁଥିବା ସାମରିକ ସହଯୋଗକୁ ୟୁଏଇ ନିଜର ଆଞ୍ଚଳିକ ସ୍ୱାର୍ଥ ପ୍ରତି ଏକ ଆହ୍ୱାନ ଭାବେ ଗ୍ରହଣ କରିଛି । ଏହି କାରଣରୁ ନିକଟରେ ୟୁଏଇ ପାକିସ୍ତାନକୁ ଦେଇଥିବା ବିପୁଳ ପରିମାଣର ଜମା ଅର୍ଥ ଫେରସ୍ତ ମାଗି ସଙ୍କଟ ବଢ଼ାଇ ଦେଇଛି । ବିଶେଷଜ୍ଞଙ୍କ ମତରେ, ଆବୁଧାବି ଏବେ ଭାରତ ଭଳି ଦେଶ ସହ ଅଧିକ ଘନିଷ୍ଠ ସମ୍ପର୍କ ସ୍ଥାପନ କରିବାକୁ ଚାହୁଁଛି । ୟୁଏଇର ଏହି ନିଷ୍ପତ୍ତି ଫଳରେ ଆନ୍ତର୍ଜାତୀୟ ବଜାରରେ ତୈଳ ଯୋଗାଣ ବୃଦ୍ଧି ପାଇବ, ଯାହା ଭାରତ ପାଇଁ ଅର୍ଥନୈତିକ ଦୃଷ୍ଟିକୋଣରୁ ବରଦାନ ସଦୃଶ ହୋଇପାରେ । ୟୁଏଇର ଏହି ବହିଷ୍କାର ପଦକ୍ଷେପ କେବଳ ସାଉଦି ଆରବର ପ୍ରତିପତ୍ତିକୁ କ୍ଷୁର୍ଣ୍ଣ କରିନାହିଁ, ବରଂ ପାକିସ୍ତାନ ପାଇଁ ମଧ୍ୟ ଏକ ବଡ଼ ଚେତାବନୀ । ଆଗାମୀ ଦିନରେ ଏହି ଘଟଣାକ୍ରମ ପଶ୍ଚିମ ଏସିଆର ରାଜନୈତିକ ମାନଚିତ୍ରକୁ ବଦଳାଇ ଦେବାର ସମ୍ଭାବନା ରହିଛି । ଗୋଟିଏ ପଟେ ସାଉଦି-ପାକିସ୍ତାନ ମେଣ୍ଟ ଏବଂ ଅନ୍ୟପଟେ ୟୁଏଇର ସ୍ୱତନ୍ତ୍ର କୂଟନୀତି ମଧ୍ୟରେ ବିଶ୍ୱ ତୈଳ ଅର୍ଥନୀତି ଏବେ ଏକ ନୂତନ ମୋଡ଼ରେ ପହଞ୍ଚିଛି । ମୋଟାମୋଟି ଉପରେ ୟୁଏଇର ଏହି ନିଷ୍ପତ୍ତି ଭାରତ ପାଇଁ ଲାଭ ଦାୟକ ହୋଇପାରେ । ଭାରତ ପାଇଁ ତୈଳ ଆମଦାନୀ ଶସ୍ତା ହେବ, ଯାହା ଦେଶର ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବାରେ ସହାୟକ ହେବ ।

# ଟ୍ରମ୍ପଙ୍କୁ ଭ୍ରମିତ କରୁଛନ୍ତି ପ୍ରତିରକ୍ଷା ମନ୍ତ୍ରୀ: ଜେଡି ଭାନ୍ସ



ୱାସିଂଟନ୍,୨୯ ।୪(ଏଜେନ୍ସି): ଇରାନ ସହ ଚାଲିଥିବା ୮ ସପ୍ତାହର ସାମରିକ ସଂଘର୍ଷ ମଧ୍ୟରେ ଆମେରିକା ପ୍ରଶାସନର ଆଭ୍ୟନ୍ତରୀଣ କଳହ ଏବେ ପଦାରେ ପଡ଼ିଛି । ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ କୁଆଡେ ଚିନ୍ତିତ ଅଛନ୍ତି ଯେ ପେଣ୍ଟାଗନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଇରାନ ଯୁଦ୍ଧ ବିଷୟରେ ସଠିକ୍ ତଥ୍ୟ ଦେଉନାହିଁ । ଏକ ରିପୋର୍ଟ ଅନୁଯାୟୀ, ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ଏବଂ ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ୍ ଜେନେରାଲ୍ ଡାନ କେନ୍ ଆଠ ସପ୍ତାହ ଧରି ଚାଲିଥିବା ଏହି ସଂଘର୍ଷରେ ଆମେରିକୀୟ ସେନାର ପ୍ରଦର୍ଶନକୁ ନେଇ ବହୁତ ପ୍ରଶଂସା କରୁଛନ୍ତି । ସେମାନଙ୍କ ଦାବି ଅନୁଯାୟୀ, ଆମେରିକା ଇରାନର ବାୟୁସେନା, ନୌସେନା ଏବଂ ପ୍ରତିରକ୍ଷା ଭିତ୍ତିଭୂମିକୁ ଶକ୍ତ ଧକ୍କା ଦେଇଛି ଏବଂ ଆମେରିକାର ଅସ୍ତ୍ରଶସ୍ତ୍ର ଭଣ୍ଡାର ଏବେ ମଧ୍ୟ ଭରପୂର ଅଛି । ତେବେ 'ଦି ଆଟଲାଣ୍ଟିକ'ର ରିପୋର୍ଟ ଅନୁଯାୟୀ, ଭାନ୍ସ ବନ୍ଦ କୋଠରୀ ବୈଠକରେ ଏହି ଦାବିଗୁଡ଼ିକର ସତ୍ୟତା ଉପରେ ବାରମ୍ବାର ପ୍ରଶ୍ନ ଉଠାଇଛନ୍ତି । ଟ୍ରମ୍ପଙ୍କ ସାମ୍ନାରେ ଯୁଦ୍ଧର ଯେଉଁ ଅତିରଞ୍ଜିତ ଚିତ୍ର ଉପସ୍ଥାପନ କରାଯାଉଛି, ତାହା ପ୍ରକୃତରେ ସତ କି ନୁହେଁ ଏବଂ ଆମେରିକାର ମିସାଇଲ୍ ଭଣ୍ଡାର କମିଯାଉଥିବା କଥାକୁ ପେଣ୍ଟାଗନ ଲୁଚାଉଛି କି ବୋଲି ସେ ପ୍ରଶ୍ନ କରିଛନ୍ତି । ପ୍ରଶାସନର ବରିଷ୍ଠ ଅଧିକାରୀଙ୍କୁ ଉଦ୍ଧୃତ କରି ରିପୋର୍ଟରେ କୁହାଯାଇଛି ଯେ, ଉପରାଷ୍ଟ୍ରପତି ପେଣ୍ଟାଗନ ଦ୍ୱାରା ପ୍ରଦତ୍ତ ସୂଚନାର ସଠିକତା ଉପରେ ପ୍ରଶ୍ନ କରିଛନ୍ତି । ଯଦି ଅସ୍ତ୍ରଶସ୍ତ୍ର କମିଯାଏ, ତେବେ ଭବିଷ୍ୟତରେ ଚୀନ୍, ଉତ୍ତର କୋରିଆ କିମ୍ବା ରୁଷ ସହିତ କୌଣସି ସମ୍ଭାବ୍ୟ ସଂଘର୍ଷ ବେଳେ ଏହାର ପରିଣାମ ଭୟାବହ ହୋଇପାରେ ବୋଲି ସେ ଚିନ୍ତା ପ୍ରକଟ କରିଛନ୍ତି । ତେବେ ଭାନ୍ସ ଏହି ବିଷୟକୁ ବ୍ୟକ୍ତିଗତ ନ କରି ବରଂ ନିଜର ମତ ଭାବେ ଟ୍ରମ୍ପଙ୍କ ସାମ୍ନାରେ ରଖିଛନ୍ତି । ସର୍ବସାଧାରଣରେ ସେ ହେଗସେଥ୍‌ଙ୍କ କାମକୁ ପ୍ରଶଂସା କରିଛନ୍ତି, କିନ୍ତୁ ବ୍ୟକ୍ତିଗତ ଭାବେ ସେ ରଣନୈତିକ ଯୋଜନା ଉପରେ ଅନେକ ଗୁଢ଼ ପ୍ରଶ୍ନ ପଚାରୁଛନ୍ତି । କିଛି ଅଧିକାରୀଙ୍କ ମତରେ, ହେଗସେଥ୍ ହୁଏତ ରାଷ୍ଟ୍ରପତି ଯାହା ଶୁଣିବାକୁ ଚାହୁଁଛନ୍ତି, ସେଇଆ ହିଁ କହୁଛନ୍ତି । ହେଗସେଥ୍‌ଙ୍କ ଦାବି ଏବଂ ଆନ୍ତରିକ ଗୁପ୍ତଚର ରିପୋର୍ଟ ମଧ୍ୟରେ ଅନେକ ପାର୍ଥକ୍ୟ ଦେଖିବାକୁ ମିଳିଛି । ହେଗସେଥ୍ କହୁଛନ୍ତି ଯେ ଇରାନର ସେନା ଶେଷ ହୋଇଯାଇଛି, କିନ୍ତୁ ଆମେରିକାର ଅନୁସନ୍ଧାନ କହୁଛି ଯେ ଇରାନ ପାଖରେ ଏବେ ମଧ୍ୟ ତାର ବାୟୁସେନାର ଦୁଇ-ତୃତୀୟାଂଶ ଅଂଶ ଏବଂ କ୍ଷେପଣାସ୍ତ୍ର କ୍ଷମତା ସୁରକ୍ଷିତ ଅଛି ।

ସେହିପରି, 'ସେଣ୍ଟର ଫର ଷ୍ଟ୍ରାଟେଜିକ୍ ଆଣ୍ଡ ଇଣ୍ଟରନ୍ୟାସନାଲ ଷ୍ଟଡିଜ୍' (ସିଏସ୍ଆଇଏସ୍) କହିଛି ଯେ ଆମେରିକା ତାର ପ୍ରମୁଖ ଗୋଳାବାରୁଦର ଅଧାରୁ ଅଧିକ ବ୍ୟବହାର କରିସାରିଲାଣି । ଏହା ପ୍ରଥମ ଥର ନୁହେଁ, ପୂର୍ବରୁ ମଧ୍ୟ ଭାନ୍ସ ଇରାନ ବିରୁଦ୍ଧରେ ଯୁଦ୍ଧ କରିବା ନିଷ୍ପତ୍ତିକୁ ବିରୋଧ କରିଥିଲେ । ସେ କହିଥିଲେ ଯେ ଏହି ଯୁଦ୍ଧ ଯୋଗୁଁ ଅଞ୍ଚଳରେ ଅରାଜକତା ସୃଷ୍ଟି ହେବ । ଭାନ୍ସ ଅନୁଭବ କରୁଛନ୍ତି ଯେ ଇରାନ ସଂଘର୍ଷର ପରିଣାମ ଉପରେ ହିଁ ତାଙ୍କର ୨୦୨୮ ରାଷ୍ଟ୍ରପତି ନିର୍ବାଚନର ଭବିଷ୍ୟତ ନିର୍ଭର କରୁଛି । ସେ ପାକିସ୍ତାନର ଇସଲାମାବାଦରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ଶାନ୍ତି ଆଲୋଚନାରେ ମଧ୍ୟ ମୁଖ୍ୟ ମଧ୍ୟସ୍ଥି ଥିଲେ ।

# ଇରାନକୁ ପରମାଣୁ ଅପ୍ରସାର ସଂସ୍ଥାର ଉପାଧ୍ୟକ୍ଷ କରାଯିବା ନେଇ ବିବାଦ

**ଆମେରିକା କହିଲା- ଏହା ସଂଗଠନର ଅପମାନ**
**ଇରାନର ଜବାବ- ଆମକୁ ଶିକ୍ଷା ଦିଅ ନାହିଁ**

ନ୍ୟୁୟର୍କ,୨୯ ।୪(ଏଜେନ୍ସି): ଇରାନ ଏବଂ ଆମେରିକା ମଧ୍ୟରେ ପରମାଣୁ କାର୍ଯ୍ୟକ୍ରମକୁ ନେଇ ଯୁଦ୍ଧ ଭଳି ପରିସ୍ଥିତି ଲାଗି ରହିଥିବା ବେଳେ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି । ଇରାନକୁ ପରମାଣୁ ଅପ୍ରସାର ସନ୍ଧି (ଏନ୍‌ପିଟି)ର ଉପାଧ୍ୟକ୍ଷ ଭାବେ ନିର୍ବାଚିତ କରାଯାଇଛି । ନ୍ୟୁୟର୍କରେ ଚାଲିଥିବା ଏନ୍‌ପିଟିର ୧୧ତମ ସମୀକ୍ଷା ସମ୍ମିଳନୀରେ ଏହି ନିଷ୍ପତ୍ତି ନିଆଯାଇଛି । ଏହି ସମ୍ମିଳନୀ ପ୍ରତି ୫ ବର୍ଷରେ ଥରେ ଅନୁଷ୍ଠିତ ହୁଏ । ସମ୍ମିଳନୀର ଅଧ୍ୟକ୍ଷ ତଥା ଭିଏତନାମର ରାଷ୍ଟ୍ରଦୂତ ଦୋ ହୁଙ୍ଗ ଭିଏତ କହିଛନ୍ତି ଯେ, 'ଗୋଷ୍ଠୀନିରପେକ୍ଷ ଦେଶଗୁଡିକର ଗୋଷ୍ଠୀ' ପକ୍ଷରୁ ଇରାନର ନାମ ପ୍ରସ୍ତାବ କରାଯାଇଥିଲା । ଏହି ଗୋଷ୍ଠୀରେ ଭାରତ ସମେତ ୧୦୦ରୁ ଅଧିକ ଦେଶ ସାମିଲ ଅଛନ୍ତି । ଆମେରିକୀୟ ଅଧିକାରୀ କ୍ରିଷ୍ଟୋଫର ୟୋ ଏହାକୁ ଏନ୍‌ପିଟି ପାଇଁ ଏକ ଅପମାନ ବୋଲି କହିଛନ୍ତି । ତାଙ୍କ ମତରେ, ଇରାନ ଦୀର୍ଘ ଦିନରୁ ପରମାଣୁ ଅସ୍ତ୍ର ତିଆରି କରିବାକୁ ଚେଷ୍ଟା କରୁଛି, ତେଣୁ ତାକୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ଦେବା ଉଚିତ୍ ନୁହେଁ । ଅନ୍ୟପକ୍ଷରେ ଇରାନ ଏହି ଅଭିଯୋଗକୁ ଖାରଜ କରିଦେଇଛି । ଇରାନ କହିଛି ଯେ, ଆମେରିକା ନିଜେ ପରମାଣୁ ଅସ୍ତ୍ର ବ୍ୟବହାର କରିସାରିଛି ଏବଂ କ୍ରମାଗତ ଭାବେ ନିଜର ଅସ୍ତ୍ରଶସ୍ତ୍ର ବଢ଼ାଉଛି, ତେଣୁ ଅନ୍ୟକୁ ଶିକ୍ଷା ଦେବାର ଅଧିକାର ତା'ର ନାହିଁ । ପରମାଣୁ ଅପ୍ରସାର ସନ୍ଧି ୧୯୭୦ ମସିହାରୁ ଲାଗୁ ହୋଇଥିଲା । ଏହା ବିଶ୍ୱରେ ପରମାଣୁ ଅସ୍ତ୍ରର ପ୍ରସାରକୁ ରୋକିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା । ଏହି ସନ୍ଧିର ମୁଖ୍ୟ ସର୍ତ୍ତ ହେଉଛି- ଯେଉଁ ଦେଶମାନଙ୍କ ପାଖରେ ପରମାଣୁ ଅସ୍ତ୍ର ନାହିଁ, ସେମାନେ ଏହା ତିଆରି କରିବେ ନାହିଁ । ଯେଉଁମାନଙ୍କ ପାଖରେ ଅଛି, ସେମାନେ ଧୀରେଧୀରେ ଏହାକୁ ଶେଷ କରିବେ । ଏହା ବଦଳରେ ସମସ୍ତ ଦେଶକୁ ଶାନ୍ତିପୂର୍ଣ୍ଣ କାର୍ଯ୍ୟ ପାଇଁ ପରମାଣୁ ପ୍ରଯୁକ୍ତି ବ୍ୟବହାର କରିବାର ଅଧିକାର ମିଳିବ । ବର୍ତ୍ତମାନ ଜାତିସଂଘର ୧୯୫ଟି ଦେଶ ମଧ୍ୟରୁ ୧୯୧ଟି ଏହି ସନ୍ଧିର ଅଂଶବିଶେଷ । ଭାରତ, ପାକିସ୍ତାନ, ଇସ୍ରାଏଲ ଏବଂ ଦକ୍ଷିଣ ସୁଦାନ ଏଥିରେ ସାମିଲ ନାହାନ୍ତି ।



ବୁଥ୍‌ରେ କଡ଼ା ସୁରକ୍ଷା ବଳୟରେ ଭୋଟ ଦେବାକୁ ଅପେକ୍ଷାରତ ମତଦାତା



ଇଭିଏମ୍‌ର ବିଜେପି ବଟନର ସେଲୋ ଟେପ୍

# ଇଭିଏମ୍‌ର ବିଜେପି ବଟନ୍‌ରେ ଟେପ୍; ନିର୍ବାଚନ କମିସନଙ୍କ ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୯ ।୪(ଏଜେନ୍ସି): ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣାର ଫଲ୍ତା ବିଧାନସଭା କ୍ଷେତ୍ରରେ ନିର୍ବାଚନ ଚାଲିଥିବା ସମୟରେ ଇଭିଏମ୍ ତାମସାକୁ ନେଇ ପ୍ରବଳ ଉତ୍ତେଜନା ଦେଖାଦେଇଛି । ବିଜେପି ନେତାମାନେ କିଛି ଭିଡିଓ ସେୟାର କରିଛନ୍ତି, ଯେଉଁଥିରେ ଇଭିଏମ୍‌ରେ ବିଜେପି ଏବଂ ସିପିଏମ୍ ପ୍ରାର୍ଥୀଙ୍କ ନାମ ଓ ଚିହ୍ନ ପାଖରେ ଥିବା ବଟନ୍ ଉପରେ ସେଲୋଟେପ୍ ଲଗାଯାଇଥିବା ଦେଖିବାକୁ ମିଳୁଛି । ଏହାଦ୍ୱାରା ମତଦାତାମାନେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ୍ ଦେବାରେ ବାଧା ସୃଷ୍ଟି ହୋଇଛି । ନିର୍ବାଚନ କମିଶନ ଏହି ଅଭିଯୋଗକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରିଛନ୍ତି ଏବଂ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଯଦି ଇଭିଏମ୍ ସହ ଛେଡ଼ଛାଡ଼ ପ୍ରମାଣିତ ହୁଏ, ତେବେ ସେଠାରେ ପୁନଃ ମତଦାନ କରାଯିବ ବୋଲି କମିଶନ ଚେତାବନୀ ଦେଇଛନ୍ତି । ବିଜେପି ପ୍ରାର୍ଥୀ ଦେବାଂଶୁ ପଣ୍ଡା ଅଭିଯୋଗ କରିଛନ୍ତି ଯେ, ତୃଣମୂଳ କଂଗ୍ରେସ ଜାଣିଶୁଣି ବିଭିନ୍ନ ବୁଥ୍‌ରେ ବିଜେପି ବଟନ୍‌କୁ ଜାମ୍ କରିଦେଇଛି କିମ୍ବା ଟେପ୍ ଲଗାଇ ବନ୍ଦ କରିଦେଇଛି । ବିଜେପି ଆଇଟି ସେଲ୍ ମୁଖ୍ୟ ଅମିତ ମାଲବୀୟ କହିଛନ୍ତି ଯେ ବୁଥ୍ ନମ୍ବର ୧୪୪, ୧୭୦ ଏବଂ ୧୮୯ ରେ ଏହିଭଳି କାଣ୍ଡ ଘଟିଛି । ସେ ଏହାକୁ ଟିଏମସିର "ଡାଇମଣ୍ଡ ହାର୍ବର ମଡେଲ୍' ବୋଲି କହିଛନ୍ତି । ନିର୍ବାଚନ କମିଶନ ପୂର୍ବରୁ ହିଁ ନିର୍ଦ୍ଦେଶ ଦେଇଥିଲେ ଯେ ଇଭିଏମ୍‌ର କୌଣସି ବଟନ୍ ଉପରେ ଟେପ୍, ଗ୍ଲୁ କିମ୍ବା ଅନ୍ୟ କୌଣସି କେମିକାଲ୍ ବ୍ୟବହାର କରାଯାଇ ପାରିବ ନାହିଁ । ଯଦି ଏହା ଘଟେ, ତେବେ ଏହାକୁ ଏକ ଅପରାଧ ବୋଲି ଗଣନା କରାଯିବ । ପୂର୍ବ ବର୍ଦ୍ଧମାନର ମୋଣ୍ଟେଶ୍ୱର ବିଧାନସଭା କ୍ଷେତ୍ରର ବୁଥ୍ ନମ୍ବର ୩୫ ରେ ମଧ୍ୟ ସମାନ ଅଭିଯୋଗ ଆସିବା ପରେ କିଛି ସମୟ ପାଇଁ ମତଦାନ ବନ୍ଦ ରହିଥିଲା ।

# ଆମେରିକା ପାସପୋର୍ଟରେ ଟ୍ରମ୍ପଙ୍କ ଫଟୋ

ୱାସିଂଟନ,୨୯ ।୪(ଏଜେନ୍ସି): ଆମେରିକା ନିଜ ସ୍ୱାଧୀନତାର ଅଢେଇ ଶହ ବର୍ଷ ପୂରଣ କରିବାକୁ ଯାଉଛି । ଏହି ଐତିହାସିକ ଅବସରକୁ ସ୍ମରଣୀୟ କରିବା ପାଇଁ ଆମେରିକା ବୈଦେଶିକ ବିଭାଗ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଛବି ଥିବା ଏକ ନୂଆ ଡିଜାଇନର ପାସପୋର୍ଟ ପ୍ରଚଳନ କରିବାକୁ ନିଷ୍ପତ୍ତି ନେଇଛି । ମଙ୍ଗଳବାର ବୈଦେଶିକ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଚଳିତ ଗ୍ରୀଷ୍ମ ଋତୁରୁ ଏହି ସ୍ୱତନ୍ତ୍ର ପାସପୋର୍ଟ ସୀମିତ ସଂଖ୍ୟାରେ ଜାରି କରାଯିବ । ଏହାର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ହେଲା- ପାସପୋର୍ଟର ଭିତର ପୃଷ୍ଠାରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଫଟୋ ସହ ସୁନେଲି ରଙ୍ଗରେ ତାଙ୍କର ସ୍ୱାକ୍ଷର ରହିବ ।




# ଲେଖାଗତ ତ୍ରୁଟି ଯୋଗୁଁ ହନିମୁନ୍ ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ମିଳିଲା ଜାମିନ

ଶିଲଂ,୨୯ ।୪(ଏଜେନ୍ସି): ନିଜ ସ୍ୱାମୀଙ୍କୁ ହନିମୁନ ସମୟରେ ହତ୍ୟା କରିଥିବା ଅଭିଯୋଗରେ ଗିରଫ ହୋଇଥିବା ସୋନମ ରଘୁବଂଶୀଙ୍କୁ ଶେଷରେ ଜାମିନ ମିଳିଛି । ମେଘାଳୟର ପୂର୍ବ ଖାସି ହିଲ୍ସ ଜିଲ୍ଲା ଅଦାଲତ ଏହି ନିଷ୍ପତ୍ତି ଶୁଣାଇଛନ୍ତି । ଆଶ୍ଚର୍ଯ୍ୟଜନକ ଭାବେ, ଏକ ଭୟଙ୍କର ହତ୍ୟା ମାମଲାରେ ଜଡ଼ିତ ଥାଇ ମଧ୍ୟ ପୁଲିସର ଏକ ସାମାନ୍ୟ ଲିଖନଗତ ତ୍ରୁଟି କାରଣରୁ ସୋନମଙ୍କୁ ଏହି ଆଇନଗତ ଆଶ୍ୱସ୍ତି ମିଳିଛି ।

୨୦୨୫ ମସିହାରେ ଇନ୍ଦୋରର ବ୍ୟବସାୟୀ ରାଜା ରଘୁବଂଶୀଙ୍କୁ ତାଙ୍କ ବିବାହର କିଛି ଦିନ ପରେ ମେଘାଳୟ ବୁଲିବାକୁ ଯାଇଥିବା ସମୟରେ ହତ୍ୟା କରାଯାଇଥିଲା । ପୁଲିସ ଅଭିଯୋଗ ଅନୁଯାୟୀ, ସୋନମ ନିଜ ପ୍ରେମିକ ସହ ମିଶି ଏହି ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ରଚିଥିଲେ । ମାତ୍ର ମାମଲାର ଶୁଣାଣି ସମୟରେ ଅଦାଲତ ଲକ୍ଷ୍ୟ କରିଥିଲେ ଯେ, ପୁଲିସ ଦ୍ୱାରା ପ୍ରସ୍ତୁତ ଗିରଫଦାରୀ ଦଲିଲରେ ଭାରତୀୟ ନ୍ୟାୟ ସଂହିତାର ଏକ ଅସ୍ତିତ୍ୱହୀନ ଧାରା ୪୦୩ (୧) ର ଉଲ୍ଲେଖ କରାଯାଇଛି । ହତ୍ୟା ମାମଲା ପାଇଁ ସଠିକ୍ ଧାରା ଲାଗୁ ହେବା କଥା, ମାତ୍ର ଗିରଫ ସମୟରେ ଅଭିଯୁକ୍ତଙ୍କୁ ଉପଯୁକ୍ତ ଆଇନଗତ ଆଧାର ସମ୍ପର୍କରେ ସୂଚନା ଦିଆଯାଇ ନଥିଲା । ଅଦାଲତ କହିଛନ୍ତି ଯେ, କୌଣସି ବ୍ୟକ୍ତିଙ୍କୁ ଗିରଫ କରିବା ପୂର୍ବରୁ ତାଙ୍କୁ ସଠିକ୍ ଧାରା ସମ୍ପର୍କରେ ଜଣାଇବା ଏକ ମୌଳିକ ଅଧିକାର । ପୁଲିସର ଏହି ବଡ଼ ଧରଣର ଭୁଲ୍ ଯୋଗୁଁ ସୋନମଙ୍କ ପୂର୍ବ ତିନୋଟି ଜାମିନ ଆବେଦନ ଖାରଜ ହେବା ପରେ ଏଥର ସେ ମୁକ୍ତ ହୋଇଛନ୍ତି । ତେବେ ଅଦାଲତ କିଛି ସର୍ତ୍ତ ମଧ୍ୟ ରଖିଛନ୍ତି, ଯେପରିକି ସେ ପ୍ରମାଣ ନଷ୍ଟ କରିପାରିବେ ନାହିଁ ଏବଂ ଅଦାଲତର ବିନା ଅନୁମତିରେ ଅଞ୍ଚଳ ଛାଡ଼ି ଯାଇପାରିବେ ନାହିଁ । ରାଜା ରଘୁବଂଶୀ ଏବଂ ସୋନମଙ୍କ ବିବାହ ୧୧ ମଇ, ୨୦୨୫ରେ ଅନୁଷ୍ଠିତ ହୋଇଥିଲା । ବୁଲିବାକୁ ଯାଇଥିବା ସମୟରେ ୨ ଜୁନରେ ରାଜାଙ୍କ ମୃତଦେହ ଏକ ଗଭୀର ଗର୍ତ୍ତରୁ ଉଦ୍ଧାର କରାଯାଇଥିଲା । ସୋନମ ଏବଂ ତାଙ୍କ ପ୍ରେମିକଙ୍କ ବ୍ୟତୀତ ଅନ୍ୟ ତିନିଜଣ ଭଡ଼ାଟିଆ ଅପରାଧୀ ଏହି ହତ୍ୟାକାଣ୍ଡରେ ସାମିଲ ଥିଲେ, ଯେଉଁମାନେ ଏବେ ମଧ୍ୟ କାରାଗାରରେ ରହିଛନ୍ତି ।



# ଶ୍ରୀଲଙ୍କା ବିମାନବନ୍ଦରରେ ୨୨ ବୌଦ୍ଧ ଭିକ୍ଷୁ ଗିରଫ

**ସୁଟ୍‌କେସରୁ ମିଳିଲା ୧୧୦ କିଲୋରୁ ଅଧିକ ଗଞ୍ଜେଇ**

କଲୋମ୍ବୋ,୨୯ ।୪(ଏଜେନ୍ସି): ଶ୍ରୀଲଙ୍କାର ଭଣ୍ଡାରନାୟକେ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଶୁଳ୍କ ବିଭାଗ ଏବଂ ପୁଲିସ ଏକ ବଡ଼ ଧରଣର ସଫଳତା ପାଇଛି । ପ୍ରାୟ ୧୧୦ କିଲୋଗ୍ରାମରୁ ଅଧିକ ଗଞ୍ଜେଇ ରଖିଥିବା ଅଭିଯୋଗରେ ୨୨ ଜଣ ବୌଦ୍ଧ ଭିକ୍ଷୁଙ୍କୁ ଗିରଫ କରାଯାଇଛି । ବିମାନ ବନ୍ଦର ଇତିହାସରେ ଏହା ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ଧରଣର ମାଦକ ଦ୍ରବ୍ୟ ଜବତ ଘଟଣା ବୋଲି କୁହାଯାଉଛି । ସରକାରୀ ଗଣମାଧ୍ୟମର ସୂଚନା ଅନୁଯାୟୀ, ଏହି ସମସ୍ତ ଭିକ୍ଷୁ ଥାଇଲ୍ୟାଣ୍ଡରୁ ଫେରୁଥିଲେ । ଗୁପ୍ତଚର ସୂଚନା ଆଧାରରେ ଯେତେବେଳେ ସେମାନଙ୍କୁ ଯାଞ୍ଚ କରାଗଲା, ଅଧିକାରୀମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ପ୍ରତ୍ୟେକ ଭିକ୍ଷୁଙ୍କ ସୁଟକେସ୍ ଭିତରେ ଏକ ଗୁପ୍ତ ସ୍ଥାନ ତିଆରି କରାଯାଇଥିଲା । ପ୍ରତି ସୁଟକେସରୁ ପ୍ରାୟ ୫ କିଲୋରୁ ଅଧିକ ଗଞ୍ଜେଇ ଜବତ କରାଯାଇଛି । ଜବତ ହୋଇଥିବା ଏହି ଗଞ୍ଜେଇର ଆନ୍ତର୍ଜାତୀୟ ବଜାର ମୂଲ୍ୟ ପ୍ରାୟ ୩୪.୫ ଲକ୍ଷ ଡଲାର, ଯାହାକି ଶ୍ରୀଲଙ୍କା ମୁଦ୍ରାରେ ୧.୧ ବିଲିୟନ ଟଙ୍କାରୁ ଅଧିକ ହେବ । ଶ୍ରୀଲଙ୍କା ପୁଲିସର ନାର୍କୋଟିକ୍ସ ବ୍ୟୁରୋ ବର୍ତ୍ତମାନ ଏହି ଘଟଣାର ତଦନ୍ତ କରୁଛି । ଏହି ଘଟଣା ସହ ଦେଶର କୌଣସି ବଡ଼ ଡ୍ରଗ୍ସ ଗ୍ୟାଙ୍ଗର ସମ୍ପର୍କ ଅଛି କି ନାହିଁ, ତାହା ଯାଞ୍ଚ କରାଯାଉଛି । ସ୍ଥାନୀୟ ଗଣମାଧ୍ୟମ ଅନୁଯାୟୀ, ବୌଦ୍ଧ ଭିକ୍ଷୁମାନେ ଏଭଳି ବେଆଇନ କାର୍ଯ୍ୟରେ ସାମିଲ ହେବା ଏହା ପ୍ରଥମ ଘଟଣା, ଯାହା ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି ।

# କଳାହାଣ୍ଡିରେ ମୃଦୁ ଭୂମିକମ୍ପ

ଭବାନୀପାଟଣା,୨୯ ।୪(ସମିସ) କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକରେ ବୁଧବାର ରାତି ୭ଟା ୪୨ରେ ମୃଦୁ୍ୟ ଭୂମିକମ୍ପ ଅନୁଭୂତ ହୋଇଛି । ପ୍ରାୟ ୧୦ରୁ ୧୫ ସେକେଣ୍ଡ ଏହାର ପ୍ରଭାବରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା । ଯାହାକୁ ନେଇଁ ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇ ପଡିଛନ୍ତି । କେତେକ ସ୍ଥାନରେ କିଛି ଲୋକ ଭୟରେ ଘରୁ ବାହାରକୁ ଚାଲି ଆସିଥିଲେ । ଏହି ଭୂମିକମ୍ପର ତୀବ୍ରତା ୪.୧ ବୋଲି ଜଣାପଡିଛି । ବିଶେଷ କରି ଜିଲ୍ଲାର ଧର୍ମଗଡ଼ ଉପଖଣ୍ଡର ଧର୍ମଗଡ଼ ସମେତ ଜୟପାଟଣା, ଜୁନାଗଡ଼, କଲମପୁର, କୋକସରା ଏବଂ ଥୁଆମୁଲ ରାମପୁର ବ୍ଲକରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଗତ କିଛି ଦିନ ହେଲା ଜିଲ୍ଲାରେ ଦିନ ବେଳା ୪୩ ଡିଗ୍ରୀରୁ ଅଧିକ ତାପମାତ୍ରା ରହୁଛି । ଯାହାକୁ ନେଇ ଜନ ଜୀବନ ହନ୍ତସନ୍ତ ହୋଇପଡିଛି । ତେବେ ବୁଧବାର ଅପରାହ୍ନରେ ଭବାନୀପାଟଣା ସମେତ କିଛି ସ୍ଥାନରେ କାଳବୈଶାଖୀର ପ୍ରଭାବରେ ଜୋରରେ ପବନ ବୋହିବା ସହ ବର୍ଷା ହୋଇଥିଲା । ଏହାପରେ ଭୂମିକମ୍ପ ହୋଇଥିଲା ।

**ତୀବ୍ରତା ହାର ୪.୧**

## ରାଜ୍ୟସଭା ନିର୍ବାଚନରେ ଦୁଇ ବିଧାୟକଙ୍କୁ ଦୁଇଟି ବାଲାଟ ପ୍ରଦାନ

# ପଦକ୍ଷେପ ନେବାକୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ସିଇସିଙ୍କ ଚିଠି

ଭୁବନେଶ୍ୱର,୨୯।୪(ସମିସ): ଗତ ମାର୍ଚ୍ଚ ୧୮ ତାରିଖରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଉପାସନା ମହାପାତ୍ରଙ୍କୁ ଦ୍ୱିତୀୟ ବାଲାଟ ପ୍ରଦାନକୁ ନେଇ ବିଜେଡି ରାଜ୍ୟସଭା ସାଂସଦ ଡ. ସସ୍ମିତ ପାତ୍ର ଭାରତୀୟ ନିର୍ବାଚନ ଆୟୋଗଙ୍କୁ ଚିଠି ଲେଖିଥିଲେ । ଡ. ପାତ୍ରଙ୍କ ଚିଠି ଉପରେ ପଦକ୍ଷେପ ନେଇଛନ୍ତି ନିର୍ବାଚନ ଆୟୋଗ । ଏନେଇ ଆୟୋଗଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ଚିଠି ଆସିଛି ଓ ଅଭିଯୋଗକାରୀଙ୍କ ଉଦବେଗ ତଥା ଚିନ୍ତାର ସମାଧାନ ପାଇଁ ନିର୍ବାଚନ ଅଧିକାରୀ ନିଜ ସ୍ତରରେ ସାକ୍ଷାତ ସକାଶେ ସମୟ ପ୍ରଦାନ କରିବାକୁ ଏଥିରେ କୁହାଯାଇଛି । ରାଜ୍ୟସଭା ନିର୍ବାଚନରେ ଉଭୟ ବିଜେପି ବିଧାୟକଙ୍କୁ ଦ୍ୱିତୀୟ ବାଲାଟ ପ୍ରଦାନକୁ ନେଇ କଡ଼ା ଆପତ୍ତି କରିଥିଲେ ବିଜେଡି ଓ କଂଗ୍ରେସ । ଏପରିକି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗତ ମାର୍ଚ୍ଚ ୧୮ ତାରିଖରେ ଇ-ମେଲ ଦ୍ୱାରା ଉପରୋକ୍ତ ପ୍ରସଙ୍ଗ ନିର୍ବାଚନ କମିଶନଙ୍କ ଦୃଷ୍ଟିକୁ ଅଣାଯାଇଥିଲା । ଏହାସତ୍ତ୍ୱେ ନିର୍ବାଚନ କମିଶନଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା, ସ୍ପଷ୍ଟୀକରଣ କିମ୍ବା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ପ୍ରଦାନ କରାନଯିବାକୁ ନେଇ ଡ. ପାତ୍ର ନିଜ ଚିଠିରେ ଅସନ୍ତୋଷ ପ୍ରକାଶ କରିଥିଲେ । ଏଭଳି ନିଷ୍କ୍ରିୟତା ନିର୍ବାଚନୀ ପ୍ରକ୍ରିୟାରେ ହୋଇଥିବା ବେଆଇନ କାର୍ଯ୍ୟକୁ ସମାଧାନ କରିବାରେ ପ୍ରତିଷ୍ଠାନଗତ ବିଫଳତାକୁ ସୂଚାଉଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ ।

**ଉଦବେଗର ସମାଧାନ ପାଇଁ ସାକ୍ଷାତ ପାଇଁ ସମୟ ଦେବାକୁ ନିର୍ଦ୍ଦେଶ**

# ସେବାୟତଙ୍କ ଜିଦ୍ ଆଗରେ ଅସହାୟ ଅଧିକାରୀ

ପୁରୀ,୨୯।୪(ସମିସ): ସେବାୟତଙ୍କ ଜିଦ୍ ଆଗରେ ଅସହାୟ ଅଧିକାରୀ । ବାରମ୍ବାର ମହାପ୍ରଭୁଙ୍କ ନୀତିକାନ୍ତିରେ ବିଶୃଙ୍ଖଳା ଓ ବିଭ୍ରାଟ ହେଉଛି । ବିଶୃଙ୍ଖଳାକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସେମାନଙ୍କ ସାହସ ବଢୁଛି । ସମ୍ପୃକ୍ତ ସେବାୟତଙ୍କ ମନମାନୀ ଯୋଗୁଁ ବିଭିନ୍ନ ସମୟରେ ଠାକୁରଙ୍କ ନୀତିକାନ୍ତିରେ ବିଭ୍ରାଟ ହେଉଛି । ସେବାୟତଙ୍କ ମଧ୍ୟରେ ବିବାଦ ଏବଂ ନିଜ ନିଜର ଜିଦ୍‌ରେ ଅଟଳ ରହିବା ଯୋଗୁଁ ଅନେକଥର ଶ୍ରୀମନ୍ଦିରରେ ଠାକୁରଙ୍କ ନୀତି ବନ୍ଦ କରିଦେବାର ନଜିର ରହିଛି । ଏବେ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁଁ ମହାପ୍ରଭୁଙ୍କ ଚାପକୁ ବି ଅଟକାଇ ଦିଆଯାଇଛି । ମଙ୍ଗଳବାର ରାତିରେ ଚାପ ନ ଖେଳି ଶ୍ରୀମନ୍ଦିର ଫେରିଥିଲେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଓ ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ । ଏହାକୁ ନେଇ ଭକ୍ତ, ସେବାୟତଙ୍କ ମଧ୍ୟର ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଛି ବାହାର ଚନ୍ଦନ ଯାତ୍ରା । ଶ୍ରୀକ୍ଷେତ୍ର ପଞ୍ଚମହାଦେବ (ପଞ୍ଚପାଣ୍ଡବ)ଙ୍କ ସହ ମିଶି ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରୁଛନ୍ତି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା । ୨୧ ଦିନ ଧରି ନରେନ୍ଦ୍ରରେ ଦିନ ଓ ରାତି ଚାପ ହେଉଛି । ଚନ୍ଦନ ଯାତ୍ରାର ନବମ ଦିନରେ ଅର୍ଥାତ୍ ମଙ୍ଗଳବାର ଘଟିଥିଲା ବଡ଼ ବିଭ୍ରାଟ । ଚାପ ନ ଖେଳି ଫେରିଥିଲେ ମଦନ ମୋହନ, ଶ୍ରୀଦେବୀ, ଭୂଦେବୀ ଓ ରାମକୃଷ୍ଣଙ୍କ ସମେତ ପଞ୍ଚପାଣ୍ଡବ । କାଳବୈଶାଖୀ ଯୋଗୁଁ ଦିନ ଚାପରେ କେବଳ ବିଧି ରକ୍ଷା କରାଯାଇଥିଲା । କିନ୍ତୁ ଚାପ ଖେଳ ହୋଇ ନ ଥିଲା । ରାତ୍ରୀ ଚାପକୁ ଦେଖିବା ଲାଗି ଅପେକ୍ଷାରତ ଶ୍ରଦ୍ଧାଳୁଙ୍କୁ କିନ୍ତୁ ନିରାଶ ହେବାକୁ ପଡ଼ିଥିଲା । ଚାପ ଡଙ୍ଗାରେ କେତେ ସଂଖ୍ୟକ ସେବକ ରହିବେ, ତାକୁ ନେଇ ସିଂହାରୀ ଓ ଶୁଦ୍ଧ ସୁଆର ନିଯୋଗ ମଧ୍ୟରେ ବିବାଦ ଉପୁଜିଥିଲା । ଗୋଟିଏ ନିଯୋଗ ସଦସ୍ୟ ଅନ୍ୟ ନିଯୋଗ ସଦସ୍ୟଙ୍କୁ ଚାପରେ ଚଢ଼ିବାକୁ ବାରଣ କରିଥିଲେ । ରାତ୍ରି ୯ଟାରୁ ବିଜେ କାହାଳୀ ବାଜିଥିଲା, ଗୋଟିଏ ଚାପ ଆହୁଲା ମାରି ଆଗକୁ ଯାଇଥିଲା । ହେଲେ ବିବାଦ ଯୋଗୁଁ ଚାପ ଅଟକାଇଥିଲେ ସେବକ । ଖବର ପାଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପହଞ୍ଚି ସମାଧାନ ପାଇଁ ଚେଷ୍ଟା କରିଥିଲେ । କିନ୍ତୁ ସମାଧାନ ହୋଇପାରି ନ ଥିଲା । ଉଭୟ ସେବାୟତ ନିଯୋଗ ନିଜ ନିଜର ଜିଦ୍‌ରେ ଅଟଳ ରହିଥିଲେ । ପ୍ରାୟ ସାଢ଼େ ୩ ଘଣ୍ଟା ପ୍ରତୀକ୍ଷା ପରେ ବି ସମାଧାନ ନ ହେବା ଏବଂ ପବନ ବେଗ ଓ ବର୍ଷାକୁ ନଜରରେ ରଖି ଚାପ ଖେଳ ବନ୍ଦ ରହିଥିଲା । ଏହାପରେ ଠାକୁର ଶ୍ରୀମନ୍ଦିର ବାହୁଡ଼ି ଯାଇଥିଲେ । ଚାପ ଦେଖିବାକୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁ ନିରାଶ ହୋଇ ଫେରିଥିଲେ । ସେବାୟତ ଓ ମନ୍ଦିର ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉ ନ ଥିବା ଅନେକ ଅଭିଯୋଗ କରିଛନ୍ତି । ଭକ୍ତ କହିଛନ୍ତି, "ଠାକୁରଙ୍କ ନୀତିକୁ ନେଇ ସେବାୟତଙ୍କ ବ୍ୟକ୍ତିଗତ ସ୍ୱାର୍ଥ ଓ ଅହଂକାର ଯୋଗୁଁ କୋଟି କୋଟି ଭକ୍ତଙ୍କ ଭାବାବେଗକୁ ଆଘାତ ଲାଗୁଛି । ଅନ୍ୟପକ୍ଷରେ ରାତି ୧ଟା ୨୫ରେ ଠାକୁର ବାହୁଡ଼ିବା ଓ ସାଢ଼େ ୩ଟାରେ ରାତି ପହୁଡ଼ ହେବା ଫଳରେ ଦ୍ୱାର ଫିଟା ନୀତି ବିଳମ୍ବ ହୋଇ ସକାଳ ସାଢ଼େ ୬ଟାରେ ସମ୍ପନ୍ନ ହୋଇଥିଲା ।

**■ ଶ୍ରୀମନ୍ଦିରରେ ନୀତି ବନ୍ଦ କରୁଥିଲେ**
**■ ନରେନ୍ଦ୍ରରେ ଚାପ ବି ଅଟକାଇ ଦେଲେ**

ସବୁଠୁ ବଡ଼ କଥା ହେଉଛି ବିଭିନ୍ନ ସମୟରେ ବୈଠକ ବସି ମହାପ୍ରଭୁଙ୍କ ନୀତିକାନ୍ତି ଶୃଙ୍ଖଳା ଉପରେ ଗୁରୁତ୍ୱ ଦିଆଯାଉଛି । ଏପରି କି, ଯେଉଁମାନେ ନୀତିକାନ୍ତିରେ ବିଳମ୍ବ ବା ବିଭ୍ରାଟ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନର ପ୍ରାବଧାନ ରହିଛି । ଏତଦ୍‌ବ୍ୟତୀତ ସୋମବାରିଆ କମିଟି, ବୁଧବାରିଆ କମିଟି ମଧ୍ୟ ଗଠନ କରାଯାଇଛି । ଏହା ସତ୍ତ୍ୱେ ସେବକମାନେ ନିଜ ନିଜ ସ୍ୱାର୍ଥ ତଥା ଜିଦ୍ ପାଇଁ ଠାକୁରଙ୍କ ନୀତିକାନ୍ତିକୁ ଅଟକାଇ ଦେଉଛନ୍ତି ତ ପୁଣି କେତେବେଳେ ବନ୍ଦ କରିଦେଉଛନ୍ତି । ଶ୍ରୀମନ୍ଦିର ଭିତରେ ଏ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁଁ ଠାକୁରଙ୍କ ନୀତି ବନ୍ଦ କରିଦେବା ପୂର୍ବରୁ ଅନେକଥର ଘଟିଛି । ଏବେ ନରେନ୍ଦ୍ର ପୁଷ୍କରିଣୀ ଚାପ ଖେଳରେ ଏହାର ପୁନରାବୃତ୍ତି ଘଟିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଖୋଦ୍ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନରେନ୍ଦ୍ରରେ



ପହଞ୍ଚି ଉଭୟ ସେବାୟତ ନିଯୋଗ କର୍ମକର୍ତ୍ତାଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ନିଜ ନିଜ ଜିଦ୍‌ରେ ଅଟଳ ରହିଲେ । ଫଳରେ କୌଣସି ସମାଧାନ ନ ହୋଇ ପ୍ରାୟ ସାଢେ ୩ ଘଣ୍ଟା ବିଳମ୍ବ ହେଲା ଏବଂ ଶେଷରେ ରାତି ଚାପ ନ ଖେଳି ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ । ତେଣୁ କୁହାଯାଉଛି ସେବାୟତଙ୍କ ଜିଦ୍ ଆଗରେ ଅଧିକାରୀ ବି ଅସହାୟ ପାଲଟି ଯାଉଛନ୍ତି । ଦେଖିବାକୁ ବାକି ରହିଲା ବିଶୃଙ୍ଖଳିତ ସେବାୟତଙ୍କ ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ପ୍ରଶାସନ ।

## ବ୍ୟାଙ୍କକୁ ଭଉଣୀର କଙ୍କାଳ ଧରି ଯିବା ଘଟଣା

# ଜିତୁ ମୁଣ୍ଡାଙ୍କ ଘରେ ପହଞ୍ଚିଲା ବିଜେଡି ପ୍ରତିନିଧି ଦଳ

କେନ୍ଦୁଝର/ତୁରୁମୁଙ୍ଗା,୨୯।୪(ସମିସ): ବିଜୁ ଜନତା ଦଳର ଏକ ପ୍ରତିନିଧି ଦଳ ବୁଧବାର ମଲ୍ଲୀପଶି ନିକଟସ୍ଥ ଡିଆନାଳି ଗ୍ରାମର ଜିତୁ ମୁଣ୍ଡାଙ୍କୁ ଭେଟିବା ସହିତ ଏପରି ସମ୍ବେଦନଶୀଳ ଓ ସ୍ପର୍ଶକାତର ଘଟଣାରେ ପ୍ରଶାସନ, ପୁଲିସ ଓ ବ୍ୟାଙ୍କ ଅଧିକାରୀଙ୍କୁ ଦାୟୀ କରିଛନ୍ତି । କଳରା ମୁଣ୍ଡାଙ୍କ ଜୀବିତ ଅବସ୍ଥାରେ ତାଙ୍କ ଭାଇ ଜିତୁ ମୁଣ୍ଡା ବାରମ୍ବାର ଅର୍ଥ ଉଠାଣ ପାଇଁ ବ୍ୟାଙ୍କକୁ ଦୌଡି ନିରାଶ ହୋଇଥିବା କଥା ବିଜେଡି ନେତାମାନଙ୍କ ଆଗରେ ପ୍ରକାଶ କରିଛନ୍ତି । ଜିତୁ ମୁଣ୍ଡା ତାଙ୍କ ଭଉଣୀ କଳରା ମୁଣ୍ଡାଙ୍କ କଙ୍କାଳକୁ ବ୍ୟାଙ୍କରୁ ପୁଣି ଆଉ ଥରେ ଡିଆନାଳି ପର୍ଯ୍ୟନ୍ତ ନେବା ତାହା ପୁଣି ପୁଲିସର ଉପସ୍ଥିତିରେ ସଭ୍ୟସମାଜ ପାଇଁ କେତେଦୂର ଗ୍ରହଣୀୟ ଏହାର ପ୍ରଶ୍ନ ସରକାରଙ୍କ ନିକଟରେ ବିଜେଡି ରଖିଛି । ବିଜେଡି ପକ୍ଷରୁ ପୁଲିସର ଅମାନବୀୟ କାର୍ଯ୍ୟ ପାଇଁ ନିନ୍ଦା କରାଯାଇଥିବା ସହ ବ୍ୟାଙ୍କର ଆଞ୍ଚଳିକ ପରିଚାଳକଙ୍କ ଦାୟିତ୍ୱହୀନ ମନ୍ତବ୍ୟ ଏକ ରୁଗଣ ମାନସିକତା ବୋଲି ବିଧାୟକ ବଦ୍ରିନାରାୟଣ ପାତ୍ର ପ୍ରକାଶ କରିଛନ୍ତି । ଏହାସହ ସ୍ଥାନୀୟ ଅଧିବାସୀ ମଧ୍ୟ ଏହି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କଦ୍ୱାରା ସୁଫଳ ପାଇପାରୁ ନ ଥିବା ଅଭିଯୋଗ କରିଛନ୍ତି ବୋଲି ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି । ବିଜେଡିର ଘଟଣା ଅନୁଧାନକାରୀ ଦଳରେ ଘସିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ବିଜେଡି ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, କେନ୍ଦୁଝର ଜିଲ୍ଲାପରିଷଦ ସଭାନେତ୍ରୀ ସାଗରିକା ସାହୁ, ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ଜେନା, ବୁଦ୍ଧଦେବ ମହାକୁଡ, ଯାଜ୍ଞସେନୀ ମହାନ୍ତ, ସୌଭାଗ୍ୟମଞ୍ଜରୀ ମହାନ୍ତ, ରୁନୁ ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ପରେଶ ପ୍ରଧାନ, ପ୍ରମୋଦ କୁମାର ଭଞ୍ଜଦେଓ, ପାଟଣା ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ରାମରାୟ ମୁହୁ୍ୟା, ଉପାଧକ୍ଷ ନାରାୟଣ ପୂର୍ତ୍ତି, ପାଟଣା ଓ ସାହରପଡା ବ୍ଲକର ବହୁ ସରପଞ୍ଚ ଓ ସମିତିସଭ୍ୟ ପ୍ରତିନିଧିମଣ୍ଡଳୀରେ ଯୋଗ ଦେଇ ଜିତୁ ମୁଣ୍ଡାଙ୍କୁ ସାନ୍ତ୍ୱନା ଦେବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

**■ ଘଟଣାର ନ୍ୟାୟିକ ତଦନ୍ତ ଦାବି**
**■ ପ୍ରଶାସନ ଓ ବ୍ୟାଙ୍କ ଅଧିକାରୀଙ୍କୁ ଦାୟୀକଲା ବିଜେଡି**



# ମୁଖ୍ୟମନ୍ତ୍ରୀଙ୍କ ନିରବତାକୁ ନେଇ କଂଗ୍ରେସର ପ୍ରଶ୍ନ

ଭୁବନେଶ୍ୱର,୨୯।୪(ସମିସ): ଜମା ଟଙ୍କା ନେବାଲାଗି ମୃତ୍ୟୁ ପ୍ରମାଣପତ୍ର ସ୍ୱରୂପ କେନ୍ଦୁଝର ଜିଲ୍ଲାର ଜିତୁ ମୁଣ୍ଡା ନିଜ ଭଉଣୀର କଙ୍କାଳ ଧରି ବ୍ୟାଙ୍କରେ ପହଞ୍ଚିବା ଘଟଣାରେ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କୁ କଟୁ ସମାଲୋଚନା କରିଛି କଂଗ୍ରେସ । ସମଗ୍ର ଘଟଣାକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ନିରବତା ଓ ଦୋଷ ଘୋଡ଼ାଇବା ପାଇଁ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ୟମ ଅତ୍ୟନ୍ତ ନିନ୍ଦନୀୟ ବୋଲି କଂଗ୍ରେସ କହିଛି । ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ଗଣମାଧ୍ୟମ ଅଧକ୍ଷ ଅରବିନ୍ଦ ଦାସ , ମୁଖପାତ୍ର ସୋନାଲି ସାହୁ ଓ ପିସିସି ମୁଖପାତ୍ର ମନିଷା ଦାସ ପଟ୍ଟନାୟକ ଏହି ପ୍ରସଙ୍ଗରେ ସରକାର ସମ୍ପୂର୍ଣ୍ଣ ଦାୟୀ ଅଭିଯୋଗ କରିଛନ୍ତି ।

ଶ୍ରୀ ଦାସ କହିଛନ୍ତି ଯେ ଏହି ଘଟଣା ଲୋକଲୋଚନକୁ ଆସିବା ପରେ ରାଜସ୍ୱ ମନ୍ତ୍ରୀ ନିଜର ପାରଦର୍ଶିତା ଦେଖାଇବାକୁ ଯାଇ ବ୍ୟାଙ୍କ କର୍ମଚାରୀ ଓ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଉପରେ ସବୁ ଦୋଷ ଲଦିଦେଇ ନିଜର କାମ ସାରି ଦେଇଛନ୍ତି । ପ୍ରଶାସନର ନଜରକୁ ଆସିବା ପରେ ବ୍ୟାଙ୍କ ଉପରେ ଚାପ ପକାଇ ମୃତକଙ୍କ ଜମା ପଇସା ସୁଧ ସହ ତାଙ୍କୁ ପ୍ରଦାନ କରାଯାଇଛି । କିନ୍ତୁ ଏହି ସମ୍ବେଦନଶୀଳ ଓ ମାନବିକ ଅଧିକାରକୁ ହନନ କରିଥିବା ଘଟଣାକୁ କଂଗ୍ରେସ ଗୁରୁତର ସହ ନେଇଛି ପୀଡ଼ିତ ଜିତୁ ମୁଣ୍ଡାକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ଶ୍ରୀ ଦାସ କହିଛନ୍ତି । ସେହିପରି ମୁଖପାତ୍ର ସୋନାଲି ସାହୁ ଓ ପିସିସି ମୁଖପାତ୍ର ମନିଷା ଦାସ ପଟ୍ଟନାୟକ କହିଛନ୍ତି ଯେ କେନ୍ଦୁଝର ଜିଲ୍ଲାରେ ହୋଇଥିବା ଏହି ଦୁଃଖଦ ଓ ହୃଦୟ ବିଦାରକ ଘଟଣା ସମଗ୍ର ବିଶ୍ୱରେ ଓଡିଶାର ଶାସନ ଓ ପ୍ରଶାସନ ବ୍ୟବସ୍ଥାର ବିକଳାଙ୍ଗ ଓ ନଗ୍ନ ରୂପକୁ ଦର୍ଶାଇଛି । ଘଟଣା ବିଭିନ୍ନ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଦ୍ୱାରା ଲୋକ ଲୋଚନକୁ ଆସିବା ପରେ କଙ୍କାଳ ବୁହା ଘଟଣା ବିଶ୍ୱ ଦରବାରରେ ଓଡିଶା ଓ ଓଡିଆ ଅସ୍ମିତାକୁ ନିନ୍ଦିତ କରିଛି । ଆଞ୍ଚଳିକ ଗଣମାଧ୍ୟମରୁ ଆରମ୍ଭ କରି ଆନ୍ତର୍ଜାତିକ ଗଣମାଧ୍ୟମ ପର୍ଯ୍ୟନ୍ତ ଏହି ଖବରର ଶିରୋନାମା ପାଲଟିଛି । ଏହା ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଗୃହ ଜିଲ୍ଲାରେ ଘଟିଥିଲେ ବି ଆଶ୍ଚର୍ଯ୍ୟର ବିଷୟ ନିଜ ଜିଲ୍ଲାରେ ଅନ୍ତର୍ଜାତୀୟ ସ୍ତରରେ ହଲଚଲ ସୃଷ୍ଟିକାରୀ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ମୁହଁ ସମ୍ପୂର୍ଣ୍ଣ ବନ୍ଦ ରହିଛି । ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଚୁପ୍ ରହିବା ସରକାରଙ୍କ ଆଦିବାସୀଙ୍କ ପ୍ରତି ହେୟଭାବ ପ୍ରକାଶ ହେଉଛି ବୋଲି ଉଭୟ କହିଛନ୍ତି ।



**ଦୋଷ ଘୋଡ଼ାଇବାରେ ବ୍ୟସ୍ତ ରାଜସ୍ୱ ମନ୍ତ୍ରୀଙ୍କୁ ସମାଲୋଚନା**

**ବୁଧବାର ତାପମାତ୍ରା**
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୩୬.୪ | ୨୬.୪ |
| ଚାନ୍ଦବାଲି | ୩୭.୦ | ୨୬.୨ |
| କଟକ | ୩୮.୦ | ୨୪.୨ |
| ପାରାଦୀପ | ୩୩.୨ | ୨୬.୯ |
| ଭୁବନେଶ୍ୱର | ୩୮.୭ | ୨୫.୬ |
| ଗୋପାଳପୁର | ୩୨.୬ | ୨୭.୩ |
| ପୁରୀ | ୩୨.୬ | ୨୭.୩ |
| ଅନୁଗୁଳ | ୪୨.୫ | ୨୪.୬ |
| ବାରିପଦା | ୩୬.୬ | ୨୫.୪ |
| ଝାରସୁଗୁଡ଼ା | ୪୨.୪ | ୨୬.୮ |
| କେନ୍ଦୁଝରଗଡ଼ | ୩୮.୨ | ୨୮.୬ |
| ସମ୍ବଲପୁର | ୪୦.୬ | ୨୧.୦ |
| ସୁନ୍ଦରଗଡ଼ | ୪୨.୦ | ୨୭.୮ |
| ହୀରାକୁଦ | ୪୩.୩ | ୨୯.୨ |
| ତାଳଚେର | ୪୨.୫ | ୨୭.୫ |
| ଭବାନୀପାଟଣା | ୪୨.୦ | ୨୮.୦ |
| ବଲାଙ୍ଗୀର | ୪୩.୨ | ୨୭.୮ |
| କୋରାପୁଟ | ୩୮.୨ | - |
| ଫୁଲବାଣୀ | ୩୮.୨ | ୨୩.୦ |
| ଟିଟିଲାଗଡ଼ | ୪୨.୫ | ୨୭.୮ |
| ମାଲକାନଗିରି | ୪୦.୬ | ୨୬.୮ |
| ସୋନପୁର | ୪୨.୨ | ୨୭.୧ |
| ଦାରିଙ୍ଗବାଡ଼ି | ୩୭.୦ | ୨୪.୦ |
| ନୟାଗଡ଼ | ୪୦.୮ | ୨୬.୦ |
| ବୌଦ୍ଧ | ୪୨.୬ | ୨୩.୨ |
| ଛତ୍ରପୁର | ୩୨.୨ | ୨୪.୫ |
| ପାରାଳାଖେମୁଣ୍ଡି | ୩୯.୬ | ୨୪.୫ |
| ରାୟଗଡ଼ା | ୩୬.୬ | ୨୪.୦ |
| ଭଦ୍ରକ | ୩୮.୦ | ୨୭.୮ |
| ଯାଜପୁର | ୩୬.୮ | ୨୬.୨ |
| ଢେଙ୍କାନାଳ | ୪୧.୦ | ୨୫.୦ |
| ବରଗଡ଼ | ୪୦.୬ | ୨୪.୬ |
| ଦେଓଗଡ଼ | ୩୯.୦ | ୨୪.୫ |
| ନୂଆପଡ଼ା | ୪୨.୦ | ୨୭.୦ |
| ନବରଙ୍ଗପୁର | ୩୮.୦ | ୨୪.୬ |
| ଖୋର୍ଦ୍ଧା | ୩୭.୦ | ୨୬.୦ |
| ଜଗତସିଂହପୁର | ୩୬.୦ | ୨୩.୦ |
| କେନ୍ଦ୍ରାପଡ଼ା | ୩୪.୪ | ୨୨.୮ |
| ରାଉରକେଲା | ୪୧.୨ | ୨୫.୫ |

# ଆଶାକର୍ମୀଙ୍କୁ ଚାପିଦେଲା ଟ୍ରକ୍

ଦାମନଯୋଡି/ ସେମିଳିଗୁଡ଼ା, ୨୯।୪ (ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡି ଥାନା ଅନ୍ତର୍ଗତ ମାଥାଲପୁଟ ସହିଦ ଲକ୍ଷ୍ମଣ ନାୟକ ଛକ ନିକଟରେ ବୁଧବାର ସକଳେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଆଶାକର୍ମୀ ପ୍ରାଣ ହରାଇଛନ୍ତି । ଆଶାକର୍ମୀଙ୍କୁ ଏକ ଟ୍ରକ୍ ଚାପିଦେବାରୁ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ, ଦାମନଯୋଡି ନିକଟସ୍ଥ କଳାହାଣ୍ଡି କଲୋନୀର କରିସ୍ମା ବାଘ (୨୮) ସକାଳୁ ନିଜ ଡ୍ୟୁଟି ସାରି ଘରକୁ ଫେରୁଥିବା ସମୟରେ ସହିଦ୍ ଲକ୍ଷ୍ମଣ ନାୟକ ଛକ ନିକଟରେ ଏକ ୧୪ଚକିଆ ଟ୍ରକ୍ (ଓଡି ୦୭ ଟି ୭୦୭୫) ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ ଦାମନଯୋଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ । ମୃତକ ପରିବାର ଓ କଲୋନୀ ଲୋକେ ରାସ୍ତା ଉପରେ ଶବ ରଖି ରାସ୍ତା ଅବରୋଧ କରି କ୍ଷତି ପୂରଣ ପାଇଁ ଅଡ଼ି ବସିଥିଲେ । ବହୁ ସମୟ ପରେ ପୁଲିସ ଉପସ୍ଥିତିରେ ଟ୍ରକ୍ ମାଲିକ ଓ ମୃତକ ପରିବାର ଲୋକଙ୍କ ମଧ୍ୟରେ ବୁଝାସୁଝା ହେବାରୁ ଶବ ଉଠା ଯାଇଥିଲା । ଦାମନଯୋଡି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଟ୍ରକ ଜବତ କରିଛି ।

**କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ**

**ବୈଶିଙ୍ଗା ଅଞ୍ଚଳରେ ବଢୁଛି ଗୋ ଚାଲାଣ**

# ଗୋମାଫିଆଙ୍କ ଗୁଳି ମାଡ଼ରେ ଗୋରକ୍ଷକ ଗୁରୁତର

ବୈଶିଙ୍ଗା,୨୯।୪(ସମିସ): ବୈଶିଙ୍ଗା ଥାନା ଯୁଗପୁରା-ଜାମନଣ୍ଡା ରାସ୍ତାରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଗୋରୁ ବୋଝେଇ ଭ୍ୟାନ୍‌କୁ ପିଛା କରୁଥିବା ବେଳେ ଗୁଳିମାଡ଼ର ଶିକାର ହୋଇଛନ୍ତି ଜଣେ ଗୋ ରକ୍ଷକ । ସେ ହେଲେ ରମେଶ ବିଶ୍ୱାଳ ଓରଫ ଦୀପୁ । ସୂଚନା ଅନୁଯାୟୀ ଗତକାଲି ରାତିରେ କିଛି ଗୋ ମାଫିଆ ବିଭିନ୍ନ ଅଞ୍ଚଳରୁ ଗୋରୁ ଚୋରି କରି ୨ଟି ଭ୍ୟାନ ଯୋଗେ ମୁଖ୍ୟ ରାସ୍ତାରେ ନ ଯାଇ ଯୁଗପୁରା ଦେଇ ଜାମନଣ୍ଡା ପଟକୁ ଯାଉଥିଲେ । ଏହି ସମୟରେ ଗ୍ରାମବାସୀ ଦେଖି ବିରୋଧ କରିଥିଲେ । ଗ୍ରାମର କିଛି ଯୁବକ ସେମାନଙ୍କ ପିଛା କରୁଥିବା ସମୟରେ ସେମାନେ ଦ୍ରୁତ ଗତିରେ ଖସିଯିବାକୁ ଉଦ୍ୟମ କରିଥିଲେ । ତେବେ କଦଳିଆ ଛକ ନିକଟରେ ଗୋ ରକ୍ଷକ ଯୁବକ ଦୀପୁ ଓ ତାଙ୍କ ସହଯୋଗୀ ଅଟକାଇବାକୁ ଚେଷ୍ଟା କରିଥିବା ବେଳେ ସେମାନେ ତାଙ୍କ ଉପରକୁ ୨ରାଉଣ୍ଡ ଗୁଳିଚାଳନା କରି ମଛପଦା ପଟକୁ ଚମ୍ପଟ ମାରିଥିଲେ । ପରେ ପରିବାର ଲୋକ ପହଞ୍ଚି ଦୀପୁଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ । ତେବେ ଆଜି ସକାଳୁ ମଛପଦା ନିକଟସ୍ଥ ଜଙ୍ଗଲରେ ଜଳୁଥିବା ଏକ ଭ୍ୟାନ ଦେଖିଥିଲେ ଗ୍ରାମବାସୀ । ଏ ନେଇ ପୁଲିସକୁ ଖବର ଦେଇଥିଲେ । ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛି । ଅନ୍ୟପଟେ ଗୋମାଫିଆଙ୍କ ଆତଙ୍କରେ ଭୟଭୀତ ହୋଇପଡ଼ିଛନ୍ତି ଅଞ୍ଚଳବାସୀ ।

**■ ଗ୍ରାମ ପାଖର୍ ଜଙ୍ଗଲରୁ ଜଳନ୍ତା ଭ୍ୟାନ ଜବତ**
**■ ବୈଶିଙ୍ଗା ପୁଲିସର ଛାନଭିନ ଆରମ୍ଭ**





**ବିଧାୟକଙ୍କୁ ମହିଳାଙ୍କ ଟଣାଓଟରା ଓ କାର କାଚ ଭାଙ୍ଗିବା ଘଟଣା**

# ମହିଳାଙ୍କୁ ଭେଟିଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍

ରାଇରଙ୍ଗପୁର,୨୯ ।୪(ସମିସ): ଜଣେ ମହିଳା ନ୍ୟାୟ ପାଇଁ ରାଇରଙ୍ଗପୁର ବିଧାୟକ ଜଲେନ ନାଏକଙ୍କୁ ସର୍ବ ସମ୍ମୁଖରେ ଟଣାଓଟରା କରିବା ସହ ତାଙ୍କ କାର କାଚକୁ ଭାଙ୍ଗି ଦେଇଛନ୍ତି । ତେବେ ଉକ୍ତ ଘଟଣା ନେଇ ବିଜେଡିର ଏକ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ ବୁଧବାର ମହିଳାଙ୍କୁ ଭେଟିଛନ୍ତି । ବୁଧବାର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ଜିଲ୍ଲା ସଭାପତି ଡା ଦେବାଶିଷ ମାର୍ଣ୍ଡିଙ୍କ ନେତୃତ୍ୱରେ ଦଳର ଜିଲ୍ଲା କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ପୂର୍ବତନ ଶକ୍ତି ବିଭାଗ ଉପଦେଷ୍ଟା ଦୀପ୍ତିମାନ ବଳ, ଉପସଭାପତି ସ୍ୱରୁପ ବେହେରା, ଜିଲ୍ଲା ପରିଷଦ ସଭ୍ୟ ପରେଶ ମୁଣ୍ଡା, ମହିଳା ସଭାନେତ୍ରୀ ତନୁଜା ମହାନ୍ତ ଏବଂ ରାଇରଙ୍ଗପୁର ପୌରପାଳିକାର ଉପାଧକ୍ଷା ମମିତା ଚୋଧୁରୀଙ୍କ ସମେତ ଅନ୍ୟ କର୍ମକର୍ତ୍ତା ତିରିଂ ଅଞ୍ଚଳର ରତନ ସାହି ସ୍ଥିତ ବାସ ଭବନରେ ମହିଳାଙ୍କୁ ଭେଟିଥିଲେ । ଘଟଣା ବାବଦରେ ସମ୍ପୃକ୍ତ ମହିଳାଙ୍କ ସହ ଆଲୋଚନା କରିଥିଲେ । ଏହି ସମୟରେ ମହିଳା ଜଣକ ରାଇରଙ୍ଗପୁର ବିଧାୟକଙ୍କ ନାମରେ ସଙ୍ଗୀନ ଅଭିଯୋଗ କରିଥିଲେ । ମହିଳା ଜଣକ ହେଲେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଲେଙ୍କା । ଦୀର୍ଘ ୩୨ ବର୍ଷ ଧରି ବିଧାୟକଙ୍କ ସହ ମହିଳାଙ୍କ ସମ୍ପର୍କ ରହିଥିଲା । ଆର୍ଥିକ ସହାୟତା ନେବା ସହ ତାଙ୍କୁ ମାନସିକ ଶୋଷଣ କରୁଥିଲେ । ତାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଛନ୍ତି ବୋଲି ସଙ୍ଗୀନ ଅଭିଯୋଗ କରିଛନ୍ତି । ବିଧାୟକ ଶ୍ରୀ ନାଏକ ପୂର୍ବରୁ ୨ଥର ଜିଲ୍ଲା ପରିଷଦ ସଦସ୍ୟ ଓ ବିଧାୟକ ନିର୍ବାଚନ ସମୟରେ ଅନେକ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଥିଲେ ବୋଲି କହିଛନ୍ତି । ନିଜ ଦରମା ଟଙ୍କାରୁ ତାଙ୍କୁ କାର ଓ ବାଇକ ଆଦି ମଧ୍ୟ କିଣି ଦେଇଥିବାର ସେ କହିଛନ୍ତି । କିନ୍ତୁ ବର୍ତ୍ତମାନ ବିଧାୟକ ହେବା ପରେ ତାଙ୍କୁ ଆର୍ଥିକ ଶୋଷଣ କରି ସମସ୍ତ ସମ୍ପର୍କ ଛିନ୍ନ କରିଛନ୍ତି । ବିଧାୟକ ଶ୍ରୀ ନାଏକ ମଙ୍ଗଳବାର ଏକ ସେଲୁନରେ ବସିଥିବାବେଳେ ମହିଳା ଜଣକ ସେଠାରେ ପହଞ୍ଚି ପୂର୍ବ କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏହାପରେ ମହିଳା ଜଣକ ସର୍ବ ସମ୍ମୁଖରେ ତାଙ୍କୁ ଟଣାଓଟରା କରିଥିଲେ । ତେବେ ସଙ୍ଗେ ସଙ୍ଗେ ବିଧାୟକ ଉକ୍ତ ସ୍ଥାନରୁ ଖସି ପଳାଇ ଯାଇଥିଲେ । ଏହାପରେ ସେ ଉତ୍ତେଜିତ ହୋଇ ବିଧାୟକଙ୍କ କାର କାଚକୁ ଏକ ପଥର ଫିଙ୍ଗି ଭାଙ୍ଗି ଦେଇଥିଲେ । ଘଟଣା ପରେ ବିଧାୟକ ଓ ତାଙ୍କ ସମର୍ଥକଙ୍କ ପାଖରୁ ଧମକ ପାଇ ନିଜ ଜୀବନ ପ୍ରତି ବିପଦ ରହିଛି ବୋଲି ମହିଳା ଜଣଙ୍କ କହିଛନ୍ତି । ତେଣୁ ସୁରକ୍ଷା ନିମନ୍ତେ ତିରିଂ ଥାନାରେ ମହିଳା ଜଣକ ଏତଲା ଦେଇଥିଲେ । ଥାନାରେ ମାମଲା ରୁଜୁ ନକରି ଏକ ଷ୍ଟେସନ ଡାଏରୀ କରାଯାଇଥିବା ଜଣାପଡ଼ିଛି । ତେବେ ତାଙ୍କୁ ବିଭିନ୍ନ ଅଜଣା ନମ୍ବର ଫୋନ ଯୋଗେ ଜୀବନରୁ ମାରିଦେବାକୁ ଧମକ ମିଳୁଥିବାର କହିଛନ୍ତି । ବିଧାୟକଙ୍କ ପାଖ ଲୋକ ମାନେ ତାଙ୍କୁ ଭୟଭୀତ କରିବା ସହ ଘଟଣା ନେଇ ବିଧାୟକଙ୍କ ସହ ଆଲୋଚନା କରିବା ନିମନ୍ତେ ଝାରଖଣ୍ଡ ରାଜ୍ୟର ହାତା ଓ ରାଇରଙ୍ଗପୁରକୁ ଡାକୁଥିବାର କହିଛନ୍ତି । କିନ୍ତୁ ତାଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ କୁଆଡେ ଯାଉନାହାଁନ୍ତି ବୋଲି କହିଛନ୍ତି । ସେ ବିଜେପି ବିଧାୟକ ଥିବାରୁ ତାଙ୍କର କେହି କିଛି କରି ପାରିବେ ନାହିଁ ବୋଲି ସମର୍ଥକଙ୍କ ପାଖରୁ ଧମକ ମିଳୁଛି । ବିଜେଡି ଟିମ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ମହିଳାଙ୍କ ସହିତ ଆଲୋଚନା କରୁଥିବା ବେଳେ ପୁଲିସ (ସୁରକ୍ଷା ପାଇଁ ନିୟୋଜିତ ଜଣେ ଗୃହରକ୍ଷୀ) ଉପସ୍ଥିତରେ ସମ୍ପୃକ୍ତ ମହିଳାଙ୍କ ଭାଇ ପୁଲିସ ଉପସ୍ଥିତିରେ ଭଉଣୀ ଉପରେ ଆକ୍ରମଣ କରିଥିଲେ । ବିଧାୟକଙ୍କ ପ୍ରରୋଚନାରେ ତାଙ୍କ ଭାଇ ଆକ୍ରମଣ କରିବାବେଳେ ସେ ସଂଜ୍ଞା ହରାଇଥିଲେ । ଏହାସହିତ ଉପସ୍ଥିତ ସମସ୍ତ ଟିମ ସଦସ୍ୟେ ଓ ସାମ୍ବାଦିକଙ୍କୁ ମଧ୍ୟ ଧମକପୂର୍ଣ୍ଣ ଗାଳି ଦେବା ସହିତ ମାରି ଦେବାକୁ ଧମକ ଦେଇଥିଲେ । ଅପରପକ୍ଷରେ ମହିଳାଙ୍କ ଭାଇକୁ ହାତବାରିସି କରି ମାମଲା ଦଫା ରଫା କରିବାକୁ ବିଧାୟକ ପ୍ରୟାସ କରୁଛନ୍ତି ବୋଲି ସମ୍ପୃକ୍ତ ମହିଳା ଅଭିଯୋଗ କରିଛନ୍ତି । ଜୀବନ ପ୍ରତି ବିପଦ ଥିବାର ଦର୍ଶାଇ ଥାନାରେ ଅଭିଯୋଗ ସତ୍ତ୍ୱେ ସୁରକ୍ଷା ନିମନ୍ତେ ଜଣେ ଗୃହ ରକ୍ଷୀଙ୍କୁ ନିୟୋଜିତ କରିଛନ୍ତି । ଯିଏ କି ମହିଳାଙ୍କୁ ସୁରକ୍ଷା ପ୍ରଦାନ କରିବାରେ ଅସମର୍ଥ ଅଟନ୍ତି । ଆକ୍ରମଣ ସମ୍ପର୍କରେ ଏସପିଙ୍କୁ ବିଜେଡି ଟିମ ଜଣାଇବା ପରେ ତୁରନ୍ତ ପୁଲିସ ଫୋର୍ସ ପଠାଇ ମହିଳାଙ୍କୁ ସୁରକ୍ଷା ପ୍ରଦାନ କରିବା ସହ ତାଙ୍କ ଭାଇଙ୍କୁ ଥାନାକୁ ନେଇ ଅଟକ ରଖିଛନ୍ତି । ବିଜେପି ପକ୍ଷରୁ ମହିଳା ସୁରକ୍ଷା ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରିଛି ବୋଲି ଡିଣ୍ଡିମ ପିଟୁଥିବା ବେଳେ ବିଜେପି ବିଧାୟକଙ୍କ ଏହିପରି କାର୍ଯ୍ୟକଳାପକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି । ମହିଳା ଆକ୍ରୋଶରେ ଶିକାର ହେଉଥିବା କହୁଥିବା ବେଳେ ବିଜେପି ଦଳ ବିଧାୟକ ହିଁ ଉକ୍ତ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଉକ୍ତ ଘଟଣା ରିପୋର୍ଟ ଜିଲ୍ଲାର ବିଜୁ ଜନତା ଦଳ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ ପକ୍ଷରୁ ସୁପ୍ରିମୋଙ୍କୁ ପ୍ରଦାନ କରାଯିବ ବୋଲି କହିଛନ୍ତି । ଅପରପକ୍ଷରେ ଏ ଘଟଣା ସମ୍ପର୍କରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ମହିଳାଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ସହ ରାଇରଙ୍ଗପୁର ବିଧାୟକ ଜଲେନ ନାଏକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିଲେ ଆଗକୁ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।





**■ ବିଧାୟକ ଦୀର୍ଘ ୩୨ବର୍ଷ ଧରି ମହିଳାଙ୍କୁ ଦେଉଥିଲେ ନିର୍ଯାତନା**
**■ ମହିଳାଙ୍କୁ ଜୀବନରୁ ମାରିଦେବାକୁ ମିଳୁଛି ଧମକ**
**■ ପୁଲିସ ଉପସ୍ଥିତିରେ ମହିଳାଙ୍କୁ ନିଜ ଭାଇ କଲେ ଅତର୍କିତ ଆକ୍ରମଣ**
**■ ବିଜେଡି ଟିମ ଓ ସାମ୍ବାଦିକଙ୍କୁ ଜୀବନରୁ ମାରିଦେବାକୁ ଧମକ**

# ଫୁଲାଡି ଛକରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ

ବାଲେଶ୍ୱର,୨୯ ।୪(ସମିସ)



ସହଦେବଖୁଣ୍ଟା ଥାନା ଅର୍ନ୍ତଗତ ଫୁଲାଡି ଛକ ଠାରେ ଆଜି ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଗତକାଲି ବିଳମ୍ବିତ ରାତିରେ ହୋଇଥିବା ଏକ ବାଇକ ଦୁର୍ଘଟଣାକୁ ନେଇ କଂଟାବଣିଆ ଛକ ଠାରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଉତ୍ତେଜନା ହୋଇଥିଲା । ଏହାକୁ କେନ୍ଦ୍ର କରି ଆଜି ସକାଳେ ଫୁଲାଡି ଛକଠାରେ ଉଭୟ କଂଟାବଣିଆ ଏବଂ କାଶୀମପୁର ମଧ୍ୟରେ ଟେକା ପଥର ମାଡ ଆରମ୍ଭ ହୋଇଥିଲା । ଏଥିରେ ଉଭୟ ପକ୍ଷରୁ କିଛି ବ୍ୟକ୍ତି ଆହତ ହୋଇଥିବା ଜଣାଯାଇଛି । ଖବର ପାଇ ସହଦେବଖୁଂଟା ପୁଲିସ ସେଠାରେ ପହଁଚି ତଦନ୍ତ କରୁଛି । ଗତକାଲି ରାତିରେ କଂଟାବଣିଆ ଛକ ଠାରୁ କିଛି ବାଟ ଆଗରେ ଏକ ବାଇକ ଦୁର୍ଘଟଣା ଘଟିଥିଲା । ଏହାକୁ କେନ୍ଦ୍ର କରି କଂଟାବଣିଆ ଏବଂ କାଶୀମପୁର ଅଂଚଳର ଦୁଇ ଗୋଷ୍ଠିଙ୍କ ମଧ୍ୟରେ ବଚସା ହୋଇଥିଲା । ହେଲେ ଆଜି ଏହାକୁ ସମାଧାନ କରାଯିବା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା । ହେଲେ ଆଜି ସକାଳେ ସମାଧାନ ପୂର୍ବରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଫୁଲାଡି ଛକଠାରେ ଟେକା ପଥର ମାଡ ଆରମ୍ଭ ହୋଇଥିଲା । ଏହି ଢ଼େଲା ପଥରମାଡ ଆରମ୍ଭ ହୋଇଥିଲା । ଏଥିରେ ଉଭୟ ପକ୍ଷରୁ କିଛି ବ୍ୟକ୍ତି ଆହତ ହୋଇଛନ୍ତି । ଖବର ପାଇ ଘଟଣା ସ୍ଥଳରେ ସହଦେବଖୁଂଟା ପୁଲିସ ପହଁଚିବା ବେଳକୁ ସମସ୍ତେ ଛତ୍ରଭଙ୍ଗ ଦେଇଥିବା ଜଣାଯାଇଛି ।

# ଯୁବକଙ୍କ ଉନ୍ମତ୍ତକାଣ୍ଡ; ଘଣ୍ଟାଏ ଟ୍ରାଫିକ ଜାମ୍

ବାଲେଶ୍ୱର,୨୯ ।୪(ସମିସ): ଆଜି ସକାଳେ ଫକୀରମୋହନ ଗୋଲେଇ ଟ୍ରାଫିକ ପୋଷ୍ଟ ନିକଟରେ ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ଉନ୍ମତ୍ତକାଣ୍ଡ ଘଟାଇବା ସହ ବିଚ ରାସ୍ତାରେ ଶୋଇ ରହିଥିବା ଦେଖିବାକୁ ମିଳିଛି । ଯାହାଫଳରେ ସେଠାରେ ଏକ ଘଂଟାରୁ ଅଧିକ ସମୟ ଧରି ଟ୍ରାଫିକ ଜାମ ରହିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ,ସହରର ସବୁଠାରୁ ବ୍ୟସ୍ତ ବହୁଳ ଫକୀରମୋହନ ଗୋଲେଇ ଟ୍ରାଫିକ ଛକ ଠାରେ ଆଜି ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଜଣେ ଯୁବକ ଅତ୍ୟଧିକ ମାତ୍ରାରେ ନିଶା ସେବନ କରି ରାସ୍ତା ମଝିରେ ଶୋଇ ପଡିଥିଲେ । ଫଳରେ ଦୀର୍ଘ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ଏପରିକି ସେ ପ୍ରଥମେ ଫକୀରମୋହନ ଗୋଲେଇ ପହଁଚି ଖରାପ ଭାଷାରେ ଗାଳିଗୁଲଜ କରିଥିଲେ । ହେଲେ ଅତ୍ୟଧିକ ମାତ୍ରାରେ ନିଶା ସେବନ କରିଥିବାରୁ



ନିଜକୁ ସମ୍ଭାଳି ନପାରି ଚଳନ୍ତା ଗାଡି ମୋଟର ଆଗରେ ଶୋଇ ପଡିଥିଲେ । ଯୁବକଙ୍କ ଏଭଳି କାଣ୍ଡ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଏକ ଘଂଟାରୁ ଅଧିକ ସମୟ ଧରି ସେଠାରେ ଗାଡି ମୋଟର ଅଟକି ରହିଥିଲା । ଫଳରେ ସେଠାରେ ନିୟୋଜିତ ଥିବା ଟ୍ରାଫିକ କର୍ମଚାରୀମାନେ ଯୁବକକୁ ଉଠାଇବାକୁ ଚେଷ୍ଟା କରିଥିଲେ ମଧ ସେ ଉଠିନଥିଲା । ଫଳରେ ବାଧ ହୋଇ ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ରାସ୍ତାରୁ ତାକୁ ଟେକି ନିଆଯାଇଥିଲା । ଏହି ଘଟଣାକୁ ନେଇ ଘଟଣା ସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା ।

## ବିଦ୍ୟୁତ୍ ଆଘାତରେ ଆରସିଏମ ପମ୍ପ ଡ୍ରାଇଭର ମୃତ

ନୀଳଗିରି, ୨୯।୪ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ସଜନାଗଡ ପଞ୍ଚାୟତ ରାଜେନ୍ଦ୍ରପୁର ଗ୍ରାମର ଜୈନିକ ବ୍ୟକ୍ତି ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଥିବାରୁ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି । ରାଜେନ୍ଦ୍ରପୁର ଗ୍ରାମର ସ୍ୱର୍ଗତ ହଗୁରୁ ଦାସଙ୍କ ପୁଅ ଭଗବାନ ଦାସ(୫୫) ନିଜ ଘରବାଡିରେ ଥିବା କୂଅରେ ଏକ ଇଲେକ୍ଟ୍ରି ପମ୍ପ ସାହାଯ୍ୟରେ ପାଣିଉଝୁଳା କାମ କରୁଥିଲେ । ଆଜି ସନ୍ଧ୍ୟାପ୍ରାୟ ୬ଟା ସମୟରେ ପାଣି ବାହାରକରି ସାରିବାପରେ ଭୁଲବଶତଃ ଇଲେକ୍ଟ୍ରି କନେକ୍ସନ୍ ନ କାଢି ପମ୍ପଟିକୁ କାଢୁଥିବା ସମୟରେ କରେଣ୍ଟ ଲାଗିଯାଇଥିଲା । ସଙ୍ଗେସଙ୍ଗେ ପରିବାର ଲୋକେ ନୀଳଗିରି ଉପଖଣ୍ଡ ହସ୍ପିଟାଲ ଆଣିଥିଲେ ହେଁ ଡାକ୍ତର ମୃତଘୋଷଣା କରିଛନ୍ତି । ଭଗବାନ ପଞ୍ଚାୟତ ଦ୍ୱାରା ନିଯୁକ୍ତ ଆରସିଏମ ପମ୍ପ ଡ୍ରାଇଭର ଭାବେ କାର୍ଯ୍ୟରତ ଥିବାବେଳେ ତାଙ୍କର ସ୍ତ୍ରୀ, ଦୁଇପୁଅ ଓ ବୋହୂ ଅଛନ୍ତି । ସେ ଜଣେ ଅମାୟିକ, ପରୋପକାରୀ ଲୋକ ଥିବାରୁ ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି ।

## ଇଟାଭାଟିରୁ ଶିଶୁପୁତ୍ର ଚୋରି ଅଭିଯୋଗ

ସୋର, ୨୯।୪ (ସମିସ): ସୋର ଥାନା ଚମ୍ପୁ ଛକରେ ଥିବା ଏକ ଇଟା ଭାଟିରୁ ଜଣେ ଶିଶୁପୁତ୍ର ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି । ଏହି ଛକରେ ଥିବା ଏକ ଇଟା ଭାଟିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜଣେ ମହିଳା ନିଜର ଦୁଇ ମାସର ଶିଶୁପୁତ୍ରକୁ ଇଟା ଭାଟି ଭିତରେ ରହୁଥିବା ତାଙ୍କ ଘରେ ଶୋଆଇ ଦେଇ କାମକୁ ଯାଇଥିଲେ । କିନ୍ତୁ କିଛି ସମୟ ପରେ କାମରୁ ଫେରି ତାଙ୍କ ଶିଶୁ ପୁତ୍ରକୁ ପାଇ ନ ଥିଲେ । ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମହିଳା ଜଣଙ୍କ ତାଙ୍କ ଶିଶୁପୁତ୍ରକୁ କେହି ଚୋରି କରି ନେଇଥିବା ସନ୍ଦେହ କରି ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଗୋ ସେବକ ମନୋରଞ୍ଜନ ମହାନ୍ତି ବିୟୋଗରେ ସ୍ମୃତିସଭା

ଚନ୍ଦନେଶ୍ୱର, ୨୯।୪ (ସମିସ): ଓଡ଼ିଶାର ପ୍ରସିଦ୍ଧ ଗୋସେବକ ତଥା ସଂଗଠକ ମନୋରଞ୍ଜନ ମହାନ୍ତିଙ୍କ ଦେହାନ୍ତରେ ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳିଯାଇଛି । ଗତ ୨୬ ତାରିଖ ସନ୍ଧ୍ୟାରେ ୫୦ ବର୍ଷ ବୟସରେ କଟକ ଏସସିବି ମେଡିକାଲରେ ତାଙ୍କର ପରଲୋକ ଘଟିଥିଲା । ସରଳ ଓ ସଂଯମୀ ବ୍ୟକ୍ତିତ୍ୱର ଅଧିକାରୀ ମହାନ୍ତି ବିଶ୍ୱ ସନାତନ କଲ୍ୟାଣ ସଂଘର ମାଧ୍ୟମରେ ଓଡ଼ିଶାରେ ଗୋ ସୁରକ୍ଷା ଓ ସେବା କ୍ଷେତ୍ରରେ ଅପୂର୍ବ ଯୋଗଦାନ ରଖିଥିଲେ । ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରିବାରେ ତାଙ୍କ ଭୂମିକା ଅତ୍ୟନ୍ତ ସ୍ମରଣୀୟ ବୋଲି ସ୍ମୃତି ସଭାରେ ମତପ୍ରକାଶ ପାଇଥିଲା । ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ନାଙ୍ଗରାଇ ଗ୍ରାମ ସ୍ଥିତ ତାଙ୍କ ପୈତୃକ ବାସ ଭବନରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସଂଘରେ ଜିଲ୍ଲା ଉପସଭାପତି ପ୍ରଦୀପ କୁମାର ଗିରି ଯୋଗ ଦେଇ କହିଥିଲେ ଯେ, ସ୍ୱର୍ଗତ ମହାନ୍ତି ତ୍ୟାଗ, ନିଷ୍ଠା ଓ ନିରନ୍ତର ସଂଗ୍ରାମର ପ୍ରତୀକ ଥିଲେ । ତାଙ୍କର ସେବାମୟ ଜୀବନ ଓ ସଂଗଠନ ପ୍ରତି ଅର୍ପଣଭାବ ସବୁଦିନ ପାଇଁ ପ୍ରେରଣା ଦେଇ ରହିବ । ଏହି ଅବସରରେ ବିଭିନ୍ନ ସାମାଜିକ, ଧାର୍ମିକ ସଂଗଠନର କର୍ମୀ ଓ ସ୍ଥାନୀୟ ଲୋକମାନେ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ ଓ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ବିଶ୍ୱ ସନାତନ କଲ୍ୟାଣ ସଂଘ ପକ୍ଷରୁ ମୃତାତ୍ମାଙ୍କ ସଦ୍‌ଗତି କାମନା କରାଯାଇଥିବା ସହ ପରିବାରକୁ ସମବେଦନା ଜଣାଇଥିଲେ ।

## ପାରିବାରିକ କଳହରୁ ଜୀବନ ହାରିଲେ ଯୁବକ

ସୋର, ୨୯।୪ (ସମିସ): ସୋର ଥାନା ମାଣତ୍ରୀ ପଞ୍ଚାୟତ ଗୋପାଳପୁର ଗ୍ରାମରେ ପାରିବାରିକ କଳହରୁ ବେକରେ ରଶି ବାନ୍ଧି ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି । ଏହି ଗ୍ରାମର ବିଶେଶ୍ୱର ବେହେରା (୩୮) ଆଜି ଅପରାହ୍ନରେ ମାନସିକ ଭାରସାମ୍ୟ ହରାଇ ନିଜ ଶୋଇବା ଘରେ ଫ୍ୟାନରେ ରଶି ବାନ୍ଧି ଝୁଲି ପଡ଼ିଥିଲେ । ଏହା ଦେଖି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସୋର ପୁଲିସ ମେଡିକାଲରେ ପହଞ୍ଚି ୨୭/୨୬ ରେ ଏକ ମାମଲା ରୁଜୁ କରି ଶବ ବ୍ୟବଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଦକ୍ଷିଣପ୍ରହରାଜପୁର ସମବାୟ ସମିତିର ନୂତନ ଧାନକ୍ରୟ କେନ୍ଦ୍ର ନିର୍ମାଣ ଦାବି

ଜଳେଶ୍ୱର, ୨୯।୪ (ସମିସ) : ଜଳେଶ୍ୱର ବ୍ଲକର ଦକ୍ଷିଣ ପ୍ରହରାଜପୁର ସମବାୟ ସମିତିର ନୂତନ ଧାନକ୍ରୟ କେନ୍ଦ୍ର ନିର୍ମାଣ ଲାଗି ପରିଚାଳନା କମିଟି ନିର୍ଦ୍ଦେଶକମାନେ ଆଜି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଦକ୍ଷିଣ ପ୍ରହରାଜପୁର ସମବାୟ ସମିତିର ଧାନକ୍ରୟ କେନ୍ଦ୍ର ନ ଥିବା ବେଳେ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏ ସଂପର୍କରେ ସମିତିର ନିର୍ଦ୍ଦେଶକମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କଲାପରେ ୬୭ ଲକ୍ଷ ଟଙ୍କା ମଂଜୁର ହୋଇ ଗୃହବିଭାଗ ଡିଭିଜନ୍-୨,ବାଲେଶ୍ୱରଙ୍କୁ ଦାୟିତ୍ୱ ଦିଆଯାଇଛି । ମାତ୍ର ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିବାରୁ ଏବଂ ଆଗକୁ ରବିଧାନ ସଂଗ୍ରହ ହେବାର ଥିବାରୁ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ଆଜି ସମିତିର ନିର୍ଦ୍ଦେଶକ ସଂଜିବ କୁମାର ରାଉତ, ଦୀନକୃଷ୍ଣ ଦାସ ଅଧିକାରୀ, ଜ୍ୟୋତିର୍ମୟ ବଡ, ଶ୍ରୀପତି ଚନ୍ଦ, ଅଂଜଳୀ ଦାସ ଅଧିକାରୀ ପ୍ରମୁଖ ବିଡିଓ ଗୌରାଙ୍ଗ ଘୋଷଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି ।

## ସାପ କାମୁଡ଼ାରେ ବୃଦ୍ଧ ମୃତ

ରାଜଘାଟ, ୨୯।୪ (ସମିସ): ଚେୟାର ରେ ବସି ଖାଉଥିବା ବେଳେ ବେଳେ ନାଗ ସାପ କାମୁଡାରେ ବୃଦ୍ଧଙ୍କ ମୃତ୍ୟୁ । ମୃତକ ଜଣକ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା କୁଡ଼ିଆ ପଞ୍ଚାୟତ ଜମାଲପୁର ଗ୍ରାମର ଦେବେନ୍ଦ୍ର ଜେନା (୬୪) । ଆଜି ଦିନ ୨.୩୦ମି ସମୟରେ ଶ୍ରୀ ଜେନା ଚେୟାର ରେ ବସି ଭାତ ଖାଉଥିବା ବେଳେ ଏକ ନାଗ ସାପ ଶ୍ରୀ ଜେନାଙ୍କ ପାଦକୁ ଚୋଟ ମାରିଥିଲା । ପରିବାର ଲୋକେ ଜାଣିବାକୁ ପାଇ ସଙ୍ଗେ ସଙ୍ଗେ ଚିକିତ୍ସା ପାଇଁ ବସ୍ତା ଡାକ୍ତରଖାନାକୁ ଆଣିଥିଲେ ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଫଳରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।ଘଟଣା ସ୍ଥଳରେ ବସ୍ତା ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି ।

## ଚାନ୍ଦିପୁରରେ ଦନ୍ତାହାତୀ ଆତଙ୍କ

ବାଲେଶ୍ୱର,୨୯ ।୪(ସମିସ): ମଙ୍ଗଳବାର ରାତିରେ ଚାନ୍ଦିପୁର ଅଞ୍ଚଳକୁ ଏକ ଦନ୍ତା ହାତୀ ପ୍ରବେଶ କରିଛି । ଏହି ହାତୀଟି ସଦର ବ୍ଲକର ଶାସଙ୍ଗ, ଗେଙ୍ଗୁଟି ପଂଚାୟତରେ ପସି ଆଜି ଚାନ୍ଦିପୁର ଅଭିମୁଖେ ଯାଇଛି । ଚାନ୍ଦିପୁର ରାସ୍ତାରେ ହାତୀଟି ଚାଲୁଥିବା ବେଳେ ନିକଟସ୍ଥ ସେଂଟ ଜାଭିୟର ସ୍କୁଲ ମଧ୍ୟ ପ୍ରବେଶ କରିଥିଲା । ସ୍କୁଲ ପରିସରରୁ ବାହାରି ଏହି ହାତୀଟି ନିକଟରେ ଥିବା ପ୍ରତିରକ୍ଷା ବିଭାଗର କଲୋନୀ ମଧ୍ୟକୁ ମଧ୍ୟ ପ୍ରବେଶ କରିଛି । ବର୍ତ୍ତମାନ ସୁଦ୍ଧା ଉକ୍ତ ଦନ୍ତା ହାତୀଟି ସେଇ କଲୋନୀ ମଧ୍ୟରେ ଥିବା ବେଳେ ବନ ବିଭାଗ ତାହାକୁ ସେଠାରୁ ଘଉଡାଇବା ପାଇଁ ଚେଷ୍ଟା ଜାରି ରଖିଛି ।

# ସାମ୍ବାଦିକଙ୍କୁ ସୁରକ୍ଷା ଓ ଆର୍ଥିକ ସୁବିଧା ପ୍ରଦାନ ଦାବି



ବାଲେଶ୍ୱର,୨୯ ।୪(ସମିସ): ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଅପେକ୍ଷାକୃତ ଦୁର୍ବଳ । ଦେଶର ସଂଖ୍ୟାଧିକ ରାଜ୍ୟ ସେ ରାଜ୍ୟର ହଜାର ହଜାର ସାମ୍ବାଦିକଙ୍କୁ ଅଧିସ୍ୱୀକୃତି ପ୍ରଦାନ କରୁଥିବା ବେଳେ ଓଡ଼ିଶାରେ ଏ ସଂଖ୍ୟା ମାତ୍ର ଦୁଇଶହରେ ସମିତି । ଏଣୁ ରାଜ୍ୟର ସାମ୍ବାଦିକମାନଙ୍କୁ ସୁରକ୍ଷା ଓ ଆର୍ଥିକ ସୁବିଧା ପ୍ରଦାନ କରିବା ସହ ଅନ୍ୟାନ୍ୟ ଦାବି ନେଇ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ଏଥିରେ କରାଯାଇଥିବା ଦାବି ଅନୁସାରେ, ଅଧିସ୍ୱୀକୃତି କମିଟି ପୁନର୍ଗଠନ ସହିତ ପ୍ରଚଳିତ ଆଇନରେ ସଂଶୋଧନ ପୂର୍ବକ ଜିଲ୍ଲା ଓ ରାଜ୍ୟସ୍ତରରେ ଯୋଗ୍ୟ ସାମ୍ବାଦିକମାନଙ୍କୁ ବ୍ୟାପକ ଭାବେ ମାନ୍ୟତା ପ୍ରଦାନ କରାଯାଉ, କ୍ରମାଗତ ଭାବେ ସାମ୍ବାଦିକମାନଙ୍କ ଉପରେ ବୃଦ୍ଧି ପାଉଥିବା ଆକ୍ରମଣକୁ ଦୃଷ୍ଟିରେ ରଖି ସମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯାଉ, ୬୦ବର୍ଷରୁ ଅଧିକ ବୟସ୍କ ସାମ୍ବାଦିକମାନଙ୍କ ପାଇଁ ମାସିକ ଅନ୍ୟୁନ ୧୫ହଜାର ଟଙ୍କାର ପେନସନ ବ୍ୟବସ୍ଥା କରାଯାଉ, ଓଡ଼ିଶା ପ୍ରେସ ଏକାଡେମୀ ଗଠନ ପୂର୍ବକ ଭୁବନେଶ୍ୱରରେ ଭବନ ନିର୍ମାଣ କରି ବୃତିଗତ କାର୍ଯ୍ୟରେ ରାଜଧାନୀ ଆସୁଥିବା ସାମ୍ବାଦିକମାନଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ରହଣି ସୁବିଧା କରାଯାଉ, ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ପରିଧିରେ ଅବସରପ୍ରାପ୍ତ ସାମ୍ବାଦିକ, ହିତାଧିକାରୀଙ୍କ ମାତା ପିତା ଏବଂ ୨୫ବର୍ଷରୁ ଅଧିକ ସନ୍ତାନମାନଙ୍କୁ ସାମିଲ କରାଯାଉ ଏବଂ ଅନୁକମ୍ପା ମୂଳକ ରାଶି ୧୦ଲକ୍ଷକୁ ବୃଦ୍ଧି କରାଯାଉ ବୋଲି ଦାବି କରାଯାଇଛି । ଉତ୍କଳ ସାମ୍ବାଦିକ ସଂଘର ବାଲେଶ୍ୱର ଜିଲ୍ଲା ସଭାପତି ଲୋକନାଥ ଦଳେଇଙ୍କ ନେତୃତ୍ୱରେ ସଦସ୍ୟ ସୁଧାଂଶୁ ଶେଖର ବାରିକ, ପ୍ରଶାନ୍ତ କୁମାର ବେହେରା, ଉମାକାନ୍ତ ରାଉତ, ଜୀବନକୃଷ୍ଣ ବାରିକ, ମନୋଜ କୁମାର ବେଜ, ନରେନ୍ଦ୍ର ପ୍ରସାଦ ବେହେରା, ତ୍ରିଲୋଚନ ମହାନ୍ତି, ସନ୍ଦୀପ୍ତ ଦାସ, ଲୋକନାଥ ପରିଡା, ସଞ୍ଜୟ କୁମାର ମଲ୍ଲିକ, ସତ୍ୟବ୍ରତ ପ୍ରଧାନ, ଅର୍ଜ୍ଜୁନ କୁମାର ସିଂହ, ମିହିର କୁମାର ବେହେରା ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

# ରେମୁଣା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ

ବାଲେଶ୍ୱର,୨୯ ।୪(ସମିସ): ରେମୁଣା ଅବସରପ୍ରାପ୍ତ କର୍ମଚାରୀ ସଂଘ ଆନୁକୂଲ୍ୟରେ ନରୋତ୍ତମ ପରିଡାଙ୍କ ସଭାପତିତ୍ୱରେ ମଧୁବାବୁ ଜୟନ୍ତୀ ସ୍ଥାନୀୟ ଏକ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କବି ଡ କାଳିପଦ ପଣ୍ଡା ଯୋଗଦେଇ ମଧୁବାବୁ ଓଡ଼ିଆର ସ୍ୱାଭିମାନ ବୋଲି ମତ ଦେଇଥିଲେ । ଏଥିରେ ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ପ୍ରଶାନ୍ତ କୁମାର ବରାଳ,ଡ ଜଗବନ୍ଧୁ ମହପାତ୍ର, ଚକ୍ରଧର ଦାସ,ସମ୍ପାଦକ ପ୍ରଦୀପ କୁମାର ବେହେରା ଯୋଗଦେଇ ମଧୁବାବୁଙ୍କ ଗୁଣାବଳୀ ସମ୍ପର୍କରେ ଆଲୋଚନା କରିଥିଲେ । କବୟିତ୍ରୀ ମୁକ୍ତିଲତା ଆଇଚ,ବାସନ୍ତୀ ଦାସ,ରମେଶଚନ୍ଦ୍ର ମହାରଣା,ପ୍ରଭାକର ସାହୁ,ପ୍ରଦୀପ ଆଚାର୍ଯ୍ୟ ପ୍ରମୁଖ ମଧୁବାବୁଙ୍କ ଆଧାରିତ କବିତା ପାଠ କରିଥିଲେ । ଗୌରାଙ୍ଗଚନ୍ଦ୍ର ପଢ଼ିଆରୀ ଧନ୍ୟବାଦ ଦେଇଥିଲେ । ସେହିପରି ରେମୁଣା ସାହିତ୍ୟ ସଂସଦ ପକ୍ଷରୁ ମଧୁବାବୁ ଜୟନ୍ତୀ ସ୍ଥାନୀୟ ଶାନ୍ତିକାନନ ପରିସରରେ ସାହିତ୍ୟିକ ଭାଗବତ ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ବୃନ୍ଦାବନ ବେହେରା,ବ୍ୟାକରଣବିତ ନିରଞ୍ଜନ ସାହୁ, କବି ପ୍ରଭାକର ସାହୁ, ପ୍ରଭାତ ଆଚାର୍ଯ୍ୟ, ଚକ୍ରଧର ଦାସ, ବରିଷ୍ଠ ସାମ୍ବାଦିକ ଗୋବିନ୍ଦଚନ୍ଦ୍ର ପାଢ଼ୀ, ଜଳଧର ଦାସ, ନିରଞ୍ଜନ ମହାରଣା, ସୁନାମଣି ଜେନା, ଜୟଶ୍ରୀ ମିଶ୍ର, ସଇଦନ ବିବି, ଅଜୟ ନାୟକ, ହରିମୋହନ ମାଝୀ, ବିଷ୍ଣୁପଦ ପଣ୍ଡା, ନିରଞ୍ଜନ ଗିରି, ଅଶିତ ମଙ୍ଗରାଜ, ଆଇନଜୀବୀ ରାମଚନ୍ଦ୍ର ପାତ୍ର, ସନ୍ତୋଷ ଦାସ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା କରିଥିଲେ । ଦ୍ୱିତୀୟ ଅଧିବେସନରେ ବ୍ୟଙ୍ଗକବି ପ୍ରଭାକର ସାହୁଙ୍କ ସଂଯୋଜନାରେ ମଧୁବାବୁଙ୍କ ସ୍ୱାଭିମାନ ଉପରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା । ନାଟ୍ୟକାର ପ୍ରଦୀପ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ଚୋରାକାଠ ଚାଲାଣ ବେଳେ ବାଇକ୍‌କୁ ଧକ୍କାଦେଲା ପିକ୍‌ଅପ୍ ଭ୍ୟାନ୍




ବାଇକ୍ ଆରୋହୀ ଗୁରୁତର

ଜଳେଶ୍ୱର, ୨୯।୪ (ସମିସ) : ରାଇବଣିଆ ଅଞ୍ଚଳରେ ଥିବା ଜଂଗଲରୁ ପ୍ରତିଦିନ ବିଭିନ୍ନ ଯାନରେ ମୂଲ୍ୟବାନ ଗଛ କାଟି ପଶ୍ଚିମବଂଗ ଓ ଜଳେଶ୍ୱରର କେତେକ ସ୍ଥାନକୁ ପରିବହନ କରାଯାଇ ଆସୁଛି । କାଠ ମାଫିଆମାନେ ଏହି ସବୁ ମୂଲ୍ୟବାନ ଗଣ୍ଡି ଗୁଡିକୁ ଚାଲାଣ କରି ମାଲେମାଲ ହେଉଥିବା ବେଳେ ବନବିଭାଗ କୁମ୍ଭ ନିଦ୍ରାରେ ଶୋଇଥିବା ଜଣାଯାଇଛି । ଓଡ଼ିଶା-ପଶ୍ଚିମବଙ୍ଗ ସୀମା ଅଞ୍ଚଳରେ ଚୋରା କାଠ ବ୍ୟବସାୟୀମାନେ ରାଇବଣିଆର ବିଭିନ୍ନ ଜଂଗଲରୁ ମୂଲ୍ୟବାନ ଗଛଗୁଡିକୁ କାଟି ତାର ଗଣ୍ଡି ଗୁଡିକ ପଶ୍ଚିମବଂଗକୁ ପଠାଉଛନ୍ତି । ପ୍ରତିଦିନ ଏହି କାଠ ଚୋରା ଚାଲାଣ ହେଉଥିବା ବେଳେ ବନବିଭାଗ କିପରି ଜାଣିପାରୁ ନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଘଟଣାରୁ ପ୍ରକାଶ ଆଜି ମଧ୍ୟାହ୍ନରେ ଏକ ଟାଟା ପିକ୍‌ଅପ୍ ଗାଡି ୧୧ ଖଣ୍ଡ ମୂଲ୍ୟବାନ ଗଛର ଗଣ୍ଡି ଧରି ଦ୍ରୁତଗତିରେ ଗଲାବେଳେ ସରଡିହା ଛକରେ ଏକ ବାଇକ୍‌କୁ ଧକ୍କା ଦେଇଥିଲା । ବାଇକ୍ ଆରୋହୀ ସ୍ୱାଧୀନ କୁମାର ଜେନା ଗୁରୁତର ହୋଇଥିବା ବେଳେ ସ୍ଥାନୀୟ ଲୋକେ ଗାଡିଟିକୁ ଅଟକାଇ ରାଇବଣିଆ ପୁଲିସ୍‌କୁ ଖବର ଦେଇଥିଲେ । ପୁଲିସ୍ ପିକଅପ ଭ୍ୟାନ ଡ୍ରାଇଭର ଓ ଗାଡିକୁ ଜବତ କରି ତଦନ୍ତ ଚଳାଇଛି ।

# ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବସ୍ତା ଷ୍ଟେସନ ଆଗରେ ଆମରଣ ଅନଶନ



ବସ୍ତା ବ୍ଲକ, ୨୯।୪ (ସମିସ): ବସ୍ତା ରେଲଷ୍ଟେସନରେ ନୂତନ ଏକ୍ସପ୍ରେସ ରହଣି ସହ ବିଭିନ୍ନ ଦାବି ନେଇ ବାଲେଶ୍ୱର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଜିଲ୍ଲା ସଭାପତି କମଳ ଲୋଚନ ବାରିକଙ୍କ ନେତୃତ୍ୱରେ ବସ୍ତା ଷ୍ଟେସନ ସମ୍ମୁଖରେ ଆମରଣ ଅନଶନରେ ବସିଥିବା ଜଣା ପଡିଛି । ବସ୍ତା ଷ୍ଟେସନରେ ଓଡ଼ିଶା ସମ୍ପର୍କ କ୍ରାନ୍ତି, ହାଓଡ଼ା - ଭୁବନେଶ୍ୱର ଜନ ଶତାବ୍ଦୀ, ପୁରୀ-ଆନନ୍ଦ ବିହାର ନୀଳାଚଳ ଏକ୍ସପ୍ରେସ ରହଣି ସହିତ ବିଭିନ୍ନ ଦାବି ନେଇ ଦଳର ପୁରୁଷ ଓ ମହିଳା କର୍ମୀ ଆନ୍ଦୋଳନରେ ବସିଛନ୍ତି । ରେଳ ପ୍ରଶାସନିକ ଅଧିକାରୀ ମାନେ ଅନଶନ ସ୍ଥଳରେ ପହଞ୍ଚି ଥିଲେ ମଧ ଆଲୋଚନା ସୁଫଳ ମିଳି ନଥିବା ଶ୍ରୀ ବାରିକ ସୂଚନା ଦେଇଛନ୍ତି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଦଳ ପକ୍ଷରୁ କୁହା ଯାଇଛି । ଏହି ଅନଶନ ରେ ବସ୍ତା ବ୍ଲକ ସଭାପତି ମୀର ଯାହିଦ କାଦ୍ରୀ, ଉପସଭାପତି ପ୍ରଶାନ୍ତ କୁମାର ପାତ୍ର, କୁମୁଦ ରଞ୍ଜନ ଗିରି ଙ୍କ ସମେତ ଶମ୍ଭୁନାଥ ବେହେରା, ଲିଲି ମୁଖୀ, ପଦ୍ମିନୀ ଦାସ, ବାସନ୍ତୀ ରାମ, ଆଶା ମଣୀ ରାମ, ବିନତି ରାମ, ରାଇକାନି ରାମ,, ଶେଖ୍ ରିଆୟୁଦ୍ଧିଁନ, ସମେତ ଅନେକ କର୍ମୀ ଓ ନେତୃବୃନ୍ଦ ଅନଶନରେ ସାମିଲ ଥିବା ଦେଖିବାକୁ ମିଳିଛି ।

# ମେ ୧ରୁ ଇଣ୍ଡିଆ ଟ୍ରେଡ୍ ଏକ୍ସପୋ

ବାଲେଶ୍ୱର,୨୯ ।୪(ସମିସ): ସହରର ଆଇଟିଆଇ ପଡ଼ିଆରେ ସ୍ୟାଡୋ ଆଡଭରଟାଇର୍ଜିଂ ଆଣ୍ଡ କମ୍ୟୁନିକେସନ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଆସନ୍ତା ମାସ ୧ତାରିଖ ଠାରୁ ୧୧ତାରିଖ ପର୍ଯ୍ୟନ୍ତ ଇଣ୍ଡିଆ ଟ୍ରେଡ ଏକ୍ସପୋ ନାମରେ ଏକ ବାଣିଜ୍ୟ ମେଳା ଅନୁଷ୍ଠିତ ହେବାକୁ ଯାଉଛି ବୋଲି ଆଜି ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ସଂସ୍ଥାର ଆୟୋଜକ ତାପସ ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି । ଏହି ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ପ୍ରତିଦିନ ଅପରାହ୍ଣ ୨ଟାରୁ ରାତି ୧୦ଟା ଯାଏଁ ଚାଲିବ । ବିଶେଷ କରି ଏହି ପ୍ରଦର୍ଶନୀ ମେଳାରେ ଦେଶର ବିଭିନ୍ନ ରାଜ୍ୟ ସହ ଅର୍ନ୍ତଜାତୀୟ ଅଂଶ ଗ୍ରହଣକାରୀମାନେ ଯୋଗଦେବେ । ଏଥିରେ




ଶହେଟି ଷ୍ଟଲରେ ହସ୍ତଶିଳ୍ପ, ଲାଇଫଷ୍ଟାଇଲ ପ୍ରଡକ୍ଟ, ଘରୋଇ ସାମଗ୍ରୀ, ଖାଦ୍ୟ ସାମଗ୍ରୀ, ଫ୍ୟାଶନ ପ୍ରଡକ୍ଟ, ନବୀନ ସେବା ସମ୍ବନ୍ଧୀୟ ପଦାର୍ଥ ପ୍ରଦର୍ଶିତ ହେବ । ଏହାଛଡା ବାଲେଶ୍ୱରର ବ୍ୟବସାୟ,ବାଣିଜ୍ୟ,ପର୍ଯ୍ୟଟନ ଓ ସ୍ଥାନୀୟ ଅର୍ଥନୀତିକୁ ନୂଆ ଦିଗ ଏହି ପ୍ରଦର୍ଶନୀ ପ୍ରଦାନ କରିବ ବୋଲି ମଧ କୁହାଯାଇଛି । ବିଶେଷ କରି ଏହି ୧୧ଦିନ ବ୍ୟାପି ମେଳାରେ ପାଖାପାଖି ୫୦ରୁ ୭୦ହଜାର ପର୍ଯ୍ୟନ୍ତ ଦର୍ଶକ ଏହି ମେଳାକୁ ପରିଦର୍ଶନ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହାଛଡା ବାଲେଶ୍ୱରର ସ୍ଥାନୀୟ ବ୍ୟବସାୟ, ପର୍ଯ୍ୟଟନ,ହୋଟେଲ ଓ ଅନ୍ୟାନ୍ୟ ସହଯୋଗୀ କ୍ଷେତ୍ରରେ ଆର୍ଥିକ ପ୍ରଭାବ ପଡିବ ବୋଲି ସ୍ୟାଡୋ ଆଡଭରଟାଇର୍ଜିଂ ଆଣ୍ଡ କମ୍ୟୁନିକେସନ ପ୍ରାଇଭେଟ ଲିମିଟେଡର ସଂସ୍ଥାପକ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ସାହୁ ଉପସ୍ଥିତ ଥିଲେ ।

## ପଶୁପକ୍ଷୀଙ୍କୁ ସାହାରା ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ

କାଳିପଦା, ୨୯।୪ (ସମିସ): ମୟୂରଭଞ୍ଜ ଜିଲ୍ଲା ଶାଳମୂଳା ଜଙ୍ଗଲରେ ପଶୁ, ପକ୍ଷୀ, କୀଟ ପତଙ୍ଗଙ୍କ ସୁରକ୍ଷା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି ବାଲିଆପାଳ ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ । ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନର ଉପସଭାପତି ଜ୍ୟୋତିର୍ମୟୀ ପାତ୍ରଙ୍କ ନେତୃତ୍ୱରେ ସଭାପତି ଶିବଶଙ୍କର ନାୟକ, ସଂପାଦକ ସୁଲୋଚନା ଗିରି, କୋଷାଧ୍ୟକ୍ଷ ଜୟଦେବ ମଲ୍ଲିକ, ପଙ୍କଜ କୁମାର ସାହୁ, ଜିତେନ୍ଦ୍ର ମହାନ୍ତି, ପର୍ଶୁରାମ ସାହୁ , ରଂଜିତ ଜେନା, ସୁଦର୍ଶନଙ୍କ ସମେତ ଅନ୍ୟ ସମସ୍ତ ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନର ସଦସ୍ୟମାନେ ଏଣେତେଣେ ପଡ଼ିଥିବା ପାଣି ବୋତଲ, ମାଟି ସରାକୁ ଗୋଟାଇ ଆଣି ସେଥିରେ ପଶୁପକ୍ଷୀମାନଙ୍କ ପାଣି ପିଇବା ପାଇଁ ବ୍ୟବସ୍ଥା କରାଇଛନ୍ତି ।

## ଚନ୍ଦନେଶ୍ୱର ଚଡ଼କ ମେଳାରେ ଅଘୋରି ବାବାଙ୍କ ଦ୍ୱାରା ଘଟିଥିବା ଅଗ୍ନିକାଣ୍ଡ ଘଟଣା

# ବିଧାୟକଙ୍କ ହସ୍ତକ୍ଷେପ, ଗୁରୁତର ଆହତ ଭକ୍ତଙ୍କୁ ମିଳିଲା ସହାୟତା

ଚନ୍ଦନେଶ୍ୱର,୨୯।୪ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱରଙ୍କ ଚଡକ ମେଳା ଅବସରରେ ଘଟିଥିବା ଦୁର୍ଘଟଣାରେ ଗୁରୁତର ଆହତ ଦୁଇ ଭକ୍ତଙ୍କୁ ଶେଷରେ ସହାୟତା ମିଳିଛି । ବିଧାୟକଙ୍କ ହସ୍ତକ୍ଷେପ ପରେ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଉଭୟଙ୍କୁ ଆର୍ଥିକ ସହଯୋଗ ଯୋଗାଇ ଦିଆଯାଇଛି । ଗତ ପାଟ ପର୍ବ ଦିନ ସନ୍ଧ୍ୟାବେଳେ ବାଡ଼ସାରିସା ଗ୍ରାମର ହାକାଣ୍ଡ ପୋଖରୀରୁ ଚନ୍ଦନେଶ୍ୱରଙ୍କ ପ୍ରତିଭୂ ଘଟ ସହ ଦଶନଖୀ ଭକ୍ତମାନଙ୍କ ବିଶାଳ ଶୋଭାଯାତ୍ରା ମନ୍ଦିର ଅଭିମୁଖେ ଯାଉଥିବା ବେଳେ ବାଡ଼ସାରିସା ନିକଟସ୍ଥ ରାଜ୍ୟ ରାଜପଥରେ ଅଘୋରୀ ବାବାଙ୍କ ତାଣ୍ଡବ ନୃତ୍ୟ ସମୟରେ ନିଆଁ ସହିତ ଜଡିତ ବିପଦଜନକ କଳା ପରିବେଷଣ କରାଯାଉଥିଲା । ପେଟ୍ରୋଲ ଢାଳି ନିଆଁ ଲଗାଇ ଖେଳ ଦେଖାଉଥିବା ସମୟରେ ହଠାତ୍ ନିୟନ୍ତ୍ରଣ ହରାଇ ଭୟାବହ ଦୁର୍ଘଟଣା ଘଟିଥିଲା । ଏହି ଘଟଣାରେ ୧୫ରୁ ଅଧିକ ଭକ୍ତ ଆହତ ହୋଇଥିବା ବେଳେ ବାଡ଼ସରିସା ଗ୍ରାମର ଗୌରହରି ଦଳପତି ଓ ଭଟ୍ଟପୁର ଗ୍ରାମର ଶିବଶଙ୍କର ପରିଡା ଗୁରୁତର ଭାବେ ଦଗ୍ଧ ହୋଇଥିଲେ । ଉଭୟଙ୍କୁ ଚିକିତ୍ସା ପାଇଁ ନିଆଯାଇଥିଲା ଓ ପରେ ସେମାନଙ୍କ ଅବସ୍ଥା ଗମ୍ଭୀର ଥିବାରୁ ସହାୟତା ପ୍ରଦାନ ପାଇଁ ଦାବି ଉଠିଥିଲା । ଏହି ପରିସ୍ଥିତିରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଘଟଣାରେ ହସ୍ତକ୍ଷେପ କରି ଆହତମାନଙ୍କ ଅବସ୍ଥା ବିଷୟରେ ଅବଗତ ହୋଇଥିଲେ । ତାଙ୍କ ନିର୍ଦ୍ଦେଶରେ ମନ୍ଦିର ଟ୍ରଷ୍ଟ ବୋର୍ଡର ନିର୍ବାହୀ ଅଧିକାରୀ ତଥା ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ ସହାୟତା ରାଶି ପ୍ରଦାନ ପାଇଁ ପଦକ୍ଷେପ ନେଇଥିଲେ । ପରବର୍ତ୍ତୀକାଳରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ଼. କମଳାକାନ୍ତ ଜେନା ଓ ମନ୍ଦିର ଟ୍ରଷ୍ଟ ବୋର୍ଡର ମୌରସୀ ତପନ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଉଭୟ ଆହତଙ୍କୁ ୨୦ ହଜାର ଟଙ୍କା କରି ଆର୍ଥିକ ସହାୟତା ଚେକ ଆକାରରେ ପ୍ରଦାନ କରାଯାଇଛି । ଉଲ୍ଲେଖନୀୟ ଯେ, ପାଟ ପର୍ବକୁ ଆକର୍ଷଣୀୟ କରିବା ପାଇଁ ପଶ୍ଚିମବଙ୍ଗରୁ ଅଘୋରୀ କଳାକାରମାନଙ୍କୁ ଆଣାଯାଇଥିଲା । କିନ୍ତୁ ସୁରକ୍ଷା ବ୍ୟବସ୍ଥାର ଅଭାବ ଓ ଅବ୍ୟବସ୍ଥିତ ପରିଚାଳନାରେ ଏପରି ଦୁର୍ଘଟଣା ଘଟିଥିବା ନେଇ ସ୍ଥାନୀୟ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସ୍ଥାନୀୟ ଲୋକମାନେ ଏପରି ବିପଦଜନକ କଳା ପରିବେଷଣ ଉପରେ କଠୋର ନିୟନ୍ତ୍ରଣ ସହ ଭବିଷ୍ୟତରେ ଏମିତି ଘଟଣା ନ ଘଟେ ବୋଲି ପ୍ରଶାସନଙ୍କୁ ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଛନ୍ତି ।

## ଯାଜପୁର ଜିଲ୍ଲାରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର

ଯାଜପୁର,୨୯।୪(ସମିସ): ଆସନ୍ତା ୧ ତାରିଖ ଶୁକ୍ରବାର ଯାଜପୁର ଜିଲ୍ଲାରେ ଗ୍ରୀଷ୍ମକାଳୀନ ନିଶୁଳ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏହି ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରରେ ଫୁଟବଲ, ଭଲିବଲ, ହକି, ସନ୍ତରଣ, ବ୍ୟାଡମିଣ୍ଟନ ଆଦି ଖେଳରେ ପ୍ରଶିକ୍ଷଣ ଦିଆଯିବ। ଯେଉଁମାନେ ଇଚ୍ଛୁକ ସେମାନେ ନିଜର ବୟସ ପ୍ରମାଣ ପତ୍ର (ଜନ୍ମଗତ ପ୍ରମାଣପତ୍ର, ଆଧାର କାର୍ଡ) ଆଣି ସେମାନଙ୍କର ନାମ ପଞ୍ଜୀକରଣ କରିପାରିବେ। ଖେଳାଳିଙ୍କ ବୟସ ସୀମା ୫ରୁ ୧୬ ବର୍ଷ। ଅଧିକ ବିବରଣୀ ପାଇଁ ଯାଜପୁର ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ବିରିପଟା ପ୍ୟାକ୍‌ରେ ଧାନ କିଣାରେ ଅନିୟମିତତା

ପ୍ରାଚିପୁର,୨୯।୪(ସମିସ): ନୂଆକରି ଆରମ୍ଭ ହୋଇଥିବା ବିରିପଟା କୃଷି ସମବାୟ ସମିତିରେ ଚାଷୀଙ୍କ ଠାରୁ ଧାନ କିଣାରେ ସମ୍ପାଦକଙ୍କର ପ୍ରାୟୋପ୍ରାତି ପୋଷଣ ଅଭିଯୋଗ ଆସୁଛି। ଗୋଟିଏ ପରିବାରକୁ ସମ୍ପାଦକଙ୍କର ରହିଛି ଅହେତୁକ ଅନୁକମ୍ପା। ଚଳିତ ବର୍ଷ ଧାନ ବିକା ଲାଗି ଚାଷୀଙ୍କୁ ଅଳ୍ପ ପରିମାଣରେ ଧାନ ଟୋକନ୍ ମିଳୁଥିବା ବେଳେ ସମ୍ପାଦକଙ୍କ ସହାନୁଭୂତିରୁ ଗୋଟିଏ ପରିବାରକୁ ମିଳିଛି ୪୩୦ କ୍ୱିଣ୍ଟାଲ ଧାନ କିଣା ଟୋକନ। ସ୍ୱଳ୍ପ ଏକର ଚାଷଜମି ଥାଇ ଏକ ପରିବାରରୁ ଦୁଇଭାଇ, ମାଆ, ବାପା, ପୁଅ, ଆଦି ମିଶାଇ ୫ ଜଣ ବିକିଛନ୍ତି ୪୩୦ କ୍ୱିଣ୍ଟାଲ ଧାନ। ଅଭିଯୋଗ ଅନୁସାରେ ଏହି ପ୍ୟାକ୍‌ରେ ହିତାଧିକାରୀ ସୁମନ ନାୟକ (ପି-ଦିଲ୍ଲୀପ ନାୟକ) ୧୫୦ କ୍ୱିଣ୍ଟାଲ, ଅମନ ନାୟକ (ପି-ଦିଲ୍ଲୀପ ନାୟକ) ୭୦ କ୍ୱିଣ୍ଟାଲ, କିରଣବାଳା ନାୟକ (ସ୍ୱାମୀ-ଦିଲ୍ଲୀପ ନାୟକ) ୭୬ କ୍ୱିଣ୍ଟାଲ, ପ୍ରଦୀପ ନାୟକ (ପି-ବିନୋଦ ନାୟକ) ୭୫ କ୍ୱିଣ୍ଟାଲ ଓ ଶୁଭମ୍ ନାୟକ (ପି- ପ୍ରଦୀପ ନାୟକ) ୫୫ କ୍ୱିଣ୍ଟାଲ; ସର୍ବମୋଟ ଏକ ପରିବାରର ୪୩୦ କ୍ୱିଣ୍ଟାଲ ଧାନ ବିକ୍ରୟ କରିଛନ୍ତି। ସରକାରଙ୍କ ନିୟମ ଅନୁସାରେ ଏକ ଏକର ଖରିଫ ଜମି ଥିବା ଚାଷୀ ୩୩ କ୍ୱିଣ୍ଟାଲ ଧାନ ଦେଇପାରିବ। କିନ୍ତୁ ନାମମାତ୍ର ଜମିଥିବା ଏହି ପରିବାରକୁ କିପରି ଏତେ ଅଧିକ ଧାନ ବିକ୍ରି ଟୋକନ ମିଳିଲା ତାହା ତଦନ୍ତ ସାପେକ୍ଷ। କିପରି ଏହା ସମ୍ଭବ ହେଲା ବୋଲି ଚାଷୀ ମାନେ ପ୍ରଶ୍ନ କରିଛନ୍ତି। ତୁରନ୍ତ ବିଭାଗୀୟ ଅଧିକାରୀ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀମାନେ ଦାବି କରିଛନ୍ତି।

## ସୂଚନା ଅଧିକାର ଅଭିଯାନ ତରଫରୁ ପୁରସ୍କାର ବିତରଣ



ଯାଜପୁର,୨୯।୪(ସମିସ): ସୂଚନା ଅଧିକାର ଆଇନ ବିଷୟରେ ଦ୍ୱାଦଶ ଓ ସ୍ନାତକ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ଲକ୍ଷ୍ୟ ନେଇ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା) ର ଯାଜପୁର ଜିଲ୍ଲା ଶାଖା ତରଫରୁ ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଓଡ଼ିଆ ଓ ଇଂରାଜୀ ଭାଷାରେ ବକ୍ତୃତା ଓ ରଚନା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ୭୧ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୧ ଜଣ ଛାତ୍ରଛାତ୍ରୀ ଉକ୍ତ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ବୁଧବାର ସ୍ଥାନୀୟ ଗୌତମବୁଦ୍ଧ ସଂସ୍କୃତି ଭବନରେ ପୁରସ୍କାର ବିତରଣ କରାଯାଇଥିଲା। ଓସାର ଯାଜପୁର ଜିଲ୍ଲାର ସଭାପତି କାଳନ୍ଦୀ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ପୁରସ୍କାର ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜ, ମୁଖ୍ୟବକ୍ତା ଭାବେ ଓଡ଼ିଶା ରାଜ୍ୟ ନ୍ୟାୟାଳୟର ଆଇନଜୀବୀ କ୍ଷିରୋଦ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଓସାର ରାଜ୍ୟ ଆବାହକ ପ୍ରଦୀପ କୁମାର ପ୍ରଧାନ, ବିଶିଷ୍ଟ ମାନବାଧିକାର କର୍ମୀ ଶ୍ରୀଅଖଣ୍ଡ, ଆଇନଜୀବୀ ସମରେନ୍ଦ୍ର ଦାସ, ସୁଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ପ୍ରମୁଖ ଯୋଗ ଦେଇଥିଲେ। ଓସାର ଯାଜପୁର ଜିଲ୍ଲା ସଦସ୍ୟ ସୀମାନ୍ତ କୁମାର ପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥବା ବେଳେ ତାରିଣୀ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଓସାର ଯାଜପୁର ଜିଲ୍ଲା ସଦସ୍ୟ ବାବୁଲି ପାତ୍ର, କାଳନ୍ଦୀ ମଲ୍ଲିକ(୨), ପୁଷ୍ପଲତା ନାୟକ, ଅଭିରାମ ଦାସଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଓକିଲ ସଂଘରେ ଉତ୍କଳ ଗୌରବଙ୍କ ଜୟନ୍ତୀ

ବରୀ,୨୯।୪(ସମିସ): ବରୀ ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ବରୀ ତହସିଲ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଓକିଲ ସଂଘର ସଭାପତି ଆଇନଜୀବୀ ରାଜକିଶୋର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବରୀପାଳ ତଥା ଦେୱାନୀ ବିଚାରପତି ଅନୁଶ୍ରୀ ଜେନା ଓ ମୁଖ୍ୟବକ୍ତା ତହସିଲଦାର ଦିପ୍ତିମୟୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସଂଘର ଉପସଭାପତି ହରିଶ ଚନ୍ଦ୍ର ଧଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ବାବାଜୀ ଚରଣ ଜେନା ବିବରଣୀ ପାଠ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଇନଜୀବୀ ଚିତ୍ତରଞ୍ଜନ ଓଝା, ତପନ କୁମାର ଜେନା, ବାଞ୍ଛାନିଧି ସାହୁ, ଧୀରେନ୍ଦ୍ର ସ୍ୱାଇଁ, ଗୁଣନିଧି ନାୟକ, ସଂଯୁକ୍ତା ସେଠୀ, ଅଜାମ୍ବର ମଲ୍ଲିକ, ତପନ ସାହୁ, ବନବିହାରୀ ରାୟ, ସମାଜସେବୀ ଆଶୁତୋଷ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ମଧୁସୂଦନ ଦାସଙ୍କ ଜୀବନୀ ଉପରେ ମତ ରଖିଥିଲେ। ଏହି ଅବସରରେ ଏକ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ଅଭିଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରୀ ଅଞ୍ଚଳର ଶିକ୍ଷାବିତ, ବୁଦ୍ଧିଜୀବୀ, ବିଭିନ୍ନ ରାଜନୈତିକ ଦଳର ଲୋକ ପ୍ରତିନିଧି, ଛାତ୍ର, ମହିଳା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଆଇନଜୀବୀ ପ୍ରଶାନ୍ତ କୁମାର ବେଉରା ଧନ୍ୟବାଦ ଅର୍ପଣ କରିଥିଲେ।

### କଳିଙ୍ଗନଗରରେ ସମୀକ୍ଷା କଲେ ଅତିରିକ୍ତ ମୁଖ୍ୟ ଶାସନ ସଚିବ

# ଭୂମି ବିକାଶ, ଭିତ୍ତିଭୂମି ଓ ଶିଳ୍ପ ସମ୍ପ୍ରସାରଣ ଉପରେ ଗୁରୁତ୍ୱ

ଯାଜପୁର,୨୯।୪(ସମିସ):



ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଇଡ୍‌କୋ ଅଧ୍ୟକ୍ଷା ଉଷା ପାଢ଼ୀ ଆଜି ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଏକ ବ୍ୟାପକ କ୍ଷେତ୍ରସ୍ତରୀୟ ପରିଦର୍ଶନ କରି ଭୂମି ବିକାଶ, ରଣନୈତିକ ଭିତ୍ତିଭୂମି ପଦକ୍ଷେପ ଓ ଜିଲ୍ଲାର ସହରାଞ୍ଚଳ ବିକାଶ ପ୍ରକଳ୍ପମାନଙ୍କର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ପରିଦର୍ଶନର ମୂଳ ଉଦ୍ଦେଶ୍ୟ ଥିଲା ଶିଳ୍ପ ଅଭିବୃଦ୍ଧି ଓ ସହରାଞ୍ଚଳ ଭିତ୍ତିଭୂମି ମଧ୍ୟରେ ସମନ୍ୱୟ ସୃଷ୍ଟି କରି ଏକ ସୁସଂଘଟିତ ଓ ନିବେଶ-ଅନୁକୂଳ ପରିବେଶ ଗଢ଼ି ତୋଳିବା। ପରିଦର୍ଶନ କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳର ପ୍ରାୟ ୬୦୦ ଏକର ଜମିର ଅନୁଧ୍ୟାନରୁ ଆରମ୍ଭ ହୋଇଥିଲା। ଯେଉଁଠାରେ ଭୂମି ବିକାଶର ଅବସ୍ଥା, ଲେଆଉଟ୍ ପ୍ଲାନିଂ ଏବଂ ଭବିଷ୍ୟତ ଶିଳ୍ପ ନିବେଶ ପାଇଁ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ଏହାସହ ସେ ଶିଳ୍ପ ସମ୍ପ୍ରସାରଣ ପାଇଁ ଏହି ଅଞ୍ଚଳଗୁଡ଼ିକର ସମ୍ଭାବନା, ଭିତ୍ତିଭୂମି ସୁବିଧା ଓ ସଂଯୋଗ ସୃଷ୍ଟିର ପରିସ୍ଥିତି ଉପରେ ମୂଲ୍ୟାଙ୍କନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଅମ୍ବର କର, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ଶ୍ରୀମତୀ ପାଢ଼ୀ ଟାଟା ଷ୍ଟିଲର ଡିବି ପ୍ଲଟ୍ ନଂ. ୨ ପରିଦର୍ଶନ କରିଥିଲେ। ସେଠାରେ ଶିଳ୍ପ ସଂସ୍ଥାପନାର ପ୍ରଗତି, ଭିତ୍ତିଭୂମି ସୁବିଧା ଓ ଲଜିଷ୍ଟିକ୍ସ ସମ୍ବନ୍ଧୀୟ ବିଷୟରେ ଜିଲ୍ଲା ପ୍ରଶାସନ ଓ ଟାଟା ଷ୍ଟିଲ୍ ପକ୍ଷରୁ ତାଙ୍କୁ ବିସ୍ତୃତ ସୂଚନା ଦିଆଯାଇଥିଲା। ଶିଳ୍ପାଞ୍ଚଳ ସମୀକ୍ଷା ସହିତ ସେ ଜିଲ୍ଲାରେ ଚାଲିଥିବା ବିଭିନ୍ନ ସହରାଞ୍ଚଳ ବିକାଶ ପ୍ରକଳ୍ପ ଓ ରାଜ୍ୟ ସରକାରଙ୍କ ଫ୍ଲାଗସିପ୍ ଯୋଜନାମାନଙ୍କର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ। ବିଶେଷକରି ପାଣି ଯୋଗାଣ, ସ୍ୱଚ୍ଛତା, ସହରୀ ସଡ଼କ ଓ ଡ୍ରେନେଜ୍ ନେଟୱର୍କ, ଏବଂ ସହରୀ ଜୀବନ ମାନ ଉନ୍ନତି ପାଇଁ ଚାଲିଥିବା ପଦକ୍ଷେପଗୁଡ଼ିକର ଗତି ବଢ଼ାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ନୂତନ ଶିଳ୍ପ ସହରଗୁଡ଼ିକରେ 'ଲିଭେବିଲିଟି' ବୃଦ୍ଧି ଏବଂ ନାଗରିକ ସେବାର ଗୁଣାତ୍ମକ ଉନ୍ନତିକୁ ସେ ଅତ୍ୟାବଶ୍ୟକ ବୋଲି ଉଲ୍ଲେଖ କରିଥିଲେ। ପରେ କେଏନ୍‌ଡିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ସେ ଅଧ୍ୟକ୍ଷତା କରିଥିଲେ। ବୈଠକରେ କଳିଙ୍ଗନଗର ଜାତୀୟ ଶିଳ୍ପ କରିଡରର ଦ୍ରୁତ ବିକାଶ ପାଇଁ ଆଗାମୀ ରୋଡମ୍ୟାପ୍ ଉପରେ ଚର୍ଚ୍ଚା ହୋଇଥିଲା। ଜମି ଆବଣ୍ଟନ ପ୍ରକ୍ରିୟାର ସରଳୀକରଣ, ଭିତ୍ତିଭୂମି ଯୋଗାଣର ସମୟୋପଯୋଗୀ ସୁନିଶ୍ଚିତତା, ଏବଂ ଶିଳ୍ପ ଅଭିବୃଦ୍ଧି ସହ ସହରୀ ସେବାମାନଙ୍କର ସମନ୍ୱୟ ବୃଦ୍ଧି ପାଇଁ ଜିଲ୍ଲାପାଳ, ଇଡ୍‌କୋ ଅଧିକାରୀ ଓ ଜିଲ୍ଲା ବିନିଯୋଗ ପ୍ରୋତ୍ସାହନ ଏଜେନ୍ସି ସହ ବିସ୍ତୃତ ଆଲୋଚନା ହୋଇଥିଲା। ଶ୍ରୀମତୀ ପାଢ଼ୀ କ୍ଷେତ୍ର ସ୍ତରରେ ନିୟମିତ ମନିଟରିଂ, ଆନ୍ତଃ-ବିଭାଗୀୟ ସମନ୍ୱୟ ଓ ଦ୍ରୁତ ସିଦ୍ଧାନ୍ତ ଗ୍ରହଣକୁ ଶିଳ୍ପ ଓ ସହରାଞ୍ଚଳ ଅଭିବୃଦ୍ଧିର ମୂଳ ଆଧାର ବୋଲି ଉଲ୍ଲେଖ କରିଥିଲେ। ସେ ଏହାକୁ ମଧ୍ୟ ଉପସ୍ଥାପନ କରିଥିଲେ ଯେ, ଓଡ଼ିଶାରେ ଏକ ସ୍ଥାୟୀ, ସୁଦୃଢ଼ ଓ ପୁଞ୍ଜିନିବେଶ-ଅନୁକୂଳ ପରିବେଶ ସୃଷ୍ଟି ପାଇଁ ଶିଳ୍ପ ଭିତ୍ତିଭୂମି ସହ ସହରାଞ୍ଚଳ ସେବାର ସମନ୍ୱିତ ବିକାଶ ଅତ୍ୟାବଶ୍ୟକ। ଏହି ପରିଦର୍ଶନ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷେତ୍ରସ୍ତରୀୟ ନିରୀକ୍ଷଣକୁ ସୁଦୃଢ଼ କରିବା, ପ୍ରକଳ୍ପଗୁଡ଼ିକର ଦ୍ରୁତ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ଏବଂ ଓଡ଼ିଶାକୁ ଏକ ପ୍ରମୁଖ ଶିଳ୍ପ ଓ ସହରାଞ୍ଚଳ ବିକାଶ କେନ୍ଦ୍ର ଭାବେ ପରିଣତ କରିବା ଦିଗରେ ରାଜ୍ୟର ଦୃଢ଼ ସଙ୍କଳ୍ପକୁ ପ୍ରତିଫଳିତ କରିଛି।

## ମମତା ଗୃହ ନିର୍ମାଣରେ ଅନିୟମିତତାକୁ ନେଇ ଅଭିଯୋଗ

ବଡଚଣା,୨୯।୪(ସମିସ): ବଡ଼ଚଣା ବ୍ଲକ ମାଣ୍ଡୁକା ପଞ୍ଚାୟତ ପଦ୍ମନାଭପୁର ଗ୍ରାମର ୱାର୍ଡ ନଂ ୬ (ଅସିଳା) ଓ ୱାର୍ଡ ନଂ ୭ (ପଦ୍ମନାଭପୁର) ଠାରେ ଦୁଇଟି ମମତା ଗୃହ ନିର୍ମାଣ କରାଯାଉଛି। ଏହି ଦୁଇଟି ଜାଗାରେ ସରକାରୀ ନିୟମର ବ୍ୟତିକ୍ରମ ଦେଖିବାକୁ ମିଳିଛି। ତିନୋଟି କାନ୍ଥରେ ନିର୍ମାଣ ହେଉଛି ଏହି ପ୍ରକଳ୍ପ। ୱାର୍ଡ ନଂ ୬ (ଅସିଳା) ଠାରେ ସ୍ଥାନୀୟ ବିଦ୍ୟାଳୟକୁ ଲାଗି ଏହି ଗୃହ ନିର୍ମାଣ କରାଯାଇଥିବା ବେଳେ ଏଯାବତ୍ ପ୍ରାୟତଃ ସମ୍ପୂର୍ଣ୍ଣ କାର୍ଯ୍ୟ ସରିଯାଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। କିନ୍ତୁ ୱାର୍ଡ ନଂ. ୭ ପଦ୍ମନାଭପୁର ଠାରେ ଏହି ପ୍ରକଳ୍ପ ବର୍ତ୍ତମାନ ନିର୍ମାଣାଧୀନ ରହିଅଛି। ତିନୋଟି କାନ୍ଥରେ ନିର୍ମିତ ଏହି ଗୃହଟି ଛାତ ପର୍ଯ୍ୟନ୍ତ ହୋଇ ଗଲାଣି। କିନ୍ତୁ ସୂଚନା ଫଳକ ଟିଏ ମରାଯାଇନାହିଁ। ପଦ୍ମନାଭପୁର ଗ୍ରାମର ୱାଡର୍ ନଂ ୭ରେ ନିର୍ମାଣାଧୀନ ମମତା ଗୃହଟିର ଜମି ଜୈନିକ ବ୍ୟକ୍ତିଗତ ଲୋକଙ୍କ ନାମରେ



ରହିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଯୁବକଙ୍କ ଅଭିଯୋଗ ମୁତାବକ ସ୍ଥାନୀୟ ଲୋକଙ୍କୁ ଅନ୍ଧାରରେ ରଖି ଅଧିକାରୀ ମାନେ ଏହି ପ୍ରକଳ୍ପ ମାଧ୍ୟମରେ ସରକାରୀ ଅର୍ଥ ବାଟ ମାରଣ କରିବା ଯୋଜନା କରୁଛନ୍ତି। ଏ ନେଇ କନିଷ୍ଠ ଯନ୍ତ୍ରୀ ପୁଷ୍ପାଞ୍ଜଳି ସାହୁଙ୍କୁ ପଚାରିବାରୁ ଏହା ସମ୍ପୂର୍ଣ୍ଣ ବେଆଇନ ବୋଲି ମାନିବା ସହ ଏହାର ବିଲ୍ ବନ୍ଦ କରାଯିବ ବୋଲି କହିଛନ୍ତି। ମଙ୍ଗଳବାର ବିଜେଡି ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ସାମଲ, ପ୍ରଦୀପ୍ତ କୁମାର ମହାନ୍ତି, ସନ୍ତୋଷ ଜେନା, ସୁଜିତ କୁମାର ରାଉତ, ମାନସ ରାଉତ, ଲାସିତି ପରିଡ଼ା, ପ୍ରତାପ ବେହେରା, ରଞ୍ଜନ ଦାସ, ବିକାଶ ରାଉତ, ତାପସ ରାଉତଙ୍କ ସମେତ ଅନେକ ଯୁବକ ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁପସ୍ଥିତ ହେତୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ଞାନଦା ନାୟକଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରି ଅଭିଯୋଗ କରିଛନ୍ତି। ବିଡିଓ ରବୀନ୍ଦ୍ର ପ୍ରଧାନଙ୍କ ସହ ଆଲୋଚନା କରି ଉଚିତ ପଦକ୍ଷପ ଗ୍ରହଣ କରିବା ପାଇଁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ଞାନଦା ନାୟକ କହିଛନ୍ତି। ଏ ନେଇ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯାଏ ତେବେ ସଂପୃକ୍ତ କନିଷ୍ଠ ଯନ୍ତ୍ରୀ ତଥା ଅନ୍ୟ ଅଧିକାରୀ ମାନଙ୍କ ବିରୋଧରେ ଆଇନଗତ ପଦକ୍ଷପ ନିଆଯିବ ବୋଲି ଯୁବକ ମାନେ ଚେତାବନୀ ଦେଇଛନ୍ତି।

## ଶ୍ରୀଗୁରୁ ଅନନ୍ତ ଆଶ୍ରମରେ ଯଜ୍ଞୋତ୍ସବ

କୟାଁଗୋଲା,୨୯।୪(ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ ନନ୍ଦୀପୁର ପଞ୍ଚାୟତର ସେନନ୍ଦା- ମିର୍ଜାପୁର (ଷଡ଼ଙ୍ଗୀ



ସାହି) ଶ୍ରୀଗୁରୁ ଅନନ୍ତ ଆଶ୍ରମରେ ୬୦ତମ ଯଜ୍ଞୋତ୍ସବ ପାଳିତ ହୋଇଯାଇଛି। ମଙ୍ଗଳବାର ସକାଳ ୭ ଘଟିକା ସମୟରେ ପ୍ରଭାତ ଫେରି, ପତାକା ଉତ୍ତୋଳନ ସହ ଯଜ୍ଞ ଆରମ୍ଭ କାର୍ଯ୍ୟକ୍ରମ କରାଯାଇଥିଲା। ରାତି ୭ ଘଟିକାରେ ଭଜନ, କୀର୍ତ୍ତନ, ପ୍ରବଚନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଆଖପାଖ ଅଞ୍ଚଳ ସହ ବିଞ୍ଝାରପୁର, ଦଶରଥପୁର, ବରୀ ବ୍ଲକରୁ ଯଜ୍ଞ ଦେଖିବା ପାଇଁ ଶହ ଶହ ଶ୍ରଦ୍ଧାଳୁ ଭକ୍ତମାନଙ୍କ ସମାଗମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନନ୍ତ ଆଶ୍ରମର ସଭାପତି ନିତ୍ୟାନନ୍ଦ କର, ସମ୍ପାଦକ ଶରତ ଚନ୍ଦ୍ର ସାମଲ, କୋଷାଧ୍ୟକ୍ଷ ବିଷ୍ଣୁ ଚରଣ ଧଳ ସଭ୍ୟ ସଭ୍ୟାଙ୍କ ମଧ୍ୟରେ ଆଶାଲତା, ଚନ୍ଦ୍ରଶେଖର ପଣ୍ଡା, ଅର୍ଜୁନ ଚରଣ ଦାସ, ହୃଷିକେଶ ବାରିକ, ନିମାଇଁ ଚରଣ ଷଡ଼ଙ୍ଗୀ, ମାଧବାନନ୍ଦ ଯେନାଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବଣମଲ୍ଲୀ ଅନୁଷ୍ଠାନରେ ମଧୁବାବୁଙ୍କ ଜୟନ୍ତୀ

କବାଟବନ୍ଧ,୨୯।୪(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ବୃନ୍ଦାଦେଇପୁର ସ୍ଥିତ ଅଗ୍ରଣୀ ସେବା ଅନୁଷ୍ଠାନ ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ଜୟଦେବ ଶତପଥୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିବା ସହ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଏହା ପରେ ଅନୁଷ୍ଠାନର ଉପଦେଷ୍ଟା ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମଲ୍ଲିକଙ୍କ ସଂଯୋଜନାରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୩୫ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ମଧୁ ବାବୁଙ୍କ ଜୀବନୀ ଓ ଅବଦାନ ବିଷୟରେ ଏକ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ପଦ୍ମନାଭ ଶତପଥୀ, କାହ୍ନୁ ଚରଣ ସାହୁ, ବିଷ୍ଣୁ ଚରଣ ଓଝା, ରଘୁନାଥ ବେହେରା, ଅନୁଷ୍ଠାନର ଉପସଭାପତି, ନିର୍ମାଲ୍ୟ କୁମାର ପ୍ରଧାନ, ସମ୍ପାଦକ ମାନସ ରଞ୍ଜନ ପ୍ରଧାନ, ସଦସ୍ୟ ଲାଲ ମୋହନ ଶତପଥୀ, ଅନ୍ତର୍ଯ୍ୟାମୀ ବେହେରା, ନିରୋଦ ଜେନା, ସିଦ୍ଧାନ୍ତ ପଲାଇ, ସମାଜସେବୀ ଲୋକନାଥ ପୁରୀ, ନିଷ୍କାନ୍ତ ଖଟୁଆ, ମହେଶ୍ୱର ଖଟୁଆ, ରଘୁନାଥ ଶତପଥୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ୟୁଜେଏ ପକ୍ଷରୁ ଧାରଣା ଓ ବିକ୍ଷୋଭ



ଯାଜପୁର,୨୯।୪(ସମିସ): ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ୬ ଦଫା ଦାବି ନେଇ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ପାଇଁ ସୁରକ୍ଷା ଆଇନ ପ୍ରଣୟନ, ଅନ୍ୟ ୨୨ଟି ରାଜ୍ୟପରି ଓଡ଼ିଶାରେ ବୃଦ୍ଧ ସାମ୍ବାଦିକମାନଙ୍କୁ ପେନସନ ପ୍ରଦାନ, ସ୍ୱାସ୍ଥ୍ୟ ବୀମା ଯୋଜନାରେ ପିତାମାତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନଙ୍କୁ ସାମିଲ, ରାଜ୍ୟରେ ପ୍ରେସ୍ ଏକାଡେମୀ ଗଠନ, ଅଧୀସ୍ୱୀକୃତି କମିଟିର ପୁନର୍ଗଠନ କରି ବ୍ଲକଠାରୁ ରାଜ୍ୟ ପର୍ଯ୍ୟନ୍ତ ସମସ୍ତ ସାମ୍ବାଦିକମାନଙ୍କୁ ସେଥିରେ ସାମିଲ କରିବା ପ୍ରଭୃତି ଦାବି ନେଇ ରାଜ୍ୟ ସଂଘ ଡାକରାରେ ରାଜ୍ୟବ୍ୟାପୀ ଚାଲିଥିବା ଏହି ପ୍ରତିବାଦ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ଜିଲ୍ଲା ସଭାପତି ହରିହର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ ସଂଯୋଜକ ମଦନ ପାଣି, ଜିଲ୍ଲା ସାଧାରଣ ସଂପାଦକ ପବିତ୍ର ରଞ୍ଜନ ମହାନ୍ତି, ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକ, ଆନନ୍ଦଚନ୍ଦ୍ର ସାହୁ, ରଙ୍ଗବଲ୍ଲଭ ସାହୁ, କୈଳାସଚନ୍ଦ୍ର ରାଉତ, ଅଞ୍ଜନ ପତି, ରବୀନ୍ଦ୍ର ସାମଲ, ପ୍ରଦୀପ ଚାନ୍ଦ, ଲମ୍ବୋଦର ଦଳବେହେରା, ଶିବନ କର, ପ୍ରଦୀପ ଜେନା, ଅଶୋକ ଦାସ, କପିଳେନ୍ଦ୍ର ରାଉତ, ଅଜିତ ମିଶ୍ର, ତ୍ରିଲୋଚନ ବେହେରା, ମନୋଜ ନାୟକ, ଜୟପ୍ରକାଶ ନାୟକ, ମନୋଜ ନାୟକ, ଦିବ୍ୟକାନ୍ତ କର, ଲିଙ୍ଗରାଜ ସାହୁ, ବିଦ୍ୟାଧର ବେହେରା, ବାଞ୍ଛାନିଧି ସାହୁ, ପ୍ରଦ୍ୟୁମ୍ନ ବୋଇତେଇ, ଅଭି ମିଶ୍ର, ମନ୍ମଥ ମହାରଣା, ଅଜୟ ବେହେରା, ଭରତ ନାୟକ, ଅଭିଷେକ ଦୀକ୍ଷିତ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଧାରଣା ସ୍ଥଳରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଗ୍ରହଣ କରିଥିଲେ।

### ରାଜ୍ୟସ୍ତରୀୟ ମଧୁବାବୁ ଜୟନ୍ତୀ ସମାରୋହ

# ୭ ୯ ଜଣଙ୍କୁ ଉତ୍କଳ ଗୌରବ ସମ୍ମାନ

ଯାଜପୁର,୨୯।୪(ସମିସ):

ଉତ୍କଳୀୟ ସ୍ୱାଭିମାନର ପ୍ରତୀକ ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଜନ୍ମଦାତା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାରସ୍ୱତ ସମାବେଶ ମଞ୍ଚ ଓ ଉତ୍କଳଗୌରବ ମଧୁସୂଦନ ଦାସ ଜନ୍ମବାର୍ଷିକୀ କମିଟି, ଯାଜପୁର ପକ୍ଷରୁ ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ସାରସ୍ୱତ ସମାବେଶ ମଞ୍ଚର ସଭାପତି ଘନ ପରିଡ଼ା ପୌରୋହିତ୍ୟ କରିଥିଲେ।



ଏହି ସମାରୋହରେ ମୁଖ୍ୟଅତିଥି ଭାବେ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଯୋଗଦେଇଥିବା ବେଳେ ଶିକ୍ଷାବିତ ଡ. ବଟକୃଷ୍ଣ ମହାପାତ୍ର ମୁଖ୍ୟବକ୍ତା, ଔପନ୍ୟାସିକ ଡା. ପ୍ରଶାନ୍ତ କୁମାର ବିଶ୍ୱାଳ, ଚିକିତ୍ସକ ଡା. ପ୍ରମୋଦ କୁମାର ଶତପଥୀ, ସାହିତ୍ୟିକ ରବୀନ୍ଦ୍ର କୁମାର ନାୟକ, ଶିକ୍ଷାବିତ୍ ଧରଣୀଧର ମହାପାତ୍ର ଓ ସୁରେନ୍ଦ୍ର କୁମାର ରାୟ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ସେକ୍ ଅବଦୁଲ ସାଜିଦ୍ ମଞ୍ଚ ନିମନ୍ତ୍ରଣ, ସାଂସ୍କୃତିକ ସମ୍ପାଦିକା ନିରୁପମା ପତି ସ୍ୱାଗତ ଭାଷଣ କରିଥିବା ବେଳେ ଡ. ରବୀନ୍ଦ୍ର କୁମାର ପରିଡ଼ା ଅତିଥି ପରିଚୟ ଓ ଅଧ୍ୟାପିକା ଡ. ମମତାମୟୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କବୟିତ୍ରୀ ନିରୁପମା ପତିଙ୍କ ପ୍ରବନ୍ଧ ସଂକଳନ 'ଭିନ୍ନ ଦୃଷ୍ଟି ଏକ ସୃଷ୍ଟି' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟ, ଶିକ୍ଷା, ସମାଜସେବା, ସାହିତ୍ୟ ସାଧନା ଓ ଉତ୍ତମ ସମ୍ବାଦ ପରିବେଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

ସ୍ୱାସ୍ଥ୍ୟସେବା ପାଇଁ ଡା. ଗଙ୍ଗାଧର ମହାପାତ୍ର, ପ୍ରଫେସର ଡା. ସସ୍ମିତା ସ୍ୱାଇଁ, ଡା. ସୁପ୍ରକାଶ ଶତପଥୀ, ଡା. ମନୋଜ ସେନାପତି, ଡା. ଲର୍ଡ ବିକ୍ରମଜିତ୍ ରାଉତରାୟ, ଡା. ଶାନ୍ତିଲତା ମୁର୍ମୁ, ଡା. ପରମାନନ୍ଦ ମଲ୍ଲିକ, ସମାଜସେବା ପାଇଁ ଇଂ. ଅଲେଖ କୁମାର ଜେନା, ବରଦା ପ୍ରସାଦ ମହାପାତ୍ର, ବୀରେନ୍ଦ୍ର ମହାନ୍ତି, କେଦାର ଚନ୍ଦ୍ର ରାଉତ, ବନୋଜ କୁମାର ଜେନା, ସିତେଶ କୁମାର ପଣ୍ଡା, ଜୟନ୍ତୀ ଜେନା, ରୀତା ବେହେରା, ହିତାଂଶୁ ଶେଖର ସାମଲ, ନିରାକାର ସାହୁ, ଅକ୍ଷୟ କୁମାର ନାୟକ, ପ୍ରଦୀପ କୁମାର ଦାସ, ବିଶ୍ୱଜିତ ରାୟ, ପ୍ରଶାନ୍ତ କୁମାର ନାୟକ, କାମାକ୍ଷା ପ୍ରସାଦ ନନ୍ଦ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ପ୍ରତୀକ କୁମାର ମିଶ୍ର, ସରଫରାଜ ଖାଁ, ଶିକ୍ଷା ପାଇଁ ନିକୁଞ୍ଜ ବିହାରୀ ମହାପାତ୍ର, ନୀଳମଣି ନାୟକ, ଦେବ କୁମାର ରାଉତରାୟ, ରବିନାରାୟଣ ପାଣି, ସୁରେଶ ଚନ୍ଦ୍ର ବାରିକ, ରତନ୍‌ଲାଲ୍ ଭୂୟାଁ, ନବଘନ ସ୍ୱାଇଁ, ବିଜୟଭୂଷଣ ନନ୍ଦ, ସୌଦାମିନୀ ଜେନା, ସାହିତ୍ୟ ସାଧନା ପାଇଁ ଡ. ଶ୍ରୀହରି ଧଳ, ଇଂ. ସରୋଜ କୁମାର ମହାପାତ୍ର, ଶତ୍ରୁଘନ ତରାଇ, ଲକ୍ଷ୍ମୀପ୍ରିୟା ମହାପାତ୍ର, ନାରାୟଣ ଚନ୍ଦ୍ର ବିଶ୍ୱାଳ, ଡ. ବିଦ୍ୟୁତରେଖା ମହାପାତ୍ର, ରୁକ୍ମଣୀ ତ୍ରିପାଠୀ, ଲବଙ୍ଗଲତା ପରିଡ଼ା, ଉତ୍ତମ ସମ୍ବାଦ ପରିବେଷଣ ପାଇଁ ଉଦୟନାଥ ଖଣ୍ଡାଇ, ଅରୁଣ କୁମାର ରାଉତରାୟ, ବିରଜା କୁମାର ପାଣି, ସଇଫୁର ରହେମାନ, ଜିତେନ୍ଦ୍ର କର, ସଂଗୀତ ସାଧନା ପାଇଁ କଣ୍ଠଶିଳ୍ପୀ ମାଧବାନନ୍ଦ ଦାସ, ଲିପି ପଣ୍ଡା, କଳା ଓ ଐତିହ୍ୟ ପାଇଁ ଭାସ୍କର୍ଯ୍ୟ ଶିଳ୍ପୀ ପ୍ରଭାତ ରଞ୍ଜନ ମହାରଣା ପ୍ରମୁଖ ୭୯ ଜଣଙ୍କୁ ଉତ୍କଳ ଗୌରବ ମଧୁସୂଦନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ପଙ୍କପାଳରେ ଭାଗବତ ସପ୍ତାହ ଉଦ୍‌ଯାପିତ

ଯଖପୁରା,୨୯।୪(ସମିସ): ଦାନଗଦି ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତ ପଙ୍କପାଳ ଗ୍ରାମରେ ଥିବା ପ୍ରଭୁ ଶ୍ରୀ ଚନ୍ଦେନେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ପଞ୍ଚମ ବର୍ଷ ଭାଗବତ ସପ୍ତାହ (୨୩ରୁ ୨୮) ଅନୁଷ୍ଠିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଆୟୋଜିତ ଏହି ଭାଗବତ ସପ୍ତାହ ଓ ମହାଯଜ୍ଞ ପାଳନ କରାଯାଇଛି। ସାତଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ସୂର୍ଯ୍ୟପୂଜା, ହନୁମାନ ଚାଳିଶା ପଠନ, ପୂର୍ଣ୍ଣାହୁତି ଓ ଗ୍ରାମ ପରିକ୍ରମା ଭାଗବତ ସମାପ୍ତ ସହିତ ସମସ୍ତ ପୂଜା କାର୍ଯ୍ୟ ସମ୍ପାଦନା ହୋଇଥିଲା। ଏହି ଅବସରରେ ନାମ ସଂକୀର୍ତ୍ତନ, ଭଜନ ପରିବେଷଣ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟରେ ମାଣତିରା ମଣ୍ଡଳର ଚାରଣ ଗୋଷ୍ଠୀ ସହଯୋଗ କରିଥିଲେ। ସନ୍ଧ୍ୟାରେ ଏକ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ତ୍ତା ଭାବେ ପ୍ରଶାନ୍ତ ବାରିକ ଓ ଜ୍ୟୋତ୍ସ୍ନାରାଣୀ ବାରିକ କାର୍ଯ୍ୟ ସମ୍ପାଦନ କରିଥିଲେ।

## ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପାଣିକୋଇଲି,୨୯।୪(ସମିସ): ପାଣିକୋଇଲି ସ୍ଥିତ ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଯୁକ୍ତ ୩ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତିଙ୍କ ସଭାପିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଅଧ୍ୟାପକ ଡ. ପ୍ରତାପ ଚନ୍ଦ୍ର ତ୍ରିପାଠୀ, ମୁକ୍ତ ବକ୍ତା ଭାବେ ଅଧ୍ୟାପକ ମଦନ ମୋହନ ପାତ୍ର, ସମ୍ମାନୀତ ଅତିଥିଭାବେ ଅଧ୍ୟାପିକା ସାଗରିକା ରଥ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସୁକାନ୍ତି ପଲେଇ, ବଳରାମ ସାହୁ, ବିଶ୍ୱଜିତ ମଲ୍ଲିକ, ସୁମନ୍ତ ମଲ୍ଲିକ, ପ୍ରଭାକର ନାୟକ, ଇତଶ୍ରୀ ସାହୁଙ୍କ ସମେତ ଦ୍ୱିତୀୟ ଓ ଚତୁର୍ଥ ସେମିଷ୍ଟାରର ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ। ଶେରେ ଛାତ୍ରୀ ପୂଜାରାଣୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଯଦି ତୁମେ କିଛି ଶୁଣିବାକୁ ଚାହୁଁଛ, ତେବେ ଜଣେ ପୁରୁଷଙ୍କୁ ଅନୁରୋଧ କରିପାର, କିନ୍ତୁ ଯଦି କୌଣସି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଚାହୁଁଛ, ତେବେ ଜଣେ ମହିଳାଙ୍କ ସାହାଯ୍ୟ ନେଇପାର।

ମାର୍ଗାରେଟ୍ ଥାଚର

## ବ୍ୟବସ୍ଥାର ଚକ୍ରବ୍ୟୂହ

କୌଣସି ସଞ୍ଚୟ ଖାତାଧାରୀଙ୍କ ମୃତ୍ୟୁ ପରେ ତାଙ୍କ ଖାତାରେ ରହିଯାଇଥିବା ସଞ୍ଚିତ ଜମା ରାଶି ଉଠାଣ ପାଇଁ ଆମ ଦେଶରେ ପ୍ରଚଳିତ ବିଧିବ୍ୟବସ୍ଥାର ବାସ୍ତବତା କିଭଳି ତାହାର ଏକ ଉଦାହରଣ ଓଡ଼ିଶାର ଏକ ଅଖ୍ୟାତପଲ୍ଲୀ ଜାତୀୟସ୍ତରରେ ଉପସ୍ଥାପନ କରିଛି। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତର ଡିଆଁନାଳୀ ଗ୍ରାମନିବାସୀ ଜିତୁ ମୁଣ୍ଡା ତାଙ୍କ ଦିବଂଗତ ଭଉଣୀ କାଲାରା ମୁଣ୍ଡାଙ୍କ ନାମରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମଲ୍ଲୀପଶି ଶାଖା ଜମାଖାତାରେ ଥିବା ମାତ୍ର ୧୯, ୩୦୦ ଟଙ୍କା ଉଠାଣ ପାଇଁ ଶ୍ମଶାନର ମାଟି ଖୋଳି ଭଉଣୀର କଙ୍କାଳକୁ ବ୍ୟାଙ୍କ ଅଧିକାରୀଙ୍କ ଆଗରେ ରଖି ମୃତ୍ୟୁର ପ୍ରମାଣ ଦେବାକୁ ପଡ଼ିଛି। ଏହି ଘଟଣା ପରେ ମୃତ୍ୟୁ ପ୍ରମାଣପତ୍ର, ଉତ୍ତରାଧିକାରୀ ପ୍ରମାଣପତ୍ର ଆଦି ଔପଚାରିକତା ମାତ୍ର କିଛି ଘଣ୍ଟା ମଧ୍ୟ ପ୍ରସ୍ତୁତ ହୋଇଯାଇଛି ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷ ମଧ୍ୟ ଜିତୁଙ୍କୁ ତାଙ୍କ ପ୍ରାପ୍ୟ ପ୍ରଦାନ କରିଛନ୍ତି। ଏବେ ଜାତୀୟସ୍ତରରେ ଚର୍ଚ୍ଚିତ ଏହି ସମ୍ବେଦନଶୀଳ ଘଟଣା ପ୍ରାୟ ଦଶବର୍ଷ ପୁରୁଣା ଦାନ ମାଝୀ ଘଟଣାକୁ ସ୍ମରଣ କରାଇଛି। ଏବେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ଯେ ଶାସନ ଓ ପ୍ରଶାସନକୁ ଚେତାଇବା ପାଇଁ ଜିତୁ ମୁଣ୍ଡା ଓ ଦାନ ମାଝୀଙ୍କ ପରି ଉପକ୍ରମମାନ ନିୟମିତ ବ୍ୟବଧାନରେ ସୃଷ୍ଟି ହେବା ଜରୁରୀ କି?

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମଲ୍ଲୀପଶି ଶାଖା ଏକ ବ୍ୟତିକ୍ରମ ନୁହେଁ। ସାମଗ୍ରିକ ଭାବେ ଆମ ଦେଶର ବ୍ୟାଙ୍କିଙ୍ଗ ବିଧିବ୍ୟବସ୍ଥାର ବିଡ଼ମ୍ବନା ହେଲା ମେହୁଲ୍ ଚୋକ୍ସି, ନିରବ ମୋଦୀ, ବିଜୟ ମାଲ୍ୟାଙ୍କ ପରି ଧନାଢ଼୍ୟମାନେ ହଜାର ହଜାର କୋଟି ଟଙ୍କା ଆତ୍ମସାତ୍ କରି ସୁରକ୍ଷିତ ରହୁଥିବା ବେଳେ ଜିତୁ ମୁଣ୍ଡାଙ୍କ ପରି ଗରିବମାନେ ନିଜର କଷ୍ଟାର୍ଜିତ ସଞ୍ଚୟକୁ ଆବଶ୍ୟକ ସମୟରେ ଉଠାଣ ପାଇଁ କୋର୍ଟକଚେରି ଦୌଡ଼ି ଦୌଡ଼ି ନୟାନ୍ତ ହେବାକୁ ପଡୁଛି। ବ୍ୟାଙ୍କ ଅନ୍ତର୍ଭୁକ୍ତୀକରଣ ଲକ୍ଷ୍ୟର ଏହା ପରିପନ୍ଥୀ ହୋଇଥିଲେ ମଧ୍ୟ ଶାସନ ପ୍ରଶାସନର ସମ୍ବେଦନହୀନତା ଏଭଳି ଘଟଣାର ପୌନଃପୁନିକତାକୁ ବୃଦ୍ଧି କରିଚାଲିଛି। ମଲ୍ଲୀପଶି ଏକ ଅଖ୍ୟାତ ଅଞ୍ଚଳ ହୋଇଥିବାରୁ ସେଠାରେ ବ୍ୟାଙ୍କିଙ୍ଗ ସାକ୍ଷରତା ଆଶା କରାଯାଇପାରେନା। କିନ୍ତୁ ସହରାଞ୍ଚଳରେ ଶିକ୍ଷିତମାନେ ମଧ୍ୟ ବ୍ୟାଙ୍କ ଖାତାଧାରୀଙ୍କ ଅବର୍ତ୍ତମାନରେ ଜମା ଟଙ୍କା ଉଠାଣ କିମ୍ବା ବ୍ୟାଙ୍କ ଖାତା ବନ୍ଦ କରିବା ପାଇଁ କିଭଳି ନୟାନ୍ତ ହୁଅନ୍ତି ତାହା ଭୁକ୍ତଭୋଗୀ ନ ହୋଇଥିଲେ ଜାଣିବା କଷ୍ଟକର।

ବ୍ୟାଙ୍କ ଶାଖା ଓ ଡାକଘରମାନଙ୍କରେ ମିଆଦୀ ବା ସ୍ଥାୟୀ ଜମା କିମ୍ବା ସଞ୍ଚୟ ଖାତା ଜମା ରାଶିକୁ ସମ୍ପୃକ୍ତ ଖାତାଧାରୀଙ୍କ ଅବର୍ତ୍ତମାନରେ ଯେପରି ତାଙ୍କର ସମ୍ପର୍କୀୟ ବା ଉତ୍ତରାଧିକାରୀ ପାଇପାରିବେ ସେଥିପାଇଁ ନୋମିନି(ଅଧିକୃତ ଉତ୍ତରାଧିକାରୀ) ବ୍ୟବସ୍ଥା ରହିଛି। ଏହା କିନ୍ତୁ ଯେତେ ସରଳ ଲାଗୁଛି, ବାସ୍ତବତା ତା'ଠାରୁ କାହିଁ କେତେ ଅଧିକ ଜଟିଳ। ନୋମିନି ବା ଦାବିଦାରଙ୍କୁ କିଭଳି ତାଙ୍କ ପ୍ରାପ୍ୟ ପ୍ରଦାନ କରାଯିବ ସେଥିପାଇଁ ବିଭିନ୍ନ ବ୍ୟାଙ୍କର ଭିନ୍ନ ଭିନ୍ନ ନିୟମ ରହିଛି। ଜମାଖାତା(ପାସ୍‌ବୁକ୍)ରେ ନୋମିନିଙ୍କ ନାମ ଉଲ୍ଲେଖ ଥିଲେ ମଧ୍ୟ ଦାବି ବା ପ୍ରାପ୍ୟ ପ୍ରଦାନ କରିବାକୁ କେତେକ ବ୍ୟାଙ୍କ ଅତିକମ୍‌ରେ ଦୁଇଜଣ ବ୍ୟକ୍ତି(ଯାହାର ଆକାଉଣ୍ଟ ସେହି ବ୍ୟାଙ୍କରେ ଥିବା ବାଧ୍ୟତାମୂଳକ)ଙ୍କ ସାକ୍ଷ୍ୟ, ଦସ୍ତଖତ, ପରିଚୟପତ୍ର, ଆୟ ବିବରଣୀ ଆଦି ଦାଖଲ କରିବାକୁ ନୋମିନିଙ୍କୁ ବାଧ୍ୟ କରୁଛନ୍ତି। ପୁଣି ଆଉ କିଛି ବ୍ୟାଙ୍କରେ ସମ୍ପୃକ୍ତ ନୋମିନିଙ୍କୁ କୌଣସି ମାଜିଷ୍ଟ୍ରେଟ୍ କିମ୍ବା ପ୍ରଥମ ଶ୍ରେଣୀ ପାହ୍ୟାର ସରକାରୀ ଅଧିକାରୀ/ସାଂସଦ/ ବିଧାୟକ/ସରପଞ୍ଚ/ମୃତକଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ଠାରୁ ସାକ୍ଷ୍ୟ ଓ ଦସ୍ତଖତ ଆଣିବାକୁ ପଡୁଛି।

ସେହିଭଳି ଜମାଖାତା ଖୋଲିବା ପାଇଁ ଉଦ୍ଦିଷ୍ଟ ଆବେଦନପତ୍ର(ଫର୍ମ)ରେ କିମ୍ବା ପରବର୍ତ୍ତୀ ସମୟରେ ନୋମିନି ଫର୍ମରେ ନୋମିନିଙ୍କ ନାମ ଉଲ୍ଲେଖ ଥିଲେ ସୁଦ୍ଧା ତାହାର କମ୍ପ୍ୟୁଟରୀକରଣ ବା ଡିଜିଟାଲାଇଜେସନ୍ ବେଳେ ଯଦି 'ଲିଙ୍କ ଫେଲ୍ୟୁର' ଭଳି ସମସ୍ୟା ସୃଷ୍ଟି ହୁଏ ତେବେ ତାହା ରେକର୍ଡଭୁକ୍ତ ହୁଏ ନାହିଁ। କିନ୍ତୁ ଏ ବିଷୟରେ ସମ୍ପୃକ୍ତ ଖାତାଧାରୀ କିମ୍ବା ନୋମିନି ଜାଣିବାର ଅବକାଶ ରହେ ନାହିଁ। ସମ୍ପୃକ୍ତ ଖାତାଧାରୀଙ୍କ ମୃତ୍ୟୁ ପରେ ଖାତାରେ ଥିବା ଜମାରାଶି ଦାବି କରିବା ପାଇଁ ନୋମିନି ସମ୍ପୃକ୍ତ ବ୍ୟାଙ୍କରେ ଆବେଦନ କରିବା ବେଳେ ଅସଲ ସମସ୍ୟା ଜଣାପଡ଼େ। ସେଭଳି କ୍ଷେତ୍ରରେ ଜମା ଖାତାର ରାଶି ଯେତେ କମ୍ ବା ଅଧିକ ଥାଉ ନା କାହିଁକି ଦାବିଦାରଙ୍କୁ ସତ୍ୟପାଠ ବଣ୍ଡ, ଉତ୍ତରାଧିକାର ସ୍ୱୀକାରୋକ୍ତି ବଣ୍ଡ, ଇଣ୍ଡେମ୍‌ନିଟି ବଣ୍ଡ ଭଳି ଆଇନଗତ ଜଟିଳତାର ସମ୍ମୁଖୀନ ହେବା ଅନିବାର୍ଯ୍ୟ। ଉକ୍ତ ବଣ୍ଡଗୁଡ଼ିକ ପୁଣି ଏକାଧିକ ସାକ୍ଷ୍ୟଙ୍କ ହସ୍ତାକ୍ଷର ସନ୍ନିବେଶିତ ହେବା ବାଧ୍ୟତାମୂଳକ। ଏହାପରେ ଏ ଟେବୁଲ୍‌ରୁ ସେ ଟେବୁଲ୍ ହୋଇ ପ୍ରାପ୍ୟ ମିଳିବା ବେଳକୁ ସମ୍ପୃକ୍ତ ନୋମିନି ଇହଧାମରେ ଥିବେ କି ନାହିଁ ତାହା ସନ୍ଦେହରେ। ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ଆହୁରି ଏକ ବିଡ଼ମ୍ବନା ହେଉଛି ଉତ୍ତରାଧିକାରୀ ପ୍ରମାଣପତ୍ର ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ହେଉଥିଲେ ମଧ୍ୟ ବ୍ୟାଙ୍କ କିମ୍ବା ଡାକଘର ଶାଖାରେ ଅନେକ ସମୟରେ ତାହା ଗ୍ରହଣଯୋଗ୍ୟ ହୁଏ ନାହିଁ ଏବଂ ପୁଣି ଥରେ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ କିମ୍ବା ଜିଲ୍ଲା ଜଜ୍‌ଙ୍କ ଆଗରେ ଓକିଲଙ୍କ ଜରିଆରେ ବ୍ୟକ୍ତିଗତ ଭାବେ ହାଜର ହୋଇ ଉତ୍ତରାଧିକାରୀ ପ୍ରମାଣପତ୍ର ପାଇଁ ସତ୍ୟପାଠ କରିବାକୁ ହୁଏ। ଯଦି ମୃତକଙ୍କ ଆକାଉଣ୍ଟ ବା ଜମାଖାତାରେ ୧୦ ହଜାର ଟଙ୍କାରୁ କମ୍ ଅର୍ଥ ଥାଏ ତେବେ ଏଭଳି ଆଇନଗତ ଜଟିଳତାକୁ ଏଡ଼ାଇବା ପାଇଁ ଅନେକ ଦାବିଦାର ବରଂ ଦାବି ନ କରିବାକୁ ଉଚିତ ମନେ କରୁଛନ୍ତି।

ଯେଉଁ ଦେଶର ସହରୀ ଉଚ୍ଚଶିକ୍ଷିତମାନେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ଏଭଳି ଚକ୍ରବ୍ୟୂହରେ ପେଶି ହୋଇଯାଉଛନ୍ତି ଗ୍ରାମାଞ୍ଚଳର ଅର୍ଦ୍ଧଶିକ୍ଷିତ, ଅଳ୍ପଶିକ୍ଷିତ ଓ ନିରକ୍ଷରମାନଙ୍କର ଦଶା କ'ଣ ହେଉଥିବ ସହଜେ ଅନୁମେୟ। ଅନେକ ସମୟରେ ଦାବିଦାର ନଥିବା କାରଣରୁ ବିପୁଳ ପାଣ୍ଠି ଅନାଦେୟ ହୋଇ ପଡ଼ିରହୁଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଅପରପକ୍ଷରେ ଜିତୁ ମୁଣ୍ଡାଙ୍କ ପରି ଘଟଣାମାନଙ୍କୁ ଆମ ବ୍ୟବସ୍ଥା ଜନ୍ମ ଦେଉଛି। କେବଳ ବ୍ୟାଙ୍କିଙ୍ଗ ବା ଜମା ଖାତା ଦାବି ନୁହେଁ, ମୃତ୍ୟୁ ପ୍ରମାଣପତ୍ର, ଉତ୍ତରାଧିକାରୀ ପ୍ରମାଣପତ୍ର, ପେନ୍‌ସନ୍, ଜମି ପଟ୍ଟା ଆଦି ପାଇବା ପାଇଁ ମଧ୍ୟ ଅନୁରୂପ ଜଟିଳତାର ସାମ୍ନା କରିବାକୁ ପଡୁଛି। ମହାତ୍ମା ଗାନ୍ଧୀଙ୍କ 'ଟାଲିସ୍‌ମ୍ୟାନ୍' ମନ୍ତ୍ର କୁହେ ଯେ ନୀତି ନିର୍ଦ୍ଧାରକମାନେ କୌଣସି ନିଷ୍ପତ୍ତି କିମ୍ବା ଯୋଜନା କଲା ବେଳେ ପ୍ରଥମେ ଚିନ୍ତା କରନ୍ତୁ ଯେ ଏହାଦ୍ୱାରା ସମାଜର ସବୁଠାରୁ ପଛରେ ଥିବା ଦରିଦ୍ରତମ ଲୋକଟି ଏହାଦ୍ୱାରା କେତେ ଉପକୃତ ହେବ। କିନ୍ତୁ ଶାସନକେନ୍ଦ୍ରର ମୂଳ ଲକ୍ଷ୍ୟ ଯଦି କେବଳ କ୍ଷମତା ଆହରଣ ହୁଏ ସେଠାରେ ଦାନ ମାଝୀ ଓ ଜିତୁ ମୁଣ୍ଡା ଭଳି ଘଟଣାମାନ ଘଟିବାରେ ଅସ୍ୱାଭାବିକତା କିଛି ନାହିଁ; ସମ୍ବିଧାନ ପ୍ରଦତ୍ତ ଅନ୍ୟ ମୌଳିକ ଅଧିକାର ପ୍ରସଙ୍ଗ ବହୁ ଦୂରର କଥା, ଯାହା ଆଶା କରିବା ଅରଣ୍ୟରୋଦନ ଭଳି। ୭୮ ବର୍ଷ ପୁରୁଣା ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ବ୍ୟବସ୍ଥାଗତ ବିଡ଼ମ୍ବନାର ଏହାଠାରୁ ବଳି ବଡ଼ ଉଦାହରଣ ଆଉ କ'ଣ ହୋଇପାରେ?

# ସର୍ବନିମ୍ନ ମଜୁରି ଓ ଶ୍ରମଜୀବୀଙ୍କ ଯାତନା

ସନ୍ତୋଷ କୁମାର ମିଶ୍ର

ଡକ୍ଟର ବି ଆର ଆମ୍ବେଦକର ସ୍ୱାଧୀନ ଭାରତରେ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ଅନେକ ବ୍ୟବସ୍ଥା କରିଥିଲେ। ସେଥିମଧ୍ୟରୁ ଅନ୍ୟତମ ହେଉଛି ସର୍ବନିମ୍ନ ମଜୁରି ବ୍ୟବସ୍ଥା। ଦେଶ ସ୍ୱାଧୀନ ହେବା ପରେ ଶ୍ରମଜୀବୀମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଯେପରି ବ୍ୟବସ୍ଥା କରାଯାଇଥିଲା ତାହା ସେତେବେଳେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲା। କିନ୍ତୁ ଦେଶର ଅର୍ଥନୀତି ଯେତେ ବଡ଼ ହେଲା ଶ୍ରମିକମାନଙ୍କ ମୌଳିକ ଅଧିକାର ଧୀରେ ଧୀରେ ହଜିଗଲା। ଶ୍ରମିକମାନେ ଦୈନିକ ଆଠଘଣ୍ଟାରୁ ଊର୍ଦ୍ଧ୍ୱ ସମୟ କାର୍ଯ୍ୟ କରି ସୁଦ୍ଧା ନିଜର ମୌଳିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ସମର୍ଥ ହୋଇପାରନ୍ତି ନାହିଁ।

ଭାରତରେ ପ୍ରାୟ ଏକ ହଜାରରୁ ଅଧିକ ସର୍ବନିମ୍ନ ମଜୁରି ଦର ରହିଛି। ଗୋଟିଏ ପ୍ରକାରର କାର୍ଯ୍ୟ ଏବଂ ସମାନ କୁଶଳୀ ଶ୍ରମିକଙ୍କ ମଜୁରି ମଧ୍ୟରେ ୪୦ ଶତାଂଶରୁ ଅଧିକ ପ୍ରଭେଦ ରହିଛି। ଦିଲ୍ଲୀରେ ମାସିକ ସର୍ବନିମ୍ନ ମଜୁରି ୧୯, ୮୪୬ ଟଙ୍କା ଥିବା ବେଳେ ମାତ୍ର ପାଞ୍ଚ କିଲୋମିଟର ପରେ ନୋଏଡ଼ାରେ ସମାନ କାର୍ଯ୍ୟ ପାଇଁ ମଜୁରିରେ ପ୍ରାୟ ଛ' ହଜାର ଟଙ୍କାର ଫରକ ରହିଛି। ଛୋଟ ସହର, ବଡ଼ ସହର ଓ ମହାନଗରୀରେ ମଧ୍ୟ ଭିନ୍ନ ଭିନ୍ନ ପ୍ରକାରର ମଜୁରି ଦର ଦେଖାଯାଏ। ମୁମ୍ବାଇରେ ମାସିକ ସର୍ବନିମ୍ନ ମଜୁରି ୧୫, ୪୯୨ ଟଙ୍କା ଥିବା ବେଳେ ବେଙ୍ଗାଲୁରୁରେ ଏହା ୧୪, ୮୬୮ ଟଙ୍କା। ତାମିଲନାଡୁ ଓ ଗୁଜୁରାଟରେ ମାସିକ ସର୍ବନିମ୍ନ ମଜୁରି ଯଥାକ୍ରମେ ୧୨, ୨୦୪ ଟଙ୍କା ଓ ୧୧, ୫୩୨ ଟଙ୍କା। ଶ୍ରମବଳର ଅଧିକ ଚାହିଦା ସହିତ ବିଶେଷ ଭାବରେ ମହାନଗରୀରେ ଅଧିକ ମଜୁରି ହେତୁ ପ୍ରବାସୀ ଶ୍ରମିକମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଭାରତରେ ଏକକ ସର୍ବନିମ୍ନ ମଜୁରି ବ୍ୟବସ୍ଥା ବ୍ୟାପକ ଆଲୋଚିତ ବିଷୟ। କାରଣ ଏହା ଦେଶର ଲକ୍ଷ ଲକ୍ଷ ଶ୍ରମିକଙ୍କ ଜୀବିକାକୁ ସିଧାସଳଖ ପ୍ରଭାବିତ କରେ।

ଅବଧିକ ଶ୍ରମବଳ ସର୍ବେକ୍ଷଣର ବାର୍ଷିକ ବିବରଣୀ ୨୦୨୫ ଅନୁଯାୟୀ, ଭାରତର ମୋଟ ଶ୍ରମବଳର ଆକାର ୬୧.୬ କୋଟି। ଏହା ମଧ୍ୟରୁ ୯୦ ପ୍ରତିଶତ ବା ପ୍ରାୟ ୫୫ କୋଟି ଶ୍ରମଜୀବୀ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ। ୨୦୨୫ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଇ- ଶ୍ରମ ପୋର୍ଟାଲରେ ୩୦ କୋଟି ୬୮ ଲକ୍ଷ ଅଣସଂଗଠିତ ଶ୍ରମଜୀବୀ ନିଜକୁ ପଞ୍ଜିକୃତ କରିଛନ୍ତି। ଭାରତର ଜାତୀୟ ନିମ୍ନତମ ମଜୁରି ଦୈନିକ ମାତ୍ର ୧୭୮ ଟଙ୍କା। ୨୦୧୭ ରୁ ଏହା ଅପରିବର୍ତ୍ତିତ ରହିଛି। ଏହା ଏସିଆ-ପ୍ରଶାନ୍ତ ଅଞ୍ଚଳର ସର୍ବନିମ୍ନ ମଧ୍ୟରୁ ଅନ୍ୟତମ। ଚୀନରେ ଦୈନିକ ସର୍ବନିମ୍ନ ମଜୁରି ୧୧.୯ ଡଲାର ଥିବା ବେଳେ ଭିଏତନାମରେ ୬.୫ ଡଲାର ଓ ବାଂଲାଦେଶରେ ୩.୭ ଡଲାର। ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) ଓ ଶ୍ରମିକର ମୁଣ୍ଡପିଛା ଆୟର ଅନୁପାତ ମାତ୍ର ୨.୩ ପ୍ରତିଶତ, ଯାହା ବିଶ୍ୱର ସର୍ବନିମ୍ନ। ଅଷ୍ଟ୍ରେଲିଆ, ବ୍ରିଟେନ, ଜର୍ମାନୀ, ଦକ୍ଷିଣ କୋରିଆ, ବ୍ରାଜିଲ ଓ ଚୀନରେ ମାସିକ ସର୍ବନିମ୍ନ ମଜୁରି ଯଥାକ୍ରମେ ୨୪୦୦, ୨୨୦୦, ୨୧୦୦, ୧୮୦୦, ୨୪୦, ୩୯୦ ଆମେରିକୀୟ ଡଲାର ଥିବା ବେଳେ ଚୀନ ବ୍ୟତୀତ ଅନ୍ୟ ସମସ୍ତ ଉପରୋକ୍ତ ରାଷ୍ଟ୍ରରେ ସମାନ ରାଷ୍ଟ୍ରୀୟ ମଜୁରି ଦର ସ୍ଥିର କରାଯାଇଛି। ଜିଡିପି ଓ ମୁଣ୍ଡପିଛା ମଜୁରିର ଅନୁପାତ ଯଥାକ୍ରମେ ୪୭%, ୫୨%, ୪୮%, ୪୧%, ୩୧%, ୩୮%। ସେଠାରେ ସଂଗଠିତ କ୍ଷେତ୍ର ପରି ମୁଦ୍ରାସ୍ଫୀତି ସହିତ ସମନ୍ୱୟ ରଖି ମଜୁରି ସଂଶୋଧନ କରିବା ପାଇଁ ପଦ୍ଧତି ଅବଲମ୍ବନ କରାଯାଉଛି।

କେନ୍ଦ୍ର ସରକାର ନୂତନ ଶ୍ରମ ସଂହିତା ବଳରେ ସମଗ୍ର ଦେଶରେ ସମାନ ରାଷ୍ଟ୍ରୀୟ ମଜୁରି ସ୍ଥିର କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ଚଳିତ ବର୍ଷ ଏପ୍ରିଲ ପହିଲାରୁ ଏହାକୁ ସମଗ୍ର ଦେଶରେ ଲାଗୁ କରାଯାଇଛି। ନୂତନ ଶ୍ରମ ସଂହିତାର ଏକ ପ୍ରମୁଖ ଅଂଶ ହେଉଛି ମଜୁରି ସଂହିତା। ମଜୁରି ସଂହିତା ୨୦୧୯ ରେ ସଂସଦରେ ଗୃହୀତ ହୋଇ ସାରିଥିଲେ ମଧ୍ୟ ସମସ୍ତ ରାଜ୍ୟରେ ଏହାକୁ ଲାଗୁ କରାଯାଇ ପାରିନାହିଁ। ସମ୍ବିଧାନରେ ଶ୍ରମକୁ ଯୁଗ୍ମ ତାଲିକାରେ ସ୍ଥାନିତ କରାଯାଇଥିବାରୁ ରାଜ୍ୟମାନେ ନିଜର ଆଇନ ପ୍ରଣୟନ କରିବେ। କେନ୍ଦ୍ର ସରକାର ସମଗ୍ର ଦେଶରେ ସର୍ବନିମ୍ନ ମଜୁରି ସ୍ଥିର କରିବେ। ପ୍ରତ୍ୟେକ ରାଜ୍ୟ ନିଜର ଏକ ସର୍ବନିମ୍ନ ମଜୁରି ସ୍ଥିର କରିବେ, ଯାହାକି ରାଷ୍ଟ୍ରୀୟ ସର୍ବନିମ୍ନ ମଜୁରିଠାରୁ ନିଶ୍ଚିତ ଭାବରେ ଅଧିକ ରହିବ। ୨୦୨୫ ଜୁଲାଇ ସୁଦ୍ଧା ୩୨ ଟି ରାଜ୍ୟ ନିଜର ମଜୁରି ଆଇନର ଖସଡ଼ା ପ୍ରସ୍ତୁତ କରି ସାର୍ବଜନୀନ କରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ କେନ୍ଦ୍ର ସରକାର ଜାତୀୟ ଦୈନିକ ସର୍ବନିମ୍ନ ମଜୁରିକୁ ୧୭୮ ଟଙ୍କାରେ ସ୍ଥିର ରଖିଛନ୍ତି। ଅନ୍ୟ ଏକ ପ୍ରମୁଖ ଦୁର୍ବଳତା ହେଉଛି ସର୍ବନିମ୍ନ ମଜୁରି ଓ ମୁଦ୍ରାସ୍ଫୀତିର ହାର ସହିତ କୌଣସି ସମ୍ପର୍କ ନାହିଁ। ତେଣୁ ନୂତନ ଶ୍ରମ ସଂହିତା ଆଉ କିଛି ମାସ ପରେ ସମ୍ପୂର୍ଣ୍ଣ ଭାବରେ ସକ୍ରିୟ ହେଲେ ମଧ୍ୟ ଶ୍ରମଜୀବୀମାନଙ୍କ ମଜୁରିରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବାର ଆଶା କ୍ଷୀଣ।

ନୂତନ ଶ୍ରମ ସଂହିତାରେ ଗିଗ୍ କର୍ମଚାରୀ (ସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଅଣସଂଗଠିତ କର୍ମଜୀବୀ)ମାନଙ୍କୁ ମଧ୍ୟ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ସରକାରୀ ତଥ୍ୟ ଅନୁସାରେ ଭାରତରେ ପ୍ରାୟ ବର୍ତ୍ତମାନ ଦେଢ଼କୋଟିରୁ ଅଧିକ ଗିଗ୍ ଶ୍ରମଜୀବୀ କାର୍ଯ୍ୟ କରୁଛନ୍ତି। ୨୦୩୦ ବେଳକୁ ଭାରତରେ ସେମାନଙ୍କ ସଂଖ୍ୟା ସାଢ଼େ ଦୁଇ କୋଟିରୁ ଅଧିକ ରହିବ ବୋଲି ଆକଳନ କରାଯାଇଛି। କିନ୍ତୁ ସେମାନଙ୍କ ପାଇଁ ସର୍ବନିମ୍ନ ମଜୁରି ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେବା ପାଇଁ ଆଇନ ନାହିଁ। ଗିଗ୍ କର୍ମଚାରୀମାନେ କମ୍ପାନୀମାନଙ୍କ ଦ୍ୱାରା ଭୟଙ୍କର ଭାବରେ ଶୋଷଣର ଶିକାର ହେଉଛନ୍ତି। ଏହାର ପ୍ରତିବାଦରେ ଗତ ଡିସେମ୍ବର ୩୧ ଓ ଜାନୁୟାରୀ ପହିଲା ଦିନ ସମଗ୍ର ଦେଶରେ ଗିଗ୍ କର୍ମଚାରୀମାନେ ଆନ୍ଦୋଳନ କରି ସମସ୍ତ ପ୍ରକାରର ସେବାକୁ ବନ୍ଦ କରି ଦେଇଥିଲେ।

ଶ୍ରମିକମାନଙ୍କ ଉପଯୁକ୍ତ ମଜୁରି ବୃଦ୍ଧି କେବଳ ବ୍ୟକ୍ତିଗତ ଆର୍ଥିକ ପ୍ରଗତିରେ ସହାୟକ ହେବ ନାହିଁ, ପ୍ରକାରନ୍ତରେ ଏହା ବଜାରରେ ଚାହିଦାକୁ ବୃଦ୍ଧି କରିବ। କାରଣ ଭାରତର ଏହି ବର୍ଗ ସ୍ୱଳ୍ପ ଆୟକାରୀ ହୋଇଥିଲେ ମଧ୍ୟ ତାହାର ଏକ-ତୃତୀୟାଂଶ କେବଳ ନିଜର ଆବଶ୍ୟକତାକୁ ପୂରଣ କରିବା ପାଇଁ ବ୍ୟୟ କରିଥାଏ। କୃଷି କ୍ଷେତ୍ର ପରେ ଭାରତର ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକରେ ସର୍ବାଧିକ ଶ୍ରମବଳ ନିଯୁକ୍ତ ହୁଏ। ଏହି ଉଦ୍ୟୋଗଗୁଡ଼ିକ ଉପଯୁକ୍ତ ମଜୁରି ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରନ୍ତି। ଲଘୁ ଓ କ୍ଷୁଦ୍ର ଉଦ୍ୟୋଗ କ୍ଷେତ୍ରରେ ବ୍ୟାପକ ପ୍ରତିଯୋଗିତା, ବହୁତ ସ୍ୱଳ୍ପ ଲାଭାଂଶ ଓ ପୁଞ୍ଜି ନିବେଶ ଏହାର ଅନ୍ୟ ଏକ ପ୍ରମୁଖ କାରଣ।

ସରକାର ସର୍ବନିମ୍ନ ମଜୁରିକୁ ନୂତନ ଶ୍ରମ ସଂହିତାରେ ବୃଦ୍ଧି କରି ନ ଥିବା ବେଳେ ଶ୍ରମଜୀବୀମାନଙ୍କ ଆର୍ଥିକ ଅନଟନକୁ ଦୂର କରିବା ପାଇଁ କିଛି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ସରକାର କର୍ମଚାରୀ ରାଜ୍ୟ ବୀମା ନିଗମରେ ଶ୍ରମଜୀବୀମାନଙ୍କ ଯୋଗଦାନକୁ ବନ୍ଦ କରିବା ସହିତ ନିଯୁକ୍ତିଦାତାମାନଙ୍କ ଯୋଗଦାନକୁ ୩.୨% ରୁ ୧.୫% କୁ ହ୍ରାସ କରିବା ଆବଶ୍ୟକ। କାରଣ କର୍ମଚାରୀ ରାଜ୍ୟ ବୀମା ନିଗମରେ ୬୫ ହଜାର କୋଟି ଟଙ୍କା ବଳକା ରହିଛି ଏବଂ ଏହା ପ୍ରତ୍ୟେକ ଆର୍ଥିକ ବର୍ଷରେ ପ୍ରାୟ ଆଠ ହଜାର କୋଟିରୁ ନ ହଜାର କୋଟି ଟଙ୍କା ମଧ୍ୟରେ ବୃଦ୍ଧି ପାଉଛି। ଯେଉଁ ଶ୍ରମଜୀବୀମାନେ ମାସିକ ପନ୍ଦର ହଜାର ଟଙ୍କାରୁ କମ ଆୟ କରୁଛନ୍ତି ସେମାନଙ୍କ ପାଇଁ କର୍ମଚାରୀ ଭବିଷ୍ୟ ନିଧିରେ ଯୋଗଦାନ ୧୨ % ରୁ ହ୍ରାସ କରି ୮ % କରିବା ଆବଶ୍ୟକ। ଫଳରେ ସେମାନେ ଉତ୍କଟ ମହଙ୍ଗା ବଜାରରେ ବର୍ତ୍ତମାନ ପାଇଁ ନିଜର ଜରୁରୀ ଆବଶ୍ୟକତା ପୂରଣ କରି ପାରିବେ। ସୂକ୍ଷ୍ମ ଓ ଲଘୁ ଉଦ୍ୟୋଗଗୁଡ଼ିକ ପାଇଁ ସ୍ୱତନ୍ତ୍ର ଓ ସରଳ କର ନୀତି ଉପଯୁକ୍ତ ମଜୁରି ପ୍ରଦାନ କରିବା ପାଇଁ ସୁଯୋଗ ସୃଷ୍ଟି କରିପାରେ।

ଏହାସହିତ ମଜୁରି ପ୍ରଦାନରେ କମ୍ପାନୀମାନେ ସମସ୍ତ ପ୍ରକାରର ନିୟମକୁ ସଠିକ ଭାବରେ ପାଳନ କରୁଛନ୍ତି ନା ନାହିଁ ତାହାର ଏକ ଡିଜିଟାଲ ନିରୀକ୍ଷଣ ହେବା ଆବଶ୍ୟକ। ଅଣସଂଗଠିତ କ୍ଷେତ୍ରରେ ମଧ୍ୟ ମଜୁରିକୁ କେବଳ ବ୍ୟାଙ୍କକୁ ପଠାଯାଉ। ଏହାଦ୍ୱାରା ଶ୍ରମିକମାନେ ଉପଯୁକ୍ତ ମଜୁରି ପ୍ରାପ୍ତ କରି ପାରୁଛନ୍ତି ନା ନାହିଁ ତାହାର ସବିଶେଷ ତଥ୍ୟ ମିଳିପାରିବ। ନିୟମକୁ ଅନୁପାଳନ କରୁ ନ ଥିବା କମ୍ପାନୀମାନଙ୍କୁ ସହଜରେ ଠାବ କରାଯାଇ ଦଣ୍ଡିତ କରାଯାଇପାରିବ। ଅଣସଂଗଠିତ କ୍ଷେତ୍ରରେ ମଜୁରିକୁ ପ୍ରତି ଦୁଇବର୍ଷରେ ମୂଲ୍ୟ ବୃଦ୍ଧି ଅନୁସାରେ ସମନ୍ୱୟିତ କରାଯିବା ଉଚିତ୍। ତୃଣମୂଳ ସ୍ତରରେ ସରକାରଙ୍କ ନୀତିର ସଠିକ ଭାବରେ ଅବଲମ୍ବନ ଶ୍ରମିକମାନଙ୍କ ଜୀବନମାନ ଉନ୍ନତ କରିବା ସହିତ ଅର୍ଥନୈତିକ ବୃଦ୍ଧିକୁ ସମର୍ଥନ କରିବ।

ବେଲେଶ୍ୱର(କଟକ), ମୋ: ୯୪୩୭୨୨୮୪୬୪

# ଦାନ ମାଝୀଠାରୁ ଜିତୁ ମୁଣ୍ଡା ପର୍ଯ୍ୟନ୍ତ

ଅଧ୍ୟାପକ ଅଶୋକ ମହାରଣା

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମଲ୍ଲୀପଶି ଅଞ୍ଚଳର ଜିତୁ ମୁଣ୍ଡା। ଭଉଣୀ ଆରପାରିକି ଚାଲିଯିବା ପରେ ବ୍ୟାଙ୍କ ଖାତାରେ ସେ ସଞ୍ଚୟ କରିଥିବା ଟଙ୍କା ଉଠାଣ ପାଇଁ ବାରମ୍ବାର ବ୍ୟାଙ୍କକୁ ଦୌଡ଼ି ନୟାନ୍ତ ଓ ନିରାଶ ହୋଇପଡ଼ିଲେ। ଟଙ୍କା ଦେବାକୁ ବ୍ୟାଙ୍କ ଅଧିକାରୀ ଭଉଣୀ ମୃତ୍ୟୁର ପ୍ରମାଣପତ୍ର ଖୋଜିଲେ। ବିଚରା ଗରିବ ଜିତୁ ମୁଣ୍ଡା ଆଉ କ'ଣ ବା କରନ୍ତା। ମୃତ୍ୟୁ ପ୍ରମାଣ ପାଇଁ ମାଟି ତଳୁ ଖୋଳି ଭଉଣୀର ଗଳିତ ଶବକୁ ବୋହି ନେଇ ବ୍ୟାଙ୍କ ସମ୍ମୁଖରେ ରଖିଲା। ବ୍ୟାଙ୍କ ଅଧିକାରୀଙ୍କୁ ଭଉଣୀ ମୃତ୍ୟୁର ପ୍ରମାଣ ଦେବା ପାଇଁ ତା'ପାଖରେ ଅନ୍ୟ ରାସ୍ତା ନଥିଲା। ନିରକ୍ଷରତା ନା ମୃତ୍ୟୁ ପ୍ରମାଣପତ୍ର ଯୋଗାଡ଼ କରିବାର ଅକ୍ଷମତା, ନା ବାରମ୍ବାର ନିରାଶ ହୋଇ ଏଭଳି ଏକ କାର୍ଯ୍ୟକୁ ହାତକୁ ନେଇଥିଲା ଜିତୁ ମୁଣ୍ଡା? ଏହା ପ୍ରଶ୍ନବାଚୀରେ ରହିଥାଉ। ସତରେ ଏହା କ'ଣ ବିକଶିତ ଓଡ଼ିଶା ନା ବିକଶିତ ଭାରତ? ଡିଜିଟାଲ ଇଣ୍ଡିଆ ନା ପେପରଲେସ ୱାର୍କ(କାଗଜବିହୀନ କାମ)ର ନମୁନା? ମାନବିକତା ନା ମାନସିକତା? ବ୍ୟବସ୍ଥାରେ ତ୍ରୁଟି ନା ବ୍ୟବସ୍ଥାର ପରିବର୍ତ୍ତନ? ଏହି ସବୁ ପ୍ରଶ୍ନ ଉପରେ ଗୁରୁତ୍ୱ ଦିଆଯାଉ।

ଦାନ ମାଝୀ ପରେ ଜିତୁ ମୁଣ୍ଡା ଓଡ଼ିଶାବାସୀଙ୍କ ହୃଦୟରେ ଏକ ସ୍ପନ୍ଦନ ସୃଷ୍ଟି କରିଛି। ପ୍ରମାଣପତ୍ର ଅପେକ୍ଷା ମାନବିକତା ଆଧାରରେ ତଦନ୍ତ କରି ଟଙ୍କା ପ୍ରଦାନ ବ୍ୟବସ୍ଥା ମଧ୍ୟ କରାଯାଇପାରିଥା'ନ୍ତା। କିନ୍ତୁ ତା' ହୋଇ ନ ଥିଲା। ସାରା ଭାରତର ଗଣମାଧ୍ୟମରେ ଚହଳ ସୃଷ୍ଟି ପରେ ସଙ୍ଗେ ସଙ୍ଗେ ସମସ୍ୟାର ସମାଧାନ ହୋଇଗଲା। ଗୋଟିଏ ଘଣ୍ଟାରେ ମୃତ୍ୟୁ ପ୍ରମାଣପତ୍ର ମଧ୍ୟ ମିଳିଗଲା। ସରକାର ସେବା ଦେବାକୁ ଯେଉଁ ନୀତିନିୟମ ଏବଂ ଦିନ ଧାର୍ଯ୍ୟ କରିଛନ୍ତି ତା' ପାଳନ ହେଉଛି ତ? ଲୋକ ସେବା ପାଉଛନ୍ତି ତ? ଓଡ଼ିଶାରେ ଏମିତି କେତେ ଯେ ଜିତୁ ମୁଣ୍ଡା ରହିଛନ୍ତି, କିଏ ଜମି ପାଇଁ ତ କିଏ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ଓ ନିରାଶ ହେଉଛନ୍ତି। ସରକାରଙ୍କ ସୁବିଧା ନପାଇ ସର୍ବହରା ପାଲଟିବା ଲୋକଙ୍କ କଥା ଅଧିକ।

ଟଙ୍କା ନଥିବାରୁ ଦିନେ ଦାନ ମାଝୀ ପତ୍ନୀର ଶବକୁ କାନ୍ଧରେ ପକାଇ ଦଶ କିଲୋମିଟର ଚାଲି ଗାଁରେ ପହଞ୍ଚି ଥିଲା। ଅସହାୟତା, ଦୁଃଖ, ଦାରିଦ୍ର୍ୟ ହୁଏତ ଦାନ ମାଝୀକୁ ଏହା କରିବା ପାଇଁ ବିବଶ କରି ଦେଇଥାଇପାରେ। ଏଇଠି ପ୍ରଶ୍ନଉଠେ ଗାଡ଼ି ଭଡ଼ା ପାଇଁ ଗରୀବ ଲୋକଟି ଟଙ୍କା ପାଇବ କେଉଁଠୁ? ଟଙ୍କା ନ ଥିଲା ବୋଲି ତ କାନ୍ଧରେ ବୋହିବାକୁ ପଡ଼ିଲା। ସେବାରୁ ବଞ୍ଚିତ ହେଲା। ଯେଉଁଠି ପେଟର ଜ୍ୱାଳାରେ ଆମ୍ବ ଟାକୁଆ ଜାଉ ଅମୂଲ୍ୟ ପାଲଟେ ସେଠାରେ ଚିକିତ୍ସା ପାଇଁ ଟଙ୍କା ଏକ ଦିବା ସ୍ୱପ୍ନ। ସେତେବେଳେ ଦାନ ମାଝୀ ଗଣମାଧ୍ୟମର ଚର୍ଚ୍ଚିତ ଚେହେରା ଥିବା ବେଳେ ଏବେ ଜିତୁ ମୁଣ୍ଡା।

ସେମାନଙ୍କ ପୁଙ୍ଗୁଳା ଦେହ ରାଜ୍ୟର ବାସ୍ତବ ଚିତ୍ର, ଯାହା ଦେଶ ବିଦେଶରେ ବେଶ୍ ଚର୍ଚ୍ଚିତ। ଉଭୟଙ୍କର ଗୋଟିଏ ସମସ୍ୟା ଦରିଦ୍ରତା। ମାସକୁ ପାଞ୍ଚ କେଜି ଚାଉଳ ମିଳିଗଲେ ସମସ୍ୟାର ସମାଧାନ ହୋଇଯିବନି। ସମସ୍ତଙ୍କ ପାଇଁ ରୋଜଗାରର ସ୍ଥାୟୀ ସମାଧାନ ଦରକାର। କାମ ମିଳିଲେ ରୋଜଗାର ଆପେ ଆସିବ। ରୋଜଗାର ଆସିଲେ ସମସ୍ୟାର ସମାଧାନ ଆସିଯିବ। ଦରଦାମ ହ୍ରାସ ହେଲେ ଗରିବ ଲୋକର ଚୁଲିରେ ହାଣ୍ଡି ବସିବ। ଉଜ୍ଜ୍ୱଳା ଯୋଜନାରେ ମାଗଣାରେ ଗ୍ୟାସ ସିଲିଣ୍ଡର ମିଳିଲା; କିନ୍ତୁ ଗ୍ୟାସ କିଣିବା ପାଇଁ ତ ଟଙ୍କା ଦରକାର। ମାଗଣା ଔଷଧ, ମାଗଣା ଚିକିତ୍ସା, ମାଗଣା ଶିକ୍ଷା, ଶିକ୍ଷା ଅଧିକାର ଆଇନ, ମାଗଣାରେ ଛତା, ଯୋତା, ସାଇକେଲ ସବୁ ମିଳୁଛି। ତଥାପି ଦାନ ମାଝୀ ଓ ଜିତୁ ମୁଣ୍ଡା ଗରିବ କାହିଁକି?

ସମଗ୍ର ରାଜ୍ୟରେ ମଜୁରୀର ତାରତମ୍ୟ, ଦରଦାମ ବୃଦ୍ଧି, ରୋଜଗାରହୀନତା ମନୁଷ୍ୟକୁ ଅଧିକ ଗରିବ କରୁଛି। ଏମ୍‌ଜିଏନଆରଜିଏସ ମଜୁରୀ ଟଙ୍କାରେ କେହି କାମ କରିବାକୁ ରାଜି ନୁହନ୍ତି। କାରଣ ସ୍ଥାନୀୟ ମଜୁରୀ ତା' ଠାରୁ ଯଥେଷ୍ଟ ଅଧିକ। ରୋଜଗାରହୀନତା ଯୋଗୁଁ ଦାରିଦ୍ର୍ୟ ହ୍ରାସ ପାଉନାହିଁ, ବରଂ ବଢୁଛି। କିନ୍ତୁ କାଗଜପତ୍ରରେ ଦାରିଦ୍ର୍ୟ ହ୍ରାସ ପାଇଥିବା ଦର୍ଶାଯାଉଛି। ଟଙ୍କା ଥିଲେ ଗରୀବ ପେଟ ଅର୍ଦ୍ଧଭୁକ୍ତ ରହନ୍ତା ନାହିଁ। ଖଟିଆରେ କିମ୍ବା ଭାର କରି ରୋଗୀକୁ ଚିକିତ୍ସାଳୟକୁ ଆଣିବାକୁ ପଡ଼ନ୍ତା ନାହିଁ। ଚିକିତ୍ସା ଅଭାବରୁ ମହିଳାଟିଏ ରାସ୍ତାକଡ଼ରେ ପ୍ରସବ କରୁ ନ ଥା'ନ୍ତା କିମ୍ବା ମୃତ୍ୟୁମୁଖରେ ପଡୁ ନ ଥା'ନ୍ତା। ଅପପୁଷ୍ଟିର ଶିକାର ହୋଇ ଶିଶୁ ଅକ୍ଷମ ପାଲଟି ଯାଉ ନଥା'ନ୍ତା। ସମ୍ବଳ ଅଭାବରୁ ମାଆ ଜନ୍ମିତ ଶିଶୁକୁ ଶାଗମାଛ ଭଳି ବିକନ୍ତା ନାହିଁ କିମ୍ବା ଖାଦ୍ୟ ଅଭାବରୁ ମାଆ ପିଶାଚ ସାଜି ଶିଶୁଙ୍କ ତଣ୍ଟି ଚିପି କୂଅରେ ପକାଇ ଦିଅନ୍ତା ନାହି କି ବିଷ ଦେଇ ହତ୍ୟା କରନ୍ତା ନାହିଁ।

ଦାରିଦ୍ରତା, ଶିଶୁ ମୃତ୍ୟୁହାର, ମାତୃ ମୃତ୍ୟୁହାର, ଭିକ୍ଷା ବୃତ୍ତି, ଶିଶୁଶ୍ରମିକ ପ୍ରଥା, ଅପପୁଷ୍ଟି, ବାସହୀନତା ସମସ୍ୟା କେବଳ ସମ୍ବଳର ଅଭାବ ଯୋଗୁଁ ସୃଷ୍ଟି ହୋଇଥାଏ। ଭିତ୍ତିଭୂମିର ଅଭାବ ଦେଶର ବିକାଶ ପ୍ରତି କୁଠାରଘାତ। ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ବାସଗୃହ ସବୁଥିରେ ସଙ୍କଟ ସୃଷ୍ଟି କରୁଛି। ଗରୀବ ଆଦିବାସୀ, ଦିନ ମଜୁରିଆ, ଶ୍ରମିକ ଶ୍ରେଣୀଙ୍କ ନିକଟରେ ଅର୍ଥନୈତିକ ଭିତ୍ତିଭୂମି, ଶକ୍ତି, ପରିବହନ, ଯୋଗାଯୋଗ, ବ୍ୟାଙ୍କ, ବୀମା କ୍ଷେତ୍ର ହାର ମାନିଛି। ଏଠାରେ ପୁଅରେ ଦାୟ ନା ବାରଶହ ବଢ଼େଇରେ ଦାୟ ପାଇଁ ଧର୍ମପଦକୁ ବଳି ଦିଆଯାଉଛି। ବାରଶହ ବଢ଼େଇଙ୍କ ପାଇଁ ତୃଣମୂଳ ସ୍ତରରୁ ବିକାଶ ଦରକାର। ଗୋଟାଏ ସ୍ମାର୍ଟ ସିଟି କରିଦେଲେ ଓଡ଼ିଶାର ଦୁଃଖ ହଟିଯିବନି। ପ୍ରତି ଗାଁ ସ୍ମାର୍ଟ ସିଟି ହେବା ଦରକାର, ଯେଉଁଠାରେ ଥିବ ରାସ୍ତାଘାଟର ସୁବିଧା, ରୋଗ ପାଇଁ ଚିକିତ୍ସା, ରୋଜଗାର, ଶୁଦ୍ଧ ପାନୀୟ ଜଳ, ସମସ୍ତଙ୍କ ପାଇଁ ଖାଦ୍ୟ, ବିଜୁଳି ଆଲୋକ, ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡେ ଘର। ଶ୍ରମ ସଘନ ଶିଳ୍ପକୁ ପ୍ରୋତ୍ସାହନ ଦିଆ ନ ଯାଇ ପୁଞ୍ଜିସଘନ ଶିଳ୍ପକୁ ପ୍ରୋତ୍ସାହିତ କରାଗଲେ ଲୋକ କାମ ପାଇବେ କିପରି ଓ ବିକାଶ ହେବ କିପରି? କର୍ପୋରେଟ ସେକ୍ଟର ଲୁଣ ପ୍ରସ୍ତୁତ କଲେ ଲୁଣ ମାରୁଥିବା ଲୋକ ଯିବେ କୁଆଡ଼େ?

ସିମିନଇ(ଢେଙ୍କାନାଳ), ମୋ: ୯୪୩୭୨୯୦୧୮୧

# ପ୍ରାଚ୍ୟବିଦ୍ୟା-ବିଦ୍ୱାନ: ପ୍ରହ୍ଲାଦ ପ୍ରଧାନ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଜୀବନର ସକଳ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରି ଯେଉଁମାନେ ନିଜ ଲକ୍ଷ୍ୟସ୍ଥଳରେ ଉପନୀତ ହୋଇପାରନ୍ତି ସେମାନଙ୍କ ଇଚ୍ଛାଶକ୍ତିକୁ ମାପି ପାରିବା ଆଦୌ ସମ୍ଭବ ନୁହେଁ। ପ୍ରଫେସର ପ୍ରହ୍ଲାଦ ପ୍ରଧାନଙ୍କ ସଂଘର୍ଷ, ସାଧନା ଓ ସିଦ୍ଧି ସେପରି କଳ୍ପନାତୀତ। ପଶ୍ଚିମ ଓଡ଼ିଶାର ନିଭୃତ ପଲ୍ଲୀ ଅଞ୍ଚଳରେ ତାଙ୍କ ଆବିର୍ଭାବ। ଗାଁର ନାଁ ଟି ପୁଣି ଅନ୍ତପାଲି। ଅଥଚ ପ୍ରହ୍ଲାଦ ପ୍ରଧାନଙ୍କ ଅନ୍ତଃହୀନ ଯାତ୍ରା ଆରମ୍ଭ ହୋଇଥିଲା ସେଇ ପବିତ୍ର ମାଟିରୁ। ଜ୍ଞାନ ଆହରଣର ଆଗ୍ନେୟ ଆହ୍ୱାନ ଦ୍ୱାରା ଆକର୍ଷିତ ହୋଇ ସେ କିପରି ସମସ୍ତଙ୍କ ଅଜାଣତରେ ପହଞ୍ଚିଥିଲେ ଶ୍ରୀକ୍ଷେତ୍ର ପୁରୀ ପର୍ଯ୍ୟନ୍ତ, ବ୍ରାହ୍ମଣ ନ ହୋଇ ମଧ୍ୟ ସଂସ୍କୃତ ଭାଷା ଶିକ୍ଷାର ପରିସର ମଧ୍ୟକୁ କିପରି ପ୍ରବେଶାଧିକାର ପାଇଥିଲେ ତାହା ଏକ ସ୍ୱତନ୍ତ୍ର ଉପାଖ୍ୟାନ। ପୁଣି କିପରି ଭାବରେ ଶାନ୍ତିନିକେତନରୁ ଚୀନ ପର୍ଯ୍ୟନ୍ତ ତାଙ୍କ ଦୁଃସାହସିକ ଅଭିଯାନ ଆରମ୍ଭ ହୋଇଥିଲା - ସେସବୁ ଏକ ଏକ ରୋମାଞ୍ଚକର ଅଧ୍ୟାୟ। ତାହାର ବିବରଣୀ କେବଳ ଜାଣିବାର ସୁଯୋଗ ପାଇଲେ ବି ବିଦ୍ୟାଭୀତ ଆଜିର ତରୁଣ ହୃଦୟକୁ ତାହା ତୀବ୍ର ଭାବରେ ବିଦ୍ଧ କରିପାରେ।

ଶାନ୍ତିନିକେତନରେ ଗବେଷଣା କାର୍ଯ୍ୟରେ ଅଭିନିବିଷ୍ଟ ଥିବା ବେଳେ ସେ ବିଶ୍ୱକବି ରବୀନ୍ଦ୍ରନାଥ ଓ ମହାତ୍ମା ଗାନ୍ଧୀଙ୍କ ପବିତ୍ର ସାନ୍ନିଧ୍ୟ ଅନୁଭବ କରି ଦିବ୍ୟପ୍ରେରଣାରେ ହୋଇଯାଇଥିଲେ ଭାବାର୍ଦ୍ର। ସେମାନଙ୍କ ଆଦର୍ଶ ବ୍ୟକ୍ତିତ୍ୱର ପ୍ରଭାବ ସପ୍ତପର୍ଣ୍ଣୀ ଫୁଲ ମାଧ୍ୟମରେ ତାଙ୍କୁ ଉଦବୁଦ୍ଧ କରିଥିବ ନିତ୍ୟ ସାଧନାମଗ୍ନ ହୋଇଯିବା ସକାଶେ। ବିଦ୍ୟାର୍ଜନ ପାଇଁ ସେ ବିଶ୍ୱାଭିମୁଖୀ ହୋଇଯାଇଥିଲେ। ନିଜ ଜନ୍ମଭୂମିର କବି ଗଙ୍ଗାଧର ମେହେରଙ୍କ ଜୀବନଦର୍ଶନ ଓ ସାହିତ୍ୟାଦର୍ଶର ସୂକ୍ଷ୍ମ ପ୍ରଭାବ ସେ ଅନୁଭବ କରିଛନ୍ତି ଜୀବନବ୍ୟାପୀ। ସେ ହିଁ ସର୍ବପ୍ରଥମେ ସନ୍ଥ କବୀରଙ୍କ ସହ ସ୍ୱଭାବକବିଙ୍କ ତୁଳନା କରି ଲେଖିଥିଲେ ପ୍ରବନ୍ଧ 'ଝୋଲିଆ କବୀର ଓ ଭୁଲିଆ କବି ଗଙ୍ଗାଧର'। ହିନ୍ଦୀରେ ମଧ୍ୟ କବିଙ୍କ ଜୀବନୀ ରଚନା କରିଥିଲେ ପ୍ରଥମଥର ପାଇଁ। ଭୁବନେଶ୍ୱରରୁ ପ୍ରକାଶିତ 'ଗଙ୍ଗାଧର ସ୍ମରଣିକା'ର ଥିଲେ ମୁଖ୍ୟ ସମ୍ପାଦକ।

ଶାନ୍ତିନିକେତନରେ ଗବେଷଣା କରୁଥିବା କାଳରେ ସେ ଚୀନ ଭାଷା ଶିକ୍ଷାର ଯୋଗ୍ୟତା ଅର୍ଜନ କରିଥିବାରୁ ବୌଦ୍ଧ ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଅଧିକରୁ ଅଧିକ ବିଷୟ ଜାଣିବା ପାଇଁ ଏକ ନିରବଚ୍ଛିନ୍ନ ଅନ୍ତଃଯାତ୍ରା ଆରମ୍ଭ ହୋଇଥିଲା ତାଙ୍କ ଚେତନା ମଧ୍ୟରେ। ଏଇ ଯାତ୍ରା ହେଲା କ୍ରମେ ଗଭୀରରୁ ଗଭୀରତମ ପ୍ରଦେଶ ପର୍ଯ୍ୟନ୍ତ ଅବ୍ୟାହତ। ବୁଦ୍ଧଦେବଙ୍କ ଅହିଂସାର ବାର୍ତ୍ତା ତାଙ୍କ ହୃଦୟକୁ ଉଦାର ଓ ପ୍ରଶସ୍ତ କରିଦେଲା। ଚୀନରୁ ସେ ଯେଉଁ ବୌଦ୍ଧସାହିତ୍ୟ ସଂଗ୍ରହ କରି ଅମୂଲ୍ୟ ଗ୍ରନ୍ଥ ସମ୍ପାଦନା କଲେ ତାହା ତାଙ୍କୁ ସମଗ୍ର ବିଶ୍ୱସାହିତ୍ୟରେ ପ୍ରଦାନ କରିଥିଲା ଅସାମାନ୍ୟ ସ୍ୱୀକୃତି ଓ ପ୍ରତିଷ୍ଠା। ଏହି ସମସ୍ତ କାର୍ଯ୍ୟକ୍ରମକୁ ତାଙ୍କ ଅନ୍ତଃସ୍ଥଳର ଯେଉଁ ସୃଜନାତ୍ମକ ଶକ୍ତି ପରିଚାଳିତ କରୁଥିଲା ସେ କେବଳ ଏକ ଉଚ୍ଚାଭିଳାଷୀ ସାଧାରଣ ମନ ନୁହେଁ, ତାହା ହେଉଛି ଆତ୍ମିକ ଶ୍ରଦ୍ଧାଶୀଳତାରେ ଆପ୍ଲୁତ ଏକ ଅବିଚଳିତ ଅଭୀପ୍ସା।

ଓଡ଼ିଆରେ ପ୍ରକାଶିତ ତାଙ୍କର ତିନୋଟି ପୁସ୍ତକ ଜିଜ୍ଞାସୁ ପାଠକଙ୍କ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରେ। 'ଭାଷାତତ୍ତ୍ୱ ପରିଭାଷା', 'ସାହିତ୍ୟାୟନ' ଓ 'ପାଲି ଧମ୍ମପଦ'। ଯେକୌଣସି କାବ୍ୟକୃତି ମଧ୍ୟରେ କବିର ବ୍ୟକ୍ତିତ୍ୱ ପ୍ରକଟିତ ହେବା ସୁନିଶ୍ଚିତ - ଏହା ସେ ମାର୍ମିକ ଭାବରେ ଅନୁଭବ କରିଛନ୍ତି ଓ ତଦନୁଯାୟୀ ସାହିତ୍ୟର ବୀକ୍ଷା ଓ ବିଶ୍ଳେଷଣ କରିଛନ୍ତି ଶାସ୍ତ୍ରୀୟ ଦୃଷ୍ଟିଭଙ୍ଗୀ ନେଇ। 'ପାଲି ଧମ୍ମପଦ' ତାଙ୍କ ଜୀବନର ଏକ ଶ୍ରଦ୍ଧାଶୂନ୍ୟ ଅନାସକ୍ତ ଗବେଷଣା ମାତ୍ର ନୁହେଁ; ବୁଦ୍ଧବାଣୀ ମଧ୍ୟରେ ତାଙ୍କ ନିଜସ୍ୱ ଗ୍ରହଣଶୀଳତାର ଗଭୀରତା ଉପଲବ୍ଧି କରିହୁଏ ନିବିଡ଼ ଭାବରେ। ବୁଦ୍ଧବିଦ୍ୟା ବିଶାରଦ ପ୍ରହ୍ଲାଦ ପ୍ରଧାନଙ୍କ ସୁନ୍ଦର ସରଳ ବ୍ୟାଖ୍ୟା ହେଉଛି: ଯେଉଁମାନେ ଧର୍ମଧାରାର ଅଧ୍ୟୟନ କମ କରିଥିଲେ ମଧ୍ୟ ତା'କୁ ଜୀବନରେ ସଚ୍ଚୋଟ ଭାବରେ ପାଳନ କରିଥା'ନ୍ତି ଏବଂ ରାଗ, ଦ୍ୱେଷ, ଅହଂକାରରୁ ରହିପାରନ୍ତି ବିମୁକ୍ତ ସେମାନେ ହିଁ ଶାନ୍ତଚିତ୍ତ ଅନୁରାଗପୂର୍ଣ୍ଣ ହୃଦୟ ନେଇ ଏକ କଲ୍ୟାଣକର ଜୀବନ ଅତିବାହିତ କରିପାରିଥା'ନ୍ତି। ପ୍ରଫେସର ପ୍ରହ୍ଲାଦ ପ୍ରଧାନ ଓଡ଼ିଶାର ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ପଦ ଅଳଙ୍କୃତ କରିଥିଲେ। ତାଙ୍କ ଅଧ୍ୟୟନ, ମନନ, ଶିକ୍ଷଣ ଓ ସନ୍ଧାନର କ୍ଷେତ୍ର ଥିଲା ପ୍ରକୃତରେ କି ବ୍ୟାପକ! କି ବିସ୍ମୟଜନକ! ତାଙ୍କର ସମସ୍ତ ଜ୍ଞାନ ସେଇ ବିନ୍ଦୁରେ ହୋଇଥିଲା ଉପନୀତ, ଯାହାକୁ କୁହାଯାଏ ନିଷ୍କାମ କର୍ମ। ସେ 'ପାଲି ଧମ୍ମପଦ' ଗ୍ରନ୍ଥ ଅନୁବାଦ ଓ ଅନୁଶୀଳନ କରୁଁ କରୁଁ ନିଜେ ପରିଣତ ହୋଇଯାଇଥିଲେ ବୌଦ୍ଧ ସନ୍ନ୍ୟାସୀ ରୂପରେ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଭୁବନେଶ୍ୱରରେ ଯୁଗ୍ମ ସଂସଦୀୟ ସମିତିର ବୈଠକ

# ୩ ବିଲ୍‌କୁ ନେଇ ବ୍ୟାପକ ମାନସମନ୍ଥନ

ଭୁବନେଶ୍ୱର,୨୯।୪(ସମିସ): ବୁଧବାର ଭୁବନେଶ୍ୱର ହୋଟେଲରେ ସମ୍ବିଧାନ (୧୩୦ତମ ସଂଶୋଧନ) ବିଲ୍, ୨୦୨୫, ଜମ୍ମୁ ଓ କାଶ୍ମୀର ପୁନର୍ଗଠନ (ସଂଶୋଧନ) ବିଲ୍, ୨୦୨୫ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସରକାର (ସଂଶୋଧନ) ବିଲ୍, ୨୦୨୫ର ପରୀକ୍ଷା ପାଇଁ ଗଠିତ ଯୁକ୍ତ ସଂସଦୀୟ ସମିତି(ଜେପିସି)ର ୧୧ତମ ବୈଠକ ଅନୁଷ୍ଠିତ ହୋଇଛି। ଉପରୋକ୍ତ ବିଲକୁ ନେଇ ଦେଶବ୍ୟାପୀ ପରାମର୍ଶ ଓ ହିତାଧିକାରୀ ସହଭାଗୀତା ପ୍ରକ୍ରିୟାର ଅଂଶ ଭାବେ ଭୁବନେଶ୍ୱରରେ ଏହି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ବୈଠକ ଆୟୋଜନ ହୋଇଛି। ସମ୍ବିଧାନରେ ୧୩୦ତମ ସଂଶୋଧନ ବିଲ୍, ୨୦୨୫ ଅନୁଯାୟୀ ଅପରାଧୀ କିମ୍ବା ଗୁରୁତର ଅପରାଧର ଅଭିଯୁକ୍ତ ଜେଲ୍‌ରେ ରହି ସରକାର ଚଳାଇ ପାରିବେ ନାହିଁ। ମନ୍ତ୍ରୀ ହୁଅନ୍ତୁ, ମୁଖ୍ୟମନ୍ତ୍ରୀ ହୁଅନ୍ତୁ ଅଥବା ପ୍ରଧାନମନ୍ତ୍ରୀ; ୩୦ ଦିନ କିମ୍ବା ତା ଠାରୁ ଅଧିକ ଦିନ ଜେଲ୍‌ରେ ରହିଲେ ସେମାନଙ୍କୁ ପଦ ଛାଡ଼ିବାକୁ ପଡ଼ିବ। କ୍ରମାଗତ ୩୦ ଦିନ ଧରି ଜେଲରେ ରହୁଥିବା ବ୍ୟକ୍ତିମାନେ ଉଚ୍ଚ ସମ୍ବିଧାନିକ ପଦରେ ରହି କାର୍ଯ୍ୟନିର୍ବାହୀ ଶକ୍ତି ପ୍ରୟୋଗ କରିପାରିବେ ନାହିଁ ବୋଲି ଏଥିରେ ପ୍ରାବଧାନ ରହିଛି।




କମିଟିର ଅଧକ୍ଷା ତଥା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପରୋକ୍ତ ତିନୋଟି ବିଲ୍ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ମୋଟ ୩୧ ଜଣ ସାଂସଦ ଥିବା ଏହି କମିଟି ମଧ୍ୟରୁ ୨୧ ଜଣ ଲୋକସଭାରୁ ଏବଂ ୧୦ ଜଣ ରାଜ୍ୟସଭାରୁ ଅଟନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସମିତି ୧୦ଟି ବୈଠକ କରିସାରିଛି ଏବଂ ବିଭିନ୍ନ ମନ୍ତ୍ରଣାଳୟ, ରାଜ୍ୟ ସରକାର, ଆଇନ ସଂସ୍ଥା, ବିଶ୍ୱବିଦ୍ୟାଳୟ ଏବଂ ସିଭିଲ ସୋସାଇଟି ସଂଗଠନ ସହ ଆଲୋଚନା କରିଛି। ପୂର୍ବରୁ ସମିତି ଗୃହ ମନ୍ତ୍ରଣାଳୟ, ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ, ଭାରତୀୟ ଆଇନ ଆୟୋଗ, ପ୍ରମୁଖ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ନୀତି ଗବେଷଣା ସଂସ୍ଥା ଏବଂ ରାଜସ୍ଥାନ, ହରିୟାଣା, ମଧ୍ୟ ପ୍ରଦେଶ ଓ ମହାରାଷ୍ଟ୍ର ସରକାରଙ୍କ ପ୍ରତିନିଧିମାନଙ୍କ ସହ ମତବିନିମୟ କରିଛି। ଭୁବନେଶ୍ୱର ଗସ୍ତ ସମୟରେ ଓଡ଼ିଶା ସରକାର, ଓଡ଼ିଶା ମାନବାଧିକାର ଆୟୋଗ, ଓଡ଼ିଶା ନ୍ୟାୟିକ ଏକାଡେମୀ, କଟକ, ଗୋପବନ୍ଧୁ ପ୍ରଶାସନ ଏକାଡେମୀ ଏବଂ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ୍ ର ପ୍ରତିନିଧିମାନଙ୍କ ମତାମତ ଗ୍ରହଣ କରିଥିଲା। ବୈଠକରେ ସାଂସଦ ସରୋଜ ପ୍ରସାଦ, ସାଂସଦ ବ୍ରିଜ୍ ଲାଲ୍, ଉଜ୍ଜ୍ୱଳ ନିକମ୍, ନିରଜ୍ ଶେଖର, ବୀରେନ୍ଦ୍ର ପ୍ରସାଦ ବୈଶ୍ୟ, ଅନୁରାଗ ସିଂ ଠାକୁର, ଭର୍ତ୍ତୃହରି ମହତାବ, ରାଜେଶ୍ ବର୍ମା, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମା ଏବଂ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

- ଚର୍ଚ୍ଚାରେ ସମ୍ବିଧାନ (୧୩୦ତମ ସଂଶୋଧନ) ବିଲ୍ ୨୦୨୫
- ୩୦ ଦିନରୁ ଅଧିକ ଜେଲରେ ରହିଲେ ଛାଡ଼ିବାକୁ ହେବ ପଦ
- ପରାମର୍ଶ ପରେ ସଂସଦରେ ହେବ ଉପସ୍ଥାପିତ ଅନ୍ତିମ ରିପୋର୍ଟ

## ୬ ସହରରେ ହେବ ୧୯୦ ଇଭି ଚାର୍ଜିଂ ଷ୍ଟେସନ୍

ଭୁବନେଶ୍ୱର,୨୯।୪(ସମିସ): ୨୦୭୦ ସୁଦ୍ଧା "ନେଟ୍ ଜିରୋ' ନିର୍ଗମନ ଲକ୍ଷ୍ୟ ହାସଲ କରିବା ଓ ଭାରତକୁ ସ୍ୱଚ୍ଛ ଗତିଶୀଳତା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ରାଜ୍ୟର ୬ ସହରରେ ୧୯୦ ଟି ଇଭି ଚାର୍ଜିଂ ଷ୍ଟେସନ୍ ନିର୍ମାଣ ପାଇଁ ଯୋଜନା କରାଯାଉଛି। ଗତ ୨୯ ସେପ୍ଟେମ୍ବର ୨୦୨୪ରେ ପିଏମ୍-ଇ ଡ୍ରାଇଭ୍ ଯୋଜନାର ବିଜ୍ଞପ୍ତି ଅନୁଯାୟୀ ଏହି ଯୋଜନା ପାଇଁ ୧୦,୯୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେଥିମଧ୍ୟରୁ କେବଳ ବୈଦ୍ୟୁତିକ ଯାନ ସାର୍ବଜନୀନ ଚାର୍ଜିଂ ଷ୍ଟେସନ୍‌ର ବିକାଶ ପାଇଁ ୨,୦୦୦ କୋଟି ଟଙ୍କା ଖର୍ଚ୍ଚ ଲକ୍ଷ୍ୟ ରହିଛି।

ସୂଚନା ଅନୁସାରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ରାଜ୍ୟର ୬ ଟି ପ୍ରମୁଖ ସହର ଅନୁଗୋଳ, ବାଲେଶ୍ୱର, ଭୁବନେଶ୍ୱର, କଟକ, କଳିଙ୍ଗନଗର ଓ ପୁରୀର ୧୯୦ଟି ସ୍ଥାନରେ ଇଭି ଚାର୍ଜିଂ ଭିତ୍ତିଭୂମି ସ୍ଥାପନ ପାଇଁ ଭାରୀ ଉଦ୍ୟୋଗ ମନ୍ତ୍ରଣାଳୟକୁ ଏକ ବିସ୍ତୃତ ପ୍ରସ୍ତାବ ଦିଆଯାଇଛି। ଏଥିନିମନ୍ତେ ରାଜ୍ୟ ପରିବହନ ପ୍ରାଧିକରଣ ନୋଡାଲ ଏଜେନ୍ସି ଭାବରେ ଏହି ପ୍ରସ୍ତାବ ଦାଖଲ କରିଛି। ଏହି ଚାର୍ଜିଂ ଷ୍ଟେସନ୍‌ଗୁଡ଼ିକର ସ୍ଥାପନ ପାଇଁ ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ୍‌କୁ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ଭାବରେ ନିଯୁକ୍ତ କରାଯାଇଛି। ଭାରୀ ଶିଳ୍ପ ମନ୍ତ୍ରଣାଳୟର ନିର୍ଦ୍ଦେଶକ ଅମରେନ୍ଦ୍ର କିଶୋର ସିଂ, ଭେଲ୍‌ର ଜେନେରାଲ ମ୍ୟାନେଜର ଜେ.କେ. ପଟ୍ଟନାୟକ ଏବଂ ସେମାନଙ୍କ ଟିମ୍ ଏହି ପ୍ରସ୍ତାବିତ ସ୍ଥାନଗୁଡ଼ିକର କ୍ଷେତ୍ର ପରିଦର୍ଶନ ଓ ସମୀକ୍ଷା କରିବେ ବୋଲି ସ୍ଥିର ହୋଇଛି। ଏ ସଂକ୍ରାନ୍ତରେ ଭୁବନେଶ୍ୱରରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଏନବିଏସ୍ ରାଜପୁତ, ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଓଡ଼ିଶାରେ ଇଭି ଭିତ୍ତିଭୂମିର ସମ୍ପ୍ରସାରଣ ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଥିବା ବେଳେ ଏହା କାର୍ଯ୍ୟକାରୀ ହେଲେ ରାଜ୍ୟରେ ଇଭି ବ୍ୟବସ୍ଥାରେ ବଡ଼ ପ୍ରୋତ୍ସାହନ ସହ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥାକୁ ପ୍ରୋତ୍ସାହନ ମିଳିବ ବୋଲି ସରକାର ଆଶା ରଖିଛନ୍ତି।

## ପଶ୍ଚିମବଙ୍ଗ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

# ୯୧.୪୧% ମତଦାନ ସହ ବ୍ୟାପକ ହିଂସାକାଣ୍ଡ

କୋଲକାତା,୨୮।୪(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ୧୪୨ଟି ଆସନ ପାଇଁ ଅନୁଷ୍ଠିତ ଏହି ନିର୍ବାଚନରେ ରେକର୍ଡ ୯୧.୪୧% ମତଦାନ ହୋଇଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରୁ ହିଂସା ଓ ଗଣ୍ଡଗୋଳର ଖବର ସାମ୍ନାକୁ ଆସିଛି। ଉତ୍ତର ୨୪ ପ୍ରଗଣା ଜିଲ୍ଲାର ବୁଥ୍ ନମ୍ବର ୧୨୦୦ାରେ ତୃଣମୂଳ କଂଗ୍ରେସ (ଟିଏମ୍ସି) ଏବଂ ବିଜେପି କର୍ମୀଙ୍କ ମଧ୍ୟରେ ପ୍ରବଳ ସଂଘର୍ଷ ଘଟିଛି। ଏହି ହିଂସା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସେହିଭଳି ଦକ୍ଷିଣ ୨୪ ପ୍ରଗଣାରେ ବିଜେପି ପ୍ରାର୍ଥୀ ବିକାଶ ସର୍ଦ୍ଦାରଙ୍କ ଗାଡ଼ି ଉପରକୁ ଆକ୍ରମଣ କରାଯାଇ କାଚ ଭଙ୍ଗାରୁଜା କରାଯାଇଥିବା ଅଭିଯୋଗ ହୋଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ରୀୟ ସୁରକ୍ଷା ବଳ (ସିଆରପିଏଫ୍) ଉପରେ ବର୍ଷିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ସିଆରପିଏଫ୍ ନିରପେକ୍ଷ ଭାବେ କାର୍ଯ୍ୟ ନକରି କେବଳ ବିଜେପିକୁ ସୁରକ୍ଷା ଦେଉଛି। ମତଦାନ କେନ୍ଦ୍ରଗୁଡ଼ିକରେ ରାଜ୍ୟ ପୋଲିସର ଉପସ୍ଥିତି ନାହିଁ ଏବଂ କେନ୍ଦ୍ରୀୟ ବାହିନୀ ସାଧାରଣ ଭୋଟର ତଥା ମହିଳାମାନଙ୍କୁ ଦୁର୍ବ୍ୟବହାର କରୁଥିବା ସେ ଦାବି କରିଛନ୍ତି। ଡାଇମଣ୍ଡ ହାର୍ବରର ଫାଲ୍ଟା ଅଞ୍ଚଳରେ ଇଭିଏମ୍ ମେସିନ୍‌ର ବିଜେପି ବଟନ୍ ଉପରେ ଟେପ୍ ଲଗାଯାଇଥିବା ବିଜେପି ଅଭିଯୋଗ କରିଛି। ପାନିହାଟୀର ଏକ ବୁଥ୍‌ରେ ବିଜେପି ବଟନ୍ ଉପରେ କଳା କାଳି ଲଗାଯାଇଥିବା ଦେଖିବାକୁ ମିଳିଥିଲା, ଯାହାକୁ ପରେ ସାନିଟାଇଜର ବ୍ୟବହାର କରି ସଫା କରାଯାଇଥିଲା। ନିର୍ବାଚନ କମିଶନ ଏହି ଅଭିଯୋଗ ଉପରେ କହିଛନ୍ତି ଯେ, ଯଦି ତଥ୍ୟ ସତ୍ୟ ପ୍ରମାଣିତ ହୁଏ, ତେବେ ସମ୍ପୃକ୍ତ ବୁଥ୍‌ରେ ପୁନଃ-ମତଦାନ କରାଯିବ। ଅନ୍ୟପକ୍ଷରେ, ଭବାନୀପୁର ଆସନରେ ମମତା ବାନାର୍ଜୀଙ୍କ ବିରୋଧରେ ଲଢୁଥିବା ସୁଭେନ୍ଦୁ ଅଧିକାରୀଙ୍କୁ ଟିଏମସି ସମର୍ଥକମାନେ ଘେରିଯାଇ 'ଚୋର-ଚୋର' ନାରା ଦେଇଥିଲେ। ପାନିହାଟୀରେ ଆରଜି କର ପିଡ଼ିତାଙ୍କ ମାଆ ତଥା ବିଜେପି ପ୍ରାର୍ଥୀ ରତ୍ନା ଦେବନାଥଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିବା ଖବର ମିଳିଛି। ବିଜେପି ନେତାମାନେ ଅଭିଯୋଗ କରିଛନ୍ତି ଯେ, ଶୁଭେନ୍ଦୁ ଅଧିକାରୀ, ବିକାଶ ସର୍ଦ୍ଦାରଙ୍କ ଭଳି ନେତାଙ୍କୁ ମଧ୍ୟ ଆକ୍ରମଣ କରାଯିବା ସହ ସେମାନଙ୍କ ଗାଡ଼ି ଭଙ୍ଗାରୁଜା କରାଯାଇଛି। ବ୍ୟାପକ ସୁରକ୍ଷା ସତ୍ତ୍ୱେ ପଶ୍ଚିମବଙ୍ଗର ଏହି ଶେଷ ପର୍ଯ୍ୟାୟ ନିର୍ବାଚନ ରକ୍ତାକ୍ତ ସଂଘର୍ଷ ଏବଂ ଅଭିଯୋଗ-ପ୍ରତିଅଭିଯୋଗ ମଧ୍ୟରେ ଶେଷ ହୋଇଛି। ଏବେ ସମସ୍ତଙ୍କ ନଜର ଭୋଟ ଗଣତି ଏବଂ ନିର୍ବାଚନ କମିଶନଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଉପରେ ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭର୍ଚ୍ଚୁଆଲ ଶୁଣାଣି ବେଳେ...

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୂର୍ବରୁ ମଧ୍ୟ କୋଲକାତା, ମୁମ୍ବାଇ ଏବଂ ଗୁଜରାଟର ବିଭିନ୍ନ ଅଦାଲତରେ ଭର୍ଚ୍ଚୁଆଲ ଶୁଣାଣି ସମୟରେ ଏଭଳି ସାଇବର ଆକ୍ରମଣ ଓ ଅଭଦ୍ରାମି ଦେଖିବାକୁ ମିଳିଛି। ଅଦାଲତର ଗାରିମା ଉପରେ ଏହି ଘଟଣା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବୈଷୟିକ ଜ୍ଞାନକୌଶଳର ବ୍ୟବହାର ବେଳେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଠୋର କରିବା ପାଇଁ ଆଇନଜୀବୀମାନେ ମତ ଦେଇଛନ୍ତି। ପୁଲିସ ବର୍ତ୍ତମାନ ଏହି ହ୍ୟାକିଂ ମାମଲାର ଗଭୀର ତଦନ୍ତ କରୁଛି।

### ଆମେରିକାରେ ହ୍ରାସ ପାଉଛି...

ମଧ୍ୟ ତାଙ୍କ ସହ ରହିଛନ୍ତି, ତଥାପି ଦଳ ମଧ୍ୟରେ ମୁଦ୍ରାସ୍ଫୀତିକୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି। ଅନ୍ୟପଟେ ନିରପେକ୍ଷ ଭୋଟରଙ୍କ ଝୁଙ୍କ୍ ଏବେ ଡେମୋକ୍ରାଟିକ ଦଳ ଆଡ଼କୁ ବଢୁଥିବା ପରିଲକ୍ଷିତ ହେଉଛି। ଇରାନ ସହ ସଂଘର୍ଷ ଏବଂ ଦେଶର ଭିତରର ଆର୍ଥିକ ସମସ୍ୟା ଟ୍ରମ୍ପ ପ୍ରଶାସନ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି।

### ପଶ୍ଚିମବଙ୍ଗ, କେରଳରେ...

ସେମାନଙ୍କର ଆକଳନ ଭୁଲ ପ୍ରମାଣିତ ହୋଇଥିଲା। ଅଧିକାଂଶ ସଂସ୍ଥା ଆକଳନ କରିଥିଲେ ଯେ ଟିଏମସି ଏବଂ ବିଜେପି ମଧ୍ୟରେ କଡ଼ା ମୁକାବିଲା ହେବ। ଏମିତିକି କିଛି ସଂସ୍ଥା ପୂର୍ବାନୁମାନ କରିଥିଲେ ଯେ ବିଜେପି ସର୍ବାଧିକ ଆସନ ପାଇ ସରକାର ଗଢ଼ିବ। କିନ୍ତୁ ସେମାନଙ୍କର ଆକଳନ ଭୁଲ ପ୍ରମାଣିତ ହୋଇଥିଲା। ଆକଳନ ଅପେକ୍ଷା ଟିଏମସିକୁ ବହୁତ ଆସନ ମିଳିଥିଲା। ପୋଲ୍ ଅଫ୍ ପୋଲ୍ସ ଆକଳନ କରିଥିଲା ।।ଯେ ଟିଏମସିକୁ ୧୫୫ ଏବଂ ବିଜେପିକୁ ୧୨୬ ଆସନ ମିଳିବ। କିନ୍ତୁ ପ୍ରକୃତ ପକ୍ଷେ ଟିଏମସିକୁ ମିଳିଥିଲା ୨୧୬ ଏବଂ ବିଜେପିକୁ ୭୭। ଟିଏମ୍‌ସିକୁ ଆକଳନ ତୁଳନାରେ ୬୧ଟି ଅଧିକ ଆସନ ମିଳିଥିବା ବେଳେ ବିଜେପିକୁ ୪୯ଟି ଆସନ କମ୍ ମିଳିଥିଲା। ।।ତେଣୁ ଏକଜିଟ୍ ପୋଲ୍ ପଶ୍ଚିମ ବଙ୍ଗରେ ଫେଲ୍ ମାରୁଥିବାରୁ ପ୍ରକୃତ ଚିତ୍ର ଆସନ୍ତା ୪ ତାରିଖରେ ହିଁ ମିଳିବ ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।

### ସୁନା ଗହଣାରୁ...

ପାଇ ୮୨ ଟନ୍ ହୋଇଛି। ଏହି ବୃଦ୍ଧି ଅଳଙ୍କାର ଚାହିଦା ହ୍ରାସକୁ ବହୁ ପରିମାଣରେ ପୂରଣ କରିଛି। ଡବ୍ଲ୍ୟୁଜିସି ଆକଳନ କରିଛି ଯେ ସମ୍ପୂର୍ଣ୍ଣ ବର୍ଷ ପାଇଁ ସୁନା ଚାହିଦା ୬୫୦-୭୫୦ ଟନ୍ ମଧ୍ୟରେ ରହିବ, ଯାହା ଗତ ବର୍ଷ ୭୧୨ ଟନ୍ ଥିଲା। ସାମ୍ପ୍ରତିକ ମାସଗୁଡ଼ିକରେ ବୃଦ୍ଧି ପାଉଥିବା ସୁନା ମୂଲ୍ୟ ଗ୍ରାହକଙ୍କ ବଜେଟ୍ ଉପରେ ପ୍ରଭାବ ପକାଇଛି। ମୂଲ୍ୟ ଦୃଷ୍ଟିରୁ ୨୦୨୬ର ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ଚାହିଦା ପ୍ରାୟ ଦ୍ୱିଗୁଣିତ ହୋଇ ବାର୍ଷିକ ଆଧାରରେ ୨୫ ବିଲଇୟନ ଡଲାର (୨,୨୭,୫୦୦ କୋଟି ଟଙ୍କା)ରେ ପହଞ୍ଚି ରେକର୍ଡ କରିଛି।

### ଆଜି ବିଧାନସଭାର...

ଆସିଛି। ଦୁଇ ବର୍ଷ ଧରି ରାଜ୍ୟରେ ମହିଳା ହିଂସା ବଢ଼ିଛି, ମହିଳାଙ୍କ ପ୍ରତି ଅନ୍ୟାୟ ହୋଇଛି। ଏହାକୁ ଆୟୁଧ କରି ବିଜେଡି ସରକାରଙ୍କୁ ଜବାବ ତଲବ କରିବ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ ସ୍ୱାଧୀନତା ପରେ ମହିଳାଙ୍କ ଉତ୍ଥାନ କ୍ଷେତ୍ରରେ କଂଗ୍ରେସ ବହୁ ପଦକ୍ଷେପ ଗ୍ରହଣ କରିଆସିଛି। କଂଗ୍ରେସ ଦେଶକୁ ମହିଳା ରାଷ୍ଟ୍ରପତି, ରାଜ୍ୟପାଳ, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଦେଇଛି। ୟୁପିଏ ସରକାର ସମୟରେ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ସଂକ୍ରାନ୍ତ ଆଇନ ରାଜ୍ୟସଭାରେ ପାରିତ ହୋଇଥିଲା। ୨୦୨୩ ମସିହାରେ ସଂସଦରେ ସମସ୍ତ ଦଳ ମହିଳା ସଂରକ୍ଷଣ ଆଇନକୁ ପୂର୍ଣ୍ଣ ସହଯୋଗରେ ପାରିତ କରିଥିଲେ। ମାତ୍ର ରାଜନୈତିକ ଉଦ୍ଦେଶ୍ୟ ରଖି ବିଜେପି ଏହାକୁ ଏଯାବତ୍ ଲାଗୁ କରି ନାହିଁ। ମହିଳା ସଂରକ୍ଷଣ ବିଲ୍ ଆଳରେ ଡିଲିମିଟେସନ ବିଲ୍ ପାରିତ କରିବାକୁ ଷଡ଼ଯନ୍ତ୍ର ରଚିଥିଲା। ଓଡ଼ିଶାରେ ମହିଳାଙ୍କ ପ୍ରତି ଅବିଚାର, ଅତ୍ୟାଚାର କ୍ରମାଗତ ଭାବେ ବଢ଼ିଚାଲିଛି। ଏହାର ନିରାକରଣ ପାଇଁ ଆମ ଦଳର ୧୪ ଜଣ ବିଧାୟକ ବିଧାନସଭାର ଏକ ଗୃହ କମିଟି ଗଠନ କରିବାକୁ ସରକାରଙ୍କ ନିକଟରେ ଦାବି କରିଥିଲୁ। ମାତ୍ର ଏହି ଦାବି ଶୁଣିବା ପରିବର୍ତ୍ତେ ସରକାର ଆମ ଦଳର ୧୪ ବିଧାୟକଙ୍କୁ ବିଧାନସଭାରୁ ନିଲମ୍ବିତ କରିଦେଲେ। ଏଥିରୁ ବିଜେପି ଦଳର ମହିଳା ବିରୋଧୀ ମାନସିକତା ଜଣାପଡୁଛି ବୋଲି ସେ କହିଛନ୍ତି । ସେହିପରି କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ସରକାରଙ୍କୁ ସ୍ୱତନ୍ତ୍ର ଅଧିବେଶନ ପ୍ରସଙ୍ଗରେ କଡ଼ା ସମାଲୋଚନା କରିଛନ୍ତି। ବିଜେପି ବିଧାନସଭାକୁ ଦଳୀୟ କାର୍ଯ୍ୟାଳୟରେ ପରିଣତ କରି ଦେଇଛି, ମହିଳାଙ୍କ ନାମରେ ରାଜନୀତି କରୁଛି ବୋଲି ସେ ଅଭିଯୋଗ କରିଛନ୍ତି । ଅପରପକ୍ଷେ ଶାସକ ବିଜେପି ମଧ୍ୟ ଗୃହରେ କେନ୍ଦ୍ରରେ ନିଜ ସରକାର ଏବଂ ରାଜ୍ୟରେ ନିଜ ସରକାର ମହିଳାଙ୍କ ଉନ୍ନତି ପାଇଁ ନେଇଥିବା ପଦକ୍ଷେପ ସମ୍ପର୍କରେ ଗୃହରେ ବିଶଦ୍ ତଥ୍ୟ ଉପସ୍ଥାପନ କରିବାକୁ ପ୍ରସ୍ତୁତ ହୋଇଛି।

### ଦିନରେ ତାତି...

ଡିଗ୍ରୀ ଉପରେ ରହିଥିବା ବେଳେ ବଲାଙ୍ଗିରରେ ତାପମାତ୍ରା ୪୩.୨ ଡିଗ୍ରୀ ସହ ଏହା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ସେହିପରି ବୌଦ୍ଧରେ ତାପମାତ୍ରା ୪୨.୬ ଡିଗ୍ରୀ ସହ ତାଳଚେରରେ ୪୨.୫, ଟିଟିଲାଗଡ଼ରେ ୪୨.୫, ଝାରସୁଗୁଡ଼ାରେ ୪୨.୫ ଓ ଅନୁଗୁଳରେ ମଧ୍ୟ ତାପମାତ୍ରା ୪୨.୫ ଡିଗ୍ରୀ ରେକର୍ଡ ହୋଇଛି। କାଳବୈଶାଖୀ ପ୍ରଭାବ ଯୋଗୁଁ ବଙ୍ଗୋପସାଗର ଉପକୂଳ ମଧ୍ୟ ଅଶାନ୍ତ ରହିବ। ଓଡ଼ିଶା ଉପକୂଳରେ ୨୯ରୁ ୩୦ ତାରିଖ ମଧ୍ୟରେ ୫୦ରୁ ୬୦ କିମି ବେଗରେ ପବନ ବହିବା ସହିତ ଝଟ୍‌କା ପବନର ୭୦ କିମି ଛୁଇଁବାର ଆଶଙ୍କା ରହିଛି। ଏହାସହିତ ୧ ଓ ୩ ତାରିଖରେ ପବନର ବେଗ ୪୫ରୁ ୪୫କିମି. ଓ ଝଟ୍‌କା ପବନ ୬୫ କିମି ଛୁଇଁବାକୁ ଥିବାରୁ ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ସମୁଦ୍ରକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

### 'ସଂରକ୍ଷଣ' ଜାଲରେ...

ନବୀନ ପଟ୍ଟନାୟକ କେବଳ ଦୀର୍ଘଦିନରୁ ରାଜନୈତିକସ୍ତରରେ ଉଦ୍ୟମ କରିନାହାନ୍ତି, ଏହାକୁ ଜାତୀୟସ୍ତରରେ ପହଞ୍ଚାଇଛନ୍ତି । ଏହାକୁ ଏକ ଜାତୀୟ ପ୍ରସଙ୍ଗ କରିବା ପାଇଁ ନବୀନ ଦେଶର ୨୨ଟି ରାଜନୈତିକ ଦଳ ମୁଖ୍ୟଙ୍କ ନିକଟକୁ ନିଜର ପ୍ରତିନିଧି ପଠାଇଥିବା ମଧ୍ୟ ଦେଖାଯାଇଛି । ପଞ୍ଚାୟତ ନିର୍ବାଚନରେ ମହିଳାଙ୍କ ପାଇଁ ୫୦% ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। ବିଭିନ୍ନ ନିର୍ବାଚନରେ ମହିଳାମାନଙ୍କ ପ୍ରାର୍ଥିତ୍ୱକୁ ଅଗ୍ରାଧିକାର ଦେଇଛନ୍ତି। ଲୋକସଭା ନିର୍ବାଚନରେ ୩୩% ମହିଳାଙ୍କୁ ପ୍ରାର୍ଥୀ କରିଛନ୍ତି । ପୌର ଓ ପଞ୍ଚାୟତିରାଜ ପ୍ରତିଷ୍ଠାନରେ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ନିଶ୍ଚିତ କରିଛନ୍ତି । ମାତ୍ର କୌତୂହଳର କଥା ହେଉଛି ଯେଉଁ ବିଜେପି ମହିଳାଙ୍କ ରାଜନୈତିକ ସଂରକ୍ଷଣର ଶ୍ରେୟ ନେବା ପାଇଁ ଗଳଦଘର୍ମ ପରିଶ୍ରମ କରୁଛି, କଣ୍ଠ ଫଟାଇ ଚିତ୍କାର କରୁଛି; ସେହି ଦଳ ମହିଳାଙ୍କ ସଂରକ୍ଷଣ ପାଇଁ ସଂସଦରେ ନାରୀ ଶକ୍ତିବନ୍ଦନ ଅଧିନିୟମ ୨୦୨୩ରେ ଗୃହୀତ ହେବା ସତ୍ତ୍ୱେ ୨୦୨୪ ନିର୍ବାଚନରେ ମହିଳାମାନଙ୍କ ପ୍ରାର୍ଥିତ୍ୱକୁ ସେତେଟା ଗୁରୁତ୍ୱ ଦେଇ ନ ଥିବା ଦେଖାଯାଇଛି ।

୨୦୨୪ରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ୧୪୭ ଆସନ ମଧ୍ୟରୁ ବିଜେଡିରୁ ଟିକଟ ପାଇଥିଲେ ୩୫ ଜଣ ମହିଳା (୨୩.୮%) । ସେହିପରି ୩୩% ମହିଳା ଅର୍ଥାତ୍ ୭ ଜଣଙ୍କୁ ବିଭିନ୍ନ ସଂସଦୀୟ କ୍ଷେତ୍ରରୁ ପ୍ରାର୍ଥୀ କରିଥିଲା । ଅନ୍ୟପକ୍ଷରେ ବିଜେପି ବିଧାନସଭାରେ ମାତ୍ର ୮ % ଅର୍ଥାତ୍ ୧୨ ଜଣ ମହିଳାଙ୍କୁ ବିଧାନସଭା ଟିକଟ ଦେଇଥିଲା ଓ ୨୧ ଲୋକସଭା ଆସନରେ ୪ ଜଣ ଅର୍ଥାତ୍ ୧୯% ମହିଳାଙ୍କୁ ପ୍ରାର୍ଥୀ କରିଥିଲା । ଏପରିକି ବିଧାନସଭା ଆସନରେ କଂଗ୍ରେସ ମଧ୍ୟ ବିଜେପିଠାରୁ ଅଧିକ ମହିଳା ପ୍ରାର୍ଥୀ ଦେଇଥିଲା । ଯଦି ବିଜେପି ସତରେ ରାଜନୀତିରେ ମହିଳାଙ୍କୁ ସଂରକ୍ଷଣ ପ୍ରଦାନ ପାଇଁ ଏତେ ଉଦ୍‌ବିଗ୍ନ ଥିଲା, ତେବେ ୨୦୨୪ ସାଧାରଣ ନିର୍ବାଚନରେ ଏହାକୁ କାହିଁକି କାର୍ଯ୍ୟକାରୀ କଲାନାହିଁ ଓ ସେହି ଅନୁପାତରେ ବିଧାନସଭା, ଲୋକସଭାରେ ପ୍ରାର୍ଥୀ କାହିଁକି ଦେଲା ନାହିଁ ବୋଲି ବିରୋଧୀ ପ୍ରଶ୍ନ କରିବା ସ୍ୱାଭାବିକ।

ଅନ୍ୟପକ୍ଷରେ ମହିଳାଙ୍କ ରାଜନୈତିକ ସଂରକ୍ଷଣ ପାଇଁ ଏବେ ଯୁକ୍ତି ବାଢୁଥିବା ବିଜେପି ପାଇଁ ସବୁଠୁ ଅଧିକ ପ୍ରଶ୍ନ ଠିଆ କରିଛି ଦଳର ସାଂଗଠନିକ ସଂରଚନା। ୨୦୦୭ ମସିହାରେ ଦଳର ତତ୍‌କାଳୀନ ରାଷ୍ଟ୍ରୀୟ ସଭାପତି ରାଜନାଥ ସିଂହ ଦଳର ସଂଗଠନରେ ମହିଳାଙ୍କୁ ୩୩% ସ୍ଥାନ ଦେବାଲାଗି ଆରମ୍ଭ କରିଥିବା ପ୍ରୟାସ ଏବେ ବି କାର୍ଯ୍ୟକାରୀ ହୋଇ ପାରିନାହିଁ। ସେତେବେଳେ ସୁଷମା ସ୍ୱରାଜଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଥିଲା। ସୁଷମା କମିଟି ଦଳର ବିଭିନ୍ନ କମିଟିରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ପାଇଁ ସୁପାରିସ କରିଥିଲେ; ଏପରିକି ଯେଉଁ କମିଟିରେ ଏକ ତୃତୀୟାଂଶ ମହିଳା ସଦସ୍ୟ ନ ଥିବେ, ତାହାକୁ ବୈଧ କୁହାଯିବ ନାହିଁ ବୋଲି ସୁପାରିସରେ ଉଲ୍ଲେଖ କରାଯାଇଥିଲା। ମାତ୍ର ବିଜେପି ସଂଗଠନରେ ଉପରଠାରୁ ତଳସ୍ତର ପର୍ଯ୍ୟନ୍ତ କୌଣସି ସ୍ଥାନରେ ମହିଳାମାନଙ୍କୁ ଏକ ତୃତୀୟାଂଶ ସଂରକ୍ଷଣ ଦିଆଯାଇ ନାହିଁ। କେବଳ ସାଂଗଠନିକ ପ୍ରସଙ୍ଗ ନୁହେଁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ମାତ୍ର ୯.୭% ଅର୍ଥାତ୍ ୭୨ ମନ୍ତ୍ରୀଙ୍କ ମଧ୍ୟରୁ ୭ ଜଣ ମହିଳା ସ୍ଥାନ ପାଇଥିବାବେଳେ ଓଡ଼ିଶାରେ ୧୬ ମନ୍ତ୍ରୀଙ୍କ ମଧ୍ୟରେ ମାତ୍ର ଜଣେ ମହିଳାଙ୍କୁ ସ୍ଥାନ ଦିଆଯାଇଛି । ଅନୁପାତ ହିସାବ କଲେ ଏହା ୬% ହେବ। ଏହି ପରିପ୍ରେକ୍ଷୀରେ ଯେତେ ଯାହା ରାଲି, ସଭା, ସମିତି କଲେ ବି ବିଜେପି ଏହି ପ୍ରସଙ୍ଗରେ ମହିଳାଙ୍କ ସମର୍ଥନ ପାଉଥିବା ଅନୁଭବ କରିହେଉ ନାହିଁ। ଏହି ପରିପ୍ରେକ୍ଷୀରେ ଆସନ୍ତା ୩୦ ତାରିଖରେ ଦଳର 'ସ୍ୱତନ୍ତ୍ର' ଅଧିବେଶନ ଆହ୍ୱାନ ବିଜେପି ପାଇଁ ଲାଭଦାୟକ ହେବ ନା କ୍ଷତିକାରକ ହେବ ତାହା ଏବେଠାରୁ ଜଳଜଳ ଦିଶୁଛି ।


**AFFIDAVIT**

I, Padmavati Madipilli, aged about 58 years W/o M Laxman Rao, resident of House No: DL-125, Basanti Colony, Rourkela-769012, P.S - Uditnagar, Distt : Sundargarh, Odisha as mentioned of in my Govt. document (PAN) declared by this affidavit Dtd. 29.4.2023 in front of Executive Magistrate, that now onwards I shall be known as M Padmavati for all future purpose.

**TPWODL**

**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. **TPWODL/IA/O/SITC/2500001178 - SITC of 33/11 kV Underground Cable system and associated electrical work under SDMF - III.**
2. **TPWODL/IA/O/SITC/2500001179 - Supply, Installation, Testing and Commissioning of 33KV Double circuit towers at river crossing locations under SDMF - III.**

Interested bidders are to submit Tender Participation Fee and Authorization Letter through email on or before **10th May 2026, 15:00Hrs**, respectively, after which link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Chief-TS, Contracts & Stores**

**OFFICE OF THE SUPERINTENDING ENGINEER** 34001/138/2627
**DHENKANAL (R&B) DIVISION, DHENKANAL**
Email: eedklpwd@gmail.com
INVITATION FOR BIDS THROUGH e-Procurement

Invitation for Bids
1st Corrigendum

**Bid Identification No. SE DKL (R&B). 03/2026-27+**
**Name of the Work – 02 Nos. Civil Works.**

The following changes have been made in Bid Identification No. **SE DKL (R&B). 03/2026-27**

1. Availability of Bid documents in Govt. **Website i.e. www.tendersorissa.gov.in,** during the period from **10.00 AM dt.05.05.2026 to 05.00 PM hours of dt.19.05.2026** instead of **10.00 AM dt.24.04.2026 to 05.00 hours of dt.08.05.2026** for ONLINE BIDDING respectively.
2. Online bids shall be received till **05.00 PM Hours of dt.19.05.2026** instead of **dt.08.05.2026.**
3. Date of opening of bid at **11.00 A.M. of dt.20.05.2026** instead of **dt.09.05.2026.**
All other terms and conditions remain unchanged.

Superintending Engineer
OIPR-34001/34016/1/26-27/0005 Dhenkanal (R&B) Division, Dhenkanal

**GOVERNMENT OF ODISHA** 34001/121/2627
**OFFICE OF THE SUPERINTENDING ENGINEER,**
**BOUDH (R&B) DIVISION, BOUDH**
**Phone:** - 06841-296119 **Email:** - eeboudhrb@gmail.com

**INVITATIONS FOR BIDS (IFB)**
**e-Procurement Notice**

Letter No.1915 Dated 23.04.2026

**BID IDENTIFICATION No. : SE (R&B)-BDH 01/2026-27**

| | | | |
|---|---|---|---|
| 1. | Number of work | : | 03 (Three) Nos. of EI work (Single cover) |
| 2. | Estimated cost | : | As per the column No. 3 of the table |
| 3. | Period of completion | : | As per the column No. 8 of the table |
| 4. | Date & time of availability of Bid documents in the portal | : | From 02.05.2026, 10:00 AM to 11.05.2026, 05:00 PM |
| 5. | Last date / time for seeking of Tender clarification | : | 11.05.2026 up to 01:00 PM |
| 6. | Last date / time for receipt of bids in the portal | : | Up to 5:00 PM of Dtd. 11.05.2026 |
| 7. | Date & time of opening of Tender / Bid | : | 12.05.2026 at 11:30 AM |
| 8. | Name and address of the officer inviting bid | : | Superintending Engineer, Boudh (R&B) Division, Boudh |

A. Other details can be seen from detailed notice.
B. Inviting tenders, available in the website : www.tendersorissa.gov.in
C. Corrigendum if any shall only be published in the website : www.tendersorissa.gov.in

Superintending Engineer,
OIPR-34001/34134/1/26-27/0004 Boudh (R&B) Division, Boudh

GOVERNMENT OF ODISHA 32001/129/2627
DEPARMENT OF WATER RESOURCES
OFFICE OF THE SUPERINTENDING ENGINEER,
KENDRAPARA IRRIGATION DIVISION, KENDRAPARA
DISTRICT: KENDRAPARA
E-mail ID –kendrapadairrigationdivision@gmail.com
**"e" Procurement Notice No.KID-01 of 2026-27**

1. Name of Work: :- As per detailed Tender Call Notice.
2. Total No. of package: **KID-01 to KID-53 of 2026-27 = 53 No(s)** individual package.
3. Estimated cost of package(s) varies from :- Rs.8.03 to Rs.84.16 Lakhs
4. Cost of Tender paper :- Rs.4000.00 to Rs.10,000.00
5. Bid Security : **As per Column No.5 of DTCN.**
6. Period of completion :- **Sl.No.01 to Sl.No.22 : Six Calendar Months.**
**Sl. No.23 to Sl. No.53 : Four Calender Months.**
7. Other details are given below.

| Procurement Officer | Bid -Identification No. | Availability of tender On-line for biding | | Date, Time & Place of Opening of Bid |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Kendrapara Irrigation Division, Kendrapara | KID-01 of 2026-27 to KID-53 of 2026-27 (On-line) | 30.04.2026 at 10.00 AM | 11.05.2026 up to 1.00 PM. | 12.05.2026 at 11.00 A.M O/O the Superintending Engineer Kendrapara Irrigation Division, Kendrapara. |

Further details can be seen from the Govt. web site www.tendersorissa.gov.in.

Superintending Engineer
Kendrapara Irrigation Division
OIPR-32001/32163/1/26-27/0001 Kendrapara

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated-27/04/2026. I, **Namita Majhi** (applicant name), W/o Trilochan Majhi, permanent & current resident of AT: Kendumundi, PO: Sihini, PS: Titilagarh, Dist: Balangir, State: Odisha, PIN: 767033 declare that I have changed my minor son's name from **Chaitan Majhi** (old name) to **Aditya Majhi** (new name). Henceforth, he shall be known as **Aditya Majhi** (new name) for all future purposes.
**(Namita Majhi)**

**AFFIDAVIT**

By virtue of an affidavit **no.1960** before the **Executive Magistrate, Salipur, Cuttack, dtd. 13.04.2026**, I, Shaikh Nihaluddin, S/o- Shaikh Nasiruddin, Vill: Biswanathpur, PO: Mahasinghpur, PS: Jagatpur, Dist: Cuttack, Odisha, do hereby declare that I have changed my name from Shaikh Nihal Uddin (old name) to Shaikh Nihaluddin (new name). Henceforth, I shall be known as **Shaikh Nihaluddin** for all purposes.
**Shaikh Nihaluddin**

**AFFIDAVIT**

I, Madipilli Laxman Rao aged about 65 years S/o M Koteswar Rao, resident of House No: DL-125, Basanti Colony, Rourkela -769012, P.S-Uditnagar, Distt : Sundargarh, Odisha as mentioned in my Govt. documents, declared by this affidavit Dtd. 29.4.2023, in front of Executive Magistrate, that now Onwards I shall be known as M Laxman Rao for all future purpose.

**AFFIDAVIT**

I, Shaikh Mohammad Kasim, S/o- Mohammad Hakim, resident of AT-Nandakishorepur, PO-Kumudajaipur, PS-Mahanga, Dist- Cuttack, PIN- 754204, Odisha, declare by this affidavit Sl No- 4042, dated-22/04/2026, that now onwards I shall be known as **MOHAMMAD KASIM** for all future purposes.

**AFFIDAVIT**

By virtue of an affidavit (CF No. 111, dtd- 07/03/2025) sworn before The Executive Magistrate, Bhubaneswar. I, **Sadhu Sudhakar Das,** aged about 47 years, resident of Alekha Tungi Damana, PO/PS: Chandrasekharpur, Bhubaneswar, Dist- Khordha, PIN: 751016, State: Odisha declare that I have changed my name from **Sudhakar Behera** to **Sadhu Sudhakar Das.** Henceforth, I shall be known as **Sadhu Sudhakar Das** (new name) for all purposes.
**(Sadhu Sudhakar Das)**

**AFFIDAVIT**

By virtue of an affidavit sworn before The Executive Magistrate, Titlagarh on dated: 09/04/2026. I, **Smruti Rekha Sahu** (new name), D/o Madhaba Sahu, Address: AT: Phapsi, PO: Gandapatrapali, PS: Saintala, Dist: Balangir, PIN: 767032, State: Odisha declare that I have changed my name from **Shrutirekha Sahu** (old name) to **Smruti Rekha Sahu.** Henceforth, I shall be known as **Smruti Rekha Sahu** (new name) for all purposes.
**(Smruti Rekha Sahu)**

**AFFIDAVIT**

I, SK Islam, aged about 46 years, S/o- Sk Sanaulla, resident of Hoseni Mohalla, PO: Sayedpur, PS: Binjharpur, Dist: Jajpur, PIN: 755004, State: Odisha declared by this affidavit No. 882, dtd-28/04/2026 that now onwards I shall be known as **SK ISRAM** for all future purposes.

**AFFIDAVIT**

I, Abusad Shaikh, aged about 18 years, S/o- Shaikh Sikandar, resident of Rahmat Nagar, PO: Brahmabarada, Dist: Jajpur, State: Odisha declared by this affidavit No. 881, dtd- 28/04/2026 that now onwards I shall be known as **SHAIKH ABU SAAD** for all future purposes.

### ରବି ଧାନ କ୍ରୟ ପାଇଁ ଭଦ୍ରକ ଜିଲ୍ଲାସ୍ତରୀୟ ଧାନସଂଗ୍ରହ କମିଟି ବୈଠକ

# ଜିଲ୍ଲାରେ ମଲ୍ଟିପର୍ପୋଜ୍ ପାକ୍ସ, ପ୍ରତି ବ୍ଲକ୍‌ରେ ମଡେଲ ମଣ୍ଡି !

ଭଦ୍ରକ,୨୯।୪(ସମିସ)



ଆସନ୍ତା ରବି ଧାନ କ୍ରୟ ଋତୁ-୨୦୨୬କୁ ଦୃଷ୍ଟିରେ ରଖି ଭଦ୍ରକ ଜିଲ୍ଲାରେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତିକୁ ଜୋର୍‌ଦାର୍ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ପ୍ୟାଡି ପ୍ରକ୍ୟୁର୍‌ମେଣ୍ଟ ଉପରେ ଆଲୋକପାତ କରିବା ସହ ଭଦ୍ରକରେ ମଲ୍ଟିପର୍ପୋଜ୍ ପାକ୍ସ ଓ ପ୍ରତି ବ୍ଲକ୍‌ରେ ମଡେଲ ମଣ୍ଡି କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସମବାୟ ସମିତି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର ଚଳିତ ବର୍ଷ ରବି ଫସଲ ପାଇଁ ଚାଷୀମାନେ କିପରି ଉପକୃତ ହେବେ ଓ ଉଭୟ ଧାନ ଓ ଚାଉଳ ପାଇଁ ଗୋଦାମ ସୁବିଧା କରିବାକୁ ବିଶେଷ ଭାବରେ ଗୁରୁତ୍ୱାରୋପ କରିଥିଲେ। ଏହି କମିଟି ବୈଠକରେ ଯୋଗଦେଇ ବାସୁଦେବପୁର ବିଧାୟକ ଅଶୋକ ଦାସ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି, ଭଣ୍ଡାରିପୋଖରୀ ବିଧାୟକଙ୍କ ପ୍ରତିନିଧି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକ ଓ ଭଦ୍ରକ ମିଲର ସଂଘର ସମ୍ପାଦକ ଶେଖର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପ୍ୟାଡି ପ୍ରକ୍ୟୁର୍‌ମେଣ୍ଟ ଉପରେ ନିଜର ବହୁମୂଲ୍ୟ ତଥ୍ୟ ରଖିଥିଲେ। ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ମିଲର, ଚାଷୀ, ସିଭିଲ୍ ସପ୍ଲାଇ ଅଫିସର କର୍ମଚାରୀ, କୃଷି ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲ୍‌ଦାରମାନେ ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ।

**ଧାନ ଓ ଚାଉଳ ପାଇଁ ଗୋଦାମର ଆବଶ୍ୟକତା ନେଇ ପଦକ୍ଷେପ ନେବାକୁ ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କ ଗୁରୁତ୍ୱାରୋପ**

ସୂଚନାଯୋଗ୍ୟ ଯେ, ଜିଲ୍ଲାର ୭ଟି ବ୍ଲକ୍‌ରେ ମୋଟ ୬୫୯୮.୨ ହେକ୍ଟର ଜମିରେ ଧାନ ଚାଷ ହୋଇଥିବାବେଳେ ୩୨୬୩୯.୧ ମେଟ୍ରିକ୍ ଟନ୍ ଧାନ ଉତ୍ପାଦନ ହେବାର ଅନୁମାନ କରାଯାଇଛି। ସେଥିରୁ ୧୮୫୦୧.୦୯ ମେଟ୍ରିକ୍ ଟନ୍ ବଜାରଯୋଗ୍ୟ ଧାନ ସରକାରୀ କ୍ରୟ ପାଇଁ ଉପଲବ୍ଧ ହେବ ବୋଲି ଅନୁମାନ ହୋଇଛି। ବ୍ଲକ୍ ଭିତ୍ତିକ ଆକଳନ ଅନୁଯାୟୀ ବନ୍ତ, ଭଣ୍ଡାରିପୋଖରୀ ଓ ଚାନ୍ଦବାଲି ବ୍ଲକ୍‌ରେ ଅଧିକ ପରିମାଣର ବଜାରଯୋଗ୍ୟ ଧାନ ଉପଲବ୍ଧ ହେବାର ସମ୍ଭାବନା ରହିଛି। ଚାଷୀ ନିବନ୍ଧନ କାର୍ଯ୍ୟକ୍ରମରେ ଜମି ଯାଞ୍ଚ ପ୍ରାୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ବ୍ୟାଙ୍କ ଖାତା ଯାଞ୍ଚ ପ୍ରକ୍ରିୟା ଚାଲିଛି। ସନ୍ଦିଗ୍ଧ ଜମି ତାଲିକା ମିଳିବା ପରେ ଓପିଏଲ୍‌ଏସ୍(ଓଡ଼ିଶା ପ୍ୟାଡି ଲ୍ୟାଣ୍ଡ ସର୍ଭେ) ମାଧ୍ୟମରେ ଅତିରିକ୍ତ ଯାଞ୍ଚ କରାଯିବ ବୋଲି ଜଣାପଡ଼ିଛି। ସରକାର ଘୋଷିତ ନ୍ୟୁନତମ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଅନୁଯାୟୀ ସାଧାରଣ ଏଫ୍‌ଏକ୍ୟୁ ଧାନ ପାଇଁ କ୍ୱିଣ୍ଟାଲ ପିଛା ୨୩୬୯ ଟଙ୍କା ଏବଂ 'ଏ' ଗ୍ରେଡ୍ ଧାନ ପାଇଁ ୨୩୮୯ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହା ସହ ଇନ୍‌ପୁଟ୍ ସହାୟତା ଯୋଗ ହେବାରୁ ସାଧାରଣ ଧାନ ପାଇଁ ଚାଷୀମାନେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପାଇବେ। ରବି ଧାନ ସଂଗ୍ରହ ବର୍ଷ ୨୦୨୫-୨୬ ପାଇଁ ଭଦ୍ରକ ଜିଲ୍ଲାରେ ମୋଟ ୨୯୦୬ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ସୂଚନା ମିଳିଛି। ଏହି ସଂଗ୍ରହ କାର୍ଯ୍ୟରେ ଜିଲ୍ଲାର ୩୨ଟି ପିପିସି ଅଂଶଗ୍ରହଣ କରିଥିବାବେଳେ ସେଥିରୁ ୨୬ଟି ପାକ୍ସ ଓ ୬ଟି ଡବ୍ଲ୍ୟୁଏସ୍‌ଏଚ୍‌ଜି ସମ୍ମିଳିତ ଅଛନ୍ତି। ବ୍ଲକ୍‌ଭିତ୍ତିକ ଭାବେ ଧାମନଗର ବ୍ଲକ୍‌ରେ ସର୍ବାଧିକ ୯୫୨ ଜଣ ଚାଷୀ, ବାସୁଦେବପୁରରେ ୪୮୨, ବନ୍ତରେ ୪୨୮, ବି. ପୋଖରୀରେ ୮୮୯, ଭଦ୍ରକରେ ୯୨, ଚାନ୍ଦବାଲିରେ ୬, ତିହିଡ଼ିରେ ୫୭ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି।

## ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ 'ଜ୍ଞାପକପତ୍ର' ପ୍ରଦାନ



ଧାମନଗର,୨୯।୪(ସମିସ): ଓଡ଼ିଆ ଭାଷାକୁ ସରକାରଙ୍କ ଶାସନ ଓ ଶିକ୍ଷା କ୍ଷେତ୍ରରେ ମୁଖ୍ୟ ଭାଷାରେ ପ୍ରାଥମିକତାର ମାନ୍ୟତା ଓ ପ୍ରୟୋଗ ନିମନ୍ତେ ଧାମନଗର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ପ୍ରଦାନ କରାଯାଇଛି। ପୂର୍ବରୁ ଧାମନଗର ବରିଷ୍ଠ ନାଗରିକ ପରିଷଦର ସାଧାରଣ ଅଧିବେଶନ ଏପ୍ରିଲ ୧ ଉତ୍କଳ ଦିବସରେ ଆମ ମାତୃଭାଷା ହିଁ ମାଆ, ମାଟିର କକ୍ଷକୋଳ ଏହାର ପୂର୍ଣ୍ଣତା ପ୍ରାପ୍ତି ହିଁ ପ୍ରତ୍ୟେକ ଓଡ଼ିଶାବାସୀଙ୍କର ପୂର୍ଣ୍ଣତା। ଏହାକୁ ଭିତ୍ତି କରି ସର୍ବସମ୍ମତି କ୍ରମେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିପାଇଁ ଓଡ଼ିଆ ଭାଷାକୁ ସରକାରଙ୍କ ଶାସନ, ବିଚାରାଳୟ ଓ ଶିକ୍ଷାକ୍ଷେତ୍ରରେ ପ୍ରାଥମିକତାର ମାନ୍ୟତା ଓ ପ୍ରୟୋଗ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଏକ "ଜ୍ଞାପକପତ୍ର' ଧାମନଗର ତହସିଲ୍‌ଦାରଙ୍କ ଜରିଆରେ ପ୍ରେରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ଅନିଲ କୁମାର ବାରିକ, ଉପସଭାପତି ସୁରଥ ଚନ୍ଦ୍ର ସେଠୀ, ସାଧାରଣ ସମ୍ପାଦକ ଶଚୀକାନ୍ତ ପଣ୍ଡା, ସାଂଗଠନିକ ଉପସଭାପତି ସେକ୍ ଅବ୍‌ଦୁଲ ହାକିମ, ସଂଗଠନ ସମ୍ପାଦକ ରାମଚନ୍ଦ୍ର ସାହୁ, କାର୍ଯ୍ୟାଳୟ ସମ୍ପାଦକ ଧନଞ୍ଜୟ ଦାସ, ବରିଷ୍ଠ ସଦସ୍ୟ ସନ୍ତୋଷ ପାଢ଼ୀ, ନିରାକାର ଧଳ, କରୁଣାକର ଶଙ୍ଖୁଆ, କୃଷ୍ଣ ଚନ୍ଦ୍ର ଜେନା ପ୍ରମୁଖ ସାମିଲ୍ ହୋଇଥିଲେ। ତେବେ ଉକ୍ତ ଦାବିପତ୍ର ଗ୍ରହଣ କରି ଯଥାଶୀଘ୍ର ପଠାଇଦେବି ବୋଲି ତହସିଲ୍‌ଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସଭାପତି ଶ୍ରୀ ବାରିକଙ୍କଠାରୁ ସୂଚନା ମିଳିଛି।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ତିହିଡ଼ି,୨୯।୪(ସମିସ): ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କ ଦ୍ୱାରା ତିହିଡ଼ିସ୍ଥିତ ଶାନ୍ତି ଆଶ୍ରମଠାରେ ମହିଳାମାନଙ୍କ ପାଇଁ ଥିବା ଯୌନ ଉତ୍ପୀଡ଼ନ ଆଇନ ଏବଂ ଅନୁସୂଚିତ ଜାତି ଓ ଜନଜାତିଙ୍କ ନିମନ୍ତେ ଥିବା ଯୋଜନା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକରଥ, ଜିଲ୍ଲାଆଇନସେବାପ୍ରାଧିକରଣରଏଏଲ୍‌ଡିଏସ୍‌ସହାୟକ, ଡ.ତାପସକୁମାର ମହାନ୍ତିତଥାଆଶ୍ରମରସମସ୍ତସଦସ୍ୟଏବଂଛାତ୍ରଛାତ୍ରୀଏହିକାର୍ଯ୍ୟକ୍ରମରେଯୋଗଦେଇଥିଲେ।



### ■ ୩୫ ବର୍ଷ ହେଲା ରାସ୍ତାକଡ଼ରେ ବସୁଛି ଗୋବିନ୍ଦପୁର ହାଟ

## ନାହିଁ ସ୍ଥାୟୀ ପିଣ୍ଡି କି ବଜାର ଗୃହ; ପ୍ରଶାସନର ଦୃଷ୍ଟି ପଡୁନି

ଅସୁରାଳି,୨୯।୪(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ଗାଁର ସାପ୍ତାହିକ ହାଟ ଦୀର୍ଘ ୩୫ ବର୍ଷ ଧରି ଅବହେଳିତ ଅବସ୍ଥାରେ ରହିଛି। ବାରିକପୁର-ଅସୁରାଳି ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ଏହି ହାଟ ବସୁଥିବାରୁ ଏହା ଜନସାଧାରଣ ଓ ଯାତାୟାତ ପାଇଁ ବିପଦସଙ୍କୁଳ ହୋଇପଡ଼ିଛି। ପ୍ରତି ସପ୍ତାହର ସୋମବାର ଏବଂ ଶୁକ୍ରବାର ଦିନ ଏହି ହାଟ ବସିଥାଏ। ସକାଳ ୮ଟାରୁ ରାତି ୯ଟା ପର୍ଯ୍ୟନ୍ତ ଏଠାରେ ଗହଳି ଜାରି ରହିଥାଏ। ରାସ୍ତାର ଦୁଇ ପାର୍ଶ୍ୱରେ ପରିବା ଦୋକାନୀମାନେ ବସୁଥିବାରୁ ରାସ୍ତା ସଙ୍କୁଚିତ ହୋଇଯାଉଛି। ଫଳରେ ଯାନବାହନ ଚଳାଚଳରେ ଅସୁବିଧା ହେବା ସହ ଛୋଟବଡ଼ ଦୁର୍ଘଟଣା ଏକ ନିୟମିତ ଘଟଣା ପାଲଟିଛି। ଏହି ହାଟ ଉପରେ କଲ୍ୟାଣୀ, ମାଜିଡିଆ, କୁସୁମା, ଚାମଲା, ଚୁଡ଼ାକୁଟି, ଦଳପୁର, ବାବୁରିଗାଁ, ସ୍ୱାମୀପାଟଣା, ଲକ୍ଷ୍ମୀପୁର, କୋରୁଆ, ମଙ୍ଗଳପୁର ଓ ଝାରଡ଼ିଆ ଭଳି ପାଖାପାଖି ୧୮ରୁ ୨୦ଟି ଗ୍ରାମର ୫୦୦ରୁ ୭୦୦ ପରିବାର ନିର୍ଭର କରିଥା'ନ୍ତି।



ସୂଚନା ଅନୁଯାୟୀ, ଆଖପାଖ ଅଞ୍ଚଳ ଯଥା- ସହିଦ ନଗର, ଅସୁରାଳି ଓ ବେତଳି ଗାଁରେ ସରକାରଙ୍କ ତରଫରୁ ହାଟ ପିଣ୍ଡି ବା ବଜାର ଗୃହ ନିର୍ମାଣ ହୋଇଥିଲେ ସୁଦ୍ଧା, ଗୋବିନ୍ଦପୁର ହାଟ ପ୍ରତି ପ୍ରଶାସନର ନଜର ପଡୁନାହିଁ। ଖରା, ବର୍ଷା ଓ ଶୀତ କାକରରେ ବ୍ୟବସାୟୀମାନେ ରାସ୍ତାକଡ଼ରେ ବସି ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସରକାର ଯଦି ଏହି ହାଟ ପାଇଁ ଏକ ସ୍ଥାୟୀ 'ହାଟ ପାଳିଆ' ଓ 'ମାର୍କେଟ କମ୍ପ୍ଲେକ୍ସ' ନିର୍ମାଣ କରନ୍ତେ, ତେବେ ଦୂରଦୂରାନ୍ତରୁ ଆସୁଥିବା ଚାଷୀ ଓ ଗ୍ରାହକମାନେ ଉପକୃତ ହୋଇପାରନ୍ତେ। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

### ଡିଡିଏ ପ୍ରେସ୍ କ୍ଲବ୍ ପକ୍ଷରୁ ଦହି ସରବତ ବଣ୍ଟନ

## ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଦ୍ୱାରା ଉଦ୍‌ଘାଟିତ



ସହିଦ ନଗର,୨୯।୪(ସମିସ): ଧାମନଗର ବ୍ଲକ୍ ଅଧୀନସ୍ଥ ଅସୁରାଳି ଆଇଟିଆଇ ଛକଠାରେ ଡିଡିଏ ପ୍ରେସ୍ କ୍ଲବ୍ ପକ୍ଷରୁ ଦହି ସରବତ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ପ୍ରବଳ ଗ୍ରୀଷ୍ମ ତାପରେ ପଥଚାରୀଙ୍କୁ ଶୀତଳ ପାନୀୟ ଯୋଗାଇବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ଅସୁରାଳି ସରପଞ୍ଚ ମିନତି ସାହୁ, ସରପଞ୍ଚ ଅନୁସୟା ସାହୁ, ସରପଞ୍ଚ ମହେଶ୍ୱତା ମହାଳିକ, ସରପଞ୍ଚ ସଞ୍ଜୀବ ବେହେରା, ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର, ଡିଡିଏ ପ୍ରେସ୍ କ୍ଲବ୍ ସଭାପତି ସନ୍ତୋଷ ସାହୁ, ସମ୍ପାଦକ ମାନସ ପରିଡ଼ା, କୋଷାଧ୍ୟକ୍ଷ କାଳନ୍ଦୀ ବେହେରା, ସିଦ୍ଧାର୍ଥ ମିଶ୍ର, ଉପସଭାପତି ରଜତ ଲେଙ୍କା ଓ ଶ୍ରୀକାନ୍ତ ସାହୁ, ଅଜିତ ରାୟ, ପଙ୍କଜ ଦାସ, ଫିରୋଜ ସାହା, ଅନ୍ତର୍ଯ୍ୟାମୀ ଦାସ, ଜାଫର ଅଲ୍ଲୀ, ସୁଶାନ୍ତ ରାଉତ, ତପନ ସ୍ୱାଇଁ, ସଞ୍ଜୀବ ମହାନ୍ତି, ଅଧ୍ୟାପକ ଶ୍ରୀଧର ସାହୁ, ମନୋଜ ଦାସ ଓ ଅସୁରାଳି ବଜାର କମିଟି ସଭାପତି ସଦାନନ୍ଦ ଦାସ ଅଙ୍କୁର କବି ପ୍ରମୁଖ ଯୋଗଦେଇଥିଲେ। ଡିଡିଏ ପ୍ରେସ୍ କ୍ଲବ୍‌ର ଏହି ମାନବୀୟ ପଦକ୍ଷେପକୁ ସ୍ଥାନୀୟ ଲୋକମାନେ ବ୍ୟାପକ ପ୍ରଶଂସା କରିଥିବା ସହ ସାମାଜିକ ଦାୟିତ୍ୱବୋଧର ଏକ ଉତ୍କୃଷ୍ଟ ଉଦାହରଣ ବୋଲି ମତ ପ୍ରକାଶ କରିଛନ୍ତି।

## ରୋଟାରୀ କ୍ଲବ୍ ପକ୍ଷରୁ 'ଜଳଛତ୍ର' ଉଦ୍‌ଘାଟିତ

ଭଦ୍ରକ,୨୯।୪(ସମିସ): ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଭଦ୍ରକ ରୋଟାରୀ କ୍ଲବ୍ ଆନୁକୂଲ୍ୟରେ ଭଦ୍ରକ ବାଇପାସ୍ ସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖ ସମେତ ଚରମ୍ପା, ସୈନିକ ନିବାସ ବରପଦା ଏବଂ ବାସୁଦେବ ସାହି ଛକ ଆମ୍ଭୋର୍ କେନ୍ଦୁଆପଦାଠାରେ ଜଳଛତ୍ର କେନ୍ଦ୍ର ଖୋଲାଯାଇ ଦହି, ଲେମ୍ବୁ ପୋଦିନା ସରବତ ପଥଚାରୀମାନଙ୍କୁ ବଣ୍ଟନ କରାଯାଉଛି। ଏହି ଜଳଛତ୍ର ଶିବିର ପରିଚାଳନାରେ ଚେୟାରମ୍ୟାନ୍ ରୋ.ଉମାକାନ୍ତ ଜେନା, ରୋ.ବସନ୍ତ ସାମଲ ଓ ରୋ.ଶଶୀଶେଖର କରଶର୍ମା ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଏହି କେନ୍ଦ୍ରଗୁଡ଼ିକୁ ରୋଟାରୀ ଗଭର୍ଣ୍ଣର ଇନ୍ଦ୍ରଜିତ ସାହୁଙ୍କ ଦ୍ୱାରା ଉଦ୍‌ଘାଟନ ଅବସରରେ ବରିଷ୍ଠ ରୋ.ବସନ୍ତ ପାଣିଗ୍ରାହୀ, ରୋ.ମଙ୍ଗିଲାଲ ବଲଦେୱା, ରୋ.ଅମ୍ବିକାବଲ୍ଲଭ ସ୍ୱାଇଁ, ରୋ.ପ୍ରମୋଦ କଜେନା, ରୋ.ପ୍ରଣବ ସାହୁ, ରୋ.ପୂର୍ଣ୍ଣ ଚନ୍ଦ୍ର ସାହୁ, ରୋ.ଶରତ ପୁହାଣ, ରୋ.ସୁଧିରଞ୍ଜନ ନାୟକ, ସମ୍ପାଦକ ରୋ.ଭାସ୍କର ଚନ୍ଦ୍ର ପାଢ଼ୀ, ସଭାପତି ରୋ.ନାସିର ବକ୍ସ ପ୍ରମୁଖ ଯୋଗଦେଇ ସହାୟତା କରିଥିଲେ।

## ଚରମ୍ପା ବରିଷ୍ଠ ନାଗରିକ ସଂଘର ଦହି ସରବତ ବଣ୍ଟନ




ଭଦ୍ରକ,୨୯।୪(ସମିସ): ବରିଷ୍ଠ ନାଗରିକମାନେ ବୟସର ଅପରାହ୍ନରେ ପହଞ୍ଚିଥିଲେ ମଧ୍ୟ ସଂଗଠନ ମାଧ୍ୟମରେ ସମାଜ ପାଇଁ ଦହି ସରବତ ବଣ୍ଟନ ଜରିଆରେ ଆଜିର ଯୁବ ସମାଜ ପାଇଁ ଉଦାହରଣ ସୃଷ୍ଟି କରିପାରିଛନ୍ତି। ବୟସ ଏକ ସଂଖ୍ୟା କିନ୍ତୁ ମନୋବଳ ପାଖରେ ଏସବୁ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇ ପରିବାରର ପିଲାଙ୍କୁ ଏକାଠି ବାନ୍ଧି ରଖିବାର ଏହା ଏକ ଅଭିନବ ପ୍ରୟାସ। ଆଜିର କାର୍ଯ୍ୟକ୍ରମରେ ଚରମ୍ପା ସଂଘର ସଭାପତି ଗଗନବିହାରୀ ରାଉତ ଓ ସାଧାରଣ ସମ୍ପାଦକ କୈଳାଶ ମହାପାତ୍ରଙ୍କ ସମେତ ୫୦ରୁ ଅଧିକ ସଦସ୍ୟ, ସଦସ୍ୟାଙ୍କ ସମେତ ବାସନ୍ତୀଲତା ନାୟକ, ସନ୍ଧ୍ୟାରାଣୀ ଗୁପ୍ତା, ହିତେଶ ଗୁପ୍ତା, ମଞ୍ଜୁ ଗୁପ୍ତା, ମିନା ଗୁପ୍ତା, ଗୋଦାବରୀ ଗୁପ୍ତା, ସନ୍ତୋଷୀ ଗୁପ୍ତା, ଅମରନାଥ ସାହୁ, ଅରୁଣ ଲଖାନି, ଜଗବନ୍ଧୁ ମହାନ୍ତି, ନରସିଂହ ମିଶ୍ର, ମଧୁସୂଦନ ମହାନ୍ତି, ଦୟାନିଧି ପୁହାଣଙ୍କ ସହଯୋଗରେ ସକାଳ ୯ଟାରୁ ଅପରାହ୍ନ ୧୨ଟା ୩୦ ପର୍ଯ୍ୟନ୍ତ ଚରମ୍ପା ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଗଳିପୋଲଠାରେ ଗାଡ଼ି ମୋଟରରେ ଯାଉଥିବା ଲୋକଙ୍କଠାରୁ ଆରମ୍ଭ କରି ପଥଚାରୀଙ୍କୁ ଦହି ପଣା ବଣ୍ଟନ କରିଥିଲେ। ଆସନ୍ତା ସପ୍ତାହରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଡାହାଣୀଗଡ଼ିଆ ଗଳାପୋଲଠାରେ ପଣା ବଣ୍ଟନ କରିବାର କାର୍ଯ୍ୟକ୍ରମ ରହିଛି।

## ମା' ରଟନ୍ତି କାଳୀ ଯାତ୍ରା ପରିବାର ପକ୍ଷରୁ ସମ୍ବର୍ଦ୍ଧନା ସଭା



ଭଦ୍ରକ,୨୯।୪(ସମିସ): ଭଦ୍ରକ ଏନ୍‌ଏସି ଅଧୀନ ବାଲିଗାଁ ମା' ରଟନ୍ତୀ କାଳୀ ପଡ଼ିଆଠାରେ ରଟନ୍ତୀ କାଳୀ ଯାତ୍ରା କଳାକାର ପରିବାର ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଓ ନାଟ୍ୟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ନାଟ୍ୟ ନିର୍ଦ୍ଦେଶକ ରାଧାକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତା ଓ କଳାକାର ଅମିୟ ସାହୁଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ, ଶିକ୍ଷାବିତ୍ ଅମୂଲ୍ୟ କୁମାର ରାଉତ, ରଟନ୍ତୀ କାଳୀ କମିଟିର ସମ୍ପାଦକ ମାଧବାନନ୍ଦ ମହାନ୍ତି, ସମାଜସେବୀ ବ୍ରଜ ସୁନ୍ଦର ମହାନ୍ତି, ରଘୁନାଥ ସାହୁ, ବ୍ରଜ କିଶୋର ପଣ୍ଡା, ନିର୍ମଳ ରାଉତ, ପାରିଷଦ ଶୀତ ମହାଳିକ, ନାଟ୍ୟଗୁରୁ ଦୈତାରୀ ଦାସ ପ୍ରମୁଖଙ୍କୁ ଯାତ୍ରା କଳାକାର ପରିବାର ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନାଟକ "ଦରିଆ କୂଳର ଦରଦୀ ବନ୍ଧୁ' ପରିବେଷଣ କରାଯାଇଥିଲା। ଟିଭି ସିରିଏଲ୍ ନାୟିକା ପାୟଲଙ୍କ ନୃତ୍ୟ ସଙ୍ଗୀତରେ ଉପସ୍ଥିତ ଦର୍ଶକ ମୁଗ୍ଧ ହୋଇଥିଲେ। ଏହି ଯାତ୍ରା ଉତ୍ସବ ତିନି ଦିନ ଧରି ଚାଲିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ଉତ୍ସବକୁ କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ନନ୍ଦ, ପ୍ରକାଶ ସେଠୀ, ଗଙ୍ଗାଧର ଦାସ, ଦେବେନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କାର୍ଯ୍ୟଶାଳା




ଭଦ୍ରକ,୨୯।୪(ସମିସ): ଭଦ୍ରକ ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ଡ.ରାଧାରାଣୀ ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ.କୃପାସିନ୍ଧୁ ନାୟକ, ସମ୍ମାନିତ ଅତିଥି ବସୁମିତ୍ରା ସାହୁ, ବିଶିଷ୍ଟ ଅତିଥି ଅକ୍ଷୟ ପାଣିଗ୍ରାହୀ ଓ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷିକା ମନୋରମା ରାଉତ ପ୍ରମୁଖ ଯୋଗଦେଇ ଶକ୍ତିଶ୍ରୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ନାରୀ ସଶକ୍ତୀକରଣ ଓ ଆତ୍ମରକ୍ଷା କୌଶଳ ମାଧ୍ୟମରେ କିପରି ନାରୀ ସଶକ୍ତ ହୋଇପାରିବ ଅତିଥିମାନେ ନିଜର ବକ୍ତବ୍ୟ ରଖିଥିଲେ। ଛାତ୍ରୀମାନେ ମହାବିଦ୍ୟାଳୟ ପରିସରରୁ ପୁରୁଣାବଜାର ପର୍ଯ୍ୟନ୍ତ ସ୍ଲୋଗାନ ଦେଇ ପରିକ୍ରମା କରିଥିଲେ। ଶେଷରେ ଶକ୍ତିଶ୍ରୀ ସଂଯୋଜିକା ପ୍ରଭାତୀ ନାୟକ ଧନ୍ୟବାଦ ଦେଇଥିବାବେଳେ ରଘୁନାଥ ନାୟକ, ଆଶୁତୋଷ ସିଂ ଓ ଗୌରାଙ୍ଗ ଦାସ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

### ବୈଶାଖୀ ମେଳାର ୩ୟ ସନ୍ଧ୍ୟା

## ଶ୍ରୀରାମ ନବମୀ ମହୋତ୍ସବ

ଭଦ୍ରକ,୨୯।୪(ସମିସ): ଐତିହ୍ୟ ସମ୍ପନ୍ନ ଭଦ୍ରକ ମାଟିର କଳା, ସଂସ୍କୃତି ଓ ପରମ୍ପରାର ମହାକୁମ୍ଭ 'ବୈଶାଖୀ ମେଳା-୨୦୨୬' ସମ୍ପ୍ରତି ଉତ୍ସବମୁଖର। ସ୍ଥାନୀୟ ନେହେରୁ ଷ୍ଟାଡିୟମ୍ ପରିସରରେ ଓଡ଼ିଶା ସଂସ୍କୃତି ଓ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଭବ୍ୟ ମେଳାର ୩ୟ ସନ୍ଧ୍ୟା ଆଧ୍ୟାତ୍ମିକତା ଓ ଆଞ୍ଚଳିକ ଗୌରବରେ ଥିଲା ମହିମାନ୍ୱିତ। ଆଜିର ଆଲୋଚ୍ୟ ବିଷୟ ଥିଲା "ଭଦ୍ରକ ନାମ, ଧାମ ଓ ମାହାତ୍ମ୍ୟ'। ଭଦ୍ରକ ମାଟିର ଯଶସ୍ୱୀ କଥାଶିଳ୍ପୀ ଡ. ରାଧାବିନୋଦ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଭୂ-ଅର୍ଜନ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ ଯୋଗଦେଇ ମେଳାର ଆବଶ୍ୟକତା ଓ ସାମାଜିକ ସଂହତି ଉପରେ ବକ୍ତବ୍ୟ ରଖିଥିଲେ। ଅବସରପ୍ରାପ୍ତ ଯନ୍ତ୍ରୀ ବସନ୍ତ ପାଣିଗ୍ରାହୀ ଯୋଗଦେଇ ଭଦ୍ରକର ଐତିହାସିକ ପୃଷ୍ଠଭୂମି, ପୀଠ ମାହାତ୍ମ୍ୟ ଓ ଆଞ୍ଚଳିକ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ବରେଣ୍ୟ ଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଭଦ୍ରକର ଆଧ୍ୟାତ୍ମିକ ବିଭବ ଓ ସାଂସ୍କୃତିକ ଜାଗରଣ ସମଗ୍ର ଓଡ଼ିଶାର ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରେ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ରୋଟାରିଆନ ଇନ୍ଦ୍ରଜିତ ସାହୁ ଯୋଗଦେଇ ଭଦ୍ରକର ପ୍ରତିଟି ଧୂଳିକଣାରେ ରହିଥିବା ଐତିହାସିକ ଗରିମା ବିଷୟରେ ସ୍ମରଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଯୁବ ସମାଜସେବୀ ତ୍ୟାଗଭୂମି ମହୋତ୍ସବ ସମ୍ପାଦକ ଗଦାଧର ବଳ ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ସୁଧାଂଶୁ ନାୟକ, ରାଜକିଶୋର ସାହୁ, ପଦ୍ମନ କୁମାର ରାୟ, ନାରାୟଣ ପାଢ଼ୀ, ବୈଲୋଚନ ବେହୁରିଆ, ମଦନ ମୋହନ ନାୟକ, ଗୌରାଙ୍ଗ ବାରିକ, ଚନ୍ଦ୍ରଶେଖର ନାୟକ, ବାବୁଲାଲ ଦାସ, ସୁଶ୍ରୀ ବସୁମିତ୍ରା ସାହୁ, ଇଂ. ଅମ୍ବିକାବଲ୍ଲଭ ସ୍ୱାଇଁ, ଇଂ. ଅଖିଳ ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସମାଜସେବୀ ସୁଧାକର ରାଉତ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବାବେଳେ ସମାଜସେବୀ ଲକ୍ଷ୍ମୀକାନ୍ତ ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ଓ ଗୀତ ପରିବେଷଣ ହୋଇଥିବାବେଳେ ଓଡ଼ିଆ ଚଳଚ୍ଚିତ୍ର ତାରକା ବ୍ରଜ ସିଂହଙ୍କ ନିର୍ଦ୍ଦେଶିତ "ପେଟେଣ୍ଟ ମେଡିସିନ' ନାଟିକା ଦର୍ଶକଙ୍କୁ ବିମୋହିତ କରିଥିଲା।




**'ଭଦ୍ରକ ନାମ ଓ ଧାମ ପଛରେ ଅଛି ଅନନ୍ତ ମହିମା'**

### ଜବରଦଖଲରେ ନୟନଯୋର

## ଜଳ ଓ ଆବର୍ଜନା ନିଷ୍କାସନ ବାଧାପ୍ରାପ୍ତ

ଭଦ୍ରକ,୨୯।୪(ସମିସ): ରାଜ୍ୟରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଜବରଦଖଲ ଉଚ୍ଛେଦ ପାଇଁ ରାଜ୍ୟ ସରକାର ତଥା ରାଜସ୍ୱ ବିଭାଗ ପଦକ୍ଷେପ ନେଉଛନ୍ତି। ସବୁଠି ବୁଲୁଛି ବୁଲ୍‌ଡୋଜର। ତେବେ ଏପରିସ୍ଥଳେ ଭଦ୍ରକ ତହସିଲ୍ ଅନ୍ତର୍ଗତ ବରପଦା ଛକ ସମେତ ଆଖପାଖ ଅଞ୍ଚଳରେ ସରକାରୀ ଜମିକୁ ଜବରଦଖଲ ଓ ନୟନଯୋର ଉପରେ ଘର ନିର୍ମାଣ ସହିତ ମାଟି ପକାଇ ବନ୍ଧ ନିର୍ମାଣ ଯୋଗୁଁ ଡ୍ରେନ୍ ବା ନୟନଯୋରରେ ପାଣି ଅଟକି ରହିବା ସହିତ ସୃଷ୍ଟି ହେଉଛି କୃତ୍ରିମ ବନ୍ୟା। ଏଥିସହ ଅଳିଆ ଆବର୍ଜନା ଜମାଟ ବାନ୍ଧି ବରପଦା ବଜାର ଅଞ୍ଚଳ ଦୁର୍ଗନ୍ଧରେ ଫାଟି ପଡୁଥିବାବେଳେ ନିଃଶ୍ୱାସ ନେବା ବି କଷ୍ଟକର ହେଇ ପଡୁଛି।

କିଛି ମାସ ପୂର୍ବରୁ ସାଳନ୍ଦୀ ନଦୀ ବନ୍ଧଠାରୁ ଆଗରପଡ଼ା ରାସ୍ତା ପାର୍ଶ୍ୱ ନୟନଯୋର ଦେଇ ଆସୁଥିବା ଅବ୍ୟବହୃତ ଜଳ ନିଷ୍କାସନ ପାଇଁ ପ୍ରାୟ ୩ କୋଟି ଟଙ୍କା ବ୍ୟୟ ଅଟ୍ଟକଳରେ ବରପଦା ମେଡିକାଲ ଛକଠାରୁ ବରପଦା ବଜାର ଶେଷ ୫୦୦ ମିଟର ନୟନଯୋର ଉପରେ ଜଳ ନିଷ୍କାସନ ପାଇଁ ନିର୍ମାଣ ହୋଇଥିଲା କଂକ୍ରିଟ ଡ୍ରେନ୍। କିନ୍ତୁ କାର୍ଯ୍ୟ ସରିଥିଲେ ବି କାର୍ଯ୍ୟକ୍ଷମ ହୋଇପାରି ନାହିଁ। ନିର୍ମାଣ ହୋଇଥିବା ନୂତନ କଂକ୍ରିଟର ଡ୍ରେନ୍ ପ୍ରକଳ୍ପ ମୁକୁଳା ଅବସ୍ଥାରେ ବିପଦସଙ୍କୁଳ ହୋଇ ପଡ଼ି ରହିଥିବାବେଳେ କିଛିଦିନ ପୂର୍ବରୁ ୨ଟି ଷଣ୍ଢ ପଡ଼ିଥିଲାବେଳେ ଅଗ୍ନିଶମ ବିଭାଗ ଉଦ୍ଧାର କରିଥିଲେ। ଏବେ ବୈଶାଖ ମାସରେ ନୟନଯୋରରେ ପାଣି ଜମାଟ ବାନ୍ଧି ସୃଷ୍ଟି ହେଉଛି ନାହିଁ ନ ଥିବା ସମସ୍ୟା। ଆଗକୁ ଆସୁଛି ବର୍ଷା ଋତୁ। ବିଭାଗୀୟ ଅଧିକାରୀଙ୍କ ଅବହେଳିତ ମନୋଭାବ ବରପଦା ସମେତ ଆଖପାଖ ୧୦ରୁ ୧୫ଟି ଗ୍ରାମର ଚାଷୀ ବର୍ଷା ଜଳ ନିଷ୍କାସନ ନ ହେବା ଦ୍ୱାରା ପ୍ରଭାବିତ ହେବା ସହିତ ନୂତନ ଭାବେ ନିର୍ମିତ ମୁକୁଳା କଂକ୍ରିଟ ଡ୍ରେନ୍‌ରେ ପଡ଼ି ଜୀବନ ହରାଇବାର ସମ୍ଭାବନା ରହିଛି ବୋଲି ସମ୍ପୃକ୍ତ ଅଞ୍ଚଳରେ ଅଭିଯୋଗ ହୋଇଛି। ଡ୍ରେନେଜ୍ ବିଭାଗର ଅଧିକାରୀ ଓ ଭଦ୍ରକ ତହସିଲ୍ ଏ ଦିଗରେ ଦୃଷ୍ଟି ଦେବା ସହିତ ବର୍ଷା ଋତୁ ଆରମ୍ଭ ପୂର୍ବରୁ ଏହାର ସ୍ଥାୟୀ ସମାଧାନ ଲାଗି ଦାବି ହୋଇଛି। ଅନ୍ୟପକ୍ଷରେ ବରପଦା ଅଞ୍ଚଳରେ କାହିଁକି ଜବରଦଖଲ ଉଚ୍ଛେଦ ଅଭିଯାନ କାର୍ଯ୍ୟକାରୀ ହେଉନାହିଁ ବୋଲି ପ୍ରଶ୍ନ ଉଠିଛି।

**ଉଚ୍ଛେଦ ନ ହେବା ଓ ଡ୍ରେନେଜ୍ ବିଭାଗର ନିରବତା ଯୋଗୁଁ ଦୁର୍ଦ୍ଦଶା ଭୋଗୁଛନ୍ତି ବରପଦା ବାସିନ୍ଦା**



● ଗୋ-ଚାଲାଣ ଓ ନିଶା କାରବାର ବନ୍ଦ ଦାବି

## ମୁସଲିମ ସମାଜ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଭଦ୍ରକ,୨୯।୪(ସମିସ): ଭଦ୍ରକ ମୁସଲିମ ସମାଜ ପକ୍ଷରୁ ବୁଧବାର ଭଦ୍ରକ ଜିଲ୍ଲାପାଳଙ୍କୁ ଏକ ଶାନ୍ତିପୂର୍ଣ୍ଣ ଭାବରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ମାଧ୍ୟମରେ ଭଦ୍ରକ ଜିଲ୍ଲାରେ ଅବାଧ ଗୋ-ଚାଲାଣ ବନ୍ଦ, ଗୋ-ମାଫିଆଙ୍କୁ ତୁରନ୍ତ ଗିରଫ, ଗୋ-ସୁରକ୍ଷା ନାମରେ ଆଇନକୁ ହାତରେ ନେଇ ହିଂସା କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ଜିଲ୍ଲାରେ ଆଇନଶୃଙ୍ଖଳା ସୁଦୃଢ଼ କରିବା, ସାମ୍ପ୍ରଦାୟିକ ସମ୍ପ୍ରୀତି ରକ୍ଷା କରିବା ସହ ଅବାଧ ନିଶା କାରବାର



ରୋକିବାକୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଦାବି ଉଠାଯାଇଛି। ସଂଗଠନ ପକ୍ଷରୁ ଭଦ୍ରକ ଜିଲ୍ଲାର ଶାନ୍ତି, ଭାଇଚାରା ଓ ସାମାଜିକ ସମ୍ପ୍ରୀତି ରକ୍ଷା ପାଇଁ ପ୍ରଶାସନ ତତ୍କାଳ ପଦକ୍ଷେପ ନିଅନ୍ତୁ। ଏହି କାର୍ଯ୍ୟକ୍ରମରେ ସବିର ଖାନ୍‌ଙ୍କ ନେତୃତ୍ୱରେ ସଂଗଠନର ସଦସ୍ୟମାନେ ଓ ଅନେକ ସଚେତନ ନାଗରିକ ଉପସ୍ଥିତ ରହି ଏହି ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କୁ ପ୍ରଦାନ କରିଥିଲେ।

## ବିଷ୍ଣୁପୁରଠାରେ ଜବରଦଖଲ ଉଚ୍ଛେଦ

ବାରିକପୁର,୨୯।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ କେନାଲ ଛକଠାରୁ ବିଷ୍ଣୁପୁର ଛକ ଯାଏଁ ବୁଧବାର ଜବରଦଖଲ ଉଚ୍ଛେଦ ହୋଇଛି। ଜବରଦଖଲ ଉଚ୍ଛେଦ ପରେ କେନାଲ ଛକ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପ୍ରସ୍ତାବିତ ପାଦଚଲା ପୋଲର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ରାଜପଥ ପ୍ରାଧିକରଣ ସଂସ୍ଥା ଅଧୀନସ୍ଥ ସରକାରୀ ଜମିରେ ପ୍ରାୟ ୨୫ରୁ ଅଧିକ ଛୋଟବଡ଼ ବ୍ୟାବସାୟିକ କେନ୍ଦ୍ର ଗଢ଼ି ଉଠିଥିଲା। ସେଗୁଡ଼ିକୁ ପ୍ରଶାସନ



ବୁଧବାର ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି। ଆଇନଶୃଙ୍ଖଳା ଦୃଷ୍ଟିରୁ ବେଆଇନ ଉଚ୍ଛେଦ ସମୟରେ ବ୍ୟାପକ ପୁଲିସ ମୁତୟନ ହୋଇଥିଲେ। ତହସିଲ୍‌ଦାର ରୋଜାଲିନ ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପାର୍ଥ ଜଗଦୀଶ କାଶ୍ୟପ, ଅଂଶୁମାନ ଦ୍ୱିବେଦୀ, ପୁଲିସ ଉପଖଣ୍ଡ ଅଧିକାରୀ ଅନିରୁଦ୍ଧ ମୁଦୁଲି, ଥାନା ଅଧିକାରୀ ଶୁଭ୍ରଜିତ ଦାସ, ରାଜଲକ୍ଷ୍ମୀ ନାୟକ, ରାଜେଶ ସେଠୀ, ସ୍ଥାନୀୟ ସରପଞ୍ଚ ଅମୂଲ୍ୟ ନାୟକ, ରାଜପଥ ଅଧିକାରୀ ସତ୍ୟଜିତ୍ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି

ଅସୁରାଳି,୨୯।୪(ସମିସ): ସାଧାରଣ ଜନତାଙ୍କ ସମସ୍ୟାର ସମାଧାନ ଏବଂ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବା ଲକ୍ଷ୍ୟରେ ବୁଧବାର ଧାମନଗର ବ୍ଲକ୍ ଅସୁରାଳିସ୍ଥିତ ବାଜପେୟୀ ଭବନଠାରେ ଏକ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକଙ୍କ ସମସ୍ୟା ପ୍ରତ୍ୟକ୍ଷ ଭାବେ ଶୁଣିବା ସହ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ମନ୍ତ୍ରୀ ସମାଜର ନିମ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରିଥିଲେ।




ମୁଖ୍ୟତଃ ଗମନାଗମନ, ପାନୀୟ ଜଳ, ଶିକ୍ଷା ଏବଂ ସାମାଜିକ ସୁରକ୍ଷା ଭତ୍ତା ଭଳି ବିଭିନ୍ନ ମୌଳିକ ସମସ୍ୟା ନେଇ ଲୋକେ ମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ସମସ୍ତ ଅଭିଯୋଗକୁ ଗମ୍ଭୀରତାର ସହ ଗ୍ରହଣ କରି ସେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ବିହିତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ସାଧାରଣ ଲୋକଟିଏ ଯେପରି ସରକାରୀ ସେବାରୁ ବଞ୍ଚିତ ନ ହୁଏ, ତାହା ସୁନିଶ୍ଚିତ କରିବା ଆମର ସର୍ବୋଚ୍ଚ ସଂକଳ୍ପ। ଏହି ଶୁଣାଣି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, ବିଭିନ୍ନ ବିଭାଗର ସରକାରୀ ଅଧିକାରୀ ଏବଂ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ବିସ୍ମୟ ଶିଶୁ ଇନୟା

ବନ୍ତ/ଆଗରପଡ଼ା,୨୯।୪(ସମିସ): ୨୦ ମାସର ଶିଶୁ ଇନୟା ଅଞ୍ଜୁମ୍ ତାଙ୍କର ବିସ୍ମୟ କାର୍ଯ୍ୟ ଯୋଗୁଁ ନିଜ ନାଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ-୨୬ରେ ସ୍ଥାନିତ କରିପାରିଛନ୍ତି। ଇନୟା ଠିକ୍ ଭାବେ ଚାଲିବା କିମ୍ବା




କଥା କହିବା ଶିଖି ନାହାନ୍ତି ମାତ୍ର ଅଗାଧ ପାଣ୍ଡିତ୍ୟପୂର୍ଣ୍ଣ କାର୍ଯ୍ୟ ସମସ୍ତଙ୍କୁ ବିସ୍ମିତ କରିଛି। ଭଦ୍ରକ ଜିଲ୍ଲା ଆଗରପଡ଼ାସ୍ଥିତ ଘଣ୍ଟଗଡ଼ିଆ ଗ୍ରାମର ଦିଲବର ଶାହା ଓ ରସିଦା ଖାତୁନଙ୍କ ଝିଅ ଇନୟାଙ୍କୁ ନେଇ ଚାରିଆଡ଼େ ଚର୍ଚ୍ଚା। ବିଭିନ୍ନ ପଶୁ, ଫଳ, ପନିପରିବା, ପରିବହନ, ପକ୍ଷୀ, ଜୀବାଣୁ, ବାଦ୍ୟଯନ୍ତ୍ର, ବିଭିନ୍ନ ଆକୃତି, ସାମୁଦ୍ରିକ ଜୀବ, ପ୍ରକୃତି ପ୍ରଦତ୍ତ ସାମଗ୍ରୀ, ଛୋଟ ଜୀବ, ରଙ୍ଗ, ପଶୁଙ୍କ ଘର, ଜାତୀୟ ସଙ୍କେତ, ସୋଲାର ସିଷ୍ଟମ୍ ଟ୍ରାଫିକ୍ ଲାଇଟ୍, ଶରୀର ଓ କମ୍ପ୍ୟୁଟର ଅଂଶର ନାଁ, ଦେଶ, ରାଜ୍ୟ, ଜିଲ୍ଲା, ରାଜଧାନୀ, ଆମ ଦେଶ ରାଜନେତାମାନଙ୍କ ନାଁ ହିନ୍ଦୀ ଓ ଇଂରାଜୀରେ ସଠିକ୍ ଭାବେ ଅନାୟାସରେ କହିପାରୁଛନ୍ତି। ବର୍ତ୍ତମାନ ଇନୟାଙ୍କୁ ଦେଖିବା ଓ ତାଙ୍କ ଗୁଣ ପରଖିବା ପାଇଁ ଲୋକଙ୍କ ଗହଳି ତାଙ୍କ ଘରେ ଲାଗୁଥିବାର ପରିଲକ୍ଷିତ ହେଉଛି।

# ବିକାଶଠାରୁ ବହୁଦୂରରେ ରାମଚନ୍ଦ୍ରପୁର ପଞ୍ଚାୟତ

ବନ୍ତ/ଆଗରପଡ଼ା,୨୯।୪(ସମିସ)

ବନ୍ତ ବ୍ଲକ୍ ଅନ୍ତର୍ଗତ ରାମଚନ୍ଦ୍ରପୁର ପଞ୍ଚାୟତବାସୀ ସ୍ୱାଧୀନତାର ୭୭ବର୍ଷ ପରେ ବି ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ପରି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଆସୁଛନ୍ତି। ୧୪ଟି ୱାର୍ଡର ୧୪୮୦ ଅନୁସୂଚିତି ଜାତି, ୧୩୯ ଅନୁସୂଚିତ ଜନଜାତି ଏବଂ ୩୧୧୮ ଜଣ ଅନ୍ୟାନ୍ୟ ବର୍ଗ ଏହିପରି ମୋଟ୍ ୪୭୩୭ ଜନସଂଖ୍ୟାକୁ ନେଇ ଉକ୍ତ ପଞ୍ଚାୟତ ଗଠିତ ହୋଇଥିବାବେଳେ ଭୋଟରଙ୍କ ସଂଖ୍ୟା ୩୭୩୫ ଜଣ ରହିଥିବା ଜଣାଯାଇଛି। ପଞ୍ଚାୟତରେ ସର୍ବାଙ୍ଗିଣ ଉନ୍ନତି ପାଇଁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପାଦିତ ହୋଇଛି। ହେଲେ ଉକ୍ତ ପଞ୍ଚାୟତରେ ରହିଥିବା ପ୍ରମୁଖ ସମସ୍ୟା ପାନୀୟ ଜଳ, ଯାତାୟାତ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କୌଣସି ସୁଧାର ଆସିନି। ବହୁ ଯୋଜନା ଅଧପନ୍ତରିଆ ଭାବେ ପଡ଼ିରହିଛି। 'ବସୁଧା' ଯୋଜନାରେ ଏହି ପଞ୍ଚାୟତରେ ୧ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ୫ଟି ବିଶାଳ ପାଣିଟାଙ୍କି ବସିଥିଲେ ମଧ୍ୟ ଏହା ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। କେଉଁଠି ପାଇପ୍ ବିଛା କାମ ସରିନାହିଁ ତ ଆଉ କେଉଁଠି ପାଇପ୍ ନଷ୍ଟ ହେବାକୁ ବସିଛି। ଯଦ୍ୱାରା ପଞ୍ଚାୟତର ବିଭିନ୍ନ ଗ୍ରାମର ଅଧିବାସୀ, ବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ





କାର୍ଯ୍ୟାଳୟର କର୍ମଚାରୀ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି।

ସେହିପରି ପଞ୍ଚାୟତ ପାଶ୍ୱର୍ରେ ପ୍ରବାହିତ କପାଳୀ ନଦୀ ଉପରେ ରାମଚନ୍ଦ୍ରପୁର-ପାନପଦୀ ଓ ପାନପଦୀ-କରାଣ୍ଡି ଗଡ଼ିଆକୁ ସଂଯୋଗ ପାଇଁ ପକ୍କା ପୋଲ ନିର୍ମାଣ ହୋଇଛି। ହେଲେ ପକ୍କା ପୋଲର ଉଭୟପାଶ୍ୱର୍ରେ ଆପ୍ରୋଚ୍ ରୋଡ୍ ନିର୍ମାଣ ହୋଇ ନ ଥିବାରୁ ଲୋକେ ପୋଲର ସୁଫଳ ପାଇପାରୁନାହାନ୍ତି। ଆପ୍ରୋଚ୍ ରୋଡ୍ ନିର୍ମାଣ ହେଲେ ଏହାର ଅନ୍ୟପାଶ୍ୱର୍ରେ ଥିବା ପାନପଦୀ, ବଳଭଦ୍ରପୁର, ଆଗରପଡ଼ା, ଅଡ଼ାଳପଙ୍କ, ନରସିଂହପୁର ଏବଂ ଜିରିଣା ଆଦି ଗାଁ ସହ ବିଭିନ୍ନ ସ୍ଥାନର ସଂଯୋଗ ସ୍ଥାପନ ହୋଇପାରିବ। ସେହିପରି ପଞ୍ଚାୟତରେ ଉପସ୍ୱାସ୍ଥ୍ୟ କେନ୍ଦ୍ର ଥିଲେ ସୁଦ୍ଧା ଆବଶ୍ୟକୀୟ ଔଷଧ ମିଳିପାରୁ ନ ଥିବାରୁ ଲୋକେ ଉପଯୁକ୍ତ ସେବା ପାଇପାରୁନାହାନ୍ତି। ଯଦ୍ୱାରା ଲୋକଙ୍କୁ ସ୍ୱାସ୍ଥ୍ୟସେବା ପାଇଁ ୪ କି.ମି. ଦୂରରେ ଥିବା ବନ୍ତ କିମ୍ବା ଅଡ଼ାଳପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରିବାକୁ ପଡୁଛି। ରାମଚନ୍ଦ୍ରପୁର

**ମୌଳିକ ସୁବିଧାରୁ ବଞ୍ଚିତ ଅଞ୍ଚଳବାସୀ**

ଛକଠାରୁ ସାହରାଗଡ଼ିଆ ଭାୟା କରାଣ୍ଡିଗଡ଼ିଆ ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଥିବାବେଳେ ନିମାପଡ଼ା ଗାଁରୁ କପାଳୀ ନଦୀ ପାଖ ଦେଇ ବନ୍ତ-ଆଗରପଡ଼ାକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଆଜିପର୍ଯ୍ୟନ୍ତ କରାଯାଇପାରୁ ନ ଥିବାରୁ ବର୍ଷା ଋତୁରେ କପାଳୀ ନଦୀରେ ବନ୍ୟା ହୋଇ ଉକ୍ତ ଜଳ ଗୃହକୁ ପ୍ରବେଶ କରିଥିବାବେଳେ ଏହା ପାଖରେ ଥିବା ଚାଷ ଜମି ଆଜି ବି ପଡ଼ିଆ ପଡ଼ିଛି। ବିଭିନ୍ନ ଦୃଷ୍ଟି କୋଣରୁ କପାଳୀକ୍ଷେତ୍ର ଉକ୍ତ ପଞ୍ଚାୟତର ପ୍ରମୁଖ ଭୂମିକା ନିର୍ବାହ କରୁଥିବା ସ୍ଥଳେ ଏଠାରେ ନିର୍ମିତ ଶୌଚାଳୟ ଓ କଲ୍ୟାଣମଣ୍ଡପ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ତେଣୁ ସମସ୍ୟା ଜର୍ଜରିତ ଉକ୍ତ ପଞ୍ଚାୟତବାସୀଙ୍କୁ ସେମାନଙ୍କ ମୌଳିକ ସୁବିଧା ଯଥାଶୀଘ୍ର ଯୋଗାଇଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

**ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ**

## ବିଭିନ୍ନ ଦାବି ରଖିଲେ ଭୋଗରାଇ ବିଧାୟକ



ବାଲେଶ୍ୱର(ଉତ୍ତର), ୨୯।୪ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ଅନ୍ୟ ଅଞ୍ଚଳ ଠାରୁ ଅଧିକ ରବିଧାନ ଚାଷ ହୋଇଥାଏ। ମାତ୍ର ଗତ ବର୍ଷ ଏହି ରବି ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଥିଲା। ଟାର୍ଗେଟ କମ୍ ମିଳିବାରୁ ଚାଷୀ ମାନଙ୍କୁ ଦିଆଯାଇଥିବା ଟୋକନ ପରିମାଣର ଧାନ କିଣା ଯାଇ ପାରିଲା ନାହିଁ। ଫଳରେ ଚାଷୀ କ୍ଷତି ସହିଲେ। ତେଣୁ ଚଳିତ ବର୍ଷ ପୂର୍ବ ଭଳି ଧାନ କିଣାରେ ସମସ୍ୟା ନ ଉପୁଜିବ ସେଥିପାଇଁ ଗତ ମଙ୍ଗଳବାର ଦିନ ଚଳିତ ବର୍ଷ ରବି ଧାନକିଣା ପାଇଁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବାଲେଶ୍ୱର ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ବିଭିନ୍ନ ଦାବି ଉପରେ ଆଲୋକପାତ କରିଥିଲେ। ମୁଖ୍ୟତଃ ପଞ୍ଜୀକରଣରୁ ବଞ୍ଚିତ ହଜାର ହଜାର ଚାଷୀଙ୍କୁ ସୁଯୋଗ ଦେବା ପାଇଁ ପଞ୍ଜୀକରଣ ଅବଧିକୁ ବୃଦ୍ଧି କରିବା, ସମସ୍ତ ଚାଷୀଙ୍କ ଉତ୍ପାଦିତ ସବୁ ଧାନକୁ କିଣିବା, ଟୋକନ୍ ଅନୁଯାୟୀ ଧାନକିଣାର ଟାର୍ଗେଟ ପ୍ରଦାନ କରିବା, ମାତ୍ରାଧିକ କଟନି -ଛଟନି ବନ୍ଦ କରିବା ଏବଂ ନୂତନ ଭାବେ ଗଠିତ ସମସ୍ତ ସେବା ସମବାୟ ସମିତିରେ ଧାନ କିଣାର ବ୍ୟବସ୍ଥା କରିବାକୁ ବିଧାୟକ ଶ୍ରୀ ଦାସ ଦାବି କରିଥିଲେ।

## ଶ୍ୟାମାନନ୍ଦିପୁରରେ 'ଆମ ଗାଁ ଚନ୍ଦନ ଉତ୍ସବ' ଉଦ୍‌ଘାଟିତ

ଚନ୍ଦନେଶ୍ୱର, ୨୯।୪ (ସମିସ): ଭୋଗରାଇ ବ୍ଲକ ଗୋଛିଦାତେଘରୀ ପଞ୍ଚାୟତ ଅଧୀନ ଶ୍ୟାମାନନ୍ଦିପୁର ଗାଁରେ ଆମ ଗାଁ ଚନ୍ଦନ ଉତ୍ସବ ଉଦଘାଟିତ ହୋଇ ଯାଇଛି। ଭକ୍ତ କବି 'ଜୟଦେବ' ମଞ୍ଚରେ ଏନେଇ ଆୟୋଜିତ ଉଦଘାଟନୀ ସଭାକୁ ଉତ୍ସବ କମିଟିର ସମ୍ପାଦକ ଅନନ୍ତ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ଆମ ଧର୍ମୀୟ ବିଚାରରେ ଚନ୍ଦନ ଉତ୍ସବ ଅତ୍ୟନ୍ତ ଗୁରୁତ୍ୱ ବହନ କରେ ଏବଂ ଶ୍ରୀଜଗନ୍ନାଥଙ୍କ ଏହି ଦୀର୍ଘତମ ଯାତ୍ରାରେ ପଞ୍ଚପାଣ୍ଡବଙ୍କ ମିଳନ ହୋଇଥାଏ। ମୁଖ୍ୟ ବକ୍ତା ବିଶିଷ୍ଟ ପ୍ରବଚକ ଡ. ସତୀଶ ଚନ୍ଦ୍ର ପଣ୍ଡା ଯୋଗଦେଇ ଦିବ୍ୟ ଉତ୍ସବ ଚନ୍ଦନ ସାଧନା



ଏବଂ ସିଦ୍ଧିର ପ୍ରତୀକାଇକ ଚେତନାକୁ ବିସ୍ତାରିତ କରେ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଉପ ଆରକ୍ଷୀ ନିରୀକ୍ଷକ ବିଶ୍ୱନାଥ କର,ଚନ୍ଦନେଶ୍ୱର ମନ୍ଦିରର ମୌରସୀ ତପନ କୁମାର ପଣ୍ଡା, ସମାଜସେବୀ ନଗେନ୍ଦ୍ର ନାଥ ପାତ୍ର, ସମିତି ସଦସ୍ୟ ଗୋବିନ୍ଦ ଦାସ, ରାଧାଶ୍ୟାମ ଦେ ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ। କବି ସୁଶାନ୍ତ କୁମାର ନାୟକ ଅତିଥି ପରିଚୟ, ଦେବ ଶଙ୍କର ଦାଶ ବେଦପାଠ ଓ ଶ୍ରୀକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ସକାଳେ ଚନ୍ଦନେଶ୍ୱର ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ, ନୀଳ ପୋଖରୀରୁ କଳସ ଯାତ୍ରା ହୋଇଥିଲା ବେଳେ ଅପରାହ୍ନରେ ପଦ୍ମଭୂଷଣ ମନୋଜ ଦାସଙ୍କ ସମ୍ପର୍କିତ କବିତା ପାଠ ସହିତ ଚନ୍ଦନ ପୋଖରୀରେ ରାଧାକୃଷ୍ଣଙ୍କ ନୌବିହାର ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। 'ଶ୍ରଦ୍ଧା କ୍ରିଏଟିଭ ଆର୍ଟସ'ର କଣ୍ଠ ଶିଳ୍ପୀଙ୍କ ଭଜନରେ ଦର୍ଶକ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଭିଜିଥିଲେ।

## ଫିଜିକାଲ ଏକାଡେମୀ ପ୍ରତିଷ୍ଠାତାଙ୍କ ପରଲୋକ

ଧର୍ମଶାଳା,୨୯।୪(ସମିସ): ଧର୍ମଶାଳା ବ୍ଲକ ଭାବାନୀପୁର ପଞ୍ଚାୟତ ଭୁବନ ସାନମାଳସାହି ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ତଥା ଧର୍ମଶାଳା ଫିସିକାଲ ଏକାଡେମୀର ପ୍ରତିଷ୍ଠାତା ଚନ୍ଦ୍ରମଣି ନାୟକ (୪୩)ଙ୍କ ଆଜି ଅକାଳ ବିୟୋଗ ଘଟିଛି। ଗତ ଦୁଇ ଦିନ ତଳେ ସେ ହଠାତ ଅସୁସ୍ଥତା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ଚାଲିଥିବା ବେଳେ ଆଜି ଭୋର ୩ଟା ସମୟରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ୨୦୦୨ ମସିହାରୁ ଭାରତୀୟ ସେନାରେ ଭର୍ତ୍ତି ହୋଇ ୨୦ ବର୍ଷ ପରେ ୨୦୨୨ ମସିହାରେ କାର୍ଯ୍ୟରୁ ଅବସର ନେଇଥିଲେ। ଅବସର ପରେ ସେ ଘରେ ବସି ନରହି ଭୁବନ ଫିଜିକାଲ ଏକାଡେମୀ ନାମରେ ଏକ ସଂସ୍ଥା କରି ବେକାର ଯୁବକ ଓ ଯୁବତୀମାନଙ୍କୁ ଶାରୀରିକ ଶିକ୍ଷା ପ୍ରଦାନ କରି ସେନାରେ ଭର୍ତ୍ତୀ ହେବାର ସୁଯୋଗ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ସେ ଭୁବନ ଏକାଡେମୀକୁ ପରିବର୍ତ୍ତନ କରି ଧର୍ମଶାଳା ଫିଜିକାଲ ଏକାଡେମୀ ନାମରେ ସଂସ୍ଥା କରି ବେକାରୀ ଯୁବକ ଓ ଯୁବତୀମାନଙ୍କୁ ଧର୍ମଶାଳା ଷ୍ଟାଡିୟମରେ ପ୍ରଶିକ୍ଷଣ ଦେଉଥିଲେ। ତାଙ୍କ ବିୟୋଗରେ ସମଗ୍ର ଧର୍ମଶାଳା ଅଞ୍ଚଳରେ



ଶୋକର ଛାୟା ଖେଳିଯାଇଛି। ଚନ୍ଦ୍ରମଣିଙ୍କ ଅକାଳ ବିୟୋଗରେ ସ୍ଥାନୀୟ ବିଧାୟକ ହିମାଂଶୁ ସାହୁ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ମରଶରୀର ଭୁବନେଶ୍ୱରରୁ ଆସିବା ପରେ ଜାରକା ଛକରେ ସମାଜସେବୀ ମିନତୀ ସାହୁ, ଯୁବ ସଂଗଠକ ରାଜେଶ କୁମାର ପାଳ, ଦେବରାଜ ମିଶ୍ର, ଜିତେନ୍ଦ୍ର ରାଉତ, ଶୀବସ୍ୱ ଧିର, ଦେବଦତ୍ତ ପଣ୍ଡା, ଉପେନ୍ଦ୍ର କର, ନିର୍ମଳ ପ୍ରଧାନ, ସବ୍ୟସାଚି ସୁନ୍ଦରରାୟ, ମନୋଜ ପଲେଇ, ଚନ୍ଦ୍ରମଣି ପଣ୍ଡିତ, ଆଲୋକ ଲେଙ୍କା, ନାରାୟଣ ମଲିକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ଅଣାଯାଇ ଭୁବନସ୍ଥିତ ତାଙ୍କ ବାସଭବନ ପର୍ଯ୍ୟନ୍ତ ନିଆଯାଇଥିଲା। ଅପରାହ୍ନ ଦୁଇଟା ପରେ ତାଙ୍କ ମରଶରୀରକୁ ନିଜ ଗ୍ରାମସ୍ଥିତ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଏକମାତ୍ର ପୁଅ ପୃଥିରାଜ ନାୟକ ମୁଖାଗ୍ନି ଦେଇଥିଲେ।

## ଭୋଜିରେ ଗଣ୍ଡଗୋଳ, ଥାନାରେ ମାମଲା

ଧର୍ମଶାଳା,୨୯।୪(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଗ୍ରାମରେ ଏକ ଭୋଜି ଚାଲିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ଗୋଷ୍ଠି ମଧ୍ୟରେ ଗଣ୍ଡଗୋଳ ଓ ମାଡପିଟ ଘଟି ଉଭୟ ପକ୍ଷରୁ ୬ ଜଣ ଆହତ ହୋଇଛନ୍ତି। ଏନେଇ ଉଭୟ ଗୋଷ୍ଠି ପକ୍ଷରୁ ଥାନାରେ ପୃଥକ ମାମଲା କରାଯାଇଛି। ଏନେଇ ଧର୍ମଶାଳା ପୁଲିସ ୧୭୯/୨୬ ଓ ୧୮୦/୨୬ ରେ ଦୁଟି ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଏହି ଗଣ୍ଡଗୋଳ ଘଟଣାରେ ପୁଲିସ କାହାରିକୁ ଗିରଫ କରି ନାହିଁ। ତଦନ୍ତ ପରେ ଦୋଷୀଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ମଦୁଆ ଚାଳକଙ୍କ ଉପରେ ଚଢ଼ଉ

ପାଣିକୋଇଲି,୨୯।୪(ସମିସ): ପାଣିକୋଇଲି ପୁଲିସ ଓ ଯାଜପୁର ପରିବହନ ବିଭାଗ ପକ୍ଷରୁ ମିଳିତ ଭାବେ ମଦୁଆ ଚାଳକଙ୍କ ଉପରେ ଚଢ଼ଉ କରାଯାଇଥିଲା। ପାଣିକୋଇଲି ଓଭରବ୍ରିଜ ନିକଟରେ ଚଢ଼ଉ କରାଯାଇ ୬ଟି ଗାଡ଼ିରୁ ୭୦ ହଜାର ଟଙ୍କା ଫାଇନ ଆଦାୟ କରାଯାଇଛି। ଗାଡି ଗୁଡିକୁ ଜବତ କରାଯାଇ ପାଣିକୋଇଲି ଥାନା ଜିମା ଦିଆଯାଇଛି। ଏହି ଚଢ଼ଉରେ ଜୁନିଅର ଏମ୍‌ଭିଆଇ ପ୍ରଦୀପ୍ତ ବେହେରା, ଟିଏସଆଇ ରାଜେଶ ମଙ୍ଗରାଜ, କନେଷ୍ଟବଳ ଟି. କିଶୋର କୁମାର ପାଣିକୋଇଲି ଥାନା ଏସ୍‌ଆଇ ବିଶ୍ୱରଞ୍ଜନ ଦାସ ସଦଳବଳେ ଚଢ଼ଉରେ ସାମିଲ ହୋଇଥିଲେ।

## ଟ୍ରକ୍ ପଛରୁ ଟ୍ରକ ଧକ୍କା; ଚାଳକ ଗୁରୁତର ଆହତ

ପାଣିକୋଇଲି,୨୯।୪(ସମିସ): ପାଣିକୋଲି ତାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ବଜାରରେ ଏକ ଟ୍ରକ୍ ପଛରେ ଅନ୍ୟ ଏକ ଟ୍ରକ ଦ୍ରୁତ ଗତିରେ ଧକ୍କା ହେବାରୁ ପଛ ଟ୍ରକଟି ଚୁରମାର ହେବା ସହ ଚାଳକ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳେ ପୁଲିସ ପହଞ୍ଚି ଗାଡି ଦୁଇଟିକୁ ଜବତ କରିବା ସହ ଚାଳକକୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପ୍ରକାଶଯେ ଯାଜପୁରରୋଡ ପଟୁ ଏକ ଲୁହାପଥର ବୋଝେଇ ଟ୍ରକ୍ ( ଓଡି ୨୯ଆର ୨୮୩୫) ଆସୁଥିବା ବେଳେ ପଛରୁ ଦ୍ରୁତ ଗତିରେ ଅସୁଥିବା ଟ୍ରକ୍ (ଓଡି ୨୯ ଏନ ୦୦୨୫) ଆସି ଜୋରରେ ଧକ୍କା ଦେଇଥିଲା। ପଛରେ ପିଟି ହୋଇଥିବା ପଛ ଟ୍ରକ୍ ଚାଳକ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପୁଲିସ ଘଟଣାସ୍ଥଳେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି।

## ବେଆଇନ ମାଟି ଉଠା ନେଇ ଅଭିଯୋଗ

ବଡ଼ଚଣା,୨୯।୪(ସମିସ): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ବନ୍ଦାଳ ପଞ୍ଚାୟତ ବନ୍ଦାଳ-ଏଣ୍ଡରପଦା ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ କରାଯାଉଛି। କାର୍ଯ୍ୟ କରୁଥିବା ଠିକା ସଂସ୍ଥା ରାସ୍ତା କଡ଼ରେ ଥିବା ସରକାରୀ, ବେସରକାରୀ ଜମି ଗୁଡିକୁ ବଡ଼ ବଡ଼ ମେସିନ ସାହାଯ୍ୟରେ ତାଡ଼ି ଅନ୍ୟତ୍ର ବେଆଇନ ଭାବେ ଚାଲାଣ କରୁଛନ୍ତି। ଯାହାକୁ ନେଇ ସ୍ଥାନୀୟ ଯୁବକ ମାନେ ପ୍ରଶାସନିକ ଅଧିକାରୀମାନଙ୍କୁ ମୌଖିକ ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ବୁଧବାର ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କୁ ଭେଟି ଏକ ଲିଖିତ ଅଭିଯୋଗ କରିଛନ୍ତି। ବନ୍ଦାଳ ପଞ୍ଚାୟତର ଜ୍ୟୋତିରଞ୍ଜନ ସ୍ୱାଇଁ, ସରୋଜ କୁମାର ସ୍ୱାଇଁ, ସୁଜିତ କୁମାର ସ୍ୱାଇଁ, ନରେଶ ରାଉତ, ପ୍ରହଲ୍ଲାଦ ସେନାପତି,



ଅରୁଣ ବେହେରା, ଭ୍ରମର ପାତ୍ର ପ୍ରମୁଖ ତହସିଦାରଙ୍କୁ ଭେଟି ଅଭିଯୋଗ କରିଛନ୍ତି। ତୁରନ୍ତ ବନ୍ଦାଳ ଆର୍‌ଆଇ ପୁଷ୍ପଲତା ଦାସଙ୍କୁ ପଠାଇ ତଦନ୍ତ କରି ସଠିକ ପଦକ୍ଷପ ଗ୍ରହଣ କରିବା ପାଇଁ ତହସିଲଦାର ଶ୍ରୀଯୁକ୍ତ ତ୍ରିପାଠୀ କହିଥିଲେ। ଯଦି ଆଗାମୀ ଦିନରେ ଏହାର ସୁଧାର ନ ଆସେ ତେବେ ବନ୍ଦାଳ ପଞ୍ଚାୟତର ଶତାଧିକ ଯୁବକ ଛାତ୍ର ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି।

**ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର୍**

# କେବେ ହେବ ଜବରଦଖଲ ଉଚ୍ଛେଦ

ଅସୁରାଳି,୨୯।୪(ସମିସ)

ଧାମନଗର ବ୍ଲକ୍ ଗୋବିନ୍ଦପୁର ଗ୍ରାମରେ ସରକାରୀ ଜମି ଜବରଦଖଲକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାୟ ୧୪ ଏକର ଗ୍ରାମ୍ୟ ଜଙ୍ଗଲ ଜମିରୁ ୧୨ ଏକର ଜମିକୁ କିଛି ପ୍ରଭାବଶାଳୀ ବ୍ୟକ୍ତି ବେଆଇନ ଭାବେ ନିଜ କବ୍‌ଜାକୁ ନେଇଥିବା ଅଭିଯୋଗ ହୋଇଛି। ଆଶ୍ଚର୍ଯ୍ୟର ବିଷୟ ଏହା ଯେ, ସ୍ୱୟଂ ଜିଲ୍ଲାପାଳ ଏହି ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଉନାହିଁ। ଗ୍ରାମର ପ୍ରାୟ ୨୦୦୦ ଜନସଂଖ୍ୟା ବିଶିଷ୍ଟ ୩ଟି



ୱାର୍ଡର ଲୋକେ ବର୍ତ୍ତମାନ ଗୋଚର ଜମି ଓ ଶ୍ମଶାନ ପାଇଁ ହାହାକାର କରୁଛନ୍ତି। ଖାତା ନମ୍ବର ୪୩୮ ଏବଂ ପ୍ଲଟ୍ ନମ୍ବର ୪୧୧ରେ ଥିବା ଏହି ଜଙ୍ଗଲ ଜମିକୁ କିଛି ବ୍ୟକ୍ତି କୃତ୍ରିମ ପୋଖରୀ ଖୋଳିବା ସହ ବାଡ଼ ଘେରାଇ ନିଜ ଅକ୍ତିଆରରେ ରଖିଛନ୍ତି। ଗାଇଗୋରୁଙ୍କ ପାଇଁ ଚାରଣ ଭୂମିର ଅଭାବ ଦେଖାଦେଇଛି। ଖେଳପଡ଼ିଆ ଅଭାବରୁ ପିଲାମାନେ ଖେଳକୁଦରୁ ବଞ୍ଚିତ ହେଉଛନ୍ତି। ଶ୍ମଶାନ ପାଇଁ ଉପଯୁକ୍ତ ସ୍ଥାନ ନ ଥିବାରୁ ସାଧାରଣରେ ଅସୁବିଧା ଉପୁଜୁଛି। ପୂର୍ବରୁ ଅତିରିକ୍ତ ତହସିଲ୍‌ଦାରଙ୍କୁ ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ପରବର୍ତ୍ତୀ ସମୟରେ ଘଟଣାର ଗୁରୁତ୍ୱ ଉପଲବ୍‌ଧି କରି ଜିଲ୍ଲାପାଳ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅମିନଙ୍କ ସଂଖ୍ୟା କମ୍ ଥିବା ଦର୍ଶାଇ ପ୍ରଶାସନ କାର୍ଯ୍ୟାନୁଷ୍ଠାନକୁ ବିଳମ୍ବ କରୁଥିବା ଜଣାପଡ଼ିଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ ପ୍ରଶାସନର ଏହି ଢିଲାପଣକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଯଦି ଆଗାମୀ ଦିନରେ ପ୍ରଶାସନ ତୁରନ୍ତ ଏହି ଜବରଦଖଲ ଉଚ୍ଛେଦ ନ କରେ, ତେବେ ଗ୍ରାମବାସୀ ବଡ଼ ଧରଣର ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

## ଚଣ୍ଡିତଳ ପଞ୍ଚାୟତ ବିଜେଡିର କର୍ମୀ ସମ୍ମିଳନୀ



ବଡ଼ଚଣା,୨୯।୪(ସମିସ): ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚଣ୍ଡିତଳ ପଞ୍ଚାୟତ ବାତୋ ମେଲଣ ପଡ଼ିଆ ଠାରେ ଚଣ୍ଡିତଳ ପଞ୍ଚାୟତ ସଭାପତି ରବୀନ୍ଦ୍ର କୁମାର ବେହେରାଙ୍କ ଅଧକ୍ଷତାରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କ୍ୟାପଟେନ ରାଜନାରାୟଣ ମହାପାତ୍ର ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ବ୍ଲକ ଅଧକ୍ଷ ପ୍ରହଲ୍ଲାଦ ନନ୍ଦ ଓ କୈଳାସ ଚନ୍ଦ୍ର ରାଉତ, ଜ୍ଞାନରଞ୍ଜନ ସାହୁ, ଧନେଶ୍ୱର ବେହେରା, ନୀଳକଣ୍ଠ ବରାଳ, ସୁଲତାନ ସୈଫୁଲ୍ଲା ଖାଁ, ଝିଲ୍ଲି ମଲିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ଅଭିଭାଷଣ ରଖିଥିଲେ। ଶାସକ ଦଳର ଲଘୁ ଖଣିଜ ସମ୍ପଦ ଚୋରି ବିରୋଧରେ ଆଗାମୀ ନିର୍ବାଚନରେ ଚଣ୍ଡିତଳ ପଞ୍ଚାୟତ ସମେତ ବଡ଼ଚଣାର ଜନସାଧାରଣ ଉଚିତ ଜବାବ ଦେବେ ବୋଲି ମଞ୍ଚ ଉପରେ ବସିଥିବା ନେତାଏଁ ଦୃଢୋକ୍ତି ପ୍ରକାଶ କରିଥିଲେ। ଏହି ବୈଠକରେ ମୁମତାଜ ଅଲ୍ଲୀ, ଭାଗ୍ୟଧର ରାଉତ, ସଂଗ୍ରାମ କେଶରୀ ମହାନ୍ତି, ଆଶିଷ କୁମାର ମହାନ୍ତି, ଦିଲ୍ଲୀପ କୁମାର ରାଉତ, କିଶୋର ମହାନ୍ତି, ଜନ୍ମେଞ୍ଜୟ ତରାଇ, ତରଣୀସେନ ରାଉତ, ପ୍ରସାନ୍ତ ସାମଲ, ଯଯାତୀ କେଶରୀ ସାହୁ, ପ୍ରତାପ ସାମଲ, ଧରଣୀଧର ମଲିକ, ତପନ ବେହେରା, ଅଦ୍ୱୈତ ସାମଲ, ଦୀନବନ୍ଧୁ ବେହେରା, କବିନ୍ଦ୍ର ମଲିକ, ଭଗିଆ ଦଳେଇ, ପ୍ରଦୀପ୍ତ ଦାସ, ମୃତ୍ୟୁଞ୍ଜୟ ବାରିକ, ବିଜୟ କୁମାର ସାମଲ, ଦେବାଶିଷ ବାରିକଙ୍କ ସମେତ ପାଞ୍ଚଶହରୁ ଉର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗଦେଇ ବୈଠକରେ ସାମିଲ ହୋଇଥିଲେ। ସର୍ବଶେଷରେ ଡା. ପବନେଶ୍ୱର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ଅମର୍ଦ୍ଦାରୋଡ ଅଞ୍ଚଳର ସମସ୍ୟା ଅନେକ, ସମାଧାନ କେବେ ?

# ଶୌଚାଳୟ ବନ୍ଦ; ମହିଳା ଯାତ୍ରୀ ହନ୍ତସନ୍ତ

ରାଜଘାଟ, ୨୯।୪ (ସମିସ)




ବାଲେଶ୍ୱର ଜିଲ୍ଲାର ଅମର୍ଦ୍ଦାରୋଡ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇଥିବା ବେଳେ ଦୈନିକ ହଜାର ହଜାର ଲୋକେ ବିଭିନ୍ନ କାର୍ଯ୍ୟପାଇଁ ଏଠାକୁ ଆସିଥାନ୍ତି। ସେହିପରି ଅମର୍ଦ୍ଦାରୋଡ ଅଞ୍ଚଳରେ ସରକାରୀ ଓ ବେସରକାରୀ ଶିକ୍ଷା ଅନୁଷ୍ଠାନ, ଟ୍ୟୁଟରିଆଲ, ସରକାରୀ ଓ ବେସରକାରୀ ଚିକିତ୍ସାଳୟ, ବିଭିନ୍ନ ପ୍ରକାର ବ୍ୟବସାୟିକ ସଂସ୍ଥାମାନ ଗଢି ଉଠିଥିବାରୁ ଏଠାକୁ ଦୈନିକ ହଜାର ହଜାର ଲୋକେ, ଛାତ୍ରଛାତ୍ରୀ ଆସିଥାନ୍ତି। ରେଳବାଇ ଓ ସ୍ଥାନୀୟ ପ୍ରଶାସନ ଅବହେଳା ଯୋଗୁଁ ଅମର୍ଦ୍ଦାରୋଡ ଉପରେ ନିର୍ଭର କରୁଥିବା ଯାତ୍ରୀଠାରୁ ଆରମ୍ଭ କରି ବ୍ୟବସାୟୀ ଓ ଛାତ୍ରଛାତ୍ରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ବିଶେଷକରି ମହିଳା ମାନେ ବେଶୀ ହଇରାଣ ହରକତ ହେଉଛନ୍ତି। ଶୌଚାଳୟ ଅଛି କିନ୍ତୁ ବନ୍ଦ ଥିବାରୁ ଶୌଚ କରିବା ପାଇଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଯାହା ଫଳରେ ଅସନ୍ତୋଷ ଦେଖାଦେଇଛି। ତେବେ ଅମର୍ଦ୍ଦାରୋଡ ବଜାର ର ମୌଳିକ ସୁବିଧା କଥା ନ କହିବା ଭଲ। ରେଳବାଇ ଷ୍ଟେସନ ସମ୍ମୁଖରେ ଓ ଅମର୍ଦ୍ଦାରୋଡ ହାଟରେ ପ୍ରଶାସନ ପକ୍ଷରୁ ଦୀର୍ଘ ଦିନରୁ ଯାତ୍ରୀ ଓ ଜନସାଧାରଣଙ୍କ ପାଇଁ ଦୁଇ ଦୁଇଟି ନୂତନ ଶୌଚାଳୟ ନିର୍ମିତ ହୋଇଥିବା ବେଳେ ୨ଟି ଯାକ ଶୌଚାଳୟ ତାଲା ବନ୍ଦ କରି ରଖିଥିବାରୁ କାର୍ଯ୍ୟରେ ଲାଗୁନି। ହଠାତ ଶୌଚ ଲାଗିଲେ ଶୌଚ ପାଇଁ ଲୋକେ ହଟହଟା ହେଉଛନ୍ତି। ଯାହାଫଳରେ ବିଭିନ୍ନ ସମୟରେ ଯାତ୍ରୀ ଠାରୁ ଆରମ୍ଭ କରି ଜନସାଧାରଣ ଓ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨ଟି ଯାକ ଶୌଚାଳୟ ଖୋଲିବ କେବେ? କାରଣ ଦୀର୍ଘ ଦିନ ହେବ ଶୌଚାଳୟ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଜନସାଧାରଣ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କାହା ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଛି? ଯଦି କରାଯାଇଛି କାର୍ଯ୍ୟକ୍ଷମ କରାଯାଉ ନାହିଁ କାହିଁକି? ଏ ସମ୍ପର୍କରେ ରାଜ୍ୟ ଓ ରେଳବାଇ ପ୍ରଶାସନ କର୍ଣ୍ଣପାତ କରୁନାହାଁନ୍ତି। ତେବେ ଉଭୟ ପ୍ରଶାସନ ଜନସାଧାରଣଙ୍କ ସ୍ୱାର୍ଥ କୁ ଦୃଷ୍ଟିରେ ରଖି ୨ଟି ଯାକ ଶୌଚାଳୟ ଖୋଲିବା ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି। ପ୍ରଶାସନ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ ନକଲେ ଆନ୍ଦୋଳନ ହେବା ସୁନିଶ୍ଚିତ ବୋଲି ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଆଲୋଚନାରୁ ଜଣାପଡୁଛି।

### ● ୧୬ ନମ୍ବର ଜାତୀୟ ରାଜପଥରେ ଛିନ୍‌ତାଇ

## ଆକ୍ରମଣ କରି ଲୁଟିଲେ ୩ ଦୁର୍ବୃତ୍ତ

ବସ୍ତା ବ୍ଲକ, ୨୯।୪ (ସମିସ): ଅସୁରକ୍ଷିତ ହୋଇ ପଡିଛି ୧୬ ନମ୍ବର ଜାତୀୟ ରାଜପଥ। ରାଜପଥ ଉପରେ ପୁଣି ଲୁଟେରା ସକ୍ରିୟ ହୋଇଥିବା ଜଣା ପଡିଛି। ବାଲେଶ୍ୱରରୁ ଅଫିସ କାର୍ଯ୍ୟ ସାରି ଘରକୁ ଫେରୁଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥର ଫୁଲାଡି ନିକଟରେ ଏକ ବାଇକ୍‌ରେ ୩ ଜଣ ଦୁର୍ବୃତ୍ତ ତାଙ୍କୁ ଭୁଜାଲି ରେ ଆକ୍ରମଣ କରି ସୁନା ହାର, ମୁଦି, ଟଙ୍କା ଓ ମୋବାଇଲ ନେଇ ଚଂପଟ ମାରିଥିବା ନେଇ ଥାନା ରେ ଲିଖିତ ଅଭିଯୋଗ ହୋଇଛି। ସିଂଲା ଥାନା ଅନ୍ତର୍ଗତ ନାଇକୁଡ଼ି ପଞ୍ଚାୟତର ବାଗସାହି ଗ୍ରାମର ଆର୍ତ୍ତ ବନ୍ଧୁ ମହାନ୍ତି ବାହାବଳପୁର ବାଲେଶ୍ୱର ଭଦ୍ରକ କୋପରେଟିଭ ବ୍ୟାଙ୍କରେ କ୍ୟାସିୟର ଭାବେ କାର୍ଯ୍ୟ କରନ୍ତି। ମଙ୍ଗଳବାର ସେ ବ୍ୟାଙ୍କ କାର୍ଯ୍ୟରେ ବାଲେଶ୍ୱର ମୁଖ୍ୟ କାର୍ଯ୍ୟାଳୟରୁ କାମ ସାରି ଘରକୁ ଫେରୁଥିବା ବେଳେ ରାଜପଥର ଫୁଲାଡି ନିକଟରେ ତାଙ୍କର ଏକ ଫୋନ ଆସିଲା। ସେ ବାଇକ୍ ଛିଡ଼ା କରି ଫୋନରେ କଥା ହେଉଥିବାବେଳେ ୩ଜଣ ଯୁବକ ଏକ ବାଇକ୍ ରେ ଆସି ଏକ ଭୁଜାଲି ରେ ତାଙ୍କ ମୁଣ୍ଡ କୁ ଆଘାତ କରିଥିଲେ। ମୁଣ୍ଡରେ ହେଲିମେଟ ଥିବାରୁ ସେ ଅଳ୍ପକେ ବର୍ତ୍ତି ଯିବା ସହିତ ଭୟାର୍ତ୍ତ ହୋଇ ପଡ଼ିଥିଲେ। ସେହି ସମୟରେ ଦୁର୍ବୃତ୍ତ ମାନେ ତାଙ୍କର ଏକ ସୁନା ହାର, ମୁଦି, ମୋବାଇଲ ଓ ଟଙ୍କା ଛଡ଼ାଇ ନେଇ ରେମୁଣା ଗୋଲେଇ ଅଭିମୁଖେ ପଳାଇ ଯାଇଥିଲେ। ଲୁଟ୍ ସାମଗ୍ରୀର ପରିମାଣ ୪ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ଏ ନେଇ ଆର୍ତ୍ତବନ୍ଧୁ ହଳଦୀ ପଦା ଫାଣ୍ଡି ରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଜାରି ରଖିଛି।

## ମା' ଭଗବତୀ ପୂଜା ଉତ୍ସବ ଉଦ୍‌ଯାପିତ

ରାଜଘାଟ, ୨୯।୪ (ସମିସ): ବସ୍ତା ବ୍ଲକ ଅମର୍ଦ୍ଦାରୋଡ ନଟାକଟା ପଞ୍ଚାୟତସ୍ଥିତ ପୁରୁଣା ଫାଣ୍ଡି ପଡ଼ିଆରେ ମା' ଭଗବତୀଙ୍କ ୧୦ ତମ ବାର୍ଷିକ ପୂଜା ଉତ୍ସବ ମଙ୍ଗଳ ବାର ଆରମ୍ଭ ହୋଇ ବୁଧବାର ଉଦଯାପିତ ହୋଇ ଯାଇଛି। ଆଖପାଖ ଓ ବିଭିନ୍ନ ସ୍ଥାନରୁ ବହୁ ଶ୍ରଦ୍ଧାଳୁ, ଭକ୍ତମାନେ ଆସି ମା' ଭଗବତୀଙ୍କ ଠାରେ ଭୋଗ ନୈବେଦ୍ୟ ଅର୍ପଣ କରିଥିଲେ।ପ୍ରତିବର୍ଷ ପରି ଚଳିତବର୍ଷ ମା'ଙ୍କ ପୂଜା ମଣ୍ଡପକୁ ଯଥାବିଧି ସାଜସଜ୍ଜା ପୂର୍ବକ ପୂଜା ଅର୍ଚ୍ଚନା ଓ ପ୍ରସାଦ ଲାଗି କରାଯାଇଥିଲା। ଚଳିତ ବର୍ଷ ଅଧିବାସ ପରେ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱର୍ ଶ୍ରଦ୍ଧାଳୁ, ଭକ୍ତଜନ ଓ ଗ୍ରାମବାସୀ ପ୍ରସାଦ ସେବନ କରିଥିଲେ। ଏହି ଉତ୍ସବକୁ ମା' ଭଗବତୀ କମିଟି, ଗ୍ରାମବାସୀ ଓ ଯୁବକ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖା ଦେଇଥିଲା ଏବଂ ସୁଚାରୁ ରୁପେ ପରିଚାଳନା କରାଯାଇଥିଲା। ମିଳିକା ନନାଙ୍କ ଦ୍ୱାରା ଯଥାବିଧି ପୂଜା ଅର୍ଚ୍ଚନା କରାଯାଇଥିଲା।

## ବିଜେପି ସରକାରରେ ସୁରକ୍ଷିତ ନୁହନ୍ତି ନିର୍ବାଚିତ ପ୍ରତିନିଧି: ସରପଞ୍ଚ ସଂଘ



ରାଜଘାଟ, ୨୯।୪ (ସମିସ): ବିଜେପି ଶାସନ ସମୟରେ ସୁରକ୍ଷିତ ନୁହନ୍ତି ନିର୍ବାଚିତ ପ୍ରତିନିଧି। ଏହି ଘଟଣାକୁ ନେଇ ବସ୍ତା ବ୍ଲକ ସିଂଲାରେ ଏକ ସାମ୍ବାଦିକ ସମ୍ମିଳନୀ କରି ପ୍ରକାଶ କରିଛି ସରପଞ୍ଚ ସଂଘ। ଗତ ୨୪ ତାରିଖ ଦିନ ଏକ ସରକାରୀ କାର୍ଯ୍ୟ ର ତଦାରଖ ନିମନ୍ତେ ସିଂଲା ନିର୍ବାଚିତ ସରପଞ୍ଚ ବିପିନ ବିଶ୍ୱାଲ ଥାନା ଠାରୁ ମାତ୍ର ଶହେ ମିଟର ଦୂରରେ ଥିବା ସିଂଲା ମଧ୍ୟ ଇଂରାଜୀ ବିଦ୍ୟାଳୟ କୁ ଯାଇଥିଲେ। ସେହି ସମୟରେ ସିଂଲା ଅଂଚଳର ରାଜନୈତିକ ଶତ୍ରୁତା ଥିବା କିଛି ଯୁବକ ସରପଞ୍ଚ ଶ୍ରୀ ବିଶ୍ୱାଲଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ରେ ସରପଞ୍ଚ ଶ୍ରୀ ବିଶ୍ୱାଳଙ୍କର ଗୁପ୍ତାଙ୍ଗ ସହିତ ମୁଣ୍ଡରେ ଗଭୀର ଆଘାତ ହୋଇଥିଲା। ସିଂଲା ଥାନା ପୁଲିସ ଏହି ଘଟଣା ରେ ପୃଥକ ପୃଥକ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି, ମାତ୍ର ଅଦ୍ୟାବଧି ଜଣେ ନିର୍ବାଚିତ ସରପଞ୍ଚ କୁ ଆକ୍ରମଣ ଘଟଣା ରେ ପୁଲିସ କାହାରିକୁ ଗିରଫ କରିବାକୁ ସକ୍ଷମ ହୋଇ ନାହିଁ। ଆକ୍ରମଣକାରୀ ଶାସକ ଦଳର ଜଣେ ପ୍ରଭାବ ଶାଳୀ ନେତାଙ୍କର ଶାଳକ ହୋଇଥିବା ବେଳେ ବାରମ୍ବାର ଏମିତି ଘଟଣା ଘଟାଇ ଚତୁରତା ର ଶହ ଖସି ଯାଉଥିବା ଏବଂ ପୋଲିସ ତାଙ୍କୁ ଅନୁକମ୍ପା ଦେଖାଉଥିବା ସରପଞ୍ଚ ସଂଘ ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଛନ୍ତି। ଆକ୍ରମଣକାରୀ ପୂର୍ବରୁ ସରପଞ୍ଚ ଶ୍ରୀ ବିଶ୍ୱାଳଙ୍କ ବିରୋଧରେ ଦୁଇ ଦୁଇ ଥର ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ବେଳେ ସେଥିରୁ ବିଫଳ ହୋଇଛନ୍ତି, କିଛିଦିନ ପୂର୍ବରୁ ସମାନ ଢଙ୍ଗରେ ଜଣେ ଅସହାୟ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ବେଳେ ପୁଲିସ ତାଙ୍କୁ ଅନୁକମ୍ପା ମୂଳକ ଦୁଇ ଦୁଇଟି ମାମଲା ରୁଜୁ କରି ଥାନାରୁ ବେଲ୍‌ରେ ଛାଡିଛନ୍ତି। ଆକ୍ରମଣ କାରୀଙ୍କ ବିରୋଧ ରେ ଏକାଧିକ ମାମଲା ଥିବା ବେଳେ ପୋଲିସ କାହା ନିର୍ଦ୍ଦେଶ ରେ ନିଜର ହାତ ବାନ୍ଧି ବସିଛି? ତେଣୁ ଖୋଦ ମୁଖ୍ୟମନ୍ତ୍ରୀଙ୍କ ହାତରେ ଥିବା ଗୃହ ବିଭାଗ ନିର୍ବାଚିତ ପ୍ରତିନିଧିଙ୍କୁ ସୁରକ୍ଷା ଦେବାରେ ଫେଲ ମାରିଛି ବୋଲି ଆଜି ର ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଛି ସଂଘ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରା, ପାଉଁଶକୁଲି ବିଜେପି ନେତା ଶିଶିର ସେନାପତି, ପୂର୍ବତନ ସରପଞ୍ଚ ନବକୃଷ୍ଣ ଦାସ, ବାରିସ ବିଶ୍ୱାଳ, ବୁଲୁ ପାତ୍ର, ସରୋଜ ବିଶ୍ୱାଳ, ବିଷ୍ଣୁପଦ ଦଳାଇ, ଅରୁଣ କୁମାର ବିଶ୍ୱାଳ, ଦୀପକ କୁମାର ଜେନା, ସଞ୍ଜୟ ଜେନାଙ୍କ ସହିତ ଶତାଧିକ ସରପଞ୍ଚଙ୍କ ସମର୍ଥକ ଉପସ୍ଥିତ ଥିଲେ।

## ଅଗ୍ନିବିପନ୍ନ ପରିବାରବର୍ଗଙ୍କୁ ଭେଟିଲେ ବିଧାୟକ ଓ ପୂର୍ବତନ ବିଧାୟକ



ନୀଳଗିରି, ୨୯।୪ (ସମିସ): ନୀଳଗିରି ଥାନା ଅଧୀନ ଭାଲୁକାଶୁଣୀ ଗ୍ରାମର ସ୍ୱର୍ଗତ ରବୀନ୍ଦ୍ର ସିଂଙ୍କ ପତ୍ନୀ ବୀଣାପାଣି ଓ ପୁଅ ଆଲନ ସିଂଙ୍କ ଘରେ ଗତ ସୋମବାର ମଧ୍ୟାହ୍ନ ସମୟରେ ହଠାତ୍ ନିଆଁ ଲାଗିଯାଇଥିଲା। ପୁଅ ଆଲନ ପରିବାର ସହ ଖାଉଥିବା ସମୟରେ ହଠାତ ଚାଳରୁ ଧୂଆଁ ବାହାରୁଥିବା ଦେଖି ପଡୋଶୀ ଅବଗତ କରିଥିଲେ। ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ନିଆଁର ପ୍ରକୋପ ଅତ୍ୟଧିକ ଥିବା କାରଣରୁ ନିଆଁକୁ ସ୍ଥାନୀୟ ଲୋକେ ଆୟତ୍ତ କରିପାରିନଥିଲେ। ଖବରପାଇ ନୀଳଗିରି ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ଚାରିବଖରା ଘର ଓ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡିଜଳି ପାଉଁଶ ହୋଇଯାଇଥିଲା। ନିଆଁର କାରଣ ସ୍ପଷ୍ଟ ହୋଇନଥିବା ବେଳେ ସରକାରୀ ସହାୟତା ଯୋଗାଇଦେବାକୁ ପରିବାରବର୍ଗ ଅନୁରୋଧ କରିଥିଲେ। ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଅଗ୍ନିବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ସହାୟତା ପ୍ରଦାନ କରିଥିବା ବେଳେ ଯଥାଶୀଘ୍ର ସରକାରୀ ନିୟମ ଅନୁଯାୟୀ ସହାୟତାରାଶି ଏବଂ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇଦେବା ପାଇଁ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଅନୁରୂପ ଭାବେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ବିଜେଡ଼ି ଲୋକସଭା ପ୍ରାର୍ଥୀନୀ ତଥା ବରିଷ୍ଠନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ଗଙ୍ଗାଧର ମିଶ୍ର, ଉପେନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ର ବାଗ, ନାରାୟଣ ବେହେରା, ରବୀନ୍ଦ୍ର ମହାଳିକ ପ୍ରମୁଖ ବିପନ୍ନ ପରିବାରକୁ ଭେଟି ସହାନୁଭୂତି ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିବା ଜଣାଯାଇଛି।

## ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ବାଲେଶ୍ୱର ଜିଲ୍ଲା ସମ୍ମିଳନୀ



ବାଲେଶ୍ୱର,୨୯।୪ (ସମିସ): ସ୍ଥାନୀୟ ସଭାଗୃହଠାରେ ବରିଷ୍ଠ ସାମ୍ବାଦିକ ତଥା ଜିଲ୍ଲା ଶାଖା ସମ୍ପାଦକ ଦେବବ୍ରତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ବାଲେଶ୍ୱର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ପୀତବାସ ମିଶ୍ର ଯୋଗଦେଇ ସାମ୍ବାଦିକଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ବହୁବିଧ ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହିତ ସଂଘ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ଠାରେ ସାମ୍ବାଦିକଙ୍କ ହିତ ସାଧନ ନିମନ୍ତେ ଦାବୀ ଉପସ୍ଥାପନ କରିଆସୁଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ସଂଘର ଭୁବନେଶ୍ୱର ଅଧ୍ୟକ୍ଷ ହୃଷିକେଶ ମହାନ୍ତି, ସଂଘର କାର୍ଯ୍ୟକର୍ତ୍ତା ରବୀନ୍ଦ୍ର କୁମାର ମହାନ୍ତି, ରାଜ୍ୟ ଉପସଭାପତି ଅନିଲ କୁମାର ସାହୁ, ମୁଖ୍ୟ ଉପଦେଷ୍ଟା ଶୁଭେନ୍ଦୁ ଦାସ, ସୃଷ୍ଟିଧର ପରିଡା, ଜିଲ୍ଲା ସଭାପତି ଅପର୍ଣ୍ଣା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ସମ୍ମିଳନୀ ପାଳନ ସମ୍ପର୍କରେ ସାମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ସଂଘର ପୂର୍ବତନ ସଭାପତି ତଥା ଦିବଂଗତ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସଂଘର ନୂତନ ଜିଲ୍ଲା କାର୍ଯ୍ୟାଳୟ ଅତିଥିଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା। ଏହିପରିପ୍ରେକ୍ଷୀରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ମିଶ୍ର ସଂଘର ବାଲେଶ୍ୱର ଜିଲ୍ଲା ଶାଖା ସଭାପତି ଭାବେ ଅପର୍ଣ୍ଣା କର ଏବଂ ସାଧାରଣ ସମ୍ପାଦକ ଭାବେ ଦେବବ୍ରତ ପାଣିଗ୍ରାହୀଙ୍କୁ ସ୍ୱୀକୃତି ପ୍ରଦାନ କରିଥିଲେ। ଶେଷରେ ଗୀତାଞ୍ଜଳୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ସଞ୍ଜୟ ଓଝା, ଅଭିରାମ ମଣ୍ଡଳ, କମଳାକାନ୍ତ ନାୟକ, ଭଗବାନ ଦାସ, ମହେଶ୍ୱର ପ୍ରଧାନ, ବିପିନ ବିହାରୀ ଦାସ, ତପନ ଦାସ, ହରିଶଙ୍କର ଜେନା, ଅରୁଣ କୁମାର ସାହୁ, ଆଶିଷ ଗିରି, ଉମେଶ ପାଣିଗ୍ରାହୀ, ମନୋଜ ବିଶ୍ୱାଳ, ତ୍ରିଲୋଚନ ମହାନ୍ତି, ନିହାରରଞ୍ଜନ ଜେନା, ବିସ୍ମୟ କୁମାର ମଲ୍ଲିକ, ପରେଶ ସେଠୀ, କାର୍ତ୍ତିକ ପୁଥାଳ, ଆର. କେ ମହାନ୍ତି, କଂଯମଣୀ ସ୍ୱାଇଁ, ହିର୍ତିକ ନାୟକ, ଦମୟନ୍ତୀ ମହାପାତ୍ର, ଧୀରଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ

ନୀଳଗିରି, ୨୯।୪ (ସମିସ): ବିଖଣ୍ଡିତ ଓଡ଼ିଶାକୁ ଭାଷାଭିତ୍ତିକ ପ୍ରଦେଶ ଗଠନର ପ୍ରମୁଖବିନ୍ଧାଣୀ, ପ୍ରଥମ ଓଡ଼ିଆ ବାରିଷ୍ଟର ତଥା ଅନନ୍ୟଶ୍ରେଷ୍ଠ କୃତିର ଅଧିକାରୀ କୁଳବୃଦ୍ଧ, ଉତ୍କଳଗୌରବ ମଧୁସୂଦନ ଦାସଙ୍କ ୧୭୯ତମ ଜୟନ୍ତୀ ଏବଂ ଆଇନଦିବସ ନୀଳଗିରିର ଉଭୟ ଓକିଲସଂଘ ଦ୍ୱାରା ପାଳିତ ହୋଇଯାଇଛି। ଉତ୍ସବରେ ଅତିରିକ୍ତ ଜିଲ୍ଲା ଦୌରାଜଜ ସ୍ରୋତସ୍ୱିନୀ କର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଦେୱାନୀ ବିଚାରପତି ମାନସ ରଞ୍ଜନ ସାମନ୍ତରାୟ ଏବଂ ଏସଡିଜେଏମ ମୋନାଲିସା ପଣ୍ଡା ଯୋଗଦେଇ ଉତ୍କଳଗୌରବ ମଧୁବାବୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ। ପରେ ଓକିଲସଂଘ ଗୃହରେ ବାର୍ ର ସଭାପତି ମିହିର କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାରେ ଅଂଶଗ୍ରହଣ କରି ମଧୁବାବୁଙ୍କ ଜୀବନାଦର୍ଶ ଓ ବହୁମୁଖି ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଶେଷରେ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ଶୁଭେନ୍ଦ୍ର କୁମାର ବିଶ୍ୱାଳଙ୍କ ସହିତ ଅନ୍ୟ ଆଇନଜୀବୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଅନୁରୂପ ଭାବେ ଉପଖଣ୍ଡ ବାର୍ ଆସୋସିଏସନ୍ ଦ୍ୱାରା ଆୟୋଜିତ ଉତ୍ସବରେ ସଂଘ ସଭାପତି ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଉପସଭାପତି ଯତୀନ୍ଦ୍ର ନାୟକ, ଗୌରହରି ନାୟକ, ସମ୍ପାଦକ କିଶୋର ଦାସ, ସହସମ୍ପାଦକ ବିଘ୍ନେଶ୍ୱର ବାରିକ, ସୁରେଶଚନ୍ଦ୍ର ବାରିକ, କୋଷାଧ୍ୟକ୍ଷ ଦେବାନନ୍ଦ ଦାସଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ରହି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ।

## ମଧୁପୁର ମହାବିଦ୍ୟାଳୟ ପରିସରରେ ସ୍ୱାଭିମାନ ଦିବସ




ବାଲେଶ୍ୱର,୨୯।୪(ସମିସ): କୁଳବୃଦ୍ଧ ମଧୁସୂଦନଙ୍କ ଧରାବତରଣ ଦିବସ ଅବସରରେ ଓଡ଼ିଶା ମାଟିରେ ଓଡ଼ିଆ ସ୍ୱାଭିମାନର ଉଦ୍ଯାପନ ଲକ୍ଷ୍ୟରେ କାର୍ଯ୍ୟରତ ସାଂସ୍କୃତିକ ଅନୁଷ୍ଠାନ ଅନ୍ତରଙ୍ଗ କଳିଙ୍ଗ ଫାଉଣ୍ଡେସନ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରିଥିବା ଐତିହାସିକ କଳଣ ଗ୍ରାମସ୍ଥ ମଧୁପୁର ମହାବିଦ୍ୟାଳୟ ପରିସରରେ ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି। ସଂସ୍କୃତ ଅଧ୍ୟାପକ ଲକ୍ଷ୍ମୀଧର ଭୁଏ ଡ. ଦୁର୍ବାଦଳ ମେହେରଙ୍କ ସଂସ୍କୃତ ଭାଷାରେ ରଚିତ ମଧୁବନ୍ଦନା ଗାନ କରିଥିଲେ। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ଦାସ ଯୋଗଦେଇ ଓଡ଼ିଆଙ୍କ ଜନଜୀବନରେ ମଧୁବାବୁଙ୍କ ଜୀବନଗାଥାର ପ୍ରଭାବ ବିଷୟରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ 'ଓଡ଼ିଆ ସ୍ୱାଭିମାନ ଓ ମଧୁସୂଦନ' ଶୀର୍ଷକ ଆଲୋଚନାଚକ୍ରରେ ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ନିରଞ୍ଜନ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମଧୁବାବୁଙ୍କ ଜାତୀୟ ଜୀବନର ଆଲୋକପାତ କରିଥିଲେ। ଫାଉଣ୍ଡେସନର ଯାଜପୁର ମଣ୍ଡଳର ସଭାପତି ବସନ୍ତ କୁମାର ଶତପଥୀ ଏବଂ ଫାଉଣ୍ଡେସନ ବରିଷ୍ଠ କର୍ମକର୍ତ୍ତା ଅମ୍ବିକା ପଟ୍ଟନାୟକ ସଭାରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ବ୍ୟକ୍ତିତ୍ୱ ଶେଖ୍ ଗୁଲଜାର ହୁସେନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାରେ ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅପର୍ଣ୍ଣା ଶରଣ, ଫାଉଣ୍ଡେସନର କର୍ମକର୍ତ୍ତା ପୁରୁଷୋତ୍ତମ ଖୁଣ୍ଟିଆ, ନିରଞ୍ଜନ ସାହୁ, ନିହାର ରଞ୍ଜନ ଆଚାର୍ଯ୍ୟ, ରଶ୍ମିରଞ୍ଜନ ପଣ୍ଡା, ଦେବାଶିଷ ଦାସ, ଦେବ ତ୍ରିପାଠୀ ପ୍ରମୁଖ ଯୋଗଦାନ କରିଥିଲେ।

## ଜଳେଶ୍ୱର ବ୍ଲକ ଦ୍ୱାଦଶ ପଞ୍ଚାୟତ ବୈଠକ

ଜଳେଶ୍ୱର, ୨୯।୪ (ସମିସ) : ଜଳେଶ୍ୱର ବ୍ଲକର ଦ୍ୱାଦଶ ପଂଚାୟତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପିବା ପାଣିକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ଅନ୍ୟାନ୍ୟ ସମସ୍ତ ବିଭାଗର କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଏହି ବୈଠକରେ ପଂଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ଅଶ୍ୱିନୀ ପାତ୍ର, ଜିଲାପରିଷଦ ଉପସଭାପତି ଅନୁସୂୟା ପ୍ରଧାନ, ସାଂସଦ ପ୍ରତିନିଧି ବ୍ରଜମୋହନ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଂଜିତା ସେନାପତି, ବିଡିଓ ଗୌରାଙ୍ଗ ଘୋଷ, ଏବିଡିଓ ସୁଧିର ସାହୁ, ଜିପିଡିଓ ସବ୍ୟସାଚି ଦାସ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ସଂଧ୍ୟାରାଣୀ ପାତ୍ର, ସିପି ସୁଜିତ୍ ଜେନା ପ୍ରମୁଖ ଉପସ୍ଥିତ ହୋଇ ବିଭିନ୍ନ ବିଭାଗର କାର୍ଯ୍ୟର ସମୀକ୍ଷା କରିଥିଲେ। ବିଶେଷ ଭାବେ ଏବେ ଖରାଦିନ ଚାଲିଥିବାରୁ ଲୋକଙ୍କୁ ପର୍ଯ୍ୟାପ୍ତ ପିଇବା ପାଣି ଯୋଗାଇ ଦେବାକୁ ଗୃହରେ ଦାବୀ ହୋଇଥିଲା। ଅଚଳ ନଳକୂପକୁ ତୁରନ୍ତ ମରାମତି, ଅନବରତ ପାଇପ୍‌ପାଣି ଯୋଗାଣ, ନଷ୍ଟ ହୋଇଥିବା ପାଇପ୍ ଓ ପମ୍ପକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବା ସହିତ ୨ଟି ଭ୍ରାମ୍ୟମାଣ ମରାମତି ଦଳ ଗଠନ କରାଯାଇଥିବା ସଂପର୍କରେ ଆଲୋଚନା ହୋଇଛି। ଏହାଛଡା ସ୍ୱାସ୍ଥ୍ୟ ଜନୀତ ସଚେତନତା ଓ ସେବା ଯୋଗାଇବା, ପୂର୍ତ୍ତ ବିଭାଗର ରାସ୍ତା ନିର୍ମାଣ, ଅନବରତ ବିଦ୍ୟୁତ୍ ସେବା ପ୍ରଦାନ, ଇରିଗେସନ ବିଭାଗର ନଦୀବନ୍ଧ ମରାମତି, ଉଠାଜଳସେଚନ, ଡ୍ରେନେଜ୍, କୃଷି, ଉଦ୍ୟାନ ବିଭାଗ, ସମନ୍ୱିତ ଶିଶୁ ବିକାଶ ସେବା ସଂପର୍କରେ ଆଲୋଚନା କରାଯାଇଥିଲା। ବର୍ଷାଦିନରେ ସୁବର୍ଣ୍ଣରେଖା ବନ୍ୟାପାଣି ଦ୍ୱାରା ପଶ୍ଚିମବାର୍ଡ, ବାଇଗଣବାଡିଆ ପଂଚାୟତରେ ଧାନଚାଷ କ୍ଷତିଘଟୁଥିବାରୁ ଖରିଫ ଚାଷ ସମୟରେ ଏହିସବୁ ସ୍ଥାନରେ ନଳିତା ଚାଷ କରିବାକୁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରାଯିବା ସଂପର୍କରେ ଆଲୋଚନା ହୋଇଥିଲା। ଚାଳନ୍ତି ଠାରୁ ଜଳେଶ୍ୱର ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗର ରାସ୍ତା ଅତ୍ୟନ୍ତ ଖରାପ ହୋଇଥିବାରୁ ମରାମତି କରାଯିବାକୁ ଦାବି ହୋଇଥିଲା। ଏହି ବୈଠକରେ ୩୫ଟି ପଞ୍ଚାୟତର ବହୁ ସରପଞ୍ଚ ଓ ସମିତି ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ଜବରଦଖଲ ମୁକ୍ତହେଲା କୁଚିଳାଡାଙ୍ଗର ଗାଁର ଗ୍ରାମ୍ୟ ଜଙ୍ଗଲ ଜାଗା

ଚନ୍ଦନେଶ୍ୱର, ୨୯।୪ (ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ନିର୍ମାତପୁର ପଞ୍ଚାୟତ କୁଚିଳାଡାଙ୍ଗର ଗାଁରେ ଥିବା ପ୍ରାୟ ୪୨ ଡେସିମିଲ ଗ୍ରାମ୍ୟ ଜଙ୍ଗଲ ଜମିକୁ ଦୀର୍ଘଦିନ ଧରି ହୋଇଥିବା ଜବରଦଖଲରୁ ବୁଧବାର ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଛି। ଗାଁବାସୀଙ୍କ ଦୀର୍ଘ ସଂଗ୍ରାମ ଓ ଅଭିଯୋଗର ପରିଣାମ ସ୍ୱରୂପ ଜବର ଦଖଲ ମୁକ୍ତ ହୋଇଥିବାରୁ ସ୍ଥାନୀୟବାସୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି। ଗାଁରେ ଥିବା ଶ୍ରୀ ଶ୍ରୀ ନନ୍ଦିକେଶ୍ୱର ମହାଦେବ ମନ୍ଦିର ଚତୁର୍ଦ୍ଦିଗରେ ଖାତା ନଂ ୩୨୮ ଓ ପ୍ଲଟ ନଂ ୧୧୦, ୨୪୫, ୨୪୬ ଓ ୨୪୭ରେ ଥିବା ଜଙ୍ଗଲ କିସମର ଏହି ଜମିକୁ ଜଣେ ବ୍ୟକ୍ତି ଦୀର୍ଘବର୍ଷ ଧରି ଜବରଦଖଲ କରି ରଖିଥିଲେ। ଏହାର ପରିଣାମରେ ମହାଶିବରାତ୍ରି, ପାଟପର୍ବ ସହିତ ଅନ୍ୟାନ୍ୟ ଧାର୍ମିକ ଉତ୍ସବ ସମୟରେ ଭକ୍ତମାନଙ୍କ ଭିଡ଼ ହେଉଥିଲେ ମଧ୍ୟ ସ୍ଥାନ ସଂକଟ ସୃଷ୍ଟି ହେଉଥିଲା। ଏହି ସମସ୍ୟାର ସମାଧାନ ପାଇଁ ଗାଁର କିଛି ସଚେତନ ବ୍ୟକ୍ତି ଭୋଗରାଇ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ପ୍ରାୟ ଏକ ବର୍ଷର ଅବିରତ ପ୍ରୟାସ ପରେ ତହସିଲଦାର ସୂର୍ଯ୍ୟ କୁମାର ନାୟକ ମାପଚୁପ ପାଇଁ ନୋଟିସ ଜାରି କରିଥିଲେ। ଏହା ପରେ ବିଚିତ୍ରପୁର ରାଜସ୍ୱ ନିରୀକ୍ଷକ ବିଷ୍ଣୁପଦ ଗିରି, ବନ ବିଭାଗ ଓ ପୁଲିସ ପ୍ରଶାସନଙ୍କ ଉପସ୍ଥିତିରେ ଜମିର ମାପ କରାଯାଇ ଚିହ୍ନଟ କରାଯାଇଛି। ଏଥିରେ ଗାଁର ଦିଲ୍ଲୀପ ପ୍ରଧାନ, ଅରବିନ୍ଦ ମହାପାତ୍ର, ସୁଶାନ୍ତ ମହାପାତ୍ର, ଅକ୍ଷୟ ମହାପାତ୍ର, ବିଶ୍ୱଜିତ ପରିଡା, ବନ ବିହାରୀ ମଣ୍ଡଳ, ସୁଶାନ୍ତ ଜେନା, ଦିବାକର ମଣ୍ଡଳ, ରଞ୍ଜିତ ଦତ୍ତ, ଜଳେନ୍ଦ୍ର ଦତ୍ତ, ଅଜୟ ଦତ୍ତ, ସୁରେଶ ଦତ୍ତ, ରାଘବ ପ୍ରଧାନ, ସପନ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ। ଗୁରୁତ୍ୱପୂର୍ଣ୍ଣ ଯେ, ଖାତା ନଂ ୩୨୮ ରେ ପ୍ରାୟ ୮୦ଟି ଫୁଟ ପାଣିନାଳ, ଗୋଚର ଓ ଗ୍ରାମ୍ୟ ଜଙ୍ଗଲ ଜମି ଥିବା ସତ୍ୱେ ତାହାର ଅଧିକାଂଶ ଜାଗା ଜବରଦଖଲରେ ରହିଛି। ବିଶେଷ କରି ପାଣିନାଳ ଅବରୋଧ ହେବାରୁ ବର୍ଷା ଋତୁରେ ଗାଁରୁ ପାଣି ନିଷ୍କାସନ ବାଧାପ୍ରାପ୍ତ ହେଉଛି, ଯାହା ଗାଁବାସୀଙ୍କ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରୁଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ନିର୍ମାତପୁର ପଞ୍ଚାୟତର ସରପଞ୍ଚ ରାଜେନ୍ଦ୍ର ଦଳାଇ ଓ ସମିତି ସଦସ୍ୟ ଭଗବାନ ରଣାଙ୍କ ସମେତ ସମସ୍ତ ଗାଁବାସୀ ଅନ୍ୟାନ୍ୟ ସରକାରୀ ଜମିକୁ ମଧ୍ୟ ଶୀଘ୍ର ଜବରଦଖଲ ମୁକ୍ତ କରିବା ପାଇଁ ପ୍ରଶାସନଙ୍କୁ ଦାବି ଜଣାଇଛନ୍ତି।

# ଶାରୀରିକ ତାଲିମ ପାଇଁ ପୁଲିସ ଲାଇନ ପଡ଼ିଆ ଖୋଲିବା ଦାବି

ବାଲେଶ୍ୱର,୨୯।୪ (ସମିସ)



ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଛାତ୍ର ଓ ଯୁବା ଗୋଷ୍ଠୀ ଆଜି ବାଲେଶ୍ୱର ପୁଲିସ ଅଧିକ୍ଷକ ପ୍ରତ୍ୟୁଷ ଦିୱାକରଙ୍କୁ ଭେଟିଛନ୍ତି। ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ବାଲେଶ୍ୱର ସହରର ବିଭିନ୍ନ ହଷ୍ଟେଲ ଓ ମେସରେ ରହିଥିବା ଏହି ବିଦ୍ୟାର୍ଥୀମାନେ ଶ୍ରୀ ଦିୱାକରଙ୍କ ସହ ଆଲୋଚନା କରିଛନ୍ତି। ସେମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଜଣାଇବା, ସହଯୋଗ ପାଇଁ ଅନୁରୋଧ କରିବା ସହ ପରୀକ୍ଷା ପ୍ରସ୍ତୁତି ନେଇ ପୁଲିସ ଅଧିକ୍ଷକଙ୍କ ଠାରୁ ପରାମର୍ଶ ଗ୍ରହଣ କରିଛନ୍ତି। ବିଶେଷ କରି ବିଦ୍ୟାର୍ଥୀମାନେ ପ୍ରତିରକ୍ଷା ସେବା, ଏସଏସସି (ଜିଡି, ବିଏସଏଫ, ସିଆଇଏସଏଫ, ସିଆରପିଏଫ, ଏସଏସବି), ପୋଲିସ, ଟେରିଟୋରିଆଲ ଆର୍ମି, ଗୃହରକ୍ଷୀ, ବନ ବିଭାଗ ପରୀକ୍ଷା, ଅଗ୍ନିଶମ ସେବା, ଓଡ୍ରାଫ, ରେଳବାଇ ତଥା ଅନ୍ୟାନ୍ୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ନିଯୁକ୍ତି ପାଇଁ ପ୍ରସ୍ତୁତି କରୁଛନ୍ତି। ହେଲେ ସେମାନଙ୍କ ଶାରୀରିକ ତାଲିମ ତଥା ଖେଳକୁଦ ଅଭ୍ୟାସ ପାଇଁ କୌଣସି ପଡ଼ିଆ ମିଳୁନି। ପୂର୍ବରୁ ସେମାନେ ପୁଲିସ ଲାଇନ ପଡ଼ିଆ ଉପରେ ନିର୍ଭର କରୁଥିବା ବେଳେ କିଛି ମାସ ହେବ ଏହା ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ବନ୍ଦ ରହିଛି। ଅନ୍ୟାନ୍ୟ ପଡ଼ିଆ ମଧ୍ୟ ସମାନ ଭାବେ ବିଭିନ୍ନ କାରଣରୁ ବନ୍ଦ ରହୁଛି। ଫଳରେ ଏହାକୁ ପୁଣିଥରେ ଖୋଲିବା ନିମନ୍ତେ ବିଦ୍ୟାର୍ଥୀମାନେ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ଏହି ପଡ଼ିଆ ସମସ୍ୟା ବିଦ୍ୟାର୍ଥୀଙ୍କ ସଫଳତାରେ ବାଧକ ସାଜୁଥିବାରୁ ଏହାକୁ ପ୍ରତ୍ୟହ

### ଏସ୍‌ପିଙ୍କୁ ଭେଟିଲେ ବିଦ୍ୟାର୍ଥୀ

ସକାଳେ ଅତିକମରେ ଏକ ନିର୍ଦ୍ଦିଷ୍ଟ ସମୟ ସୀମା (ଦୁଇ/ତିନି ଘଣ୍ଟା) ପାଇଁ ଖୋଲିବା ପାଇଁ ଶ୍ରୀ ପ୍ରଧାନ ଶ୍ରୀ ଦିୱାକରଙ୍କୁ ନିବେଦନ କରିଛନ୍ତି। ଅନ୍ୟାନ୍ୟ ବିଦ୍ୟାର୍ଥୀଙ୍କ ମଧ୍ୟରେ ସିତାଂଶୁ ଶେଖର ସେନାପତି, ପାପସ କୁମାର ପ୍ରଧାନ, ଅନିଲ ସ, ଦିଲ୍ଲୀପ ଜେନା, ପିଙ୍କୁନାଥ ବାରିକ, ହିମାଂଶୁ ଶେଖର ଜେନା, ଲକ୍ଷ୍ମୀପ୍ରିୟା ମହାନ୍ତି, ପୂର୍ଣ୍ଣିମା ନାୟକ, ସ୍ୱାଗତିକା ତରାଇ, ସସ୍ମିତା ଲେଙ୍କା ପ୍ରମୁଖ ୫୦ରୁ ଅଧିକ ଛାତ୍ର ଓ ଯୁବା ଉପସ୍ଥିତ ରହି ଆଲୋଚନା କରିଛନ୍ତି।

## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆଜିର ଇତିହାସ

- ୧୫୯୮ - ଆମେରିକାରେ ପ୍ରଥମ ଥର ଥିଏଟର୍‌ର ଆୟୋଜନ କରାଗଲା।
- ୧୭୮୯ - ଜର୍ଜ ୱାଶିଂଟନ୍ ଆମେରିକାର ପ୍ରଥମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲେ।
- ୧୯୪୫- ଜର୍ମାନର ଏକଛତ୍ରବାଦୀ ନେତା ହିଟଲର୍ ତାଙ୍କ ପତ୍ନୀ ଇଭା ବ୍ରାଉନ୍‌ଙ୍କ ସହ ଆତ୍ମହତ୍ୟା କରିଥିଲେ।
- ୧୯୭୫- ଭିଏତନାମ ଯୁଦ୍ଧର ଅନ୍ତ ଘଟିଲା।
- ୨୦୧୨- ବ୍ରହ୍ମପୁତ୍ର ନଦୀରେ ନୌକା ବୁଡ଼ି ଯିବାରୁ ଅତିକମ୍‌ରେ ୧୦୩ ଲୋକଙ୍କ ମୃତ୍ୟୁ ହୋଇଥିଲା।

# ଆସିବ 'ତାଲ୍-୨'



ସୋ ମ୍ୟାନ୍ ସୁଭାଷ ଘାଇ ୧୯୯୯ ମସିହାରେ 'ତାଲ୍' ଫିଲ୍ମ ଆଣିଥିଲେ। 'ତାଲ୍' ବଲିଉଡ୍‌ର ଏକ ଆଇକନିକ୍ ଫିଲ୍ମ ଭାବେ ଜଣାଯାଏ। ସେହିଭଳି ଏହି ଫିଲ୍ମ ପରେ ଅକ୍ଷୟ ଖାନ୍ନା ଓ ଐଶ୍ୱର୍ଯ୍ୟା ରାୟଙ୍କ ଯୋଡ଼ି ବଲିଉଡ୍‌ର ଏକ ସଫଳ ଯୋଡ଼ି ଭାବେ ପରିଗଣିତ ହୋଇଥିଲା। କିଛି ଦିନ ପୂର୍ବରୁ ସୁଭାଷ ସାମାଜିକ ଗଣମାଧ୍ୟମରେ 'ତାଲ୍' ସହ ଜଡ଼ିତ ଏକ ପୋଷ୍ଟ ସେୟାର୍ କରି 'ତାଲ୍ ୨' କ'ଣ ନିର୍ମାଣ କରିବା ଦରକାର ବୋଲି ଦର୍ଶକଙ୍କୁ ପ୍ରଶ୍ନ ପଚାରିଥିଲେ। ଦର୍ଶକେ (ବିଶେଷକରି ଜେନ୍ ଜେଡ୍) ସୁଭାଷଙ୍କୁ 'ତାଲ୍ ୨' ଆଣନ୍ତୁ ବୋଲି କହିଥିଲେ। ଏହାପରେ ସେ ଏହି ଫିଲ୍ମ ନିର୍ମାଣ ପାଇଁ ଚିନ୍ତା କରିଥିଲେ। ନିକଟରେ ସୁଭାଷ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି ଯେ, 'ତାଲ୍ ୨'ର କାହାଣୀ ପାଖାପାଖି ସରି ଆସିଲାଣି। ଏବେ ଏହି ଫିଲ୍ମ ନିର୍ମାଣ କରିବାର ସମୟ ଆସିଯାଇଛି। 'ତାଲ୍' ଫିଲ୍ମ ନିର୍ମାଣ ବେଳେ ଅକ୍ଷୟ ଓ ଐଶ୍ୱର୍ଯ୍ୟା ଇଣ୍ଡଷ୍ଟ୍ରୀରେ ନୂଆ ଥିବାରୁ ଏହି ଯୋଡ଼ିକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଅନୀଲ କପୁରଙ୍କ ଅଭିନୟ ବି ଦର୍ଶକଙ୍କ ହୃଦୟକୁ ଛୁଇଁ ଥିଲା। ଗୋଟିଏ ଭଲ କାହାଣୀ ଲେଖିବା ପରେ କଳାକାର ଚୟନ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଥାଏ। ମୋର ଯେଉଁ ଫିଲ୍ମଗୁଡ଼ିକ ଚାଲି ନାହିଁ ତାର ମୁଖ୍ୟ କାରଣ କଳାକାର ଚୟନରେ ମୁଁ ଭୁଲ୍ କରିଛି।' ଏହାସହ ସୁଭାଷ 'ତାଲ୍ ୨'ରେ ଅନୀତ ପଡ୍ଡା ଓ ଅହାନ୍ ପାଣ୍ଡେଙ୍କୁ କାଷ୍ଟ କରିବା ଉପରେ ମଧ୍ୟ ଉତ୍ତର ରଖିଛନ୍ତି। ସେ କହିଛନ୍ତି, 'ସୈୟାରା' ଫିଲ୍ମ ମୋତେ ଭଲ ଲାଗିଥିଲା। କାରଣ ଏଥିରେ ଦୁଇଜଣ ନବାଗତ କଳାକାର ଥିଲେ। ଏହି ଦୁଇ କଳାକାର ଏବେ ଷ୍ଟାର୍ ହୋଇ ସାରିଛନ୍ତି। 'ତାଲ୍ ୨'ର ଚରିତ୍ରଗୁଡ଼ିକ ଦର୍ଶକଙ୍କୁ ନୂଆ ଲାଗିବା ଦରକାର।' ଏଠାରେ ପ୍ରକାଶଥାଉ କି, ଅକ୍ଷୟ ଖାନ୍ନା, ଐଶ୍ୱର୍ଯ୍ୟା ରାୟ ଓ ଅନୀଲ କପୁରଙ୍କ ଅଭିନୀତ 'ତାଲ୍' ଏହାର ବଳିଷ୍ଠ କାହାଣୀ ଓ ସାନଦାର ସଙ୍ଗୀତ ପାଇଁ ଦର୍ଶକଙ୍କ ହୃଦୟ ଛୁଇଁ ଥିଲା।

# ସ୍ମାର୍ଟ କ୍ୟାପ୍



ଏଣିକି ଗ୍ୟାଜେଟ୍‌କୁ ମସ୍ତିଷ୍କ ଦ୍ୱାରା ନିୟନ୍ତ୍ରଣ କରିବା ପାଇଁ କୌଣସି ସର୍ଜରୀର ଆବଶ୍ୟକତା ପଡ଼ିବ ନାହିଁ। କାଲିଫର୍ଣ୍ଣିଆସ୍ଥିତ ଷ୍ଟାର୍ଟଅପ୍ 'ସାବି' ଏମିତି ଏକ ସ୍ମାର୍ଟ କ୍ୟାପ୍‌କୁ ପରିଚିତ କରାଇଛି, ଯଦ୍ୱାରା କି-ବୋର୍ଡକୁ ସ୍ପର୍ଶ ନ କରି କେବଳ ଚିନ୍ତା କରିବା ମାତ୍ରେ ମନରେ ଆସୁଥିବା ଶବ୍ଦଗୁଡ଼ିକ ଟାଇପ୍ ହୋଇଯିବ। ଏହି କ୍ୟାପ୍ ମସ୍ତିଷ୍କର ସିଗ୍‌ନାଲ ପଢ଼ିବ ଏବଂ ଚିନ୍ତା କରିବା ମାତ୍ରେ ଏହା କାମ କରିବାକୁ ଲାଗିବ। ସାବିର ଏହି ଟେକ୍ନିକ୍ ଇଲେକ୍ଟ୍ରୋଏନ୍‌ସେଫାଲୋଗ୍ରାମ୍ (ଇଇଜି) ଉପରେ ଆଧାରିତ। ସରଳ ଭାଷାରେ କହିଲେ, ଏଥିରେ ମସ୍ତିଷ୍କ ଉପରେ କିଛି ସେନ୍‌ସର୍ ଲଗାଯାଏ ଓ ଏହା ମସ୍ତିଷ୍କର ବୈଦ୍ୟୁତିକ କାର୍ଯ୍ୟକଳାପଗୁଡ଼ିକ ରେକର୍ଡ କରିଥାଏ। ତେବେ ହସ୍‌ପିଟାଲରେ ବ୍ୟବହାର ହେଉଥିବା ଇଇଜି ମେସିନ୍‌ରେ ଅଳ୍ପ କିଛି ସେନ୍‌ସର୍ ଥାଏ। ହେଲେ ସାବି ଦାବି କରିଛି ଯେ, ଏହି ସ୍ୱତନ୍ତ୍ର କ୍ୟାପ୍‌ରେ ଦଶ ହଜାରରୁ ଅଧିକ ସେନ୍‌ସର୍ ରହିଛି, ଯଦ୍ୱାରା ମସ୍ତିଷ୍କର ସଙ୍କେତଗୁଡ଼ିକୁ ଅଧିକ ସଠିକତାର ସହ ଚିହ୍ନଟ କରିହେବ। ଏନେଇ କମ୍ପାନିର କହିବା କଥା, ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାକୁ ମଣିଷର ଚିନ୍ତାଧାରାକୁ ଟେକ୍ସଟ୍‌ରେ ରୂପାନ୍ତରିତ କରିବା ନିମନ୍ତେ ବ୍ୟବହାର କରାଯିବ। ଏହାର ଅର୍ଥ ହେଉଛି ସ୍କ୍ରିନ୍ ଉପରେ କିଛି ଲେଖିବା ପାଇଁ କି-ବୋର୍ଡ ଆଉ ବ୍ୟବହାର କରିବାକୁ ପଡ଼ିବ ନାହିଁ। କେବଳ ଜଣେ ଯାହା ଚିନ୍ତା କରିବ, ସେହି ଶବ୍ଦଗୁଡ଼ିକ ସ୍କ୍ରିନ୍‌ରେ ଆପେ ଆପେ ଟାଇପ୍ ହୋଇଯିବ। ଏହାର ପ୍ରାରମ୍ଭିକ ବେଗ ପ୍ରତି ମିନିଟ୍‌କୁ ୩୦ ଶବ୍ଦ ରହିବ ବୋଲି କୁହାଯାଉଛି। ଯଦିଓ ଏହି ସ୍ପିଡ୍ ଏବେ କମ୍ ଲାଗୁଛି, ତଥାପି ଏଆଇ ଦ୍ୱାରା ଭବିଷ୍ୟତରେ ଏହାର ବେଗ ଆହୁରି ବଢ଼ିଯିବ। ଭବିଷ୍ୟତରେ ଏହି ଟେକ୍ନିକ୍ ମାଧ୍ୟମରେ କେବଳ ଲୋକେ ଚିନ୍ତା କରି ମୋବାଇଲ ଆପ୍ ଏବଂ ସ୍ମାର୍ଟ ଡିଭାଇସ୍‌କୁ ପୂରାପୂରି ନିୟନ୍ତ୍ରଣ କରିପାରିବେ। ସାବି ଏହି କ୍ୟାପ୍‌କୁ ଚଳିତ ବର୍ଷ ଶେଷ ସୁଦ୍ଧା ବଜାରକୁ ଆଣିବାକୁ ଚେଷ୍ଟା ଚଳାଇଛି। ଅବଶ୍ୟ ଏହାର ଦାମ୍ କେତେ ରହିବ, ସେ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇ ନାହିଁ।

## ଏମିତି ଏକ ବିବାହ

# ଯୌତୁକରେ ମାଟି ପାତ୍ର



ରାଜସ୍ଥାନ ବାଡମେରରେ ନିକଟରେ ଏକ ନିଆରା ବିବାହ ଦେଖିବାକୁ ମିଳିଛି। ଏହି ବିବାହରେ ପରିବେଶ ସୁରକ୍ଷା ଏବଂ ଜୀବେଦୟାର ବାର୍ତ୍ତା ଦିଆଯାଇଥିଲା। ପରିବେଶ ପ୍ରେମୀ ନରପତ ସିଂହ ରାଜପୁରୋହିତ ଭାଣିଜୀ ଅଞ୍ଜୁ କଓ୍ୱର ବିବାହରେ ଏହି ଜୀବେଦୟାର ବାର୍ତ୍ତା ଦେଇଛନ୍ତି। ନରପତ ଭାଣିଜୀଙ୍କୁ ବିବାହରେ ସୁନା ରୁପା ଅଳଙ୍କାର ବଦଳରେ ଉପହାରରେ ପକ୍ଷୀଙ୍କ ପିଇବା ପାଇଁ ୫୦୧ଟି ମାଟି ପାତ୍ର ଦେଇଛନ୍ତି। ପ୍ରବଳ ଖରାରେ ନିରୀହ ପକ୍ଷୀ ବିଶେଷକରି ବିଲୁପ୍ତ ହେଉଥିବା ଘରଚଟିଆଙ୍କୁ ଜଳଦାନ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ବର ପ୍ରବୀଣ ସିଂହ ରାଜପୁରୋହିତ ଏବଂ କନିଆ ଅଞ୍ଜୁ କଓ୍ୱର ଏହି ଅନନ୍ୟ ଉପହାରକୁ ଖୁସିର ସହିତ ଗ୍ରହଣ କରିଛନ୍ତି। ବରକନିଆଙ୍କ ସମେତ ବରଯାତ୍ରୀମାନଙ୍କୁ ମଧ୍ୟ ସେ ଏହାକୁ ଦେବା ସହ ନିୟମିତ ଏଥିରେ ପାଣି ରଖିବା ପାଇଁ ସଂକଳ୍ପ କରାଇଥିଲେ। ଏନେଇ ନବଦମ୍ପତି କହିଛନ୍ତି ଯେ, ପଶୁପକ୍ଷୀଙ୍କ ପ୍ରତି କରୁଣା ସହିତ ପରିବେଶକୁ ସୁରକ୍ଷା ଦେବା ପାଇଁ ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ। ଆମ ଜୀବନର ସବୁଠୁ ଭଲ ଦିନରେ ଏହି ସୁଯୋଗ ମିଳିଥିବାରୁ ଆମେ ସୌଭାଗ୍ୟ ମନେ କରୁଛୁ। ଏହି ନିଆରା ପ୍ରୟାସକୁ ଉଭୟ ବର ଓ କନିଆ ପକ୍ଷ ସମର୍ଥନ କରିଥିଲେ। ତେବେ ଯୌତୁକ ଜୁଇରେ ପ୍ରତିଦିନ ନିରୀହ ଝିଅମାନଙ୍କ ଜୀବନ ଚାଲିଯାଉଥିବାବେଳେ ଏଭଳି ପ୍ରୟାସ ସମାଜକୁ ଜୀବେ ଦୟା ଏବଂ ପରିବେଶ ସୁରକ୍ଷା ପାଇଁ ବାର୍ତ୍ତା ପ୍ରଦାନ କରିଛି।

# ଫେସ୍ ୱାକ୍ସିଙ୍ଗ୍

ତ୍ୱଚାରୁ ଫେସିଆଲ୍ ହେୟାର୍ ଏବଂ ଡେଡ୍ ସ୍କିନ୍ କାଢ଼ିବା ପାଇଁ ମହିଳାମାନେ ବିଭିନ୍ନ ଦାମୀ ପ୍ରସାଧନ ଲଗାଇଥାନ୍ତି। ହେଲେ ସବୁବେଳେ କେମିକାଲ ଜିନିଷ ଲଗାଇଲେ ତ୍ୱଚାରେ ଏହାର କ୍ଷତିକାରକ ପ୍ରଭାବ ପଡ଼ିଥାଏ। ଏପରି ସ୍ଥଳେ ଘରୋଇ ଜିନିଷକୁ ଉପଯୋଗ କରି ଫେସିଆଲ୍ ହେୟାର କାଢ଼ିପାରିବେ।

### ପ୍ରସ୍ତୁତି

ଏଥିପାଇଁ ଏକ ପାତ୍ରରେ ପାଣି ନେଇ ଚାଉଳ ସହ ଚିନି ପକାଇ ଫୁଟାନ୍ତୁ। ବହଳିଆ ହୋଇଗଲେ ଗ୍ୟାସ୍ ବନ୍ଦ କରି ଥଣ୍ଡା କରନ୍ତୁ। ଏହାକୁ ଏକ ମିକ୍ସର ଗ୍ରାଇଣ୍ଡର୍ ଦେଇ ଗ୍ରାଇଣ୍ଡ କରନ୍ତୁ। ଏହାପରେ ଅଳ୍ପ ଲେମ୍ବୁରସ, ନଡ଼ିଆ ତେଲ ମିଶାଇ ଘାଟନ୍ତୁ।

### ଲଗାଇବା ବିଧି

ଏଥିପାଇଁ ପ୍ରଥମେ ତ୍ୱଚାକୁ ସଫା କରି ଏହି ପେଷ୍ଟକୁ ଲଗାନ୍ତୁ। ଏହାକୁ ହାଲୁକା ହାତରେ ତ୍ୱଚାରେ ମସାଜ୍ କରନ୍ତୁ। ୫ ରୁ ୧୦ ମିନିଟ୍ ମସାଜ୍ କରିବା ପରେ ପାଣିରେ ଧୋଇ ଦିଅନ୍ତୁ। ପରେ ମଏଶ୍ଚରାଇଜର୍ ଲଗାଇ ତ୍ୱଚାକୁ ହାଇଡ୍ରେଟ୍ ରଖନ୍ତୁ।



### ଧ୍ୟାନ ରଖିବେ

ଏହି ପେଷ୍ଟ ଲଗାଇ ତ୍ୱଚାକୁ ଜୋର୍‌ରେ ରଗଡ଼ନ୍ତୁ ନାହିଁ। ସେହିପରି ସମ୍ବେଦନଶୀଳ ତ୍ୱଚା ଥିଲେ ପ୍ରଥମେ ପ୍ୟାଚ୍ ଟେଷ୍ଟ କରନ୍ତୁ। ସପ୍ତାହରେ ଥରେ କିମ୍ବା ଦୁଇଥର ଏହି ପେଷ୍ଟ ଲଗାନ୍ତୁ।

## ହଜିଯାଉଥିବା ସ୍ୱାଦ

# ଆମ୍ବ ଖୁଦ କାଞ୍ଜି



### ଆବଶ୍ୟକ ସାମଗ୍ରୀ

ଖୁଦ – ଏକ କପ୍, କଞ୍ଚା ଆମ୍ବ– ଦୁଇଟି, ଦହି – ଏକ କପ୍, ଫୁଟଣ – ଏକ ଚାମଚ, ସୋରିଷ ରସୁଣ ବଟା – ଏକ ଚାମଚ, କଞ୍ଚା ଲଙ୍କା – ଦୁଇ, ତିନୋଟି, ଭୃସଙ୍ଗ ପତ୍ର – ଦୁଇଟି ଡାଳ, ହଳଦୀଗୁଣ୍ଡ– ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

### ପ୍ରସ୍ତୁତ ପ୍ରଣାଳି

ଆମ୍ବକୁ ଧୋଇ ଛୋଟ ଖଣ୍ଡରେ କାଟନ୍ତୁ। ଏହାପରେ ଗ୍ୟାସ୍ ଲଗାଇ ଏକ ପାତ୍ରରେ ପାଣି ଦେଇ ଲୁଣ, ହଳଦୀ ପକାଇ ସିଝାନ୍ତୁ। ଆଉ ଏକ ଗ୍ୟାସ୍‌ରେ ହାଣ୍ଡି ବସାଇ ପାଣି ଗରମ କରନ୍ତୁ। ଏହାପରେ ଖୁଦକୁ ଧୋଇ ଫୁଟା ପାଣିରେ ଦିଅନ୍ତୁ। ସିଝିଗଲେ ସିଝା ଆମ୍ବକୁ ଦିଅନ୍ତୁ। ଏହାପରେ ସୋରିଷ ବଟା, ରସୁଣ ଛେଚା ଦେଇ ପାଞ୍ଚ, ସାତ ମିନିଟ୍ ଫୁଟାନ୍ତୁ। ପରେ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏହାପରେ ଫେଣ୍ଟି ରଖିଥିବା ଦହି ଦିଅନ୍ତୁ। ଏକ କଡ଼େଇରେ ତେଲ ଗରମ କରି ଫୁଟଣ, ଶୁଖିଲା ଲଙ୍କା, ତେଜପତ୍ର ଏବଂ କଞ୍ଚାଲଙ୍କା ପକାଇ ଛୁଙ୍କ ଦିଅନ୍ତୁ। ଏହାକୁ କାଞ୍ଜିରେ ମିଶାଇ ଘାଣ୍ଟନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଆମ୍ବ ଖୁଦ କାଞ୍ଜି'।

# ବବ୍‌କଟ୍ ପ୍ରେମରେ ଜେନ୍- ଜି

ମହିଳାମାନେ ଲମ୍ବା କେଶ ରଖିବାକୁ ପସନ୍ଦ କରୁଥିବାବେଳେ କିଛି ମହିଳା ଏହାକୁ ନା ପସନ୍ଦ କରନ୍ତି। ଏହି କ୍ରମରେ ଏବେ ଜେନ୍ - ଜିଙ୍କ ମଧ୍ୟରେ ବବ୍ ହେୟାରକଟ୍ ଲୋକପ୍ରିୟ ରହିଛି। ଏହା ଷ୍ଟାଇଲିଶ୍ ସହ ଏକ ଭିନ୍ନ ଲୁକ୍ ଦେଇଥାଏ।



### ଲେୟାର୍ଡ ବବ୍

ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା କରିବାକୁ ଚାହୁଁଥିଲେ, ଲେୟାର୍ଡ ବବ୍ କଟ୍ କରିପାରିବେ। ଏହା ସୁନ୍ଦର ଦିଶିବା ସହ ମୁହଁକୁ ଭଲ ମାନିଥାଏ। ସେହିପରି ଏହା କେଶରେ ଭଲ୍ୟୁମ୍ ମଧ୍ୟ ଆଣିଥାଏ।

### ଏ ଲାଇନ୍ ବବ୍

କେଶକୁ ଏକ ସୁନ୍ଦର ଆକାର ଦେବାକୁ ଚାହୁଁଥିଲେ ଏ ଲାଇନ୍ କଟ୍ କରିପାରିବେ। ଏହା ମୁହଁକୁ ପତଳା ଦେଖାଇବା ସହ ଷ୍ଟାଇଲିଶ୍ ଏବଂ ଆକର୍ଷଣୀୟ ଦିଶିଥାଏ।

### କର୍ଲି ବବ୍ କଟ୍

କୁଞ୍ଚୁକୁଞ୍ଚିଆ କେଶକୁ ଛୋଟ କରିବାକୁ ଚାହୁଁଥିଲେ ବବ୍ କଟ୍ କରିପାରିବେ। ଏହି କଟ୍ ତ୍ୱଚାକୁ ସୁନ୍ଦର କରିବା ସହ ଚେହେରାକୁ ଏକ ଭିନ୍ନ ଲୁକ୍ ଦେଇଥାଏ।

### କ୍ଲାସିକ୍

ସୁନ୍ଦର ଆକର୍ଷଣୀୟ ଦିଶିବାକୁ ଚାହୁଁଥିଲେ କ୍ଲାସିକ୍ ହେୟାର୍ କଟ୍ କରିପାରିବେ।

## ସୁଶ୍ରୀ

# ରୁପା ସାଜପୋକରଣରୁ ରୋଜଗାର





ପିଲାବେଳୁ ଡିଜାଇନର୍ ଜିନିଷ ପ୍ରତି ତାଙ୍କର ରୁଚି ରହିଥିଲା। ଏଥିପାଇଁ ସେ ମୁମ୍ବାଇରେ ଡିଜାଇନିଂ କୋର୍ସ କରିଥିଲେ। ହେଲେ ପସନ୍ଦ ମୁତାବକ ଚାକିରି ନ ମିଳିବାରୁ ସେ ନିଜ ବୁଦ୍ଧି, ସୃଜନଶୀଳତାକୁ ଉପଯୋଗ କରି ସିଲ୍‌ଭର୍ ଡେକୋଟ୍ ନାମକ ଏକ ବ୍ରାଣ୍ଡ ତିଆରି କଲେ। ଏଥିରେ ଘୋଡ଼ା, ସୋ ପିସ୍ ସମେତ ବିଭିନ୍ନ ରୁପା ସାଜପୋକରଣ ପ୍ରସ୍ତୁତ କରି ଆତ୍ମନିର୍ଭରର ହୋଇଛନ୍ତି ରାଞ୍ଚିର ଶ୍ରେୟା। ଏପରି କରି ସେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କୁ ରୋଜଗାରକ୍ଷମ କରିଛନ୍ତି।

ଝାଡ଼ଖଣ୍ଡ ରାଞ୍ଚିରେ ରହୁଥିବା ଶ୍ରେୟାଙ୍କର, ପିଲାଟି ଦିନରୁ ଘରସଜ୍ଜା ଜିନିଷ ତିଆରିରେ ଆଗ୍ରହ ଥିଲା। ଏଥିପାଇଁ ସ୍କୁଲ ପାଠ୍ୟକ୍ରମ ଶେଷ ହେବା ପରେ ସେ ଏନେଇ ମୁମ୍ବାଇରେ ଡିଜାଇନିଂ କୋର୍ସ କରିଥିଲେ। ପରବର୍ତ୍ତୀ ସମୟରେ ସେ ବିଭିନ୍ନ କମ୍ପାନୀରେ ଚାକିରି ସନ୍ଧାନ କରିଥିଲେ। ହେଲେ ତାଙ୍କ ରୁଚି ଡିଜାଇନ୍, ସୃଜନଶୀଳତା ଅନୁସାରେ ତାଙ୍କୁ କୌଣସି ପ୍ରକାର ଚାକିରି ମିଳି ନଥିଲା। ଫଳରେ ସେ ଚାକିରି ନିଜେ ଡିଜାଇନର ଜିନିଷ ତିଆରି ବ୍ୟବସାୟ କରିବାକୁ ସ୍ଥିର କଲେ। ପରବର୍ତ୍ତୀ ସମୟରେ ସେ ସିଲ୍‌ଭର୍ ଡେକୋଟ୍ ନାମକ ବ୍ରାଣ୍ଡ ତିଆରିଲେ। ଏଥିରେ ପାଞ୍ଚଜଣ କାଗରିଗରଙ୍କୁ ନିଯୋଜିତ କରି ଭଳିକି ରୂପା ସାଜପୋକରଣ ପ୍ରସ୍ତୁତ କରିଥିଲେ। ଶ୍ରେୟାଙ୍କ କହିବାନୁଯାୟୀ ବିଶେଷ କରି ଧନୀ ଶ୍ରେଣୀ ଲୋକଙ୍କ ମଧ୍ୟରେ ଗୃହସାଜପୋକରଣର ଖୁବ୍ ଚାହିଦା ରହିଛି। ସେମାନେ ଭଳିକି ଭଳି ଡିଜାଇନର୍ କପ୍ ପ୍ଲେଟ୍ , ଡାଇନିଙ୍ଗ୍ ସେଟ୍ ଆଦି ଘରେ ରଖିବାକୁ ପସନ୍ଦ କରନ୍ତି। ସେମାନେ ଏହାର ମୂଲ୍ୟ ଦେଖନ୍ତିନି, ବାସ୍ ଜିନିଷ ପସନ୍ଦ ହେବା ଦରକାର। ତେଣୁ ସେ ଏହି ଚିନ୍ତାଧାରାକୁ ନିଜର ଅସ୍ତ୍ର କରିଥିଲେ। ରାଞ୍ଚିରେ ଦୁଇଟି ଦୋକାନ କରି ସେ ଏହି ରୌପ୍ୟସାଜପୋକରଣ ବ୍ୟବସାୟ ଆରମ୍ଭ କଲେ। ଗ୍ରାମ୍ ଅନୁସାରେ ନିର୍ମିତ ପ୍ରତ୍ୟେକ ସୋ ପିସ୍‌ରେ ରୂପା ଗ୍ରାମ ସହ ଏହାର ମୂଲ୍ୟ ଉଲ୍ଲେଖ ଥାଏ। ଏହା ଅନୁଯାୟୀ ଲୋକେ ନିଜ ପସନ୍ଦ ମୁତାବକ ଜିନିଷ ବରାଦ କରନ୍ତି। ଏପରି କରି ସେ ମାସିକ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏଠାରେ ରୂପାର ବିବାହ କାର୍ଡ ମଧ୍ୟ ଉପଲବ୍ଧ। ବିବାହ ପୂର୍ବରୁ ଭଗବାନଙ୍କୁ ସମର୍ପଣ କରିବା ଉଦ୍ଦେଶ୍ୟରେ ଲୋକେ ଏହି ନିଆରା କାର୍ଡ ବରାଦ ଦେଇ ତିଆରି କରନ୍ତି।

# କମ୍ପାକ୍ଟ ପାଉଡର୍‌ର ବ୍ୟବହାର

ମେକ୍‌ଅପ୍‌କୁ ସୁନ୍ଦର ଏବଂ ଆକର୍ଷଣୀୟ କରିବା ପାଇଁ ଅନେକେ କମ୍ପାକ୍ଟ ପାଉଡର୍ ଲଗାନ୍ତି। ଏହା ମେକ୍‌ଅପ୍ କିଟ୍‌ର ଏକ ଜରୁରି ଜିନିଷ ଭାବେ ଜଣାଯାଏ। ଏହା ବିଶେଷ କରି ମେକ୍‌ଅପ୍ ଶେଷରେ ଲଗାଯାଏ। ତେବେ ଚାହିଁଲେ ଏହାକୁ ଭିନ୍ନ ଉପାୟରେ ମଧ୍ୟ ଲଗାଇପାରିବେ।

- ଅଧିକାଂଶ ସମୟରେ ଲାଇନର୍ ଲଗାଇବା ପରେ ଏହା ନେସି ହୋଇଯାଏ। ତେଣୁ ଆଖିତଳେ କମ୍ପାକ୍ଟ ପାଉଡର୍ ଲଗାଇ ସେଟ୍ କରିପାରିବେ।
- ବ୍ୟାଗ୍‌ରେ କମ୍ପାକ୍ଟ ପାଉଡର ରଖିବା ଜରୁରି। କାରଣ ଏହା ମଝିରେ ମେକ୍‌ଅପ୍ ଛାଡ଼ିଗଲେ ଟଚ୍‌ଅପ୍ ପାଇଁ କାମରେ ଆସିଥାଏ।
- ଗ୍ଲସି ଲିପ୍‌ଷ୍ଟିକ୍‌କୁ ମ୍ୟାଟ୍ ଲୁକ୍ ଦେବାକୁ ଚାହୁଁଥିଲେ, କମ୍ପାକ୍ଟ ପାଉଡର୍ ଲଗାଇପାରିବେ। ଲିପ୍‌ଷ୍ଟିକ୍ ଲଗାଇବା ପରେ ଏହାକୁ ଲଗାଇ ଏହାକୁ ସେଟ୍ କରିପାରିବେ।
- ଆଖି ମେକ୍‌ଅପ୍ ପାଇଁ କନ୍‌ସିଲର୍ ନ ଥିଲେ କମ୍ପାକ୍ଟ ପାଉଡର୍‌କୁ ଲଗାଇପାରିବେ। ଏହା ସୁନ୍ଦର ଦିଶିବା ସହ ଆଖିକୁ ଏକ ଫିନିଶ୍ ଲୁକ୍ ଦେଇଥାଏ।

# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

# ରିକ୍ଲେଟନଙ୍କ ପ୍ରଥମ ଆଇପିଏଲ୍ ଶତକ



ମୁମ୍ବଇ, ୨୯।୪ (ଏଜେନ୍ସି)

ପାଞ୍ଚଥରର ଚାମ୍ପିଅନ ମୁମ୍ବଇ ଇଣ୍ଡିଆନ୍ସ ଓ ସନରାଇଜର୍ସ ହାଇଦରାବାଦ୍ ମଧ୍ୟରେ ଚଳିତ ଆଇପିଏଲ୍‌ର ୪୧ତମ ଲିଗ୍ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଘରୋଇ ମୁମ୍ବଇ ଦଳ ଦମ୍‌ଦାର ଆରମ୍ଭ କରିଛି। ଓପନର୍ ରିୟାନ ରିକ୍ଲେଟନଙ୍କ ବିସ୍ଫୋରକ ବ୍ୟାଟିଂ କରି ଆଇପିଏଲ୍‌ରେ ତାଙ୍କ ପ୍ରଥମ ଶତକ ହାସଲ କରିଛନ୍ତି। ସେ ୪୪ ବଲରେ ଶତକ ପୂରଣ କରିଥିଲେ। ଫଳରେ ମୁମ୍ବଇ ଶେଷ ଖବର ସୁଦ୍ଧା ୧୫ ଓଭରରେ ୩ ୱିକେଟ୍ ହରାଇ ୧୮୧ ରନ ସଂଗ୍ରହ କରିଛି।



**ଆଜିର ଆଇପିଏଲ୍ ମ୍ୟାଚ୍**
ଗୁଜରାଟ ବନାମ ବେଙ୍ଗାଲୁରୁ
ଭେନ୍ୟୁ - ଅହମ୍ମଦାବାଦ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ପାୱାର-ପ୍ଲେ’ରେ ୭୮ ରନ

ବୁଧବାର ଅନୁଷ୍ଠିତ ଏହି ହାଇସ୍କୋରିଂ ମ୍ୟାଚରେ ଟସ୍ ଜିତି ମୁମ୍ବଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଆଫ୍ରିକୀୟ ୱିକେଟକିପର-ବ୍ୟାଟର ରିୟାନ ରିକ୍ଲେଟନଙ୍କ ସହ ୱିଲ ଜ୍ୟାକ୍ ଘରୋଇ ଦଳ ପାଇଁ ଇନିଂସ ଓପନ୍ କରିଥିଲେ। ଉଭୟ ପ୍ରତିପକ୍ଷ ହାଇଦରାବାଦ ବୋଲରଙ୍କୁ ନିର୍ଦ୍ଧୁମ ପ୍ରହାର କରିଥିଲେ। ପ୍ରଥମ ଓଭର ବୋଲିଂ କରିଥିବା ପ୍ରଫୁଲ୍ଲ ହିଙ୍ଗେ ୧୫ ରନ ବ୍ୟୟ କରିଥିଲେ। ଫଳରେ ପାୱାର-ପ୍ଲେ’ରେ ମୁମ୍ବଇ ୭୮ ରନ ଉଠାଇଥିଲା। ତେବେ ୮ମ ଓଭର ବୋଲିଂ କରିଥିବା ନୀତୀଶ ରେଡ୍ଡୀ ହାଇଦରାବାଦ୍‌କୁ ପ୍ରଥମ ବ୍ରେକ-ଥ୍ରୁ ଦେଇଥିଲେ। ଚଳିତ ଆଇପିଏଲ୍‌ରେ ପ୍ରଥମଥର ସୁଯୋଗ ପାଇଥିବା ଇଂଲିଶ ଅଲ୍‌ରାଉଣ୍ଡର ଜ୍ୟାକ୍‌ଙ୍କୁ ଆଉଟ କରି ନୀତୀଶ ଏହି ଯୋଡ଼ି ଭାଙ୍ଗିଥିଲେ। ୱିଲ୍ ଜ୍ୟାକ୍ ୫ ଚୌକା ଓ ୩ ଛକା ବଳରେ ୨୨ ବଲରୁ ୪୬ ରନ କରି ଆଉଟ୍ ହୋଇଥିଲେ। ଏହାପରେ ବ୍ୟାଟିଂ କରିବାକୁ ଆସିଥିବା ଅଭିଜ୍ଞ ସୂର୍ଯ୍ୟକୁମାର ଯାଦବ ଫେଲ୍ ମାରିଥିଲେ। ପାଞ୍ଚଟି ବଲରେ ୫ ରନ କରିଥିବାବେଳେ ସୂର୍ଯ୍ୟକୁମାରଙ୍କୁ ଆଉଟ କରି ଏଶାନ ମାଲିଙ୍ଗା ମୁମ୍ବଇକୁ ଦ୍ୱିତୀୟ ଝଟକା ଦେଇଥିଲେ। ତେବେ ତୃତୀୟ ୱିକେଟ୍ ଭାଗୀଦାରିରେ ରିକ୍ଲେଟନ ଓ ନମନ ଧୀର ୫୫ ରନ ଉଠାଇବାରୁ ଦଳୀୟ ସ୍କୋର ଦେଢ଼ଶ ରନ ଅତିକ୍ରମ କରିଥିଲା। ତିନୋଟି ଚୌକା ସହ ୧୭ ବଲରେ ୨୨ ରନ କରିଥିବାବେଳେ ନମନ ବଡ଼ ସଟ୍ ମାରିବାକୁ ଯାଇ ପ୍ରଫୁଲ୍ଲ ହିଙ୍ଗେଙ୍କ ଶିକାର ବନିଥିଲେ। ଓପନିଂରୁ ଆସି ଧୈର୍ଯ୍ୟର ସହ ଖେଳୁଥିବା ରିକ୍ଲେଟନ ୪୪ ବଲରେ ଶତକ ପୂରଣ କରିଥିଲେ। ୧୦୫ ରନର ଏହି ଅପରାଜିତ ଶତକୀୟ ପାଳିରେ ସେ ୯ ଚୌକା ଓ ୭ ଛକା ମାରିଥିଲେ। ଏଥିସହ ଆଇପିଏଲ୍‌ରେ ମୁମ୍ବଇ ପାଇଁ ସେ ଦ୍ରୁତତମ ଶତକ ହାସଲକାରୀ ବ୍ୟାଟର ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ସନଥ ଜୟସୁରିୟାଙ୍କ (୪୫ ବଲ୍ ବନାମ ଚେନ୍ନଇ, ୨୦୦୮) ନାମରେ ରହିଥିଲା।

## ପଞ୍ଜାବର ପ୍ରଥମ ପରାଜୟ

ମୁଲାନପୁର : ପଞ୍ଜାବ କିଙ୍ଗ୍‌ସର ଅପରାଜେୟ ଧାରା ଭାଙ୍ଗିଛି। ମଙ୍ଗଳବାର ଏଠାରେ ଅନୁଷ୍ଠିତ ଲିଗ୍‌ର ୪୦ତମ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୬ ୱିକେଟରେ ଘରୋଇ ପଞ୍ଜାବକୁ ପରାସ୍ତ କରିଛି। ୨୨୩ ରନର ବିଶାଳ ଲକ୍ଷ୍ୟକୁ ରାଜସ୍ଥାନ ୪ଟି ବଲ୍ ବଳକା ଥାଇ ୪ ୱିକେଟ ହରାଇ ହାସଲ କରିନେଇଥିଲା। ରାଜସ୍ଥାନ ପକ୍ଷରୁ ଡୋନୋଭାନ ଫେରେରା (୨୬ ବଲରେ ୫୨ ରନ), ଯଶସ୍ୱୀ ଜୟସ୍ୱାଲ (୨୭ ବଲରେ ୫୧ ରନ) ଓ ବୈଭବ ସୂର୍ଯ୍ୟବଂଶୀ (୧୬ ବଲରେ ୪୩ ରନ) ଦମଦାର ବ୍ୟାଟିଂ କରିଥିଲେ। ଫଳରେ ସିଜନରେ କ୍ରମାଗତ ୭ଟି ମ୍ୟାଚ୍ ଧରି ଅପରାଜେୟ ରହିଥିବା ପଞ୍ଜାବ ଶେଷରେ ପରାଜୟ ସ୍ୱାଦ ଚାଖିଛି। ନବମ ମ୍ୟାଚରୁ ୬ଷ୍ଠ ବିଜୟ ସହ ରାଜସ୍ଥାନ ୧୨ ପଏଣ୍ଟ ପାଇ ଟେବଲର ୩ୟ ସ୍ଥାନକୁ ଉଠିଛି। ଅପରପକ୍ଷରେ ୮ମ ମ୍ୟାଚରୁ ୬ ବିଜୟ ସହ ପୂର୍ବଭଳି ଶୀର୍ଷରେ ସୁରକ୍ଷିତ ରହିଛି।

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ | ୮ | ୬ | ୧ | ୧ | ୧୩ | +୧.୦୪୩ |
| ବେଙ୍ଗାଲୁରୁ | ୮ | ୬ | ୨ | ୦ | ୧୨ | +୧.୯୧୯ |
| ରାଜସ୍ଥାନ | ୯ | ୬ | ୩ | ୦ | ୧୨ | +୦.୬୧୭ |
| ହାଇଦରାବାଦ* | ୮ | ୫ | ୩ | ୦ | ୧୦ | +୦.୮୧୫ |
| ଗୁଜରାଟ | ୮ | ୪ | ୪ | ୦ | ୮ | -୦.୪୭୫ |
| ଚେନ୍ନାଇ | ୮ | ୩ | ୫ | ୦ | ୬ | -୦.୧୨୧ |
| ଦିଲ୍ଲୀ | ୮ | ୩ | ୫ | ୦ | ୬ | -୧.୦୬୦ |
| କୋଲକାତା | ୮ | ୨ | ୫ | ୧ | ୫ | -୦.୭୫୧ |
| ମୁମ୍ବଇ* | ୭ | ୨ | ୫ | ୦ | ୪ | -୦.୭୩୬ |
| ଲକ୍ଷ୍ନୌ | ୮ | ୨ | ୬ | ୦ | ୪ | -୧.୧୦୬ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

## ବିରାଟ-ଅଭିଷେକଙ୍କ ସମକକ୍ଷ ହେଲେ ବାବର ଆଜମ୍

କରାଚି, ୨୯।୪ (ଏଜେନ୍ସି): ପାକିସ୍ତାନ ସୁପର୍ ଲିଗ୍ (ପିଏସଏଲ୍) ଇତିହାସରେ ବାବର ଆଜମ ୪ର୍ଥ ଶତକ ହାସଲ କରିଛନ୍ତି। ପେଶୱାର ଜାଲମି ପକ୍ଷରୁ ଖେଳୁଥିବା ବାବର ଗତକାଲି ଅନୁଷ୍ଠିତ ଇସଲାମବାଦ ୟୁନାଇଟେଡ ବିପକ୍ଷ କ୍ୱାଲିଫାୟର ମ୍ୟାଚରେ ବାବର ୫୯ ବଲରେ ୧୦୩ ରନର ଶତକୀୟ ପାଳି ଖେଳିଥିଲେ। ବାବରଙ୍କ ଏହି ବିସ୍ଫୋରକ ବ୍ୟାଟିଂ ବଳରେ ତାଙ୍କ ଦଳ ପେଶୱାର ୭୦ ରନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଏହି ଅବସରରେ ବାବର ଏକାଧିକ ରେକର୍ଡ କରିଛନ୍ତି। ଅଧିନାୟକ ଭାବେ ଓଭରଅଲ୍ ଟି-୨୦ରେ ଏହା ତାଙ୍କର ୯ମ ଶତକ ଥିଲା। ଟି-୨୦ରେ ଅଧିନାୟକ ଭାବେ ସର୍ବାଧିକ ଶତକ ମାରିବାରେ ସେ ଦକ୍ଷିଣ ଆଫ୍ରିକାର ଫାଫ୍ ଡୁ ପ୍ଲେସିସ (୮ଥର)ଙ୍କୁ ପଛରେ ପକାଇଦେଇଛନ୍ତି। ସେହିଭଳି ଗୋଟିଏ ଦେଶରେ ସର୍ବାଧିକ ଟି-୨୦ ଶତକ ମାରିବାରେ ବିରାଟ କୋହଲି ଓ ଅଭିଷେକ ଶର୍ମାଙ୍କ ସହ ବାବର ସମକକ୍ଷ ହୋଇଛନ୍ତି। କୋହଲି ଓ ଅଭିଷେକ ଭାରତୀୟ ମାଟିରେ ୮ଟି ଲେଖାଏ ଟି-୨୦ ଶତକ ମାରିଛନ୍ତି। ବାବର ଏବେ ସଂକ୍ଷିପ୍ତ ଫର୍ମାଟରେ ପାକିସ୍ତାନ ମାଟିରେ ୮ଟି ଶତକ ହାସଲ କରି କୋହଲି ଓ ଅଭିଷେକଙ୍କ ସହ ସାମିଲ ହୋଇଛନ୍ତି।

## ସାବାଲେଙ୍କାଙ୍କ ବିଦାୟ; ବିପର୍ଯ୍ୟୟ ଘଟାଇଲେ ହେଲୀ



■ ମାଦ୍ରିଦ ଓପନ୍

ମାଦ୍ରିଦ, ୨୯।୪ (ଏଜେନ୍ସି): ମାଦ୍ରିଦ ଓପନ୍‌ରେ ବୁଧବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମୁକାବିଲାରେ ବିଶ୍ୱର ଏକ ନମ୍ବର ଖେଳାଳି ତଥା ୩ଥରର ବିଜେତା ଆରିନା ସାବାଲେଙ୍କାଙ୍କୁ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼ିଛି। ୩୦ତମ ସିଡ୍ ଆମେରିକାର ହେଲୀ ବପତିଷ୍ଟେ ୨-୬, ୬-୨, ୭-୬ (୮/୬) ସେଟରେ ସାବାଲେଙ୍କାଙ୍କୁ ପରାସ୍ତ କରି ସେମିଫାଇନାଲକୁ ଉଠିଛନ୍ତି। କ୍ରମାଗତ ୧୫ଟି ମ୍ୟାଚରେ ଅପରାଜେୟ ରହିଥିବା ବେଲାରୁଷର ସାବାଲେଙ୍କା ପ୍ରଥମ ସେଟ୍‌କୁ ୬-୨ରେ ବିଜୟୀ ହୋଇଥିଲେ। କିନ୍ତୁ ହେଲୀ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ଦୁଇ ସେଟକୁ ଜିତି ମ୍ୟାଚକୁ ହାତେଇ ନେଇଥିଲେ। ଚଳିତ ବର୍ଷ ସାବାଲେଙ୍କାଙ୍କ ଏହା ଦ୍ୱିତୀୟ ପରାଜୟ ଥିଲା। ଏଥିପୂର୍ବରୁ ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲରେ ସାବାଲେଙ୍କାଙ୍କୁ ଏଲିନା ରିବାକିନା ହରାଇଥିଲେ। ଏବେ ମାଦ୍ରିଦ ଓପନ୍ ସେମିରେ ହେଲୀଙ୍କ ମୁକାବିଲା ରୁଷିଆର ମାରିଆ ଆନ୍ଦ୍ରିଭାଙ୍କ ସହ ହେବ।

## ମୁମ୍ବଇ ଟି-୨୦ ଲିଗ୍ ଖେଳିବାକୁ ଅର୍ଜୁନଙ୍କୁ ମିଳିଲା ଅନୁମତି

ମୁମ୍ବଇ, ୨୯।୪ (ଏଜେନ୍ସି): ଅର୍ଜୁନ ତେନ୍ଦୁଲକର ଓ ସିଦ୍ଧାନ୍ତ ଆଧହାତ୍ରୋଙ୍କୁ ଆଗାମୀ ମୁମ୍ବଇ ଟି-୨୦ ଲିଗ୍ ଖେଳିବାକୁ ଅନୁମତି ମିଳିଛି। ଉଭୟ ଏବେ ଲିଗ୍‌ର ୪ର୍ଥ ସଂସ୍କରଣ ଖେଳାଳି ନିଲାମୀରେ ସାମିଲ ହୋଇପାରିବେ। ବିସିସିଆଇ ମୁମ୍ବଇ ଲିଗ୍‌ରେ ଅର୍ଜୁନ ଓ ସିଦ୍ଧାନ୍ତଙ୍କ ଅଂଶଗ୍ରହଣକୁ ଅନୁମୋଦନ କରିଛି ବୋଲି ମୁମ୍ବଇ କ୍ରିକେଟ୍ ସଂଘ (ଏମ୍‌ସିଏ) ପକ୍ଷରୁ ବୁଧବାର କୁହାଯାଇଛି। ପୂର୍ବରୁ ଏହି ଦୁଇ ଖେଳାଳି ଘରୋଇ କ୍ରିକେଟ୍‌ରେ ମୁମ୍ବଇ ପକ୍ଷରୁ ପଦାର୍ପଣ କରିଥିଲେ। କିନ୍ତୁ ଗତ କିଛି ବର୍ଷ ହେବ ଉଭୟ ମୁମ୍ବଇ ଛାଡ଼ି ଭିନ୍ନ ଭିନ୍ନ ରାଜ୍ୟରୁ ପ୍ରତିନିଧିତ୍ୱ କରୁଛନ୍ତି। ଅର୍ଜୁନ ଗୋଆ ପକ୍ଷରୁ ଏବଂ ସିଦ୍ଧାନ୍ତ ପୁଡୁଚେରୀରୁ ଖେଳୁଛନ୍ତି। ଯେହେତୁ ସେମାନେ ଆଉ ମୁମ୍ବଇ ପକ୍ଷରୁ ଖେଳୁନାହାନ୍ତି ତେଣୁ ମୁମ୍ବଇ ଲିଗ୍‌ରେ ସେମାନଙ୍କ ଅଂଶଗ୍ରହଣ ନେଇ ପ୍ରଶ୍ନ ଉଠିଥିଲା। ଏମ୍‌ସିଏ ନିୟମ ଅନୁଯାୟୀ ଅତିଥି ଖେଳାଳି ଭାବେ ଅନ୍ୟ ରାଜ୍ୟରୁ ଖେଳିଥିବା ଖେଳାଳିଙ୍କୁ ଅତିକମରେ ଗୋଟିଏ ବର୍ଷ କୁଲିଂ-ଅଫ୍ ପିରିୟଡ ଦେଇଯିବାକୁ ପଡ଼ିବ। କିନ୍ତୁ ଯେହେତୁ ସେମାନେ ବର୍ତ୍ତମାନ ପ୍ରତିନିଧିତ୍ୱ କରୁଥିବା ରାଜ୍ୟ ପକ୍ଷରୁ କୌଣସି ଫ୍ରାଞ୍ଚାଇଜଭିତ୍ତିକ ଲିଗ୍‌ରେ ଖେଳିନାହାନ୍ତି, ତେଣୁ ଅର୍ଜୁନ ଓ ସିଦ୍ଧାନ୍ତଙ୍କ କ୍ଷେତ୍ରରେ ଏହି ନିୟମ ଲାଗୁହେବ ନାହିଁ ବୋଲି ଏମ୍‌ସିଏ କହିଛି।

● ଆଇସିସି ମହିଳା ଟି-୨୦ ବିଶ୍ୱକପ୍

## ଆମେଲିଆଙ୍କୁ ନ୍ୟୁଜିଲାଣ୍ଡ ଦଳର ନେତୃତ୍ୱ



ୱେଲିଂଟନ, ୨୯।୪ (ଏଜେନ୍ସି): ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଜୁନ ୧୨ରୁ ଇଂଲଣ୍ଡରେ ଆରମ୍ଭ ହେବ। ଏହି ମେଗା ଟୁର୍ଣ୍ଣାମେଣ୍ଟ ଲାଗି ବୁଧବାର ଡିଫେଣ୍ଡିଂ ଚାମ୍ପିଅନ ନ୍ୟୁଜିଲାଣ୍ଡ ଦଳ ଘୋଷଣା କରାଯାଇଛି। ଅଲ୍‌ରାଉଣ୍ଡର ଆମେଲିଆ କେର୍‌ଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ତିନି ଭେଟେରାନ ଖେଳାଳି ସୋଫି ଡିଭାଇନ, ସୁଜି ବେଟ୍ସ ଓ ଲି ତାହୁହୁଙ୍କୁ ବିଶ୍ୱକପ୍ ଦଳରେ ସ୍ଥାନ ମିଳିଛି। ବିଶ୍ୱକପ୍ ପରେ ଏହି ୩ଜଣ ବରିଷ୍ଠ ଖେଳାଳି ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେ ବୋଲି ସ୍ପଷ୍ଟ କରିଛନ୍ତି। ଆଗାମୀ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ଗ୍ରୁପ୍-ବି’ରେ ଇଂଲଣ୍ଡ, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ, ଆୟର୍ଲାଣ୍ଡ ଓ ସ୍କଟଲାଣ୍ଡ ସହ ସ୍ଥାନ ପାଇଛି। ଜୁନ ୧୪ରେ ୱେଷ୍ଟଇଣ୍ଡିଜ ସହ ଖେଳି ନ୍ୟୁଜିଲାଣ୍ଡ ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ।

**ଘୋଷିତ ନ୍ୟୁଜିଲାଣ୍ଡ ଦଳ** : ଆମେଲିଆ କେର (ଅଧିନାୟିକା), ସୁଜି ବେଟ୍ସ, ସୋଫି ଡିଭାଇନ, ଫ୍ଲୋରା ଡେଭୋନଶିରେ, ଇଜି ଗାଜେ, ମାଡି ଗ୍ରୀନ, ବ୍ରୁକ ହଲିଡେ, ବ୍ରେ ଇଲିଙ୍ଗ, ପୋଲି ଇଂଲିଶ, ଜେଶ କେର୍, ରୋଜମାରୀ ମାଇର, ନେନସି ପଟେଲ, ଜର୍ଜିଆ ପ୍ଲିମର, ଇଜି ଶାର୍ପ ଓ ଲି ତାହୁହୁ।

## ଫିଫା ବିଶ୍ୱକପ୍ ପୁରସ୍କାର ରାଶିରେ ୧୦୦ ନିୟୁତ ଡଲାର ବୃଦ୍ଧି

ନୂଆଦିଲ୍ଲୀ,୨୯।୪(ଏଜେନ୍ସି): ୨୦୨୬ ଫିଫା ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁଥିବା ଦେଶଗୁଡ଼ିକ ପାଇଁ ଫିଫା ପକ୍ଷରୁ ଏକ ବଡ଼ ଖୁସି ଖବର ମିଳିଛି। ଉତ୍ତର ଆମେରିକାରେ ଆୟୋଜିତ ହେବାକୁ ଥିବା ଏହି ମେଗା ଇଭେଣ୍ଟରେ ବଢୁଥିବା ଖର୍ଚ୍ଚକୁ ଦୃଷ୍ଟିରେ ରଖି ଫିଫା ପରିଷଦ ପକ୍ଷରୁ ଅତିରିକ୍ତ ୧୦୦ ନିୟୁତ ଡଲାରର ପାଣ୍ଠି ଅନୁମୋଦନ କରାଯାଇଛି। କାନାଡାର ଭାଙ୍କୁଭରଠାରେ ଅନୁଷ୍ଠିତ ଏକ ବୈଠକରେ ଫିଫା ଏହି ନିଷ୍ପତ୍ତି ଗ୍ରହଣ କରିଛି। ଏଥର ପ୍ରତିଯୋଗିତାରେ ୪୮ଟି ଦେଶ ଭାଗ ନେଉଥିବା ବେଳେ ପ୍ରତ୍ୟେକ ସଂଘକୁ ମିଳୁଥିବା ସର୍ବନିମ୍ନ ଗ୍ୟାରେଣ୍ଟି ରାଶିକୁ ୧୨.୫ ନିୟୁତ ଡଲାରକୁ ବୃଦ୍ଧି କରାଯାଇଛି। ସେହିଭଳି ମୌଳିକ ପୁରସ୍କାର ରାଶି ମଧ୍ୟ ୧୦ ନିୟୁତ ଡଲାରକୁ ବଢ଼ାଇ ଦିଆଯାଇଛି। ପ୍ରାୟ ୧୬ ନିୟୁତ ଡଲାର କେବଳ ଦଳର ପ୍ରତିନିଧିମାନଙ୍କ ଖର୍ଚ୍ଚ ପାଇଁ ସହାୟତା ଭାବେ ପ୍ରଦାନ କରାଯିବ। ଆମେରିକା, କାନାଡା ଏବଂ ମେକ୍ସିକୋ ଭଳି ତିନୋଟି ବଡ଼ ଦେଶରେ ଖେଳାଯାଉଥିବାରୁ ଯାତାୟାତ, ରହଣି ଏବଂ ବିଭିନ୍ନ ପ୍ରକାରର ଟିକସ ବ୍ୟବସ୍ଥା ପାଇଁ ଦଳଗୁଡ଼ିକର ଖର୍ଚ୍ଚ ବହୁଳ ଭାବେ ବଢ଼ିଯାଇଛି। ବିଶେଷ କରି ୟୁରୋପୀୟ ଦେଶଗୁଡ଼ିକ ଏନେଇ ଚିନ୍ତା ପ୍ରକଟ କରିବା ପରେ ଫିଫା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ୨୦୨୬ ବିଶ୍ୱକପ୍‌ରୁ ଫିଫା ପାଖାପାଖି ୧୧ ବିଲିୟନ ଡଲାରର ଆୟ ଲକ୍ଷ୍ୟ ରଖିଛି। ଚଳିତ ଥର ଚାମ୍ପିଅନ ଦଳକୁ ୫୦ ନିୟୁତ ଡଲାରର ପୁରସ୍କାର ରାଶି ମିଳିବ। ସୂଚନାଯୋଗ୍ୟ ଯେ, ୨୦୨୨ ବିଶ୍ୱକପ୍ ବିଜେତା ଆର୍ଜେଣ୍ଟିନାକୁ ୪୨ ନିୟୁତ ଡଲାର ମିଳିଥିଲା। ଖେଳାଳି ଏବଂ କର୍ମକର୍ତ୍ତାଙ୍କ ଯାତ୍ରା ତଥା ରହଣି ପାଇଁ ଫିଫା ପୂର୍ବରୁ ଅର୍ଥ ପ୍ରଦାନ କରୁଥିଲେ ମଧ୍ୟ ଅତିରିକ୍ତ କର୍ମଚାରୀ, ବୀମା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ପାଇଁ ବିଭିନ୍ନ ଦେଶର ଫୁଟବଲ ସଂଘ ଉପରେ ଚାପ ରହୁଥିଲା।

● ସଭାପତି ସିଲଭାଙ୍କ ଇସ୍ତଫା ପରେ

## ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ ଦାୟିତ୍ୱ ନେଲେ ସରକାର



କଲମ୍ବୋ,୨୯।୪(ଏଜେନ୍ସି): ଶ୍ରୀଲଙ୍କା କ୍ରିକେଟ୍ ପ୍ରଶାସନରେ ଏକ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି। କ୍ରିକେଟ୍ ବୋର୍ଡ ସଭାପତି ଶାମ୍ମି ସିଲଭା ଏବଂ କାର୍ଯ୍ୟକାରୀ କମିଟିର ସମସ୍ତ ସଦସ୍ୟ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ଏହାପରେ ଶ୍ରୀଲଙ୍କା ସରକାର ବୋର୍ଡର ସମସ୍ତ ଦାୟିତ୍ୱ ନିଜ ହାତକୁ ନେଇଛନ୍ତି। ସୂଚନା ଅନୁଯାୟୀ, ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ନେଇ ଦୀର୍ଘ ଦିନରୁ ଅଭିଯୋଗ ହୋଇଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକେ ବୋର୍ଡ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ସେମାନଙ୍କୁ ସମ୍ମାନଜନକ ଭାବେ ବିଦାୟ ନେବାକୁ ପରାମର୍ଶ ଦେଇଥିଲେ। ପରିଣାମସ୍ୱରୂପ, ମଙ୍ଗଳବାର ସଭାପତି ଓ ଅନ୍ୟ ସଦସ୍ୟମାନେ ପଦତ୍ୟାଗ କରିଥିଲେ। କ୍ରୀଡ଼ା ମନ୍ତ୍ରୀ ସୁନୀଲ କୁମାର ଗାମାଗେ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ଯେ, ୧୯୭୩ ମସିହାର କ୍ରୀଡ଼ା ଆଇନ ଅନୁଯାୟୀ କ୍ରିକେଟ୍ ବୋର୍ଡର ସମସ୍ତ ପ୍ରଶାସନିକ କାର୍ଯ୍ୟ ବର୍ତ୍ତମାନ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ରହିବ। ଖୁବଶୀଘ୍ର ଏକ ଅନ୍ତରୀଣ କମିଟି ଗଠନ କରାଯିବ, ଯାହା ବୋର୍ଡର ସଂସ୍କାର ଏବଂ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବ। ଉଲ୍ଲେଖଯୋଗ୍ୟ ଯେ, ଶାମ୍ମି ସିଲଭା ୨୦୧୯ ମସିହାରୁ ବୋର୍ଡର ସଭାପତି ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ସେ ମଧ୍ୟ ଏସିଆ କ୍ରିକେଟ୍ ପରିଷଦର ସଭାପତି ପଦରେ ରହିଥିଲେ। ମାତ୍ର ଦଳର ଖରାପ ପ୍ରଦର୍ଶନ ଏବଂ ଦୁର୍ନୀତି ଅଭିଯୋଗ କାରଣରୁ ତାଙ୍କ ଉପରେ ଚାପ ବଢ଼ିଥିଲା।

## ଗଲ୍ଫର ବିଜୟ କୁମାରଙ୍କ ପରଲୋକ

ଲକ୍ଷ୍ନୌ, ୨୯।୪ (ଏଜେନ୍ସି): ଭେଟେରାନ ଭାରତୀୟ ଗଲ୍ଫ ଖେଳାଳି ବିଜୟ କୁମାରଙ୍କ ପରଲୋକ ଘଟିଛି। ହୃଦଘାତ ଯୋଗୁ ଘରୋଇ ସହର ଲକ୍ଷ୍ନୌରେ ବିଜୟ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁବେଳକୁ ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା। ୨୦୦୨ ଇଣ୍ଡିଆନ ଓପନ୍‌ରେ ବିଜୟ ଚାମ୍ପିଅନ ହୋଇଥିଲେ। ସେହିଭଳି ୪ଥର ‘ଅର୍ଡର ଅଫ୍ ମେରିଟ୍ ଚାମ୍ପିଅନ’ ଥିଲେ। ୧୯୮୮ରେ ପ୍ରଫେଶନାଲ କ୍ୟାରିୟର ଆରମ୍ଭ କରିଥିବା ବିଜୟ ଭାରତୀୟ ଗଲ୍ଫରେ ଜଣେ ଅତିପରିଚିତ ଓ ସମ୍ମାନୀୟ ଖେଳାଳି ଥିଲେ। ଇଣ୍ଡିଆନ୍ ଓପନ୍ ଜିତିଥିବା ୯ ଜଣ ଭାରତୀୟ ଖେଳାଳିଙ୍କ ମଧ୍ୟରେ ସେ ଅନ୍ୟତମ। ସେହିଭଳି ବିଜୟ ୧୯୯୯ରେ ସ୍କଟଲାଣ୍ଡରେ ଅନୁଷ୍ଠିତ ଡୁନହିଲ କପ୍‌ରେ ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ବିଜୟଙ୍କ ବିୟୋଗରେ ଡିପି ୱାର୍ଲ୍ଡ ପ୍ରଫେସନାଲ ଗଲ୍ଫ ଟୁର୍ ଅଫ୍ ଇଣ୍ଡିଆର ସଭାପତି ତଥା ପୂର୍ବତନ କ୍ରିକେଟର କପିଳ ଦେବ ଗଭୀର ଶୋକବ୍ୟକ୍ତ କରିଛନ୍ତି।

ଓସିଏ ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

## ଖୋର୍ଦ୍ଧା-ଭୁବନେଶ୍ୱର ଏ’ ଫାଇନାଲ ଲଢ଼େଇ

ଭୁବନେଶ୍ୱର, ୨୯।୪ (ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା ବାଳକ ଦିନିକିଆ ଟୁର୍ଣ୍ଣାମେଣ୍ଟର ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ଭୁବନେଶ୍ୱର-ଏ ଓ ଖୋର୍ଦ୍ଧା ମଧ୍ୟରେ ଶୁକ୍ରବାର ଫାଇନାଲ ମ୍ୟାଚ୍ ରେଭେନସା ଗ୍ରାଉଣ୍ଡରେ ଖେଳାଯିବ। ବୁଧବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱର-ଏ ଦଳ ୧୦ ୱିକେଟରେ ଅନ୍ୟତମ ଶକ୍ତିଶାଳୀ ଦଳ ସୁନ୍ଦରଗଡ଼କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ସୁନ୍ଦରଗଡ଼ ୨୯.୩ ଓଭରରେ ମାତ୍ର ୯୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଭୁବନେଶ୍ୱରର ଶ୍ଳୋକ ନାୟକ ୮ ରନରେ ୫ ୱିକେଟ୍ ସଫଳତା ପାଇଥିଲେ। ଜବାବରେ ଭୁବନେଶ୍ୱର-ଏ ୧୧.୧ ଓଭରରେ କୌଣସି ୱିକେଟ୍ ନ ହରାଇ ବିଜୟୀ ହୋଇଥିଲା। ମିଧାଂଶୁ ଦାସ ୩୯ ବଲରେ ୫୭ ରନର ଅପରାଜିତ ପାଳି ଖେଳିଥିଲେ। ସେହିଭଳି ରୋମାଞ୍ଚକର ଦ୍ୱିତୀୟ ସେମିଫାଇନାଲରେ ଖୋର୍ଦ୍ଧା ୧ ୱିକେଟରେ କଟକ-ଏ’କୁ ପରାସ୍ତ କରିଥିଲା। କଟକ ପକ୍ଷରୁ ଧାର୍ଯ୍ୟ ୧୮୪ ରନର ଲକ୍ଷ୍ୟକୁ ଖୋର୍ଦ୍ଧା ୪୬.୫ ଓଭରରେ ୯ ୱିକେଟ ହରାଇ ହାସଲ କରିନେଇଥିଲା। କଟକ-ଏ’ର ଓମ୍ ବେହେରା (୪୧ ରନ ଓ ୩ ୱିକେଟ) ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ।



ଶ୍ଳୋକ ନାୟକ



ଓମ୍ ବେହେରା

## ଅସ୍ମିତା ସବ୍-ଜୁନିଅର ବାଳିକା ହକିରେ ଓଡ଼ିଶାକୁ କାଂସ୍ୟ

ଭୁବନେଶ୍ୱର, ୨୯।୪ (ସମିସ): ଗ୍ୱାଲିୟରରେ ଶେଷ ହୋଇଥିବା ୪ର୍ଥ ଅସ୍ମିତା ସବ୍-ଜୁନିଅର ବାଳିକା ହକି ଲିଗ୍‌ରେ ଓଡ଼ିଶା ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ବିଜୟୀ ହୋଇଛି। କାଂସ୍ୟ ପଦକ ମୁକାବିଲାରେ ଓଡ଼ିଶା ୫-୦ ଗୋଲରେ ଏକପାଖିଆ ଭାବେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରି ପୋଡିୟମ ଫିନିଶ କରିଛି। ଏହି ପ୍ରତିଯୋଗିତାର ଫାଇନାଲରେ ମଧ୍ୟପ୍ରଦେଶକୁ ହରାଇ ହରିୟାଣା ବାଳିକା ଦଳ ଚାମ୍ପିଅନ ହୋଇଛି। ଓଡ଼ିଶା ବାଳିକା ଦଳର ଏହି ସଫଳତା ଲାଗି ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି।

## ପଦକ ବିଜୟୀ ଦୁଃସାହସିକ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୨୯।୪ (ସମିସ): ଦୁଃସାହସିକ କ୍ରୀଡ଼ାକୁ ନେଇ ଗଜପତି ଜିଲ୍ଲାର ପୂର୍ବଘାଟ ପର୍ବତମାଳାରେ ଅବସ୍ଥିତ ମହେନ୍ଦ୍ରଗିରି ପର୍ବତଶୃଙ୍ଗରେ ‘ମହେନ୍ଦ୍ରଗିରି ଇକୋ ଆଡଭେଞ୍ଚର ଫେଷ୍ଟ’ ନିକଟରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ମାଉଣ୍ଟେନରିଂ ଫାଉଣ୍ଡେସନ (ଆଇଏମ୍‌ଏଫ୍) ଓ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା କ୍ରୀଡ଼ାବିତ୍‌ମାନେ ଏକାଧିକ ପଦକ ବିଜୟୀ ହୋଇଥିଲେ। କଳିଙ୍ଗ ଷ୍ଟାଡିୟମରେ ଥିବା ଓଡ଼ିଶା ଟାଟା ଷ୍ଟିଲ୍ କ୍ଲାଇମ୍ବିଂ ଏକ୍‌ପିସିର ୧୬ଜଣ ଦୁଃସାହସିକ କ୍ରୀଡ଼ାବିତ୍ ଏଥିରେ ଭାଗନେଇ ୫ଟି ପଦକ ଜିତିଥିଲେ। ଯେଉଁଥିରେ ୨ଟି ସ୍ୱର୍ଣ୍ଣ ଓ ୩ଟି କାଂସ୍ୟ ପଦକ ରହିଛି। ୧୬ ବର୍ଷରୁ କମ୍ ବିଭାଗରେ ସାହିଲ କୁମାର ଦାସ ଓ ସିନିଅରରେ ମନୋଜ କୁମାର ଡାକୁଆ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ସେହିଭଳି ଦୁଷ୍ମନ୍ତ କୁମାର ହେମ୍ବ୍ରମ, ଶ୍ରଦ୍ଧା ସୁମନ ମହାରଣା ଓ ବାସବୀ କପୁର କାଂସ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ରାଜୁ କର୍ମାକର ମୁଖ୍ୟ କୋଚ୍ ଏବଂ ଚିନ୍ମୟ ମହାରଣା ଓ ସସ୍ମିତା ପ୍ରଧାନ ସହାୟକ କୋଚ୍ ଭାବେ ଦଳର ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ରାଜ୍ୟ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ବିଜୟ ଯେଦୁଲ୍ଲା ପଦକ ବିଜୟୀ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ବୁଧବାର ସମ୍ବର୍ଦ୍ଧିତ କରିଛନ୍ତି।

## ନୀଳାଚଳ ଟ୍ରଫି ସେମିରେ ପ୍ରଗତି ସ୍ପୋର୍ଟିଂ

ପୁରୀ, ୨୯।୪ (ସମିସ):

ପୁରୀର ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ଚାଲିଥିବା ୧୭ତମ ଜଗଦୀଶଚନ୍ଦ୍ର ରାଉତରାୟ ସ୍ମାରକୀ ନୀଳାଚଳ ଟ୍ରଫିର ତୃତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଖେଳାଯାଇଥିବା ରୋମାଞ୍ଚକର ମୁକାବିଲାରେ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ୧ ୱିକେଟରେ କୋଲକାତାର ଏଲଆର୍‌ଏସ କ୍ଲବକୁ ପରାସ୍ତ କରି ସେମିଫାଇନାଲକୁ ଉଠିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଏଲଆରଏସ କ୍ଲବ ୩୨.୫ ଓଭରରେ ୧୪୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ପ୍ରଭାତ ମୌର୍ଯ୍ୟ ୫୮ ରନ କରିଥିଲେ। ପ୍ରତିପକ୍ଷ ପ୍ରଗତି ସ୍ପୋର୍ଟିଂର ଅଭିଜିତ ରାଉତ ଓ ମିଲନ ସାମଲଙ୍କୁ ୩ଟି ଲେଖାଏ ଏବଂ ରଘୁନାଥ ମଲ୍ଲଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ୧୫୦ ରନର ଟାର୍ଗେଟକୁ ପିଛା କରିଥିବା ପ୍ରଗତି ସ୍ପୋର୍ଟିଂ ୩୮.୨ ଓଭରରେ ୯ ୱିକେଟ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଆୟୁଷ ୨୯, ଶୁଭମ ନାୟକ ୨୩, ଶାନ୍ତନୁ ମିଶ୍ର ୨୧ ରନର ଉପଯୋଗୀ ପାଳି ଖେଳିଥିଲେ। କୋଲକାତାର ପ୍ରଭାତ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରି ବୋଲିଂରେ ୩ଟି ୱିକେଟ୍ ନେଇଥିଲେ ମଧ୍ୟ ତାହା ବ୍ୟର୍ଥ ଯାଇଥିଲା। ଅଭିଜିତ ରାଉତ ମ୍ୟାଚର ଶ୍ରେଷ୍ଠ ଖେଳାଳି ଓ ପ୍ରଭାତ ମୌର୍ଯ୍ୟ ‘ଇମ୍ପାକ୍ଟ ଖେଳାଳି’ ପୁରସ୍କାର ଜିତିଥିଲେ।

ଆଜିର ମ୍ୟାଚରେ ଭିକ୍ଟୋରିଆ କ୍ଲବ ହୋଟେଲର ଏମଡି ଦେବାଶିଷ କୁମାର ଓ ଆଶିଷ କୁମାର ଶତପଥୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁବାର ଅନ୍ତିମ ତଥା ୪ର୍ଥ କ୍ୱାର୍ଟର ଫାଇନାଲ ଦିଲ୍ଲୀର ପାଲମ ବିହାର କ୍ଲବ ସହ ରାଉରକେଲାର ଆରୱାଇସିସି ମଧ୍ୟରେ ଖେଳାଯିବ। ଏହାର ବିଜେତା ସହ ପ୍ରଗତି ସ୍ପୋର୍ଟିଂ ଦ୍ୱିତୀୟ ସେମିଫାଇନାଲରେ ଭେଟିବ। ପୂର୍ବରୁ ପ୍ରଥମ ଦଳ ଭାବେ ୟୁନିୟନ ସ୍ପୋର୍ଟିଂ ଫାଇନାଲରେ ସ୍ଥାନ ପକ୍କା କରିସାରିଛି।




PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS